



# ଇନ୍ଦୁ (ହିନ୍ଦୁ) ରୀତି


ରଚୟିତା : **ତ୍ରିମତ ଏକୈକ ଗୁରୁ**

ଆଧ୍ୟାତ୍ମିକ ସାମ୍ରାଜ୍ୟର ଚକ୍ରବର୍ତ୍ତୀ, (୧୦୦) ଶତାଧିକ ଗ୍ରନ୍ଥକର୍ତ୍ତା,

ଇନ୍ଦୁ ଜ୍ଞାନ ଧର୍ମପ୍ରଦାତା, ଗ୍ରଞ୍ଜଲ୍ୟ ସୃଷ୍ଟିକାରୀ ରଚୟିତା, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା

## ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର

ଅନୁବାଦକ : **ରଘୁନାଥ ମାନସିଂହ**



ପ୍ରକାଶକ :

**ଇନ୍ଦୁ ଜ୍ଞାନବେଦିକା**

(Estd. in 1978 - Regd.No.: 168/2004)

ତ୍ରୈତ ଶକାବ୍ଦ - 46

ପ୍ରଥମ ମୁଦ୍ରଣ : June, 2024

ସଂଖ୍ୟା : 1000

ମୂଲ୍ୟ : /-

# ଯୋଗୀଶ୍ୱରଙ୍କ ଚାଞ୍ଚଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)

୧. ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା
୨. ଇନ୍ଦୁ ରୀତି
୩. ଇନ୍ଦୁତ୍ୱ ରକ୍ଷା କରିବା
୪. ଆଧ୍ୟାତ୍ମିକ ପ୍ରଶ୍ନ - ଉତ୍ତର
୫. ହିନ୍ଦୁ ମତରେ ଜାତିଆଣ ଭାବ
୬. ଗାଳିରେ ଜ୍ଞାନ - ଆଶିଷରେ ଅଜ୍ଞାନ
୭. ଶ୍ରୀକୃଷ୍ଣ ଈଶ୍ୱର ! କି ଭଗବାନ ! !
୮. ଯଜ୍ଞ (ସତ କି ମିଛ ?)
୯. କେଉଁ ମତରେ କେତେ ମତଦ୍ୱେଷ ?
୧୦. ହିନ୍ଦୁ ମତର ସିଦ୍ଧାନ୍ତକର୍ତ୍ତାମାନେ
୧୧. ଦୈବଗ୍ରନ୍ଥରେ ସତ୍ୟାସତ୍ୟ ବିବେଚନା
୧୨. କ'ଣ ଏହା ଈଶ୍ୱରଙ୍କ ଆଗମନର ସମୟ ନୁହେଁ !
୧୩. ତିନି ଗ୍ରନ୍ଥ, ଦୁଇ ଗୁରୁ
୧୪. ପ୍ରେତ-ଭୂତଙ୍କ ଯଥାର୍ଥ ସଂଘଟନା
୧୫. ପ୍ରତିମା× ବିଗ୍ରହ - ଦୈବ × ପ୍ରେତ
୧୬. ତ୍ରୈତକାର ରହସ୍ୟ (ତ୍ରୈତକାର ବେର୍ମୁଣ୍ଡା)
୧୭. ହେତୁବାଦ ପ୍ରଶ୍ନ- ସତ୍ୟବାଦ ଜବାବ
୧୮. ଜ୍ୟୋତିଷ୍ୟଶାସ୍ତ୍ର (ଶାସ୍ତ୍ର- ଅଶାସ୍ତ୍ର ?)
୧୯. ମନ୍ତ୍ର - ମହିମା(ସତ- ମିଛ ?)
୨୦. ଅନ୍ତିମ ଦୈବଗ୍ରନ୍ଥର ଜ୍ଞାନବାକ୍ୟାବଳୀ
୨୧. ଆମ ପର୍ବ (କିପରି ପାଳିବା ଜାଣନ୍ତି ?)
୨୨. କଳିଯୁଗ (କଦାପି ଯୁଗାନ୍ତ ହେବ ନାହିଁ)
୨୩. କୃଷ୍ଣମୁଷା (ଶ୍ରୀକୃଷ୍ଣଙ୍କ ମରଣୋତ୍ତର ଜୀବନ)
୨୪. ସ୍ୱର୍ଗ ଇନ୍ଦ୍ରଲୋକ ! ନରକ ଯମରାଜ୍ୟ ! !
୨୫. ତିନି ଦୈବଗ୍ରନ୍ଥ - ତିନି ପ୍ରଥମ ବାକ୍ୟ ।
୨୬. ନିଷ୍ପତି - ଈଶ୍ୱରଙ୍କ ନିଷ୍ପତି
୨୭. ଗୁତ୍ତା
୨୮. ପ୍ରବୋଧ
୨୯. ସୁବୋଧ
୩୦. ଆଦିତ୍ୟ
୩୧. ସମାଧି
୩୨. ମାତା - ପିତା
୩୩. କଷଟିପଥର
୩୪. ତ୍ରୈତାରାଧନା
୩୫. ଧର୍ମଚକ୍ର
୩୬. ପ୍ରସିଦ୍ଧ ବାଣୀ
୩୭. କର୍ମଗ୍ରନ୍ଥ
୩୮. ତୋ ପାଇଁ ମୋ ଲେଖା
୩୯. ଜଣେ ହିଁ ଦୁଇଜଣ
୪୦. ଦୈବମୁଦ୍ରା
୪୧. ଭାବ - ଭାଷା
୪୨. କାହାଣୀରେ ଜ୍ଞାନ
୪୩. ସତ୍ୟାନ୍ୱେଷୀ କଥା
୪୪. କୃଶ କଣ ଈଶ୍ୱର ?
୪୫. ଆତ୍ମଲିଙ୍ଗାର୍ଥ
୪୬. ପ୍ରାଥମିକ ଜ୍ଞାନ
୪୭. ବିଶ୍ୱବିଦ୍ୟାଳୟ
୪୮. ଜିହାଦ୍ କହିଲେ ଯୁଦ୍ଧ ?
୪୯. ଜନନ ମରଣ ସିଦ୍ଧାନ୍ତ
୫୦. ମତାତୀତ ଈଶ୍ୱରମାର୍ଗ
୫୧. ଦୈବ ଚିହ୍ନ
୫୨. ମତ-ପଥ
୫୩. ଦ୍ରାବିଡ ବ୍ରାହ୍ମଣ
୫୪. ପ୍ରବକ୍ତାମାନେ କିଏ ?
୫୫. ଧର୍ମଶାସ୍ତ୍ର କେଉଁଟି ?
୫୬. ଈଶ୍ୱରଙ୍କ ଚିହ୍ନ-୯୬୩
୫୭. ଇନ୍ଦୁ କଣ ଖ୍ରୀଷ୍ଟୀୟ ?
୫୮. ନାସ୍ତିକ-ଆସ୍ତିକ

## ଯୋଗୀଶ୍ୱରଙ୍କ ଗୃଞ୍ଜଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)

୫୯. ପ୍ରବୋଧ ତରଙ୍ଗ
୬୦. ଗୀତା ପରିଚୟ
୬୧. ତ୍ରୈତ ସିଦ୍ଧାନ୍ତ
୬୨. ବାର୍ତ୍ତକ - ବର୍ତ୍ତକ
୬୩. ଧର୍ମ - ଅଧର୍ମ
୬୪. ତତ୍ତ୍ୱରେ ଜ୍ଞାନ
୬୫. ମରଣ ରହସ୍ୟ
୬୬. ପୁନର୍ଜନ୍ମ ରହସ୍ୟ
୬୭. ଗୁରୁ ପ୍ରାର୍ଥନା ମଞ୍ଜରୀ
୬୮. ରଢ଼ିରେ ଜ୍ଞାନ
୬୯. ଦ୍ୱନ୍ଦାର୍ଥ କାହାଣୀ ଜ୍ଞାନ
୭୦. କେଉଁଟି ସତ୍ୟ ଜ୍ଞାନ ?
୭୧. ନିଗୁଢ଼ ତତ୍ତ୍ୱାର୍ଥ ବୋଧିନି
୭୨. ଦେବାଳୟ ରହସ୍ୟ
୭୩. ପ୍ରବୋଧାନନ୍ଦ ନାଟକ
୭୪. ହେତୁବାଦ - ପ୍ରତିବାଦ
୭୫. ମତ ବଦଳାଇବା ଦୈବଦ୍ରୋହ
୭୬. ମୋର ଲୋଚନା-ତୋର ଆଲୋଚନା
୭୭. ଧ୍ୟାନ-ପ୍ରାର୍ଥନା-ନମାଜ୍
୭୮. ସାଇବାବା ଈଶ୍ୱର ! କି ନୁହନ୍ତି ?
୭୯. ଲୁ କହିଲେ କଅଣ ?
୮୦. ପ୍ରଥମେ ଗଛ ! କି ମଞ୍ଜି ?
୮୧. ଗୀତମ୍-ଗୀତା
୮୨. ମରଣ ପରେ ଜୀବନ
୮୩. ପ୍ରଥମ ଦୈବଗ୍ରନ୍ଥ ଭଗବଦ୍ଗୀତା
୮୪. ଦୈବ ଜ୍ଞାନ କବ୍ଜା ହୋଇଛି
୮୫. ଅଜ୍ଞାନ ହିଁ ଉଗ୍ରବାଦର ବୀଜ
୮୬. ଗୋଟିଏ ବାଣୀ ତିନି ଗ୍ରନ୍ଥ
୮୭. ତ୍ରୈତ ସିଦ୍ଧାନ୍ତ ଆଧ୍ୟାତ୍ମିକ ଘଣ୍ଟ
୮୮. ଯୀଶୁ ମୃତ୍ୟୁବରଣ କରିଥିଲେ ?
କି ତାଙ୍କୁ ହତ୍ୟା କରାଯାଇଥିଲା ?
୮୯. କ'ଣ ସତ୍ୟ- କ'ଣ ଅସତ୍ୟ ?
୯୦. ଜଣେ ବ୍ୟକ୍ତି ଦୁଇ କୋଣ
୯୧. ଅନ୍ତିମ ଦୈବଗ୍ରନ୍ଥର ବଜ୍ର ବାକ୍ୟାବଳୀ
୯୨. ବ୍ରହ୍ମ-ରାବଣବ୍ରହ୍ମ-ଭଗବାନ୍ ରାବଣବ୍ରହ୍ମ
୯୩. ଦ୍ୱିତୀୟ ଦୈବଗ୍ରନ୍ଥର ରତ୍ନବାକ୍ୟାବଳୀ
୯୪. ହିନ୍ଦୁଧର୍ମର ରକ୍ଷଣ ଆବଶ୍ୟକ ?
୯୫. ବେଦ ମଣିଷର ଆବଶ୍ୟକ ?
୯୬. ଉପନିଷଦରେ ତ୍ରୁଟି
୯୭. କୋରାନ-ହଦିସ୍
୯୮. ସୁପ୍ରସିଦ୍ଧ ବାଣୀ
୯୯. ଭକ୍ତିରେ ତୁମେ ସଂସାରୀ ? କି ବ୍ୟଭିଚାରୀ ?
୧୦୦. ଶତମ୍ , ୧୦୦
୧୦୧. ସିଦ୍ଧ ବାଣୀ
୧୦୨. ସତ୍ୟାର୍ଥ ପ୍ରକାଶିକାରେ ସତ୍ୟ କେତେ ?
୧୦୩. ରୂପ ବଦଳିଥିବା ଗୀତା
୧୦୪. ପୋଲିସ୍ - ଅପରାଧୀ
୧୦୫- ଆଜି ମାନବର ପରିସ୍ଥିତି
୧୦୬. ତତ୍ତ୍ୱାର୍ଥ ଛବିଳ ଜ୍ଞାନ



**ଭାଷାରେ ପାଣ୍ଡିତ୍ୟକୁ ଛାଡି ଭାବରେ ପାଣ୍ଡିତ୍ୟକୁ ଦେଖୁଥିବା ପାତ୍ର ହିଁ ପ୍ରକୃତ ଜ୍ଞାନୀ ।**

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗୃଞ୍ଜଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)


୧. ଚିହ୍ନି ହେଉନଥିବା ପାତ୍ର ଗୁରୁ ।
୨. ଜନ୍ମଦିନ କାହାର ମଧ୍ୟ ଆସିନଥାଏ ।
୩. ଦ୍ୱିତୀୟ - ଅଦ୍ୱିତୀୟ
୪. ଏକ୍ ନିରଞ୍ଜନ୍ ଆଲେକ୍ ନିରଞ୍ଜନ୍ ।
୫. ମାୟିକ-ଅମାୟିକ
୬. ମାତା ପିତା-ଗୁରୁ ଦୈବ ।
୭. ଗୁରୁ ନଥିବା ବିଦ୍ୟା ଅନ୍ଧବିଦ୍ୟା ।
୮. ମତ ଗୁଡିକରେ ପବିତ୍ରଯୁଦ୍ଧ
୯. ପ୍ରପଞ୍ଚ ଶ୍ରଦ୍ଧା-ପରମାତ୍ମା ଶ୍ରଦ୍ଧା
୧୦. ଦେଶରେ ଠକାମି-ଦେହରେ ମୋହ ।
୧୧. ଛାତିର ଚିହ୍ନ-ମାତାପିତାଙ୍କ ଚିହ୍ନ ।
୧୨. ତିନି ଜନ୍ମ-ଦୁଇ ଜାଗା
୧୩. ଯୋଗୀଶ୍ୱରଙ୍କ ଜନ୍ମଦିନ ସନ୍ଦେଶ ।
୧୪. ତେଲୁଗୁରେ ତିନି-ଛଅ-ନଅ
୧୫. ମାୟା ମର୍ମ-ଆତ୍ମା ଧର୍ମ
୧୬. ବାହାର ସମାଜ - ଭିତର ସମାଜ
୧୭. ଈଶ୍ୱରଙ୍କ ଜ୍ଞାନ-ମାୟା ମାହାତ୍ମ୍ୟ
୧୮. ତିନି ନିର୍ମାଣ-ଏକ ପରିଶୁଦ୍ଧତା
୧୯. ସହଜ ମରଣ-ତାତ୍କାଳିକ ମରଣ
୨୦. ମେଘ ଏକ ଭୂତ-ରୋଗ ଏକ ଭୁତ
୨୧. କର୍ମ ନଥିବା କୃଷ୍ଣ-କର୍ମ ଥିବା କୃଷ୍ଣ
୨୨. ସ୍ୱାର୍ଥ ରାଜକୀୟ (ସ୍ୱ+ଅର୍ଥ ରାଜକୀୟ)
୨୩. ଶ୍ରୀକୃଷ୍ଣ ମୃତ୍ୟୁବରଣ କରିଥିଲେ ? କି ତାଙ୍କୁ ମାରି ଦିଆଯାଇଥିଲା ?
୨୪. ଅନ୍ତିମ ଗ୍ରନ୍ଥର ପ୍ରଥମ ବାକ୍ୟ
୨୫. ଇଚ୍ଛାଧିନ କାର୍ଯ୍ୟ-ଅନିଚ୍ଛାଧିନ କାର୍ଯ୍ୟ
୨୬. ଟକ୍କୁଟମାରା, ଇନ୍ଦ୍ରଜାଲ ମହେନ୍ଦ୍ରଜାଲ, ଗଜକର୍ଣ୍ଣ, ଗୋକର୍ଣ୍ଣ
୨୭. ଆତ୍ମା, ୨୮- ଜେଜେବାପା
୨୯. ମାତା
୩୦. ଭୟ
୩୧. ଆତ୍ମା କାର୍ଯ୍ୟ
୩୨. ଚନ୍ଦାମୁଣ୍ଡ
୩୩. ୟାଦବ୍
୩୪. ଜ୍ଞାନଶକ୍ତି
୩୫. ସମାଧି
୩୬. ୬-୩=୬
୩୭. ଦସ୍ତଖତ୍
୩୮. ପ୍ରଭୁ-ପ୍ରଜା
୩୯. ତ୍ରୈତ ଶକ
୪୦. ଗ୍ଲକ
୪୧. ମାତା ପିତା
୪୨. ଅଭିନେତା ଆତ୍ମା
୪୩. ସଞ୍ଚିତ କର୍ମ
୪୪. ଗୁରୁ ଚିହ୍ନ
୪୫. ଆସ୍ତି- ଦୋସ୍ତି
୪୬. ଭାଲୁ
୪୭. ଧର୍ମଚକ୍ର
୪୮. ଦୈବଗ୍ରନ୍ଥ
୪୯. ଭକ୍ତି-ଶ୍ରଦ୍ଧା
୫୦. ପୁରୁଷୋତ୍ତମ
୫୧. ମତଦ୍ୱେଷ
୫୨. ଗ୍ରାହ୍ୟଶକ୍ତି
୫୩. ଖେଳାଉଥିବା ଆତ୍ମା
୫୪. କଣ ଶାସ୍ତ୍ର ?
୫୫. ଭଗବାନ
୫୬. କଣ ଧର୍ମ ?
୫୭. ଗୁରୁ ପୌର୍ଣ୍ଣମୀ

୫୮. ଶ୍ରୀକୃଷ୍ଣାଷ୍ଟମୀ
୫୯. ନଖ - ଗୁରୁ
୬୦. ଦଶ- ଦିଶା
୬୧. କଥା - ପଥି
୬୨. ସୃଷ୍ଟି - ସୃଷ୍ଟିକର୍ତ୍ତା
୬୩. କଲିଯୁଗ
୬୪. ସେବା ପ୍ରତିଶତ
୬୫. ପ୍ରକୃତି-ବିକୃତି
୬୬. ପୈତ୍ୟ -ସୈତ୍ୟ
୬୭. ନିଜ-ସହଜ
୬୮. ଭକ୍ତି-ଭୟ
୬୯. ରୀତି
୭୦. ଶଙ୍କୋଚ-ଧମକ
୭୧. ଯେ ତୋ ପଛରେ ଥାଏ ।
୭୨. ଶବ-ଶିବ
୭୩. ଶୈବ-ବୈଷ୍ଣବ
୭୪. ଧର୍ମ-ଅଧର୍ମ
୭୫. ଦ୍ରାବିଡ-ଆର୍ଯ୍ୟ
୭୬. କଞ୍ଚା-ପାଚିଲା-କଞ୍ଚା
୭୭. ଯୁଗ-ଯୋଗ
୭୮. ଈଶ୍ୱରଙ୍କର ମତ ଅଛି ?
୭୯. କର୍ମ ମର୍ମ
୮୦. ଜନମ-ମରଣ
୮୧. ଏକତା-ଏକାଗ୍ରତା
୮୨. ଚମତ୍କାର ଆତ୍ମା
୮୩. ନିଦର୍ଶନ-ନିରୂପଣ
୮୪. ଗୁରୁ କିଏ ?
୮୫. ତ୍ରୈତ ସିଦ୍ଧାନ୍ତ
୮୬. ସ୍ତ୍ରୀ/ପୁଂ - ଲିଙ୍ଗ
୮୭. ଜୀର୍ଣ୍ଣ+ଆଶୟ
୮୮. ଶ୍ରୀକୃଷ୍ଣ କିଏ ?
୮୯. ଖେଳ-ଲୁଚକାଳି ଖେଳ
୯୦. ପ୍ରଜା-ମାନବ
୯୧. ଦନ୍ତ-ଅନ୍ତ, ୯୨. ମତ-ପଥ
୯୩. ସପ୍ତାକାଶ, ୯୪. ଅର୍ଥ- ଅନର୍ଥ
୯୫. ତିନିଗ୍ରନ୍ଥ, ୯୬. ଗ୍ରନ୍ଥ-ବାଣୀ
୯୭. ପ୍ରଭୁ-ପ୍ରଭୁତ୍ୱ
୯୮. ଜ୍ଞାନ-ବିଜ୍ଞାନ
୯୯. ବାର-ମାସ-ବତ୍ସର
୧୦୦. ଭୂତ-ମହାଭୂତ
୧୦୧. ସେଖ୍ ବଲି-କୁଲି ସେବା
୧୦୨. ଆତ୍ମାର ଚିହ୍ନ କେଶ
୧୦୩. ଗଞ୍ଜା - ପାରଦ
୧୦୪. ଇନ୍ଦୁ ମହାସମୁଦ୍ର
୧୦୫. ଶ୍ରୀକୃଷ୍ଣ ଜନ୍ମ ମଥୁରା
୧୦୬. ଅଧର୍ମ ଆରାଧନା
୧୦୭. ପୁସ୍ତକ-ଗ୍ରନ୍ଥ
୧୦୮. ପାଦ-ପାପୁଲି
୧୦୯. ପୁଟଗୋସି-ମୁଲତ୍ରାଡୁ
୧୧୦. ୧୨୩ ଗୁରୁପୌର୍ଣ୍ଣମୀ
୧୧୧. ଅକ୍ଷମଣୀୟ ପାପ
୧୧୨. ମରଣ -ଶରୀର
୧୧୩. ଦିବ୍ୟ ଖୁରାନ୍-ହଦୀସ୍
୧୧୪. ଇନ୍ଦୁ-ହିନ୍ଦୁ
୧୧୫. ସୁଖ-ଆନନ୍ଦ
୧୧୬. କାଲଜ୍ଞାନ ବାକ୍ୟ

୧୧୭. ଭୌତିକ-ଅଭୌତିକ
୧୧୮. ଦୈବାଦେଶ-ମରଣ
୧୧୯. ଜ୍ଞାନ ପାଖରେ ସତର୍କ
୧୨୦. ଚନ୍ଦ୍ରାକାର (ଚନ୍ଦାମୁଣ୍ଡ)
୧୨୧. ଜ୍ଞାନ କବ୍ଜା ହୋଇଛି !
୧୨୨. ଈଶ୍ୱର-ଦୁଇଜଣ ! କି ଜଣେ !!
୧୨୩. ମତ ସୌମ୍ୟତା
୧୨୪. ମୋକ୍ଷ-ଠକାମି
୧୨୫. ଅକ୍ଷର ଜ୍ଞାନ
୧୨୬. ଲାଳଜଳ
୧୨୭. ଦୈବ ଧର୍ମ-ମତ ପ୍ରଥା
୧୨୮. ଆହାର ତୋର ! କି ତୋ ଆତ୍ମାର !
୧୨୯. ମାତ୍ରା(ବଟି)-ଔଷଧ
୧୩୦. କାଳଚକ୍ର
୧୩୧. ବ୍ରହ୍ମବିଦ୍ୟା ,୧୩୨-ଶକ୍ତି
୧୩୩. ପୌର୍ଣ୍ଣମୀ-ଅମାବାସ୍ୟା
୧୩୪. ଈଶ୍ୱର-ପରମେଶ୍ୱର
୧୩୫. ପୁରୁଷୋତ୍ତମ-ଶ୍ରୀରାମ
୧୩୬. ଈଶ୍ୱରଙ୍କର ଜଣେ ପୁତ୍ର - ଈଶ୍ୱରଙ୍କର ଅନେକ ପୁତ୍ର ।
୧୩୭. ଜଳ,
୧୩୮. ଅଧିପତି
୧୩୯. ଗ୍ରହାନ୍ତରବାସୀ
୧୪୦. ଈଶ୍ୱର ଦ୍ୱିତୀୟ ? କି ଅଦ୍ୱିତୀୟ ?
୧୪୧. ଆଧ୍ୟାତ୍ମିକ ପ୍ରଶ୍ନ- ଉତ୍ତର
୧୪୨. ଗଶରୀର ରକ୍ତ- ଗ୍ରନ୍ଥର ଜ୍ଞାନ
୧୪୩. ଗ୍ରନ୍ଥର ଜ୍ଞାନ- ମଣିଷର ରକ୍ତ
୧୪୪. ତ୍ରୈତ ସିଦ୍ଧାନ୍ତ ଇତିହାସ
୧୪୫. କୁଶାଲ୍ କୁଶାଲ୍ ଲାଞ୍ଜମ୍ମା ନା ନେତି ମିଦା ରେଣ୍ଡୁ ତନ୍ନମ୍ମା ।
୧୪୬. ରାଜାଧି ରାଜା-ଦେବାଧି ଦେବା
୧୪୭. ଆଠଜଣ ସ୍ତ୍ରୀ ଥିବା ଶ୍ରୀକୃଷ୍ଣ ଗୋପାଳୁଣୀଙ୍କ ଉପରେ କାହିଁକି ନଜର ରଖିଥିଲେ ?
୧୪୮. କୁଳ-ମତ
୧୪୯. ମନ୍ଦିର
୧୫୦. ଗୁରୁପୁର୍ଣ୍ଣମି ମିଟିଙ୍ଗ୍
୧୫୧. ଭଗବାନ କିଏ ?
୧୫୨. ବିଶ୍ୱଧାଭିରାମ ଶୁଣରେ ବେମ ।
୧୫୩. କାଳ
୧୫୪. ଯମଧର୍ମ
୧୫୫. ଦକ୍ଷିଣ ଧର୍ମ- ବାମ ଧର୍ମ ।
୧୫୬. ଇନ୍ଦୁତ୍ୱ ସମସ୍ତଙ୍କଠାରେ ଅଛି । - ହିନ୍ଦୁତ୍ୱ ମାତ୍ର କେଇଜଣଙ୍କ ଠାରେ ଅଛି ।
୧୫୭. ଧର୍ମ ତିନୋଟି ଅଛି ଅଧର୍ମ ଛଅଟି ହୋଇଛି ।
୧୫୮. ମୁଁ-ମୋ ବାପା-ମୋ ଜେଜେବାପା, ମୁଁ - ମୋ ମା'- ମୋ ଜେଜିମା' ।
୧୫୯. ଆଦ୍ୟ ଆତ୍ମିକ - ଆଧ୍ୟାତ୍ମିକ, ଆଦ୍ୟ ଦୈବିକ- ଆଦ୍ୟୈବିକ ।
୧୬୦. ମଞ୍ଜି ନଥିବା ଗଛ ଶିବ ! କି ଈଶ୍ୱର !!
୧୬୧. ମଣିଷକୁ ଜନ୍ତୁ କହିଲେ କଣ ତାକୁ ଅପମାନିତ କଲା ଭଳି ହୁଏ ନାହିଁ !
୧୬୨. ଈଶ୍ୱର କରୁଣାମୟ - ଈଶ୍ୱର କଠୋର ।
୧୬୩. ଆଧ୍ୟାତ୍ମିକ ପ୍ରଶ୍ନ - ଜବାବ ।

# ଇନ୍ଦୁ ଜ୍ଞାନବେଦିକା ଦ୍ୱାରା ପ୍ରକାଶିତ ଆଧ୍ୟାତ୍ମିକ ଗ୍ରନ୍ଥଗୁଡିକର ପ୍ରାପ୍ତିସ୍ଥାନ

## ପ୍ରବୋଧାଶ୍ରମ (ଶ୍ରୀକୃଷ୍ଣ ମନ୍ଦିର)

ଗ୍ରାମ-ଚିନ୍ନାପୋଡମଲା, ମଣ୍ଡଳ-ତାଡିପତ୍ରି, ଜିଲ୍ଲା- ଅନନ୍ତପୁରମ୍ (ଏ.ପି)
ଫୋନ୍ ନମ୍ବର : 6371487960, 8260963963, 6370369563.

*****

## ପ୍ରବୋଧା ସେବା ସମିତି (ଶାଖା)

ଗ୍ରାମ- କଡବ, ବେଗୁନିଆ, ଖୋରଧା, 752062 ଓଡିଶା
ସେଲ୍ ନମ୍ବର : 6371487960 (ପ୍ରେସିଡେଣ୍ଟ୍)

**୧.କଳ୍ପନା ସୁନ୍ଦରାୟ:**7978498668, **୨.ପ୍ରଶାନ୍ତ ପଟ୍ଟନାୟକ:**9160767516.
**୩.ତେଜସ୍ୱିନୀ ମାନସିଂହ:**9777075446, **୪.ଦିପ୍ତିରଞ୍ଜନ ପଣ୍ଡା :** 7873229092.
**୫.ଲକ୍ଷ୍ମୀଧର ପାଇକରାୟ:**9692557801, **୬.ଶ୍ରୀନିବାସ ମାନସିଂହ:** 9040929743.

*****

## ଇନ୍ଦୁ ଜ୍ଞାନବେଦିକା ଶାଖା,

ମଲ୍ଲିଗାଓଁ (ଗ୍ରାମ), କୋତପେଟା (ପୋ) ରାୟଗଡା ଜିଲ୍ଲା (ଓଡିଶା)
ସେଲ୍ ନଂ - 8260963963 (ପ୍ରେସିଡେଣ୍ଟ୍)
୧. ଏସ୍. ବିଶ୍ୱେଶ୍ୱର ରାଓ : 9437527499
୨. ଇ. ଅଶୋକ କୁମାର : 6370043490
୩. ଆର୍. ସନ୍ତୋଷ କୁମାର ଶର୍ମା : 6370369563
୪. ଡି.ରବି (ପାରଲାଖେମୁଣ୍ଡି) : 8249683055
୫. ଏସ୍. ଗୌରିଶଙ୍କର ରାଓ : 9348538123
୬. ଇ. ସିଂହାଞ୍ଚଳମ୍:9437527470, ୭. ଡି. ପ୍ରସାଦ୍ ରାଓ : 7013546537

**www.thraithashakam.org**
Youtube : thraitha siddantham

## ଯୋଗୀଶ୍ୱରଙ୍କ ଗୁଞ୍ଜଲ୍ୟାତ୍ମକ ତ୍ରିମତ ଆଧ୍ୟାତ୍ମିକ ରଚନା ସାରାଂଶ

୧. ତ୍ରୈତ ସିଦ୍ଧାନ୍ତର ଅକ୍ଷର ସମାବେଶ ହିଁ, ଆତ୍ମା ସମାଚ୍ଚର ହୋଇ ରହିଛି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥ ଗୁଡିକରେ କ୍ଷୟ, ଅକ୍ଷୟ ସମାଚ୍ଚର ଏବଂ ପରମାତ୍ମା ସମାଚ୍ଚର ରହିଛି ।

୨. ତ୍ରୈତ ସିଦ୍ଧାନ୍ତ ସମ୍ବନ୍ଧୀୟ ଗ୍ରନ୍ଥଗୁଡିକ ଭୌତିକତଃ ଲେଖିଛନ୍ତି ଯୋଗୀଶ୍ୱର । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥ ଗୁଡିକରେ ଅଭୌତିକ ଯୋଗଶକ୍ତି ରହିଛି ।

୩. ତ୍ରୈତ ସିଦ୍ଧାନ୍ତ ଇନ୍ଦୁ (ହିନ୍ଦୁ) ଧର୍ମରେ ବିପ୍ଲବାତ୍ମକ ଭାବରେ ରହିଛି । ତ୍ରୈତ ସିଦ୍ଧାନ୍ତର ଜ୍ଞାନ ଗୁଞ୍ଜଲ୍ୟ ସୃଷ୍ଟି କରୁଛି, ପଢି ଦେଖନ୍ତୁ ।

୪. ତ୍ରୈତ ସିଦ୍ଧାନ୍ତ ସବୁଠାରୁ ମହାନ । ତ୍ରୈତ ସିଦ୍ଧାନ୍ତ  ସମସ୍ତ ଗ୍ରନ୍ଥଗୁଡିକ ଭିତରେ ମହାନ । ତାର ରଚୟିତା ହେଉଛନ୍ତି ଯୋଗୀମାନଙ୍କର ଈଶ୍ୱର ହୋଇଥିବା ଯୋଗୀଶ୍ୱର ।

୫. ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକୁ ଦେଖିଲେ ଦୁଷ୍ଟଶକ୍ତିମାନେ ଭୟରେ ଚ୍ଚଲିଯାଇଥାନ୍ତି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକ ସେମାନଙ୍କ ପାଖରେ ରଖିଲେ ଯୋଗଶକ୍ତିର ଉତ୍ତାପକୁ ସେମାନେ ସହ୍ୟ କରି ପାରିନଥାନ୍ତି ।

୬. ଭଗବଦ୍ଗୀତା ପରେ କୁହାଯାଇଥିବା ଅତି ମହାନ ଜ୍ଞାନ ହେଉଛି ତ୍ରୈତ ସିଦ୍ଧାନ୍ତ ଜ୍ଞାନ । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥ ଗୁଡିକରେ ଶ୍ରୀକୃଷ୍ଣ ଆଗରୁ କହିନଥିବା ଜ୍ଞାନ ମଧ୍ୟ ଯୋଗୀଶ୍ୱର କହିଛନ୍ତି ।

୭. ତ୍ରୈତ ସିଦ୍ଧାନ୍ତ ଜ୍ଞାନ ମାନବ ଜୀବନର ଏକ ଉଜ୍ଜ୍ୱଳ ଆଲୋକ । ତ୍ରୈତ ସିଦ୍ଧାନ୍ତ ଆଲୋକକୁ ଯିବା ପରେ ତାହା ଐଶ୍ୱରୀୟ ଶକ୍ତି ବୋଲି ଜଣାପଡେ ।

୮. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତାକୁ ଲେଖିଛନ୍ତି ଯୋଗୀଶ୍ୱର । ସେଥିଲାଗି ତ୍ରୈତ ସିଦ୍ଧାନ୍ତ କଣ ଆଉ କେତେ ମହାନ ତାହା ଜଣାପଡିଯାଇଛି ।

୯. ତ୍ରୈତ ସିଦ୍ଧାନ୍ତକୁ ଜାଣିପାରିଲେ,ଯୋଗୀଶ୍ୱରଙ୍କ ରଚନାକୁ ପଢିପାରିଲେ କୌଣସି ମତାବଲମ୍ବୀ ତାହା ସ୍ୱୀକାର କରିବାକୁ ବାଧ୍ୟ ହୋଇଥାଏ ଏବଂ ଆଚରଣ କରିଥାଏ ।

୧୦. ତ୍ରୈତ ସିଦ୍ଧାନ୍ତକୁ ସାକ୍ଷାତ୍ ଭଗବାନ କହିଛନ୍ତି । ତେଣୁ ପ୍ରତ୍ୟେକ ମତର ସାରାଂଶ ତ୍ରୈତ ସିଦ୍ଧାନ୍ତରେ  ରହିଛି ।

୧୧. ତ୍ରୈତ ସିଦ୍ଧାନ୍ତକୁ ଜଣେ ବ୍ୟକ୍ତି ଲେଖି ନାହାନ୍ତି, ଜଣେ ବ୍ୟକ୍ତିଙ୍କର ଶକ୍ତି ଲେଖିଛି । ତେଣୁ ସେଥିରେ ଥିବା ରହସ୍ୟଗୁଡିକୁ ପଢି ଜାଣନ୍ତୁ ।

୧୨. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା, ବାଇବେଲ୍ କୋରାନରେ ରହିଛି ହେଲେ ହିନ୍ଦୁ, ମୁସ୍ଲିମ୍, କ୍ରୈସ୍ତବମାନଙ୍କୁ ତାହା ଜଣା ନାହିଁ ।

# ତ୍ରୈତ ସିଦ୍ଧାନ୍ତ

ଆଧ୍ୟାତ୍ମିକ ବିଦ୍ୟାରେ ତୃତୀୟ ସିଦ୍ଧାନ୍ତ ହୋଇ ରହିଥିବା ତ୍ରୈତ ସୃଷ୍ଟି ପ୍ରାରମ୍ଭରେ ପରମାତ୍ମା ରୋପଣ କରିଥିବା ମହାବୃକ୍ଷ ଭଳି ଥିଲା । କାଳକ୍ରମେ ତାହା ଦୁର୍ବଳ ହୋଇ ଶୁଖିଯିବା ଭଳି ସମସ୍ତଙ୍କ ପାଇଁ ଅଜଣା ରହିଗଲା । ମାୟା ପ୍ରଭାବରେ ମାନବଲୋକରେ ଅନେକକାଳ ଧରି ଅଜଣା ରହିଥିବା ତ୍ରୈତ ଏବେ କଅଁଳିଛି । ଏହି ବୃକ୍ଷ ଅଜ୍ଞାନ ନାମକ ରୋଗପାଇଁ ମହୌଷଧି ବୋଲି ଜଣାଇ ଅନେକଙ୍କ ପାଖରେ ପହଞ୍ଚାଇବା ମୋର ମହାଭାଗ୍ୟ ବୋଲି ଭାବୁଛି । କେତେ ମହାନ ମତବାଦୀମାନେ ହୁଅନ୍ତୁ, ସେମାନେ ଏହା  ଆମର ବୋଲି ସ୍ୱୀକାର କରିବା ତ୍ରୈତର ମହାନତା ବୋଲି ଭାବୁଛି । ଆମ ମତ ଅଲଗା, ଆମ ଈଶ୍ୱର ଅଲଗା ବୋଲି ଏହାକୁ ଜାଣିଥିବା କେହି ମଧ୍ୟ କହି ପାରିବେ ନାହିଁ । ଏହା ସ୍ୱଚ୍ଛ ଦୈବ ଜ୍ଞାନ ବା ଐଶ୍ୱରୀୟ ଜ୍ଞାନ ହୋଇଥିବାରୁ ଜାଣିବା ଆଗରୁ ଏହା ବାବଦରେ କେଉଁଭଳି ନିନ୍ଦାକରି କହିଥିଲେ ମଧ୍ୟ, ଜାଣିବା ପରେ ନିଶ୍ଚୟ ସ୍ୱୀକାର କରିବାକୁ ବାଧ୍ୟ ହୋଇଥାନ୍ତି । ପ୍ରାୟ ଦୁଇହଜାର ବର୍ଷରୁ ରହିଥିବା ଅଦ୍ୱୈତ, ଦ୍ୱୈତ ସିଦ୍ଧାନ୍ତ ଜାଣିଥିବା ଲୋକମାନେ କିଛି ଅନିଚ୍ଛା ପ୍ରକାଶ କରୁଥିଲେ ମଧ୍ୟ, ସେମାନେ ବୁଦ୍ଧିରେ ବିଚାର କରି, ସ୍ୱାନୁଭବ ଅନୁସାରେ ଦେଖିଲେ ଦ୍ୱୈତ, ଅଦ୍ୱୈତ କେବଳ କଥା କହିବା ପାଇଁ ରହିଛି ସିନା, ସତ୍ୟ ନିର୍ଦ୍ଧାରଣ ଅନୁଭବ, ବାସ୍ତବ ଆଚରଣ କେବଳ ତ୍ରୈତରେ ରହିଛି ବୋଲି ଜାଣି ପାରିବେ । ଅନ୍ୟ ମତଗୁଡିକୁ ମଧ୍ୟ ନିଜଠାରେ ମିଶାଇ ପାରୁଥିବା ତ୍ରୈତ ପରମାତ୍ମା ଜଣାଇଥିବା ବାସ୍ତବ ଇନ୍ଦୁପଥ ଭାବରେ (ଜ୍ଞାନମାର୍ଗ ଭାବରେ) ସମସ୍ତଙ୍କର ଉପକାର କରିବ ବୋଲି ଭାବୁଛି ।

ଇତି

**ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

# ସୂଚୀପତ୍ର


| କ୍ର.ସଂ. | | | ପୃଷ୍ଠାଙ୍କ |
|---|---|---|---|
| 1. | ଇନ୍ଦୁ (ହିନ୍ଦୁ) ରୀତି | --- | 11 |
| 2. | ଶିଶୁକୁ କୁଲାରେ ଶୁଆଇବା | --- | 19 |
| 3. | ଶିଶୁକୁ ଦୋଳିରେ ଝୁଲାଇବା | --- | 22 |
| 4. | ଉପନୟନ | --- | 25 |
| 5. | ଉପଦେଶ | --- | 30 |
| 6. | ବିବାହ – ବର, କନ୍ୟା | --- | 35 |
| 7. | ମାର୍କଣ୍ଡି | --- | 39 |
| 8. | ଖଡ୍ଗ (କଟାରୀ) | --- | 44 |
| 9. | ପ୍ରକାଶାଙ୍ଗ | --- | 46 |
| 10. | କଳା ଟିକା | --- | 48 |
| 11. | ଅଣ୍ଟି ଚାଉଳ – ଗଣ୍ଠି ଚାଉଳ | --- | 51 |
| 12. | ଝୁଣ୍ଟିଆ | --- | 54 |
| 13. | ମଙ୍ଗଳସୂତ୍ର | --- | 58 |
| 14. | ଜ୍ଞାନକିରଣ | --- | 60 |
| 15. | ମସ୍ତକାମ୍ବର | --- | 62 |
| 16. | ଅରୁନ୍ଧତି ନକ୍ଷତ୍ର | --- | 64 |
| 17. | ବେଦୀ | --- | 65 |
| 18. | ବିବାହରେ ମୁହୂର୍ତ୍ତ ! | --- | 68 |
| 19. | ବିବାହରେ ବେଦମନ୍ତ୍ର ! | --- | 75 |
| 20. | ଶ୍ରୀମତୀ – ଶ୍ରିମତ | --- | 79 |
| 21. | ବିଧବା | --- | 83 |
| 22. | ନମସ୍କାର | --- | 88 |
| 23. | ଲାଭ ରୀତି | --- | 97 |
| 24. | ଅଙ୍ଗରାଗ ରୀତି | --- | 99 |
| 25. | ମୁଣ୍ଡର ଜଟା (ମଞ୍ଜୀରୀ) | --- | 101 |
| 26. | କେଶ ଖଣ୍ଡନ କରିବା | --- | 103 |
| 27. | ତିନି ବିଭୂତି ରେଖା | --- | 106 |
| 28. | ନାକଫୁଲ | --- | 109 |
| 29. | ଧୋତି, ଶାଢୀ ପରିଧାନ | --- | 112 |
| 30. | ଶିବଯାତ୍ରା (ଶବଯାତ୍ରା) | --- | 114 |
| 31. | ଦୋବାଟି ସ୍ଥଳରେ ଶବ ରଖିବା ରୀତି | --- | 121 |
| 32. | ପିଣ୍ଡଦାନ (କର୍ମକାଣ୍ଡ) | --- | 124 |
| 33. | ଦକ୍ଷିଣ ଦିଗକୁ ମୁଣ୍ଡ ରଖିବା | --- | 132 |
| 34. | ହିନ୍ଦୁ ରକ୍ଷଣ ! ହିନ୍ଦୁ ଭକ୍ଷଣ ! ! | --- | 137 |

# ଇନ୍ଦୁ (ହିନ୍ଦୁ) ରୀତି

ରୀତି ବା ପ୍ରଥା ନାମକ ଶବ୍ଦ ବିଶେଷ କରି ଇନ୍ଦୁ (ହିନ୍ଦୁ) ମତରେ ଶୁଣାଯାଏ । ଗୋଟିଏ ମନ୍ଦିରକୁ ଯାଇ ପୂଜା କରି ଏହା ଆମ ରୀତି ବୋଲି କେତେକ କହିଥାନ୍ତି । ଗୋଟିଏ ବିବାହ କାର୍ଯ୍ୟ ଶେଷ କରି ଆମେ ଆମ ରୀତି ଅନୁସାରେ କଲୁ ବୋଲି କେତେକ କହିଥାନ୍ତି । ସେହିଭଳି ଗୋଟିଏ ଦଳ ବା ବର୍ଗର ଲୋକମାନେ ଗୋଟିଏ ପ୍ରକାରର ବସ୍ତ୍ର ପିନ୍ଧୁଥାଇ ଏହା ଆମ ରୀତି ବୋଲି କହିଥାନ୍ତି । ଆଉଟିକିଏ ବିବରଣାତ୍ମକ ଦେଖିଲେ ଇନ୍ଦୁମତର ପ୍ରତି କୁଳର ଲୋକମାନେ ଅଲଗା ଅଲଗା ପଦ୍ଧତି ଅନୁସରଣ କରୁଥାଇ ଏହା ଆମ କୁଳର ରୀତି (ଆମ ଜାତିର ପ୍ରଥା ବା ନିୟମ) ବୋଲି କହୁଛନ୍ତି । ଏପରି ରୀତି ବା ପ୍ରଥା ନାମକ ପଦ ଅନେକ ସନ୍ଦର୍ଭରେ ଶୁଣାଯାଉଥିଲେ ମଧ୍ୟ ବାସ୍ତବରେ ରୀତି କହିଲେ କଅଣ କେହି ଜାଣିନାହାନ୍ତି । ଇନ୍ଦୁମତ ହିନ୍ଦୁମତ (ହିନ୍ଦୁଧର୍ମ) ଭାବରେ ବଦଳିଯାଇଥିବା ଆଜିର କାଳରେ, ଆମେ ହିନ୍ଦୁ ବୋଲି କହୁଥାଇ, ନିଜ ମତର ପ୍ରକୃତ ସ୍ୱରୂପକୁ ଜାଣିନଥିବା ମଣିଷ, ରୀତି କହିଲେ କଅଣ ଜାଣି ନଥିବା ସ୍ଥିତିରେ ଯିଏ ଯାହା କହିଲେ ମଧ୍ୟ ତାହାକୁ ରୀତି ଭାବରେ ବିଶ୍ୱାସ କରୁଛନ୍ତି । ଜଣେ ମୃତ୍ୟୁବରଣ କଲେ ତାକୁ ମାଟିରେ ପୋତିଦେଇ ଏହା ଆମ ରୀତି ବୋଲି କେତେକ କହନ୍ତି, ସେହିଭଳି ମୃତଦେହକୁ କାଠରେ ପୋଡିଦେଇ ଏହା ଆମ ରୀତି ବୋଲି ଆଉକେତେକ କହନ୍ତି । ରୀତି ବାବଦରେ ଆମକୁ ଜଣା ନାହିଁ, ଜାଣିଥିବା ଲୋକେ କହିଲେ ସେମାନଙ୍କ କଥା ଶୁଣିବା ଉଚିତ୍ ବୋଲି କହୁଛନ୍ତି । ଏପରି ସେମାନେ କହିବା ଭଳି ଅନ୍ଧଭାବରେ ଶୁଣୁଥିଲେ ମଧ୍ୟ ଗୋଟିଏ କାର୍ଯ୍ୟ ଦୁଇ ପ୍ରକାରର ହେବାବେଳେ, ଦୁଇଟି କାର୍ଯ୍ୟ ଭିତରୁ କେଉଁ କାର୍ଯ୍ୟକୁ ରୀତି କହିବା ? ବୋଲି ପ୍ରଶ୍ନ ନଆସି ରହିବ ନାହିଁ । କେତେକ ଚତୁରମାନେ ଏହିଭଳି ତ୍ରୁଟିପୂର୍ଣ୍ଣ କଥା ଦେଖି ଏସବୁ ଅନ୍ଧବିଶ୍ୱାସ କହୁଥାଇ, ସତ୍ୟକୁ ନଖୋଜି ହେତୁବାଦ ନାମରେ ସତ୍ୟଠାରୁ ଦୂର ହୋଇଯାଉଛନ୍ତି । ଏହି ନେପଥ୍ୟରେ ସତ୍ୟବାଦୀ (ଆସ୍ତିକବାଦୀ)

ବୋଲାଉଥିବା ଲୋକମାନେ କୌଣସି କାର୍ଯ୍ୟକୁ ମଧ୍ୟ ରୀତି କହିପାରନ୍ତି । ହେତୁବାଦୀମାନେ ଏଭଳି କୌଣସି କାର୍ଯ୍ୟକୁ ମଧ୍ୟ ଅନ୍ଧବିଶ୍ୱାସ କହି ପାରନ୍ତି, ଏଇମାନଙ୍କ ମଝିରେ ହିଁ ବାସ୍ତବ ରୀତି କେବେଠାରୁ ଅଦୃଶ୍ୟ ହୋଇଗଲାଣି । ସତ୍ୟବାଦୀ ନାମରେ ଅସତ୍ୟବାଦୀମାନେ ଥିବା ଆଜିର କାଳରେ, ହେତୁବାଦୀ ନାମରେ ନାସ୍ତିକମାନେ ଥିବା ଆଜିର କାଳରେ ଆଚରିତ ସବୁକିଛି ଆସ୍ତିକମାନଙ୍କ ପାଇଁ ରୀତି ହେବାବେଳେ, ଜଣା ନଥିବା ସବୁକିଛି ନାସ୍ତିକମାନଙ୍କ ପାଇଁ ଅନ୍ଧବିଶ୍ୱାସ ହୋଇଯାଇଛି ।

ଏପରି ସମୟରେ, ଗୋଟିଏ ଦିଗରେ ଆସ୍ତିକମାନେ, ଅନ୍ୟ ଦିଗରେ ନାସ୍ତିକମାନେ ରୀତି କହିଲେ କଅଣ ସୂତ୍ରବଦ୍ଧ ଭାବରେ ଜାଣିବା ଉଚିତ୍ । ଫୁଲ ଅଲଗା ଅଲଗା ଥିବାବେଳେ ସେଗୁଡିକୁ ମାଳ କହିପାରିବା ନାହିଁ । ସୂତ୍ର (ସୂତା) ଦ୍ୱାରା ସେଗୁଡିକୁ ଗୁନ୍ଥିବା ବେଳେ, ଏକ ପଦ୍ଧତି, ଏକ କ୍ରମ ସୃଷ୍ଟି ହେଉଥିବାରୁ ସେଗୁଡିକୁ ମାଳ କହୁଛେ । ଏହିଭଳି ଯାହା ଇଚ୍ଛାରେ ଯିଏ ଯାହା କାର୍ଯ୍ୟ କଲେ ତାହାକୁ ରୀତି କହିପାରିବା ନାହିଁ । କୌଣସି କାର୍ଯ୍ୟକୁ ଶାସ୍ତ୍ର ନାମକ ସୂତ୍ର (ସୂତା) ଦ୍ୱାରା ସନ୍ଧି କରିବା ବେଳେ ଏକ ଅର୍ଥ ଥାଏ, ଏକ ପଦ୍ଧତି ଥାଏ, ତେଣୁ ସେତେବେଳେ ହେଉଥିବା କାର୍ଯ୍ୟକୁ ଆମେ ରୀତି କହୁ । ସୂତାରେ ଫୁଲଗୁଡିକ ନଗୁନ୍ଥିଲେ ଯେପରି ଫୁଲମାଳ ହୋଇନଥାଏ, ସେହିଭଳି କାର୍ଯ୍ୟ ଯଦି ଶାସ୍ତ୍ର ପଦ୍ଧତିରେ ନହୁଏ ତାକୁ ରୀତି କହିପାରିବା ନାହିଁ । ଆଙ୍ଗୁଳି ମୋଟରେ ଦଉଡିରୁ କ୍ଷିଅ କ୍ଷିଅ କାଢିବା ପରେ ଶେଷରେ ସୂତାଟିଏ ମିଳେ । ସେହି ସୂତାକୁ ଦଉଡିର ଛଅ କ୍ଷିଅରୁ ଗୋଟିଏ କ୍ଷିଅ ଭାବିଲେ ତାହା ଛୁଂଚିର ପଛରେ ରହି ଫୁଲଗୁଡିକୁ ଧରି ଫୁଲମାଳ ହୋଇଥାଏ । ସେହିଭଳି ଶାସ୍ତ୍ରଗୁଡିକ ଭିତରୁ ଷଷ୍ଠତମ ସ୍ଥାନରେ ରହି, ପାଞ୍ଚଗୋଟି ଶାସ୍ତ୍ରକୁ ଅତିକ୍ରମ କରି ରହିଥିବା ବ୍ରହ୍ମବିଦ୍ୟାଶାସ୍ତ୍ର ଦ୍ୱାରା ଏକ କାର୍ଯ୍ୟ ନିର୍ଦ୍ଦେଶିତ ହେବାବେଳେ ତାହା ରୀତି ହୋଇଥାଏ । ସୂତ୍ରବଦ୍ଧତା (ସୂତା ଦ୍ୱାରା ଗୁନ୍ଥିହୋଇ) ନଥିଲେ ଫୁଲଗୁଡିକ ଯେମିତି ଫୁଲମାଳ

ନୁହେଁ, ସେହିଭଳି ବ୍ରହ୍ମବିଦ୍ୟାର ଶାସ୍ତ୍ରବଦ୍ଧତା ନଥିବା କାର୍ଯ୍ୟ ରୀତି ନୁହେଁ । ଫୁଲମାଳରେ ସୂତା ଲୁଚି ରହିଥିବା ଭଳି କାର୍ଯ୍ୟରେ ଭାବ ଲୁଚିରହିଥାଏ । ଟାଣ୍ ସୂତା ନହେଲେ ଫୁଲମାଳଟିଏ ହେବନାହିଁ, ଠିକ୍ ସେହିଭଳି ଶକ୍ତ ଭାବ ନଥିଲେ ରୀତି ହେବ ନାହିଁ । ଏବେ ଏଇଠାରେ କେତେକ ଏକ ପ୍ରଶ୍ନ ପଚାରି ପାରନ୍ତି । କଣନା ! କେତେକ ବିବାହ ସମ୍ବନ୍ଧୀୟ ଅନେକ କାର୍ଯ୍ୟର ଆଚରଣ କରୁଥାଇ ଏହା ଆମର ରୀତି ବା ପ୍ରଥା ବୋଲି କହିଥାନ୍ତି, ସେହି ରୀତି ତ ଆମ ରୀତି ! ଏହା ଥିବାବେଳେ ଆଜି ରୀତି ନାହିଁ ବୋଲି ଆପଣ କିପରି କହୁଛନ୍ତି ? ତାର ସମାଧାନ ହେଉଛି ! ବଳଦ ବେକରେ ଫୁଲମାଳ ଥିଲେ ମଧ୍ୟ, ତାହା ଫୁଲମାଳ ବୋଲି ବଳଦକୁ ଜଣାନଥାଏ, ତା ବେକରେ ଫୁଲମାଳ ପଡୁ କି ମୋଟା ଦଉଡି ପଡୁ ବଳଦ ପାଇଁ ଉଭୟ ସମାନ । ସେହିଭଳି ଅର୍ଥ ଜାଣିନଥିବା ଅଜ୍ଞାନୀର କାର୍ଯ୍ୟ ରୀତି ହେଲେ ମଧ୍ୟ ତାହା ରୀତି ବୋଲି ତାକୁ ଜଣାନଥାଏ, ତାର ମୂଲ୍ୟ ତାକୁ ଜଣାନଥାଏ । ତେଣୁ ତା କାର୍ଯ୍ୟରେ ରୀତି ଥିଲେ ଯାହା ନଥିଲେ ତାହା । ଏକ ବିବାହ କାର୍ଯ୍ୟରେ କାର୍ଯ୍ୟ କରାଉଥିବା ଲୋକ ହେଉ, କରୁଥିବା ଲୋକ ହେଉ କି ଦେଖୁଥିବା ଲୋକମାନେ ହୁଅନ୍ତୁ ସେମାନଙ୍କ ପାଇଁ ତାହା ରୀତି ବା ପ୍ରଥା ହୋଇଥିଲେ ମଧ୍ୟ ବାସ୍ତବରେ ରୀତି ହିଁ ନୁହେଁ, ତାହା ସାଧାରଣ କାର୍ଯ୍ୟଗୁଡିକ ଭିତରୁ ଏକ କାର୍ଯ୍ୟ ହେବ ସିନା, ତାହାକୁ ରୀତି କହିପାରିବା ନାହିଁ, ସେମାନଙ୍କ ପାଇଁ ସେହି ରୀତି ଏକ ରହସ୍ୟ । ଏଇ ମଧ୍ୟକାଳୀନ ସମୟରେ ଗୋଟିଏ ବାହାଘର (ବିବାହ) ହୋଇଥିଲା । ଟିଭି ଚ୍ୟାନେଲ୍‌ର ଲୋକମାନେ ତାହାକୁ ଟିଭିରେ ପ୍ରସାର କରିଥିଲେ, ସେଠାରେ ଥିବା ପୁରୋହିତମାନେ ଆମେ ଏହି ବିବାହ କାର୍ଯ୍ୟକୁ ଆମ ରୀତିବଦ୍ଧ ଭାବରେ କଲୁ ବୋଲି କହିଥିଲେ, ସେମାନେ ଏଭଳି ଖାଲି ତୁଣ୍ଡରେ କହୁଛନ୍ତି ସିନା ରୀତି କହିଲେ କଣ ସେଠାରେ ଥିବା ପୁରୋହିତଙ୍କୁ ଜଣା ନଥିବା ବେଳେ, ବର କନ୍ୟାଙ୍କୁ ଜଣା ନାହିଁ, ସେମାନଙ୍କ ମାଆବାପାଙ୍କୁ ମଧ୍ୟ ଜଣା ନାହିଁ, ଉପସ୍ଥିତ ଥିବା

ବନ୍ଧୁବାନ୍ଧବ ମାନଙ୍କୁ ମଧ୍ୟ ଜଣା ନାହିଁ  ବୋଲି କହିପାରିବା । ବିବାହରେ ଅନେକ ପ୍ରକାରର କାର୍ଯ୍ୟ ହୋଇଥିଲେ ମଧ୍ୟ କୌଣସି ଗୋଟିଏ କାର୍ଯ୍ୟର ଅର୍ଥ କାହାକୁ ଜଣା ନାହିଁ । ଅର୍ଥ ଜଣା ନଥିବା କାର୍ଯ୍ୟ ବ୍ୟର୍ଥ ହୋଇଥାଏ । ତେଣୁ ତାହା ରୀତି ନୁହେଁ ବୋଲି ଜଣାପଡିଯାଉଛି । ରୀତି କଣ କାହାକୁ ଜଣାନଥିବାରୁ କିଛିଲୋକ ରେଜିଷ୍ଟର ଅଫିସକୁ ଯାଇ, ବର କନ୍ୟାକୁ, କନ୍ୟା ବରକୁ ରେଜେଷ୍ଟ୍ରି କରୁଛନ୍ତି । ଏହିଭଳି ଆଉ କିଛିକାଳ ବିତିଗଲେ ଭବିଷ୍ୟତ ପୀଢି ଏହି ରୀତି ଗୋଟିଏ ଥିଲା ବୋଲି ନିଶ୍ଚୟ ଭୁଲିଯିବେ । ଭବିଷ୍ୟତରେ ଏହି ବିପଦ ନଆସୁ, ରୀତି କଣ ତାହାକୁ ମଣିଷ ସୂତ୍ରବଦ୍ଧ ଭାବେ, ଶାସ୍ତ୍ରବଦ୍ଧ ଭାବେ ସମସ୍ତେ ଜାଣିବା ଆବଶ୍ୟକ ରହିଛି । ଏବେ ରୀତି କହିଲେ କଣ ତାହା କହିପାରୁଥିବା ପାତ୍ରକୁ ପଚରି ବୁଝିବା ।

ପ୍ରତ୍ୟେକ ଦିନ ମଣିଷ ତାର ଜୀବନ ଗମନରେ କୌଣସିନା କୌଣସି ଏକ  କାର୍ଯ୍ୟ  କରିଥାଏ । ପ୍ରତ୍ୟେକ କାର୍ଯ୍ୟର ପଛରେ ନିଶ୍ଚୟ କିଛିନା କିଛି ଆଦାୟ ରହିଥାଏ । ଧନ ହେଉ, ଧାନ୍ୟ ହେଉ, ସୁବର୍ଣ୍ଣ ହେଉ, କିଛିବି ହେଉ  ତାହା ଦେଖାଯାଉଥିବା  ଫଳ ଭାବରେ  ହିସାବ  କରାଯାଇଥାଏ । ତେଣୁ  କୌଣସି କାର୍ଯ୍ୟରୁ  ପ୍ରତିଫଳ  ଭାବରେ  ଯାହା  ମିଳିଥାଏ ତାହାକୁ ଆମେ ଆଦାୟ କହୁଛେ । ମୁଖ୍ୟତଃ ଏଠାରେ ଧ୍ୟାନ ଦେବା ବିଷୟ ହେଉଛି ପ୍ରତ୍ୟେକ କାର୍ଯ୍ୟରୁ ଦେଖାଯାଉଥିବା ଆଦାୟ ବା ଫଳ ଥିବା ଭଳି, ପ୍ରତ୍ୟେକ କାର୍ଯ୍ୟରୁ କିଛି ଦେଖାଯାଉ ନଥିବା ଆଦାୟ ମଧ୍ୟ ମିଳିଥାଏ । ତାହାକୁ କର୍ମଫଳ କୁହାଯାଏ । ଦେଖାଯାଉଥିବା ଫଳ ଧନ, ଧାନ୍ୟ, ସୁବର୍ଣ୍ଣ, ବସ୍ତୁ, ବାହାନ ରୂପରେ ଅନେକ ପ୍ରକାରର ଥିବାବେଳେ, ଦେଖାଯାଉ ନଥିବା ଫଳ (ଆଦାୟ) ଦୁଇ ପ୍ରକାରର ରହିଥାଏ । ତନ୍ମଧ୍ୟରୁ ଗୋଟିଏ ହେଲା ପାପ, ଅନ୍ୟଟି ପୁଣ୍ୟ, ଏହି ଦୁଇ ଫଳକୁ ମିଶାଇ କର୍ମ କୁହାଯାଏ । ଏହି ଅନୁସାରେ କୌଣସି କାର୍ଯ୍ୟରୁ ଦୁଇ ପ୍ରକାରର ଅର୍ଥାତ୍ ଦେଖାଯାଉଥିବା ଫଳ ଏବଂ ଦେଖାଯାଉ ନଥିବା ଫଳ ମିଳିଥାଏ ବୋଲି ଜଣାଯାଉଛି ।

ଦେଖାଯାଉଥିବା ଫଳ ଅନେକ ପ୍ରକାରର ଥିବାବେଳେ, ଦେଖାଯାଉ ନଥିବା ଫଳ କେବଳ ଦୁଇ ପ୍ରକାରର ଥାଏ ବୋଲି ଜଣାଯାଉଛି । ମଣିଷ ଜୀବନରେ ଦେଖାଯାଉଥିବା ଫଳ ଅପେକ୍ଷା ଦେଖାଯାଉ ନଥିବା ଫଳ ଅତି ମୁଖ୍ୟ ହୋଇଥାଏ । ଦେଖାଯାଉଥିବା ଫଳ ଜୀବନରେ ଉପଯୋଗ ହୋଇପାରେ ଅଥବା ଉପଯୋଗ ହୋଇ ନପାରେ, କିନ୍ତୁ ଦେଖାଯାଉ ନଥିବା ଫଳ ପରଜନ୍ମକୁ ଆସି ତାହା ଅର୍ଜନ କରିଥିବା ବ୍ୟକ୍ତିର ଉପଯୋଗରେ ନିଶ୍ଚୟ ଆସିଥାଏ । ଏହିଭଳି କୌଣସି ଦୃଷ୍ଟିରୁ ଦେଖିଲେ ମଧ୍ୟ ଦେଖାଯାଉଥିବା ଫଳ ଅପେକ୍ଷା ଦେଖାଯାଉ ନଥିବା ଫଳ ମଣିଷର ଅତି ମୁଖ୍ୟଫଳ ହୋଇ ରହିଥାଏ । ସେଥିଲାଗି ପୂର୍ବର ଜ୍ଞାନୀମାନେ କାର୍ଯ୍ୟରୁ ମିଳୁଥିବା ଅଦୃଶ୍ୟ କର୍ମଫଳ ଉପରେ ବିଶେଷତାକୁ କଳ୍ପନା କରି **"ପ୍ର" ନାମକ ଶବ୍ଦକୁ ମିଶାଇ ପ୍ର + ଆଦାୟ = ପ୍ରଦାୟ ବୋଲି କହିଥିଲେ ।** ଏହି ଅନୁସାରେ **ଆଦାୟ କହିଲେ ଦେଖାଯାଉଥିବା ଧନ, କନକ, ବସ୍ତୁ, ବାହାନ ଇତ୍ୟାଦି ଏବଂ ପ୍ରଦାୟ କହିଲେ ଦେଖାଯାଉ ନଥିବା ପାପ, ପୁଣ୍ୟ ବୋଲି ଜାଣିହୁଏ ।**

(**ସୂଚନା:-** ରୀତି ବା ପ୍ରଥାକୁ ତେଲୁଗୁ ଭାଷାରେ ସାମ୍ପ୍ରଦାୟ କୁହାଯାଏ, ସେହି ଭାଷାରେ ଥିବା ସାମ୍ପ୍ରଦାୟର ଅର୍ଥବିବରଣୀ ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର ଅତ୍ୟୁନ୍ନତ ଢଙ୍ଗରେ ଜଣାଇ ପଦର ଅର୍ଥରେ ଯେଉଁ ଶାସ୍ତ୍ରୀୟତାକୁ ପ୍ରକଟିତ କରିଛନ୍ତି ତାହା ବନ୍ଦନୀୟ । ରୀତି କହିଲେ ପ୍ରଣାଳୀ, ସେହିଭଳି ପ୍ରଥା କହିଲେ ମଧ୍ୟ ପ୍ରଣାଳୀ । କୌଣସି ପ୍ରଣାଳୀ ଏକ ନିୟମବଦ୍ଧ ଭାବରେ ବା ସୂତ୍ରବଦ୍ଧ ଭାବରେ ଥାଏ । ସୂତ୍ରବଦ୍ଧ କୌଣସି କ୍ରିୟାକୁ ଆମେ ଶାସ୍ତ୍ର କହିପାରିବା । ଶାସ୍ତ୍ର ସବୁବେଳେ ସତ୍ୟବଦ୍ଧ, ତେଣୁ ରୀତି ବା ପ୍ରଥାରେ ଯଦି ଐଶ୍ୱରୀୟ ଜ୍ଞାନ ଶାସ୍ତ୍ରବଦ୍ଧ ଭାବରେ ରହିଛି, ତେବେ ତାହା ମାନବ (ଜୀବ) ପାଇଁ ଆଚରଣ ଯୋଗ୍ୟ, କଲ୍ୟାଣକର । ବଡମାନେ (ଜ୍ଞାନୀମାନେ) ଆମପାଇଁ ଦିନେ ଐଶ୍ୱରୀୟଜ୍ଞାନ ଖଚିତ

ରୀତିଗୁଡିଏ ସମାଜରେ ରଖିଥିଲେ, ତାର ଆଚରଣ କିଛି ପରିମାଣରେ ସେହିଭଳି ରହିଥିଲେ ମଧ୍ୟ ଭାବ (ଅର୍ଥ) ଆଜି ସମ୍ପୂର୍ଣ୍ଣ ବଦଳିଯାଇଛି; ଅଥଚ ଆମେ ସେଗୁଡିକୁ ଆଚରଣରେ ଆଣୁଛେ । ଶ୍ରୀଶ୍ରୀଶ୍ରୀ ଯୋଗୀଶ୍ୱରଙ୍କ ଭାଷାରେ, "ଅର୍ଥହୀନ ଆଚରଣ ବ୍ୟର୍ଥ ହୋଇଥାଏ, ବଡମାନେ ରଖିଥିବା ରୀତିଗୁଡିକରେ ଐଶ୍ୱରୀୟ ଜ୍ଞାନ ରହିଛି, ତାହା ଜାଣି ଆଚରଣ କରିବାକୁ ଆମେ ରୀତି (ସାମ୍ପ୍ରଦାୟ) କହୁଛୁ" ବୋଲି କୁହାଯାଇଛି । ସେଥିଲାଗି ରୀତିର ଶାସ୍ତ୍ରୀୟ ଅର୍ଥକୁ ସାମ୍ପ୍ରଦାୟ ଭାବରେ ବୁଝାଇ ଅନୁବାଦ କରିଛୁ । -ଅନୁବାଦକ)

ଆଜିର ଜୀବନରେ ଉପଯୋଗ ହେଉଥିବା ଧନ "ଆଦାୟ" ହୋଇଥିବା ସ୍ଥଳେ, ପର ଜୀବନରେ ଉପଯୋଗ ହେବାକୁ ଥିବା କର୍ମ "ପ୍ରଦାୟ" ବୋଲି ଜଣାଯାଉଛି । ଆଦାୟ ହେଉ କିମ୍ବା ପ୍ରଦାୟ ହେଉ ତାହା ମଣିଷ ଅନୁଭବ କରିଥାଏ । ଜଣେ ମଣିଷ ଉପାର୍ଜନ କରିଥିବା ଜିନିଷକୁ ଅନୁଭବ କରିବା ସହିତ ଅନୁଭବ କରୁନଥିବା ଜିନିଷ ମଧ୍ୟ ନିଶ୍ଚୟ କିଛି ଅଛି । ସେହି ଅନୁସାରେ ଆଦାୟକୁ ତିନି ଭାଗରେ ବିଭାଜନ କରିପାରିବା । ଅନୁଭବ କରି ହେଉଥିବା ଆଦାୟ ଦୁଇ ପ୍ରକାରର, ଅନୁଭବ କରିହେଉ ନଥିବା ଆଦାୟ ଗୋଟିଏ ପ୍ରକାରର । ଏହିଭଳି ଆଦାୟ ମୋଟ ତିନି ପ୍ରକାରର ଥାଏ । ତୃତୀୟ ପ୍ରକାରର ଆଦାୟ ଆଖିକୁ ଦେଖାଯାଉ ନଥିଲେ ମଧ୍ୟ, କର୍ମ ଭଳି ମୁଣ୍ଡକୁ ଚଢୁଥିଲେ ମଧ୍ୟ, କର୍ମର ବ୍ୟତିରେକ ହୋଇ କର୍ମବିନାଶ କରିଥାଏ । ଏହି ତୃତୀୟ ଆଦାୟକୁ ଦୈବଜ୍ଞାନ କୁହାଯାଏ । ପ୍ରଥମ ଅପେକ୍ଷା ଦ୍ୱିତୀୟ ଆଦାୟର ପ୍ରାମୁଖ୍ୟତା ଥିବା ସ୍ଥଳେ, ଦ୍ୱିତୀୟ ଅପେକ୍ଷା ତୃତୀୟଟି ଆହୁରି ପ୍ରାମୁଖ୍ୟତା ବହନ କରି ରହିଥାଏ ।

**ଧନ ଅପେକ୍ଷା ବିଧି (କର୍ମ) ମହାନ । ହିନ୍ଦି ଭାଷାରେ, ସଂସ୍କୃତ ଭାଷାରେ, ଆମ ଭାଷାରେ ମଧ୍ୟ "ସ' କହିଲେ ଭକ୍ତି କିମ୍ବା ଜ୍ଞାନକୁ ବୁଝାଏ । ସନ୍ଥ କହିଲେ ଭକ୍ତ କିମ୍ବା ଜ୍ଞାନୀ ବୋଲି ବୁଝାଏ । ଭଲକୁ,**

**ମହାନତାକୁ, ଐଶ୍ୱରୀୟ ଜ୍ଞାନକୁ ସୂଚିତ କରୁଥିବା "ସଂ" ଏବଂ "ପ୍ର" କୁ ଐଶ୍ୱରୀୟ ଜ୍ଞାନରେ ଯୋଡି "ସଂ"+"ପ୍ର"+"ଆଦାୟ" = "ସାମ୍ପ୍ରଦାୟ" (ରୀତି) ବୋଲି ଜ୍ଞାନୀମାନେ କହିଥିଲେ ।** ଏକ କାର୍ଯ୍ୟରେ ଦେଖାଯାଉ ନଥିବା ଆଦାୟ ବା ଦୈବଜ୍ଞାନ ମିଶି ରହିଥିଲେ, ସେହି କାର୍ଯ୍ୟର ଅର୍ଥ ହୋଇଥିବା ଆଦାୟ ଆମ ମୁଣ୍ଡରେ ପ୍ରବେଶ କଲାବେଳେ ତାହା ସାଧାରଣ ଆଦାୟ ନହୋଇ, କର୍ମ ଭଳି ପ୍ରଦାୟ ନହୋଇ, କର୍ମଠାରୁ ଭିନ୍ନ **"ସାମ୍ପ୍ରଦାୟ"**(ରୀତି ବା ପ୍ରଥା) ହୋଇଥାଏ । ଯଦି କୌଣସି କାର୍ଯ୍ୟରେ ଦୈବ (ଐଶ୍ୱରୀୟ) ଜ୍ଞାନ ମିଶି ରହିନାହିଁ, ତାର ଅର୍ଥ ଆମ ମୁଣ୍ଡରେ ପ୍ରବେଶ କରିନାହିଁ ତେବେ ତାହା ରୀତି ହୋଇନଥାଏ, ଏକ କାର୍ଯ୍ୟ ଦୈବଜ୍ଞାନ ଅର୍ଥରେ ଥିବାବେଳେ, ତାହାକୁ ଜାଣିବା ପରେ କଲେ ରୀତି ହୋଇଥାଏ ।

ପଞ୍ଚମ ଶାସ୍ତ୍ର ହୋଇଥିବା ଜ୍ୟୋତିଷ୍ୟଶାସ୍ତ୍ର ଅନୁଯାୟୀ ଦୈବଜ୍ଞାନର ଅଧିପତି ହେଉଛନ୍ତି ଚନ୍ଦ୍ର । ସେଥିଲାଗି ଜ୍ଞାନର ଚିହ୍ନ ଭାବରେ ଆମେ ଚନ୍ଦ୍ରଙ୍କୁ ଦେଖାଉଛେ । କର୍ମ ସମ୍ପୂର୍ଣ୍ଣ ବିନାଶ ହୋଇନଥିବା ଯୋଗୀ ଚନ୍ଦ୍ରଙ୍କ ତେଜରେ ତେଜିଆନ ହୋଇ ଜନ୍ମହୋଇଥାଏ ବୋଲି ଭଗବଦ୍ଗୀତାର ଅକ୍ଷର ପରବ୍ରହ୍ମଯୋଗ ନାମକ ଅଧ୍ୟାୟର ୨୫ତମ ଶ୍ଳୋକରେ **"ଚନ୍ଦ୍ରମାସଂ ଜ୍ୟୋର୍ତିଯୋଗୀ ପ୍ରାପ୍ୟ ନିବର୍ତ୍ତତେ"** ବୋଲି ସ୍ୱୟଂ ଭଗବାନ କହିଛନ୍ତି । ସେଥିଲାଗି ଚନ୍ଦ୍ରଗ୍ରହ ଜ୍ଞାନର ଚିହ୍ନ ବୋଲି ଜାଣି ଐଶ୍ୱରୀୟ ଜ୍ଞାନ ଜାଣିଥିବା ବ୍ୟକ୍ତିକୁ ଚନ୍ଦ୍ର ସହିତ ତୁଳନା କରି ତାକୁ "ଇନ୍ଦୁ"କହୁଥିଲେ । ତେଣୁ ଆଜି କୌଣସି ମତରେ (ଧର୍ମ)ରେ ଥାଇ ଐଶ୍ୱରୀୟ ଜ୍ଞାନରେ ଜ୍ଞାନୀ ହୋଇଥିବା ପାତ୍ରକୁ ଆମେ ଇନ୍ଦୁ କହିପାରିବା । ଐଶ୍ୱରୀୟ ଜ୍ଞାନ ମିଶି ରହିଥିବା କୌଣସି କାର୍ଯ୍ୟକୁ ଇନ୍ଦୁରୀତି କହିପାରିବା । ଚନ୍ଦ୍ରବିମ୍ବ ଜ୍ଞାନର ଚିହ୍ନ ହେବା ସ୍ଥଳେ, ନକ୍ଷତ୍ରକୁ ମୋକ୍ଷର (ଈଶ୍ୱରଙ୍କ) ଚିହ୍ନ ବୋଲି ଆମ ରଚନାର "ଦେବାଳୟ ରହସ୍ୟ" ନାମକ ଗ୍ରନ୍ଥରେ ଆଗରୁ ଜଣାଇଛୁ । ଅଭିବୃଦ୍ଧି

ହେଉଥିବା ଅର୍ଦ୍ଧଚନ୍ଦ୍ରକୁ ମୁଣ୍ଡରେ ଧାରଣ କରିଥିବା ଶଙ୍କର ମୋ ମୁଣ୍ଡରେ ଦୈବଜ୍ଞାନ ଅଭିବୃଦ୍ଧି ହେଉଛି ବୋଲି ଜଣାଇଥିବା ଜଣାଯାଏ । ଚନ୍ଦ୍ରର ବିବରଣ ଜାଣିଥିବାରୁ ଶଙ୍କରଙ୍କୁ ମଧ୍ୟ ଜଣେ ଇନ୍ଦୁ କହିପାରିବା । ଅର୍ଥ ଜାଣି ମୁଣ୍ଡରେ ଅର୍ଦ୍ଧଚନ୍ଦ୍ର ଧାରଣ କରିବା କାର୍ଯ୍ୟ କରିଥିବାରୁ ସେ ଇନ୍ଦୁରୀତି ଆଚରଣ କରି ଦେଖାଇଥିଲେ ବୋଲି କହିପାରିବା । ଅର୍ଦ୍ଧଚନ୍ଦ୍ରକୁ ପ୍ରତୀକ ଭାବରେ ଧାରଣ କରିଥିବା ଶଙ୍କରଙ୍କୁ ଆମେ ଇନ୍ଦୁ କହିବା ବେଳେ, ଅର୍ଦ୍ଧଚନ୍ଦ୍ର ଏବଂ ନକ୍ଷତ୍ରକୁ ପ୍ରତୀକ ଭାବରେ ସମ୍ମାନ ଦେଉଥିବା ଲୋକମାନଙ୍କୁ କଣ କହିବା ! ନିଶ୍ଚୟ ଇନ୍ଦୁ (ଜ୍ଞାନୀ) ହିଁ କହିବା । କାର୍ଯ୍ୟରେ ଥିବା ଅର୍ଥର ମୂଲ୍ୟ ଜାଣି ଆଚରଣ କରୁଥିବାରୁ ସେମାନଙ୍କ କାର୍ଯ୍ୟକୁ ମଧ୍ୟ ଇନ୍ଦୁରୀତି କହିବା ଉଚିତ୍ । ଜ୍ଞାନ ବିବରଣ ନଥିବା କାର୍ଯ୍ୟ ଇନ୍ଦୁରୀତି ନୁହେଁ । ଆଜି ଅନ୍ୟ ମତରେ (ଧର୍ମରେ) ମଧ୍ୟ ସ୍ତ୍ରୀ ଲୋକମାନେ ପାଦରେ ଝୁଣ୍ଟିଆ ଧାରଣ କରୁଛନ୍ତି, ଅନେକ ଲୋକ ଅର୍ଦ୍ଧଚନ୍ଦ୍ରକୁ ସମ୍ମାନ ଦେଉଛନ୍ତି, ନକ୍ଷତ୍ରକୁ ସମ୍ମାନ ଦେଉଛନ୍ତି, ଚନ୍ଦ୍ର, ନକ୍ଷତ୍ରକୁ ସେମାନଙ୍କ ପତାକାରେ ରଖିଛନ୍ତି ତେଣୁ ସେସବୁ ଆଚରଣକୁ ମଧ୍ୟ ଇନ୍ଦୁରୀତି କହିପାରିବା । ରବିବାର ବା ଆଦ୍ୟବାର ସତ୍ୟଯୁଗରୁ ଛୁଟିଦିନ ଭାବେ ରହିଆସି, ତୁମମାନଙ୍କ ବୁଦ୍ଧିରେ ମୋର ମୂଲ୍ୟ ବିଦ୍ରରିତ ହେଉନଥିଲେ ମଧ୍ୟ ମୁଁ ସଜୀବ ଅଛି ବୋଲି କହୁଛି । ଆମ ମତ (ଧର୍ମ) ଅଲଗା ବୋଲି କହୁଥିବା ଅନ୍ୟ ଦେଶର ଲୋକମାନଙ୍କୁ ଛାଡି କେବଳ ଇନ୍ଦୁ ଦେଶରେ ଦେଖିଲେ, ଏଇଠି ଜନ୍ମହୋଇ ଇନ୍ଦୁ ରୁ ହିନ୍ଦୁ ହୋଇଯାଇଥିଲେ ମଧ୍ୟ ଶେଷରେ ତୁମେମାନେ ଯଦି ମୋତେ ଚିହ୍ନି ନପାରୁଛ ! ତେବେ ତୁମମାନଙ୍କୁ ମୁଁ ଆଉ କଣ କହିବି ବୋଲି ରବିବାର ପ୍ରଶ୍ନ କରୁଛି ।

ଧର୍ମରେ ଗ୍ଲାନି ଆସିଥାଏ ସିନା ବିନାଶ ହୋଇନଥାଏ ବୋଲି ଗୀତାରେ ଭଗବାନ କହିଛନ୍ତି । ତେଣୁ ଆମେ ଜାଣି ନଥିଲେ ମଧ୍ୟ ଇନ୍ଦୁରୀତି (ହିନ୍ଦୁର ଜୀବନ ବଞ୍ଚିବା ପ୍ରଣାଳୀ ବା ହିନ୍ଦୁ ସମାଜର ପ୍ରଥା) ସମ୍ପୂର୍ଣ୍ଣ ନିଖୋଜ ହୋଇ ନଯାଇ ଆମରି ଭିତରେ ମିଶିରହିଛି । ଇନ୍ଦୁରୀତି ଆମ ଦେଶରେ

ଦେଖାଯାଉଛି, ବିଦେଶରେ ମଧ୍ୟ ଦେଖାଯାଉଛି, ସେହି ଅନୁସାରେ କହି ପାରିବା ଯେ ଇନ୍ଦୁରୀତି ଦିନେ ବିଶ୍ୱବ୍ୟାପ୍ତ ହୋଇ ରହିଥିଲା । ଏବେ ସେହି ବିବରଣ ଜାଣିପାରିଲେ ବିଦେଶୀମାନେ ମଧ୍ୟ ଇନ୍ଦୁ ହୋଇପାରିବେ, ସାରା ବିଶ୍ୱରେ ଦିନେ ଇନ୍ଦୁତ୍ୱ ଖେଳିଯିବ । ଇନ୍ଦୁରୀତିର ବିବରଣ ନ ଜାଣିଲେ ଆମରି ଦେଶରେ ମଧ୍ୟ ଇନ୍ଦୁତ୍ୱ ରହିବ ନାହିଁ । ତେଣୁ କିଛିଲୋକ ହୁଅନ୍ତୁ ପଛେ, ଆମ ଭିତରେ ଥିବା ଆମ ଇନ୍ଦୁ ରୀତିକୁ ଆମେ ଜାଣି, ପ୍ରଥମେ ଆମରି ଦେଶରେ ଇନ୍ଦୁତ୍ୱ ଆଣିପାରିଲେ ତାପରେ ତାହା ଆପଣାଛାଏଁ ବିଶ୍ୱବ୍ୟାପ୍ତ ହୋଇପାରିବ । ଏହା ନକରି ଆମେ ହିନ୍ଦୁ ବୋଲି କହିଲେ କି ବିଶ୍ୱହିନ୍ଦୁ କହିଲେ କିଛି ଲାଭ ନାହିଁ । ପ୍ରଥମେ ଆମେ ଇନ୍ଦୁ ଭାବରେ ବଦଳି ଅନ୍ୟମାନଙ୍କୁ ତୁ ମଧ୍ୟ ଇନ୍ଦୁ ବୋଲି ମନେ ପକାଇଦେବା ଭଲ । ପ୍ରଥମେ ଆମେ ଇନ୍ଦୁ ଭାବରେ ବଦଳିବାକୁ ଆମ ଭିତରେ ଅର୍ଥହୀନ ହୋଇ ପରମ୍ପରାଗତ ଭାବରେ ରହି ଆସିଥିବା କାର୍ଯ୍ୟଗୁଡିକର ବିବରଣୀ ଜାଣିବା ଉଚିତ୍ ତେଣୁ ସେହି ଆଚରଣ ଗୁଡିକରେ ଥିବା ଅର୍ଥକୁ ଆମେ ଏବେ ଜାଣିବା । **ପ୍ରତ୍ୟେକ ବ୍ୟକ୍ତି ଦେଖାଯାଉଥିବା ଆଦାୟ ଅପେକ୍ଷା, ଦେଖାଯାଉ ନଥିବା ଆଦାୟ ଇନ୍ଦୁରୀତିକୁ ପ୍ରାଧାନ୍ୟ ଦେବା** । ଇନ୍ଦୁ ଭାବରେ ବଦଳିବା ପାଇଁ ଇନ୍ଦୁରୀତିର ଆଚରଣ କରିବା ।

*****

# ଶିଶୁକୁ କୁଲାରେ ଶୁଆଇବା

ମଣିଷର ଜୀବନ ଜନ୍ମରୁ ହିଁ ଆରମ୍ଭ ହୋଇଥାଏ । ଜନ୍ମରୁ ଆରମ୍ଭ ହୋଇଥିବା ଜୀବନ ମରଣରେ ଅନ୍ତ ହୋଇଥାଏ । ଜନ୍ମରୁ ଆରମ୍ଭ ହୋଇଥିବା ପ୍ରାରବ୍ଧକର୍ମ ସେହି ଜନ୍ମରେ ସମାପ୍ତ ହୋଇଥାଏ । ଜନ୍ମ ଏବଂ ମରଣ ମଧ୍ୟରେ ଥିବା ଜୀବନରେ ଇନ୍ଦୁଧର୍ମ ମାନବ ସହିତ ମିଶି ରହିଥାଏ ।

ପ୍ରଥମେ ଆମେ ଜନ୍ମ ବିଷୟକୁ ଦେଖିବା । ଶିଶୁ ଜନ୍ମହେବା ପରେ ତାଠାରେ ପ୍ରାଣ ପ୍ରବେଶ କରିଥାଏ । ସେତିକିବେଳେ ତାର ନାଭି କାଟିବା ଆଗରୁ ଶିଶୁକୁ କୁଲାରେ ଶୁଆଇବା ରୀତି ପୂର୍ବରୁ ପରମ୍ପରାଗତ ଭାବେ ରହିଆସିଛି, ଏବେ ମଧ୍ୟ ଶହେରୁ ଗୋଟିଏ ପ୍ରତିଶତ ଲୋକମାନଙ୍କ ଭିତରେ ଶିଶୁକୁ କୁଲାରେ ଶୁଆଇବା ରୀତି ଥାଇପାରେ, କିନ୍ତୁ ଅନେଶତ ପ୍ରତିଶତ ଲୋକଙ୍କୁ ଏ ବାବଦରେ ଆଦୌ ଜଣା ନାହିଁ ବୋଲି କହିପାରିବା । ଏହି ରୀତି ଏବେ ଅଛି ବୋଲି କେଉଁଠି ଦେଖା ନଗଲେ ମଧ୍ୟ ପୂର୍ବେ ସମସ୍ତେ ଶିଶୁ ଜନ୍ମହେବା ପରେ ପ୍ରଥମେ ତାକୁ ନେଇ କୁଲାରେ ଶୁଆଉଥିଲେ । ଏହିଭଳି ଜନ୍ମହେବା ପରେ ଶିଶୁକୁ କୁଲାରେ ଶୁଆଇବା ଦ୍ୱାରା ଦେଖଣାହାରୀ ମାନଙ୍କୁ କିଛି ଜ୍ଞାନ ମିଳିବା ଭଳି ହେଉଥିଲା । ପୂର୍ବେ ସମସ୍ତେ ଏହି କାର୍ଯ୍ୟକୁ ଅର୍ଥ ଜାଣି ନିହାତି ଆଚରଣରେ ଆଣୁଥିଲେ । ଶିଶୁ କୁଲାରେ ଶୋଇଥିବା ବେଳେ ତା ସହିତ ଲାଗି ରହିଥିବା ନାଭିସୂତ୍ରକୁ (ନାଭି) କାଟୁଥିଲେ । ନାଭିସୂତ୍ରକୁ କାଟିବା ପରେ କୁଲାରୁ ବାହାରକୁ ଆଣୁଥିଲେ, ସେଦିନ ସେମାନଙ୍କର ଏହି ସାମ୍ପ୍ରଦାୟିକ ରୀତିର (ଦୈବିକରୀତିର) ଅର୍ଥ କଣ ଥିଲା ସେ କାଳକୁ ଯାଇ ଦେଖିଲେ ତାହା ନିମ୍ନମତେ ଅଛି ।

ପୂର୍ବେ ସମସ୍ତେ ସମସ୍ତଙ୍କ ଘରେ କୁଲା ବ୍ୟବହାର କରୁଥିଲେ । କୁଲା କହିଲେ କଅଣ ତାହା ଆଜି କେତେକଙ୍କୁ ଜଣା ନାହିଁ । ଆଜି ମଧ୍ୟ ଗ୍ରାମାଞ୍ଚଳରେ ଧାନ, ଚାଉଳ ପାଛୁଡିବା ପାଇଁ କୁଲା ବ୍ୟବହାର କରନ୍ତି । ଆମେ ଭାତ ରାନ୍ଧିବା ଆଗରୁ ପ୍ରଥମେ ଚାଉଳକୁ କୁଲାରେ ପାଛୁଡି ସେଥିରୁ ତସୁ ଇତ୍ୟାଦି ଅପଦାର୍ଥକୁ ବାହାରକରି ଶୁଦ୍ଧ ଚାଉଳକୁ ରାନ୍ଧୁଛେ । ଏହି ପଦ୍ଧତି ଆଜି ମଧ୍ୟ ଗାଆଁ ଗହଳିରେ ରହିଛି । ଆମେ ଖାଇ ଅନୁଭବ କରୁଥିବା ଚାଉଳ ଶେଷରେ କୁଲାରୁ ହିଁ ରୋଷେଇ ପାତ୍ରକୁ ଯାଉଛି । ଆମେ ବଞ୍ଚିବାପାଇଁ ଆହାର ଭାବରେ ବ୍ୟବହାର କରୁଥିବା ଚାଉଳ କୁଲାରୁ ଆସିବା ଭଳି ଭୂପୃଷ୍ଠରେ ଜୀବ ଜୀବନ ବଞ୍ଚିବା ପାଇଁ ଆବଶ୍ୟକୀୟ କର୍ମ କର୍ମନିଳୟରୁ

ଆସିଥାଏ । ଏକ ଜୀବନ ବିତାଇବା ପାଇଁ କର୍ମ ଦେଉଥିବା "ପ୍ରାରବ୍ଧ ନିଳୟ"କୁ ବଞ୍ଚିବା ପାଇଁ ଆହାର ଦେଉଥିବା "କୁଲା" ସହିତ ତୁଳନା କରି ତୁ ପ୍ରାରବ୍ଧ କର୍ମରେ ପ୍ରବେଶ କରିଛୁ ଅର୍ଥରେ ଶିଶୁକୁ କୁଲାରେ ଶୁଆଇ ଦେଉଥିଲେ । ପ୍ରାରବ୍ଧ କର୍ମରେ ଗୁଣରାଜି ନାମକ ଦଉଡିରେ ବାନ୍ଧିହେବା ଭଳି ନାଭିସୂତ୍ରକୁ ବେକରେ ଗୁଡାଇ କିମ୍ବା ଉପରେ ରଖି କୁଲାରେ ଶୁଆଉଥିଲେ । ଏହି ଦୃଶ୍ୟକୁ ସେଠାରେ ଥିବା ସମସ୍ତେ ଦେଖିବା ଭଳି କରି, ଦେଖି ନଥିବା ଲୋକମାନଙ୍କୁ ଆଚରଣର ଅର୍ଥ କହିବା ପରେ ଶିଶୁର ନାଭିସୂତ୍ରକୁ କାଟି, କୁଲାରୁ କାଢି ତାକୁ ବାହାରକୁ ଆଣୁଥିଲେ ।

ଗୁଣଦଉଡିକୁ ଜ୍ଞାନଖଡ୍ଗରେ କାଟିବା ବେଳେ କର୍ମରୁ ବାହାରକୁ ଆସି ମୁକ୍ତି ପାଇପାରିବୁ ବୋଲି ସମସ୍ତେ ଜାଣିପାରିବା ଭଳି ଶରୀରରେ ଗୁଡାଇହୋଇ ରହିଥିବା ନାଭିସୂତ୍ରକୁ ଶାମୁକାରେ କିମ୍ବା ଛୁରୀରେ କାଟି କୁଲାରୁ ଶିଶୁକୁ ବାହାରକୁ ଆଣୁଥିଲେ । ମଣିଷର ଜନ୍ମରେ ଏତେ ଜ୍ଞାନ ଥିବା ଆଚରଣକୁ ଯେଉଁମାନେ ଶିଖାଇଥିଲେ, ସେହି ବଡମାନଙ୍କୁ ନିଶ୍ଚୟ କୃତଜ୍ଞତା ଜ୍ଞାପନ କରିବା ଉଚିତ୍ । କୁଲାକୁ କର୍ମନିଳୟ ଭାବରେ, ନାଭିସୂତ୍ରକୁ ଗୁଣଫାଶ ଭାବରେ ତୁଳନା କରି ଜ୍ଞାନଖଡ୍ଗରେ ଗୁଣକୁ କାଟି କର୍ମରୁ ମୁକ୍ତ ହେବା ଭଳି ନାଭିସୂତ୍ରକୁ କାଟି ଶିଶୁକୁ କୁଲାରୁ ବାହାରକୁ ଆଣିବା କଣ ସାମ୍ପ୍ରଦାୟିକ ରୀତି ନୁହେଁ! ଏହି ଦୈବିକ ରୀତିରେ ମାନବର ଜନ୍ମରେ କୁଲାକୁ କର୍ମ, ନାଭିସୂତ୍ରକୁ ଗୁଣବନ୍ଧନ ବୋଲି ଜଣାଇ, ସେହି ବନ୍ଧନକୁ କାଟିବା ଉଚିତ୍, ତେଣୁ କୁଲା ନାମକ କର୍ମ ଭିତରୁ ମଣିଷ ବର୍ହିଗତ ହେବା ଉପାୟକୁ ଶିଶୁକୁ କୁଲାରେ ଶୁଆଇ ଦେଖାଉଥିଲେ ।

କୌଣସି କଷ୍ଟ ଅନୁଭବ କରିବା ବେଳେ "ଏସବୁ କୁଲାରେ ପଡିବା ବେଳେ ଲେଖାଯାଇଥିବା ଲେଖା" ବୋଲି କେହି କେହି ପୁରୁଣା ଲୋକମାନେ କେତେକାଞ୍ଚଳରେ ଆଜି ମଧ୍ୟ କହୁଥିବା ଜଣାଯାଏ । ବାଇବେଲରେ ମଧ୍ୟ ଯୀଶୁଙ୍କୁ ମହାନ କହିବାକୁ ଯାଇ, ତାଙ୍କ କର୍ମକୁ ସେ

ହିଁ ନିର୍ଣ୍ଣୟ କରିଛନ୍ତି ବୋଲି କହିବା ପାଇଁ ଏକ ବାକ୍ୟରେ ଏହି କୁଲା ଶବ୍ଦ ବ୍ୟବହାର କରାଯାଇଛି । ତାହା ହେଉଛି **"ତାଙ୍କ କୁଲା ତାଙ୍କରି ହାତରେ ଅଛି"** । ଇନ୍ଦୁରୀତି କହିଲେ କଣ ପୂର୍ବ ବିଷୟରୁ ଜାଣିଥିଲେ । ତାହାକୁ ଦୈବିକରୀତି କହନ୍ତି ବୋଲି ମଧ୍ୟ ଜାଣିଥିଲେ । ତେଣୁ ମଣିଷ ଦୈବ ବା ଈଶ୍ୱରଙ୍କ ଦିଗରେ ଯିବାପାଇଁ ଥିବା ମାର୍ଗକୁ ସୂଚିତ କରୁଥାଏ ଏହି ରୀତି । ମଣିଷ ଶିଶୁ ଭାବରେ ଜନ୍ମ ହେବାବେଳେ କର୍ମ ନିଳୟରୁ, ଗୁଣବନ୍ଧନରୁ ମୁକୁଳିବା ଜ୍ଞାନକୁ ଜଣାଇଦେଉଥିବା ଏହି **"ଶିଶୁକୁ କୁଲାରେ ଶୁଆଇବା ରୀତି"** ପ୍ରାୟ ଆଜି ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ । ଏତେ ମହାନ ଜ୍ଞାନ ଥିବା ରୀତିଗୁଡିକୁ ସବୁ ସମାଜର ଲୋକେ ଆଚରଣରେ ଆଣିବା ଉଚିତ୍, ଜାଣିନଥିବା ଲୋକମାନଙ୍କୁ ଜଣାଇବା ଉଚିତ୍ । ଆଜିର କାଳରେ ଏହା କିପରି ଆଚରଣ କରିବା ବୋଲି ପ୍ରଶ୍ନ ଆସିଲେ ମଧ୍ୟ ଆମ ରୀତିକୁ ବଞ୍ଚାଇ ରଖିବାପାଇଁ ହେଲେ ଏଭଳି କରିଦେଖାଇବା ଦ୍ୱାରା ଇନ୍ଦୁରୀତିର ରକ୍ଷକ ହୋଇପାରିବା । ଅତି କମରେ ଏହି ମହାନ ଜ୍ଞାନକୁ ଅନ୍ୟମାନଙ୍କୁ ଜଣାଇ ଦୈବସେବା କରିପାରିବା । ଅର୍ଥହୀନ ପୂଜା, ବ୍ୟର୍ଥ ଖର୍ଚ୍ଚ ଛାଡି ଇନ୍ଦୁରୀତି ଉପରେ ଦୃଷ୍ଟିନିକ୍ଷେପ କରନ୍ତୁ ।

*****

# ଶିଶୁକୁ ଦୋଳିରେ ଝୁଲାଇବା

ଶିଶୁ ଜନ୍ମହେବା ପରେ ପ୍ରଥମେ କୁଲାରେ ରଖି, ଶିଶୁର ଶ୍ୱାସ ଚାଲିବା ପରେ ନାଭିସୂତ୍ର କାଟି କୁଲାରୁ ବାହାରକୁ ଆଣିବା ଆମ ସମ୍ପ୍ରଦାୟର ରୀତି ବୋଲି ଜାଣିଲେ । ସେହିଭଳି ଏକ ଭଲଦିନ ଦେଖି ଶିଶୁକୁ ଦୋଳିରେ ଝୁଲାଇବା ମଧ୍ୟ ଆମ ରୀତିରେ ଥିଲା । ଶିଶୁକୁ ଦୋଳିରେ ଝୁଲାଇବା ମଧ୍ୟ ଏକ ରୀତି ! ବୋଲି ଆଶ୍ଚର୍ଯ୍ୟ ହୋଇ କେହି ପ୍ରଶ୍ନ ମଧ୍ୟ କରିପାରନ୍ତି ।

ଆଜିର କାଳରେ କାନ୍ଦୁଥିବା ଶିଶୁର କାନ୍ଦକୁ ବନ୍ଦ କରିବାପାଇଁ କିମ୍ବା ଶିଶୁର ସୁଖନିଦ୍ରା ପାଇଁ ଦୋଳିରେ ଶୁଆଇଥାନ୍ତି, କିନ୍ତୁ ପୂର୍ବେ ତାହା ଶୁଆଇବା ଅର୍ଥରେ ଥିଲା । ମାଆ କୋଳରେ ରହିଥିବା ଶିଶୁକୁ ସର୍ବପ୍ରଥମେ ଦୋଳିରେ ଶୁଆଇବା ପରେ ଅନ୍ୟ କୌଣସି ଜାଗାରେ ଶୁଆଉଥିଲେ । ଶିଶୁକୁ କୁଲାରେ ଶୁଆଇବା ମଣିଷ ଜୀବନର ପ୍ରଥମ ଇନ୍ଦୁରୀତି ହୋଇଥିବା ସ୍ଥଳେ, ପ୍ରଥମେ ଦୋଳିରେ ଶୁଆଇବା ରୀତିକୁ ଦ୍ୱିତୀୟ ଇନ୍ଦୁରୀତି ଭାବୁଥିଲେ ।

ମଣିଷ କର୍ମ ଆବରଣରେ ରହିବା ବିଷୟ କୁଲା ଜଣାଉଥିବା ସ୍ଥଳେ, ନାଭିସୂତ୍ର ଗୁଣରାଜି ଭଳି, ନାଭିସୂତ୍ରର ବନ୍ଧନକୁ ଛେଦନ କରିବା ଜ୍ଞାନଖଡ୍ଗରେ ଗୁଣଗୁଡିକୁ ଜୟ କରିବା ଭଳି ହୋଇଥାଏ ବୋଲି ବୁଝାଇ, କର୍ମରୁ ମୁକ୍ତହେବା ଉପାୟକୁ ସେଦିନ ଜଣାଇ, ଆମର ପ୍ରଥମ ରୀତିକୁ ରଖିଥିବା ବଡମାନେ, ଦ୍ୱିତୀୟ ରୀତି ହୋଇଥିବା ଦୋଳିରେ ଶୁଆଇବା ରୀତିରେ କେଉଁ ଜ୍ଞାନ ରଖିଥିଲେ ଏବେ ଜାଣିବା । ମାନବର ଜୀବନ ଜନ୍ମରୁ ଆରମ୍ଭ ହୋଇ ଅନ୍ତ ଜୀବନର ମୁକ୍ତିରେ ସମାପ୍ତ ହୋଇଥାଏ । ସେତେବେଳ ପର୍ଯ୍ୟନ୍ତ ମରଣରେ ନାନା ସ୍ଥଳ ବଦଳିଲେ ମଧ୍ୟ ଜନ୍ମ କ୍ରମାନ୍ୱୟରେ ହୋଇଥାଏ । ତେଣୁ ଗୋଟିଏ ଜନ୍ମରେ ଆରମ୍ଭ ହୋଇଥିବା ଜୀବନ ଅନେକ ଶରୀର ବଦଳାଉଥିଲେ ମଧ୍ୟ ନିରବଚ୍ଛିନ୍ନ ଭାବରେ ରହି ଶେଷରେ ମୁକ୍ତି ବା ମୋକ୍ଷରେ ଅନ୍ତ ହୋଇଥାଏ । ଜନ୍ମ ଏବଂ ମୁକ୍ତିର ମଧ୍ୟକାଳିନ ସମୟକୁ ଜୀବନ କହିପାରିବା । ଜୀବ ଜନ୍ମହେବା ଠାରୁ ଅନ୍ତ ହେବା ପର୍ଯ୍ୟନ୍ତ ଥିବା ଜୀବନରେ ଦୁଃଖ (କଷ୍ଟ) ସୁଖ ଦୁଇଟି ଥାଏ । ଦୁଃଖ ମଣିଷକୁ ଏକ ପ୍ରକାରର ଅନୁଭୂତି ଦେଉଥିବା ବେଳେ, ସୁଖ ତାର ବିପ-ରୀତ ଅନୁଭୂତି ଦେଇଥାଏ । ଦୁଃଖ ସୁଖ ପୂର୍ବ ପଶ୍ଚିମ ଦିଗ ଭଳି ଗୋଟିଏର ଗୋଟିଏ ବିପରୀତ ହୋଇ ରହିଥାଏ ବୋଲି ସମସ୍ତେ ଜାଣନ୍ତି । ଜୀବ ମୋକ୍ଷ ନ ପାଇବା ପର୍ଯ୍ୟନ୍ତ ଏହି କଷ୍ଟସୁଖ ଅନୁଭବ କରିଥାଏ, ଆଜିଠାରୁ ତୋ ଜୀବନ ଆରମ୍ଭ ହେଲା, ଏଇଠାରୁ ତୁ କଷ୍ଟସୁଖରେ ଝୁଲିବୁ ବୋଲି

ଦୁଃଖସୁଖର ଜୀବନ ବଞ୍ଚିବାକୁ ଦୋଳି ସହିତ ତୁଳନା କରି ଦେଖାଇଥିଲେ । **ସୁଖ-ଦୁଃଖରେ, ଭଲ-ମନ୍ଦରେ, ପାପ-ପୁଣ୍ୟରେ ସବୁବେଳେ ଝୁଲୁଥିବା ଜୀବନ ହେଉଛି ମଣିଷର,** ତେଣୁ ଦେଖୁଥିବା ଲୋକମାନେ ବୁଝି ପାରିବା ଭଳି ଏହି ଉତ୍ସବରେ ଶିଶୁକୁ ଦୋଳିରେ ଝୁଲାଇଦେବା କାର୍ଯ୍ୟ କରି ଦେଖାଇଥିଲେ । ଦୋଳି ଗୋଟିଏ ଦିଗକୁ ଯାଇ ସେଠାରେ ଲକ୍ଷ୍ୟକୁ ନ ପାଇବା ଭଳି ପୁଣି ଆଉ ଗୋଟିଏ ଦିଗକୁ ଫେରି ଆସିଥାଏ, ଏହାକୁ ହିଁ ଝୁଲିବା କୁହାଯାଏ । ଦିଗ ଏବଂ ବ୍ୟତିରେକ ଦିଗରେ ଝୁଲିଥାଏ ଦୋଳି । ସେହିଭଳି ଦଶା ଏବଂ ବ୍ୟତିରେକ ଦଶାରେ ଝୁଲିଥାଏ ଆମ ଜୀବନ । ଆମେ ବଞ୍ଚୁଥିବା ସାରାଜୀବନ ଏହିଭଳି ଥାଏ ବୋଲି ଜଣାଇବା ନିମନ୍ତେ ଶିଶୁକୁ ଦୋଳିରେ ଝୁଲାଇ ଦେଖାଇବା କାର୍ଯ୍ୟକ୍ରମକୁ ଇନ୍ଦୁରୀତି ଭାବରେ ସେଦିନର ବଡମାନେ (ଜ୍ଞାନୀମାନେ) ସମାଜରେ ରଖାଇଥିଲେ । ଜ୍ଞାନକୁ ଜଣାଇଥାଏ ଇନ୍ଦୁରୀତି । ତେଣୁ ଦ୍ୱିତୀୟ ରୀତି ହୋଇଥିବା ଏହି ଉତ୍ସବର ଅର୍ଥକୁ ଜାଣିପାରିଲେ ଆମ ଜୀବନରେ ଥିବା କର୍ମକୁ ଜାଣିହୁଏ ।

ମାନବ ଜୀବନରେ ଦୁଃଖସୁଖ ଭିତରେ ଏପଟ ସେପଟ ହେବା (ଝୁଲିବା) ଛଡା ଆଉ କିଛି ନଥାଏ ବୋଲି ଜଣାଇବା ପାଇଁ ଘରକୁ ସମସ୍ତ ପରିଚିତ ମାନଙ୍କୁ ଡାକି, ସମସ୍ତଙ୍କ ଆଗରେ ଶିଶୁକୁ ଦୋଳିରେ ଶୁଆଇ ଝୁଲାଉଥିଲେ । ଆଜି ଏହି ଉତ୍ସବଟି ଗାଆଁ ଗହଳିରେ ପାଳନ କରୁଥିଲେ ମଧ୍ୟ ସେଥିରେ ଇନ୍ଦୁରୀତି ନାହିଁ ବୋଲି କହିପାରିବା । ଧନଥିବା ଲୋକେ ସେମାନଙ୍କ ନାମଖ୍ୟାତି ନିମିତ୍ତ ଶିଶୁପାଇଁ ଭଲ ଦୋଳି କିଣି ସେଥିରେ ଶୁଆଇବା କାର୍ଯ୍ୟ କରୁଥିଲେ ମଧ୍ୟ, ତାହା ଇନ୍ଦୁରୀତିରେ କରୁଛନ୍ତି ବୋଲି କହିପାରିବା ନାହିଁ । ପୂର୍ବେ ରାଜାଠାରୁ ଆରମ୍ଭକରି ଗରିବ ଘରର ଲୋକେ ମଧ୍ୟ ଏହି କାର୍ଯ୍ୟକୁ କରିବା ଉଚିତ୍ ଭାବି କରୁଥିଲେ । ସେଥିଲାଗି ପୂର୍ବେ ସମସ୍ତେ ଆଧ୍ୟାତ୍ମିକ ଚିନ୍ତାରେ ରହିଥିଲେ ବୋଲି କହିପାରିବା । ଆଜି ମଣିଷକୁ ଇନ୍ଦୁରୀତି କଣ ଜଣା ନଥିବାରୁ ତାଠାରେ ଆଧ୍ୟାତ୍ମିକ ଚିନ୍ତା ନାହିଁ

କି ପାପପୁଣ୍ୟର ଭୟ ନାହିଁ । ନୂଆ ନୂଆ ମନ୍ଦିର ତିଆରି ହୋଇଯାଉଥିଲେ ମଧ୍ୟ, ନୂଆ ନୂଆ ସ୍ୱାମୀଜୀମାନେ, ବାବାମାନେ ଜନ୍ମହୋଇ ଆସୁଥିଲେ ମଧ୍ୟ, ମଣିଷକୁ ବାସ୍ତବରେ ମିଳିବାକୁ ଥିବା ଜ୍ଞାନ ମିଳୁନାହିଁ । ଏହିଭଳି ଅନେକ ଜ୍ଞାନଯୁକ୍ତ ଆଚରଣ ଆଉ ଦେଖିବାକୁ ମିଳୁନାହିଁ । ଅନେକ ପ୍ରକାରର ସ୍ୱାମୀଜୀମାନେ ମଣିଷକୁ ଅନେକ ପ୍ରକାରର ପ୍ରବଚନ ଶୁଣାଉଥିଲେ ମଧ୍ୟ ପୂର୍ବର ଜ୍ଞାନକୁ ଟିକିଏ ମଧ୍ୟ କହିପାରୁ ନାହାନ୍ତି । ଶହେ ଦୁଇଶହ ବର୍ଷ ପୂର୍ବେ ଜନ୍ମ ହୋଇଥିବା ଲୋକମାନେ ଦେବତା ଭାବରେ ପୂଜା ପାଉଛନ୍ତି, ନାନା ମନ୍ଦିର, ନାନା ଦେବତା ଆସିଛନ୍ତି, ଯୋଗରେ ନାନା ପ୍ରକାରର ନୂଆ ବିଧି ଦେଖାଦେଇଛି, ଅନେକ ପ୍ରବଚନ ଶୁଣାଯାଉଛି; ତଥାପି ମଣିଷ କେଉଁ ଦିଗର ହେବ ଜାଣିପାରୁ ନାହିଁ । ଏହି ନେପଥ୍ୟରେ ପୂର୍ବର ଜ୍ଞାନ, ପୂର୍ବେ ଜ୍ଞାନୀମାନେ ଦେଖାଇଥିବା ଇନ୍ଦୁ ଆଚରଣକୁ ମଣିଷ ଭୁଲିଯାଇଛି । ଏବେ ବି ଆମ ପାଖରେ ସମୟ ଅଛି । ନୂଆ ନୂଆ ଦେବତାମାନଙ୍କ ପୂଜା ଛାଡି, ନୂଆ ନୂଆ ଯୋଗ ଅଭ୍ୟାସ ଛାଡି ପ୍ରକୃତ ଦୈବଜ୍ଞାନକୁ ବା ଐଶ୍ୱରୀୟ ଜ୍ଞାନକୁ ଜାଣିବା ଉଚିତ୍ ।

*****

# ଉପନୟନ

ନୟନ କହିଲେ ନେତ୍ର ବା ଆଖି । ମଣିଷର ଦୁଇଟି ଆଖି ଥାଏ, ସେ ଦୁଇଟିକୁ ନୟନ ମଧ୍ୟ କହୁଛେ । ଦୁଇ ନୟନକୁ ବେନି ନୟନ କହୁଛେ ସିନା ଦୁଇଟିରୁ କୌଣସି ଗୋଟିଏକୁ ମଧ୍ୟ ଉପନୟନ କହୁନାହେଁ । ଉପନୟନ କହିଲେ ଏକ ଦୃଷ୍ଟିଯୁକ୍ତ ନୟନ । ଆମକୁ ଦେଖାଯାଉଥିବା ଦୁଇ ଆଖି ବା ନୟନ ବୋଲି ବୁଝନ୍ତୁ ନାହିଁ, ଉପ କହିଲେ ଆଉ ଗୋଟିଏ ବୋଲି ବୁଝନ୍ତୁ । ଆମର ଥିବା ଦୁଇ ନୟନରେ ଯେଉଁସବୁ

ଦୃଶ୍ୟ ବିଷୟକୁ ଦେଖୁଛେ ତାହାସବୁ ଭୌତିକ ବିଷୟ । ଦୁଇ ନୟନରେ ଦେଖିଥିବା ବିଷୟ ଗୁଡିକୁ ମନ ନିଜଠାରେ ରଖି ପୁଣି ତାହାକୁ ଦେଖାଇଥାଏ । ଗତକାଲି ଗୋଟିଏ ସିନେମା ଦେଖିଥିଲେ ବୋଲି ଭାବନ୍ତୁ, ସେହି ସିନେମାରେ ଆମେ ଦେଖିଥିବା ଦୃଶ୍ୟଗୁଡିକ ମନର ସ୍ମୃତିରେ ରହିଯାଇଥାଏ । ଦ୍ୱିତୀୟ ଦିନ ଘରେ ବସିଥିବା ବେଳେ ସେହି ସିନେମାକୁ ଯଦି ମନ ମନେ ପକାଇଦିଏ ତେବେ ଗତକାଲି ଦେଖିଥିବା ଦୃଶ୍ୟଗୁଡିକୁ ପୁଣି ଦେଖିବା ଭଳି ଲାଗିଥାଏ । ଏହି ଭଳି ଦୁଇ ନୟନରେ ଦେଖିଥିବା ବିଷୟଗୁଡିକୁ ମନୋସ୍ମୃତି ଦ୍ୱାରା ପୁଣି ଥରେ ଦେଖିହୁଏ । ଦେଖିଥିବା ବିଷୟ ହେଉ, ଶୁଣିଥିବା ବିଷୟ ହେଉ, ଖାଇଥିବା ଖାଦ୍ୟ ହେଉ ପୁନର୍ବାର ମନୋନେତ୍ର ଦ୍ୱାରା ଦର୍ଶନ କରିହୁଏ । ଏହିଭଳି ମନୋନେତ୍ର ଦ୍ୱାରା ଦେଖିବା ବିଷୟକୁ ତୃତୀୟ ନେତ୍ରରେ ଦେଖିବା କୁହାଯାଏ । ଏକ ବିଷୟ ଦେଖିବା ଭଳି ସ୍ମୃତିରେ ଆସିବାକୁ ମନୋଦୃଷ୍ଟିରେ ଦେଖିବା ବୋଲି କହିଥାନ୍ତି । ଏହିଭଳି ଦେଖାଯାଉଥିବା ନୟନ ଦୁଇଟିରେ ନଦେଖିଲେ ମଧ୍ୟ ଅତୀତରେ ଦେଖିଥିବା ଦୃଶ୍ୟାବଳୀକୁ ଦେଖିବା ତୃତୀୟ ନେତ୍ରରେ ଦେଖିବା ଭଳି ହୋଇଥାଏ । ଏହାକୁ ମନୋନେତ୍ରରେ ଦେଖିବା, ସୂକ୍ଷ୍ମଦୃଷ୍ଟିରେ ଦେଖିବା ବୋଲି କେତେକ କହିଥାନ୍ତି ।

କିଛିଲୋକ କହୁଥିବା ଭଳି ଦେଖିଥିବା ଦୃଶ୍ୟଗୁଡିକ ହେଉ, ମନୋନେତ୍ରରେ ଦେଖୁଥିବା ବିଷୟ ହେଉ, ତାହାସବୁ ଉପନୟନରେ ଦେଖିବା ଭଳି ନୁହେଁ । ସ୍ଥୁଳ ନୟନରେ ଦେଖିଥିବା ବିଷୟଗୁଡିକୁ ପୁଣି ମନୋନେତ୍ର ବା ମନୋନୟନରେ ଦେଖିଲେ ମଧ୍ୟ ତାହା ଆମ ଉପନୟନ ନୁହେଁ । ମନ ଉପନୟନ ନୁହେଁ । ମନ ଦ୍ୱାରା ଦେଖାଯାଉଥିବା ବିଷୟଗୁଡିକ ଆମକୁ ଦେଖାଗଲେ ମଧ୍ୟ ତାହା ପୂର୍ବରୁ ସ୍ଥୁଳ ନେତ୍ରରେ ଦେଖାଯାଇଥିବା ବିଷୟ ହୋଇଥିବାରୁ ତାହା ସ୍ଥୁଳ ନେତ୍ରର ଦୃଷ୍ଟି ସମ୍ବନ୍ଧୀୟ ବିଷୟ ହୋଇଥାଏ, ମନୋନେତ୍ର ଦ୍ୱାରା ଦେଖି ଆଖିରେ ଦେଖିବା ଭଳି ବୋଧ ହେଉଥିବାରୁ ତାହା ସ୍ଥୁଳନେତ୍ରର ବିଷୟ ଭାବରେ ହିସାବ ହୋଇଥାଏ । ମନୋନେତ୍ରର

ସ୍ୱୟଂ ଦୃଷ୍ଟି ନଥାଏ । ଆଖି, କାନ, ନାକ, ଜିଭ, ଚର୍ମର ଥିବା ଇନ୍ଦ୍ରିୟଶକ୍ତି ଦ୍ୱାରା ପୁନର୍ବାର ମନ ଦୃଷ୍ଟିଯୁକ୍ତ ହୋଇଥାଏ ସିନା ବାସ୍ତବରେ ମନର ଦେଖାଇବା ଶକ୍ତି ନଥାଏ । ଯଦି ସ୍ଥୁଳନେତ୍ରର ଦୃଷ୍ଟି ନଥାନ୍ତା, ତେବେ ତାହା କିଛି ଦେଖିନପାରି, ମନ ମଧ୍ୟ କିଛି ଦେଖାଇ ପାରନ୍ତା ନାହିଁ । ଏହିଭଳି ମନ ଅନ୍ୟ ଅବୟବ ଗୁଡିକରେ ମଧ୍ୟ ରହିଥାଏ । ଏହା ଦ୍ୱାରା ମନ କେବଳ ଇନ୍ଦ୍ରିୟ ବିଷୟଗୁଡିକ ଛଡା ଅନ୍ୟ କିଛି ଦେଖାଇପାରେ ନାହିଁ, ଏଭଳି ଦେଖାଇବା ପାଇଁ ମନର ସ୍ୱୟଂଶକ୍ତି ନଥାଏ ବୋଲି ଜାଣିବା ଉଚିତ୍ ।

ମନୋଦୃଷ୍ଟି ଇନ୍ଦ୍ରିୟଦୃଷ୍ଟି ଭଳି ହୋଇଥିଲେ ମଧ୍ୟ, ମନର ସ୍ୱୟଂ ଚକ୍ଷୁ ନଥିବାରୁ ମନୋଦୃଷ୍ଟିକୁ ତୃତୀୟ ଦୃଷ୍ଟି କହିପାରିବା ସିନା, ମନୋନେତ୍ରକୁ ଉପନୟନ କହିପାରିବା ନାହିଁ । ମନୋଦୃଷ୍ଟି ବଡମାନଙ୍କ ଅପେକ୍ଷା ଛୋଟ ପିଲା ମାନଙ୍କର ଅଧିକ ରହିଥାଏ । ଉଦାହରଣ ସ୍ୱରୂପ ଗୋଟିଏ ପରିବାରର ସମସ୍ତେ ମିଶି ଗୋଟିଏ ସିନେମା ଦେଖିଲେ ବୋଲି ଭାବିବା, ସେହି ସିନେମାରେ ଦେଖିଥିବା ଛୋଟ ଦୃଶ୍ୟଠାରୁ ଆରମ୍ଭକରି ଅନେକ ଦୃଶ୍ୟ ଛୋଟପିଲା ମାନଙ୍କର ମନେଥାଏ, ସେମାନେ ମନେରଖି ପାରୁଥିବା ଭଳି ବଡମାନେ ମନେରଖି ପାରନ୍ତି ନାହିଁ, ତାହାହିଁ ଛୋଟପିଲାଙ୍କ ମନ ଆଉ ବଡମାନଙ୍କ ମନର ଭିନ୍ନତା ବୋଲି କହିପାରିବା । ପିଲାମାନଙ୍କର ମନୋଦୃଷ୍ଟି ଛୋଟ ବୟସରୁ ରହିଥାଏ, ତେଣୁ ସେମାନଙ୍କ ପାଇଁ ମନୋଦୃଷ୍ଟି କେହି ଅନ୍ୟ ଲୋକ ଦେବା ଆବଶ୍ୟକ ନାହିଁ । ଉପନୟନ ଅଲଗା, ମନୋନୟନ ଅଲଗା । ତେଣୁ ଉପନୟନକୁ ସମସ୍ତେ ଚିହ୍ନିବା ଆବଶ୍ୟକ । ମନୋନେତ୍ର ସମସ୍ତଙ୍କର ରହିଥାଏ, ତେଣୁ ତାହା କେହି କାହାକୁ ଚିହ୍ନାଇବା ଆବଶ୍ୟକ ନାହିଁ ।

ମନୋନେତ୍ର ସମସ୍ତଙ୍କର ଥିବାରୁ ତା ବାବଦରେ ଆଉ ଅଧିକ କହିବା ଦରକାର ନାହିଁ । ତେବେ ଉପନୟନ କଣ ? ତାର ସାମର୍ଥ୍ୟ କଣ ବୋଲି ସମସ୍ତଙ୍କଠାରେ ଏକ ପ୍ରଶ୍ନ ଥାଏ, ତେଣୁ ଉପନୟନ କଣ ଜାଣିବା ।

ଉପନୟନ ସହିତ ସ୍ଥୁଳ ଭାବରେ ଥିବା ଦୁଇନୟନ କିମ୍ବା ମନୋନୟନର ସମ୍ପର୍କ ନଥାଏ । ସ୍ଥୁଳ ନୟନ ଦ୍ୱାରା ସ୍ଥୁଳ ଦୃଶ୍ୟକୁ, ମନୋନୟନ ଦ୍ୱାରା ସୂକ୍ଷ୍ମ ଦୃଶ୍ୟକୁ ଦେଖିପାରିବା, କିନ୍ତୁ ଉପନୟନ ଇନ୍ଦ୍ରିୟ ଗୁଡିକର ସମ୍ପର୍କ ନଥିବା ଦୃଶ୍ୟଗୁଡିକୁ ଦେଖାଇଥାଏ । ପାଞ୍ଚ ଜ୍ଞାନେନ୍ଦ୍ରିୟ ସମ୍ପର୍କୀୟ ଶବ୍ଦ, ରୂପ, ରସ, ଗନ୍ଧ, ସ୍ପର୍ଶାଦିର ବିଷୟକୁ ଉପନୟନ ଦେଖାଇ ନଥାଏ । ଉପନୟନ ଆମେ ବାସ କରୁଥିବା ଦେଶ ବିଦେଶକୁ ଦେଖାଇ ନଥାଏ, ଦେଶ ହୋଇନଥିବା ଦେଶ (ଉପଦେଶ) କୁ ଉପନୟନ ଦେଖାଇଥାଏ । ଉପନୟନ ଦ୍ୱାରା ଉପଦେଶ ହୋଇଥିବା ଆତ୍ମାସ୍ଥଳ ଜଣାପଡିଥାଏ । ଉପନୟନ ଦ୍ୱାରା ଆତ୍ମାକୁ ଅଧ୍ୟୟନ କରିବା ପାଇଁ ଦୃଷ୍ଟି ସୃଷ୍ଟି ହୁଏ । ଉପନୟନର ଦୃଷ୍ଟି ଆତ୍ମାକୁ ଦେଖାଇଥାଏ, ତାହାକୁ ଆତ୍ମଜ୍ଞାନ ଦୃଷ୍ଟି କୁହାଯାଏ । ଆତ୍ମାଦୃଷ୍ଟି ହୋଇଥିବା ଏହି ଉପନୟନକୁ ଗୁରୁଙ୍କ ଦ୍ୱାରା ପାଇବାକୁ ହୋଇଥାଏ । ସମ୍ପୂର୍ଣ୍ଣ ଜ୍ଞାନ ଜଣାଥିବା ଜଣେ ଜ୍ଞାନୀଙ୍କ ଦ୍ୱାରା ଏକ ଶୁଭ ଦିନରେ ଏହି ଉପନୟନ ପ୍ରାପ୍ତ ହେବାକୁ ଉପନୟନ ଉତ୍ସବ କୁହାଯାଏ । ମଣିଷ ଛୁଆ ଟିକିଏ ବଡ ହେବା ପରେ ଉପନୟନ କାର୍ଯ୍ୟକ୍ରମ କରିବା ଇନ୍ଦୁରୀତିର ତୃତୀୟ ରୀତି ହୋଇ ରହିଛି । ବାଳକକୁ ୧୨ ବର୍ଷ ହେଲେ ତା ବୁଦ୍ଧିରେ ଟିକିଏ ବଳ ଆସିଥାଏ । ତେଣୁ ୧୨ ବର୍ଷ ପରେ କୌଣସି ଏକ ଶୁଭ ଦିନରେ ବାଳକର ଉପନୟନ ଉତ୍ସବ କରିପାରିବା । ପ୍ରଥମେ ଗୁରୁମୁଖର ଆତ୍ମଜ୍ଞାନକୁ ବୋଧକରିବା ଦ୍ୱାରା ସେହି ସମୟଠାରୁ ବାଳକର ଉପନୟନ ହୋଇଯାଇଛି ବୋଲି ବଡମାନେ କହୁଥିଲେ । ତାପରେ ସମୟ ସୁଯୋଗ ନେଇ ଆତ୍ମଜ୍ଞାନ ଜାଣିବା ଦ୍ୱାରା ଉପନୟନରେ କିଛି ଦୃଷ୍ଟିଶକ୍ତି ଆସିବା ଭଳି ହୋଇଥାଏ । ଉପନୟନରେ ଦୃଷ୍ଟିଶକ୍ତି ଆସିବା ପରେ ଉପଦେଶକୁ ଦେଖିହୁଏ । ତେଣୁ କିଛି ଜ୍ଞାନ ଜାଣିଥିବା ବ୍ୟକ୍ତିର ଉପଦେଶ ଆବଶ୍ୟକ ହୋଇଥାଏ । ଦୃଶ୍ୟ ଆଗରୁ ନୟନ ଆବଶ୍ୟକ । ତେଣୁ ଉପଦେଶ ଦେଖିବା ଆଗରୁ ଉପନୟନ ଦରକାର । ଜ୍ଞାନବାଣୀ ଦ୍ୱାରା ପ୍ରଥମେ ଉପନୟନ ହାସଲ କରିବା ଉଚିତ୍ ।

ମଣିଷକୁ ୧୨ବର୍ଷ ହେବା ପରେ ଇନ୍ଦୁରୀତି ଅନୁସାରେ ସମ୍ପୂର୍ଣ୍ଣ ଶୁଭ ମୁହୂର୍ତ୍ତରେ ଭରା ସୋମବାର ଦିନ ଉପନୟନ ହାସଲ କରିବା ପାଇଁ ଅନୁକୂଳ ହୋଇଥାଏ । ନିର୍ଣ୍ଣୟ ନେଇଥିବା ଦିନରେ ବନ୍ଧୁମିତ୍ର ମାନଙ୍କୁ ଆହ୍ୱାନପତ୍ର ପଠାଇ, ଡକାଇ, ସେଦିନ ଜଣେ ଗୁରୁଙ୍କ (ଜ୍ଞାନୀଙ୍କ) ଦ୍ୱାରା ଆତ୍ମଜ୍ଞାନ ବୋଧ କରାଇଥାନ୍ତି । ଏହିଭଳି ପ୍ରଥମେ ଆତ୍ମଜ୍ଞାନ ବୋଧରୁ ସେହି ବାଳକକୁ ଉପନୟନ ମିଳିଥାଏ ବୋଲି ସେତେବେଳେ ବଡମାନେ ଜାଣିଥିଲେ । ଏହା ସେଦିନର ଇନ୍ଦୁରୀତି ହୋଇଥିବା ବେଳେ, ଆଜି ତାର ରୂପରେଖ ବଦଳିଯାଇଛି । କିଛିଲୋକ କଣ ଏତେ ଛୋଟ ବୟସରେ ଜ୍ଞାନ ଜାଣିବା ଉଚିତ୍ ? ବୋଲି ଅଯଥା ପ୍ରଶ୍ନକରି ଏହି ରୀତିକୁ ଭୁଲିଗଲେଣି । ଭୌତିକ ପାଠପଢା ଛଡା କିଛି ଆତ୍ମଜ୍ଞାନ ବା ପରମାତ୍ମା ଜ୍ଞାନ ପିଲାଙ୍କୁ ନିହାତି ଜଣାଇବା ଉଚିତ୍ ବୋଲି ଜାଣି ନଥିବା ଅଭିଭାବକମାନେ ପିଲାମାନଙ୍କୁ ପାଠପଢାରେ ବ୍ୟସ୍ତ କରିଦେଉଛନ୍ତି । ୫୦ବର୍ଷର ଗୋଟିଏ ଲୋକକୁ ଆତ୍ମଜ୍ଞାନ ଜାଣନ୍ତୁ ବୋଲି କହିଲେ, ଏବେଠାରୁ କାହିଁକି ବୃଦ୍ଧ ବୟସ ହେଲେ ନିଶ୍ଚୟ ଜାଣିବା ବୋଲି କହୁଛି । ବୟସ ଯେତେ ବଢିଥିଲେ ମଧ୍ୟ ଭୌତିକତାର ସମ୍ପର୍କ ନଥିବା ଉପନୟନ ବାବଦରେ ନଜାଣି ଅଜ୍ଞାନ ଅନ୍ଧତ୍ୱରେ ବୁଡିଯାଉଛନ୍ତି । ଏହି ଅଜ୍ଞାନ ଅନ୍ଧତ୍ୱ ଯିବାକୁ ହେଲେ, ଜ୍ଞାନଦୃଷ୍ଟି ପାଇବାକୁ ହେଲେ ଉପନୟନ କୁହାଯାଉଥିବା ନୟନ ଆବଶ୍ୟକ । ତାପରେ ଶ୍ରଦ୍ଧା ଅନୁସାରେ ସେହି ନୟନର ଶକ୍ତିକୁ ବଢାଇ ପାରିବା ।

ଇନ୍ଦୁରୀତିରେ ଥିବା କାର୍ଯ୍ୟଗୁଡିକ ଭିତରୁ ଏହି ଉପନୟନ କାର୍ଯ୍ୟକ୍ରମ ଏକ ମହାନ କାର୍ଯ୍ୟକ୍ରମ । ପୂର୍ବେ ଉପନୟନ ହୋଇନଥିବା ପିଲାମାନଙ୍କୁ ବିବାହ ନିମନ୍ତେ ଝିଅ ଦେଉନଥିଲେ । ଏହି ପଦ୍ଧତି ପୂର୍ବେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ସମସ୍ତେ ଆଚରଣରେ ଆଣୁଥିଲେ । ଗତ କାଳରେ ଏହି ପଦ୍ଧତି ଏଭଳି ଥିବାବେଳେ ଆଜି ହଜିଯାଇଛି କହିଲେ ଭୁଲ୍ ହେବନାହିଁ । ଉପନୟନର ମୂଳ ଆତ୍ମଜ୍ଞାନ ହୋଇଥିବାରୁ ଆତ୍ମଜ୍ଞାନ ନଜଣାଇ କାନ୍ଧରେ

ପଇତା ପକାଇଦେଲେ ତାହା ଉପନୟନ ହେବ ନାହିଁ । ଉପନୟନ କରିବା ଇନ୍ଦୁର ଏକ ମୁଖ୍ୟ ରୀତି । ଯେଉଁମାନେ ଇନ୍ଦୁ ସେମାନେ ସେମାନଙ୍କ ପୁତ୍ରକୁ ୧ ୨ ବର୍ଷ ବୟସରେ ଅର୍ଥାତ୍ ତାର କିଛି ବୁଦ୍ଧିବିକାଶ ହୋଇଥିବା ବେଳେ ଏହି ଉପନୟନ କାର୍ଯ୍ୟ ନିହାତି କରିବା ଆବଶ୍ୟକ । ପିଲାମାନଙ୍କୁ ଦୈବଜ୍ଞାନ ଜଣାଇବାରେ ଆଜିର ହିନ୍ଦୁମାନଙ୍କ ଅପେକ୍ଷା ମୁସ୍ଲିମ୍, ଏବଂ ଖ୍ରୀଷ୍ଟ ସମାଜର ଲୋକମାନେ ବହୁତ ଆଗରେ ଅଛନ୍ତି ବୋଲି କହିପାରିବା । ହିନ୍ଦୁମାନଙ୍କ ବୟୋବୃଦ୍ଧମାନେ ମଧ୍ୟ ଜ୍ଞାନଠାରୁ ଦୂରରେ ରହି, ସେମାନଙ୍କ ପିଲାମାନଙ୍କୁ ଜ୍ଞାନଠାରୁ ଦୂରରେ ରଖୁଛନ୍ତି । ମନ୍ଦିରକୁ ଯାଇ ଦେବତା ଆଗରେ ନାନା କାମନା କରିବା ଭକ୍ତି ସେମାନଙ୍କଠାରେ ଅଛି ସିନା, ଜ୍ଞାନଜାତ ହେଉଥିବା ଆଚରଣଟିଏ ନାହିଁ । ସତକଥା କହୁଛୁ ବୋଲି ଦୁଃଖ ନକରି ଆଉ କିଛିକାଳ ବାକିଥିବା ଜୀବନ ଉପରେ ଦୃଷ୍ଟି ନଦେଇ କିଛି ଦୈବଜ୍ଞାନ ଉପରେ ଦୃଷ୍ଟି ଦିଅନ୍ତୁ ବୋଲି ଆଶା କରୁଛୁ । ଏହିଭଳି ଆମ ରୀତିଗୁଡିକ ଦୈବଜ୍ଞାନ ପୂର୍ଣ୍ଣ ହୋଇ ରହିଛି ବୋଲି ଜାଣି ଅନ୍ୟମାନଙ୍କୁ ମଧ୍ୟ ଜଣାନ୍ତୁ, ନିଜେ ଆଚରଣରେ ଆଣି ଅନ୍ୟମାନଙ୍କ ଦ୍ୱାରା ଆଚରଣରେ ଅଣାନ୍ତୁ । **ସାର ନଥିବା ଆହାର,ଦୈବଜ୍ଞାନ ନଥିବା ଜୀବନ ନିରର୍ଥକ** ବୋଲି ବଡମାନେ କହିଥିବା ବାକ୍ୟ ମନେପକାଇ ଜ୍ଞାନମୟ ସୁଖଜୀବନ ବଞ୍ଚନ୍ତୁ ।

*****

# ଉପଦେଶ

ମାନବ ଜୀବନରେ ଅତି ଶ୍ରେଷ୍ଠ ରୀତି ବା ପ୍ରଥା ହେଉଛି ଉପଦେଶ ପାଇବା । ଇନ୍ଦୁରୀତିର ଚତୁର୍ଥତମ ରୀତି ହୋଇଥିବା ଉପଦେଶକୁ ଉପନୟନ ପାଇଥିବା ଲୋକମାନେ ପାଇପାରନ୍ତି । ନୟନ ନଥିଲେ ଦୃଶ୍ୟ ନଥିବା ଭଳି, ଉପନୟନ ନଥିଲେ ଉପଦେଶ ନଥାଏ । ଉପଦେଶ କହିଲେ

ଆମ ଦେଶ ପାଖରେ ଥିବା ଦେଶ ବା ଏଯାଏଁ ଆମେ ଦେଖିନଥିବା ପ୍ରଦେଶ । କିଛି ବୟସ ବଢିବା ପରେ ଉପନୟନ ପାଇ, କ୍ରମେ କ୍ରମେ ସେହି ନୟନର ଦୃଷ୍ଟିକୁ ବଳଶାଳୀ କରି ଦିନେ ଗୁରୁବାଣୀ ଦ୍ୱାରା ଉପଦେଶ ଦେଖିବାକୁ ହୋଇଥାଏ । ଆଜି ଉପନୟନ କହିଲେ କଣ କାହାକୁ ଜଣା ନାହିଁ, ତେଣୁ ଉପଦେଶକୁ କେହି ଦେଖିପାରୁ ନାହାନ୍ତି । କିଛିଲୋକ ଆମେ ଆମ ଗୁରୁଙ୍କ ପାଖରୁ ଉପଦେଶ ପାଇଛୁ ବୋଲି କହିପାରନ୍ତି । କେତେକ ଶିଷ୍ୟମାନେ ଆମେ ଗୁରୁଙ୍କଠାରୁ ଉପଦେଶ ପାଇ ଆସିଛୁ ବୋଲି କହିପାରନ୍ତି । ଶିଷ୍ୟମାନେ ଏଭଳି କହୁଥିବା ବେଳେ, ଯିଏ ଯେତେବେଳେ ଆସିଲେ ମଧ ଉପଦେଶ ଦେବାକୁ ଗୁରୁମାନେ ସର୍ବଦା ପ୍ରସ୍ତୁତ ହୋଇ ରହିଥାନ୍ତି । ଏହି ପଦ୍ଧତିଗୁଡିକୁ ଦେଖିଲେ ଇନ୍ଦୁରୀତି ଆଜି କିପରି ସ୍ଥିତିରେ ରହିଛି ତାହା ବୁଝିହେଉଛି ।

ପୂର୍ବର ଆଚର ଅନୁସାରେ ଦେଖିଲେ ମଣିଷ ଉପନୟନ ପାଇବା ପରେ ବିବାହ ପୂର୍ବରୁ ଉପଦେଶ ପାଇବା ଉଚିତ୍ । ଗତ କାଳରେ ଉପନୟନ ହୋଇନଥିବା ପୁଅକୁ କେହି ଜୀବନସାଥି କରିବା ପାଇଁ ଝିଅ ଦେଉନଥିଲେ । ଆଜିର କାଳରେ ମହମ୍ମଦୀୟ ଧର୍ମ (ମତ)ରେ କୋରାନ ପଢିନଥିବା ଝିଅକୁ ନିକାହ (ବିବାହ) ନକରିବା ଭଳି ପୂର୍ବେ ଉପନୟନ, ଉପଦେଶ ପାଇନଥିବା ଲୋକକୁ ଝିଅ ଦେଉନଥିଲେ । ତେଣୁ ଯୁକ୍ତବୟସ ଆସିବା ବେଳକୁ ଇନ୍ଦୁରୀତିରେ ତୃତୀୟ ରୀତି ହୋଇଥିବା ଉପନୟନ, ଚତୁର୍ଥ ରୀତି ହୋଇଥିବା ଉପଦେଶକୁ ପୁରୁଷ ପିଲାମାନେ ନିହାତି ଜାଣିଥିବା ଦରକାର । ଗୁରୁଙ୍କ ଦ୍ୱାରା ପ୍ରଥମ ଜ୍ଞାନବୋଧରେ ଉପନୟନ ମିଳିଥାଏ ବୋଲି ଜାଣିଥିଲେ । ତାପରେ ଏହି ଉପଦେଶ କିପରି ପାଇବାକୁ ହୁଏ ଏବେ ଜାଣିବା । ଉପନୟନ ପାଇବା ପରେ, ପାଇଥିବା ବ୍ୟକ୍ତିର ଶ୍ରଦ୍ଧା ଅନୁସାରେ ଶୀଘ୍ର କିମ୍ବା ବିଳମ୍ବରେ ଉପଦେଶ ମିଳିଥାଏ, ତେଣୁ ଉପଦେଶ ପାଇଁ ବୁଦ୍ଧିର ଗ୍ରାହ୍ୟଶକ୍ତି, ଶ୍ରଦ୍ଧାଶକ୍ତି ଆବଶ୍ୟକ । ବୁଦ୍ଧିର ଗ୍ରାହ୍ୟଶକ୍ତି

ଉପନୟନ ପାଇଁ ଯେମିତି ଦରକାର, ସେମିତି ଉପଦେଶ ପାଇଁ ଶ୍ରଦ୍ଧାଶକ୍ତି ମଧ୍ୟ ଦରକାର ହୋଇଥାଏ । ବୁଦ୍ଧିର ଗ୍ରାହ୍ୟଶକ୍ତିକୁ ବଢାଇ ଉପନୟନରେ ଦୃଷ୍ଟି ତୀକ୍ଷ୍ଣ ହେବା ପରେ ସେହି ଦୃଷ୍ଟିରେ ଉପଦେଶକୁ ଦେଖିହୁଏ । ତେଣୁ ଏକ ଅନୁକୂଳିତ ମଙ୍ଗଳବାର ଦିନ ଶୁଭମୁହୂର୍ତ୍ତ ଦେଖି ଉପନୟନ କରାଇଥିବା ଗୁରୁଙ୍କ ଦ୍ୱାରା ଉପଦେଶ ହାସଲ କରାଯାଇଥାଏ । ଉପଦେଶ କହିଲେ ଆଉ କିଛି ନୁହେଁ, ଗୁରୁଙ୍କ ଦ୍ୱାରା ଜ୍ଞାନଶକ୍ତି ବା ଜ୍ଞାନାଗ୍ନି ହାସଲ କରିବା । ଗୁରୁ ଏହି ଜ୍ଞାନାଗ୍ନି ଦାନ କରିଥାନ୍ତି । ସେତେବେଳ ପର୍ଯ୍ୟନ୍ତ ଜ୍ଞାନବୋଧ କରି ଉପନୟନ ଦେଇଥିବା ଗୁରୁ ନିଜଠାରେ ଥିବା ଜ୍ଞାନାଗ୍ନିକୁ ଶିଷ୍ୟଠାରେ ପ୍ରବେଶ କରାଇଥାନ୍ତି । ସେପର୍ଯ୍ୟନ୍ତ ଜ୍ଞାନଦାନ କରିଥିବା ଗୁରୁ ହିଁ ଦିନେ ଜ୍ଞାନାଗ୍ନି ଦାନ କରିବା କାର୍ଯ୍ୟକୁ ଉପଦେଶ କୁହାଯାଏ ।

ଉପନୟନ ହୋଇଗଲା ପରେ ସ୍ୱତନ୍ତ୍ର ଦୃଷ୍ଟି ଆସିଥାଏ ବୋଲି ଜାଣିଲେ । ତେବେ ଉପଦେଶରେ ସେହି ଦୃଷ୍ଟିରେ କଣସବୁ ଦେଖାଯାଏ ବୋଲି କିଛିଲୋକ ପଚାରି ପାରନ୍ତି । ଏହି ପ୍ରଶ୍ନର ଉତ୍ତର ହେଉଛି ! ଉପଦେଶ ପାଇବା ବେଳେ //ପ୍ରତ୍ୟକ୍ଷ ଭାବରେ କିଛି ଦେଖାଯାଇ ନଥାଏ, ତେଣୁ **ଆଖି ହୋଇ ନଥିବା ଆଖିକୁ ଜ୍ଞାନନେତ୍ର, ଦୃଷ୍ଟି ହୋଇନଥିବା ଦୃଷ୍ଟିକୁ ଜ୍ଞାନଦୃଷ୍ଟି, ଦୃଶ୍ୟ ହୋଇନଥିବା ଦୃଶ୍ୟକୁ ଜ୍ଞାନଶକ୍ତି (ଜ୍ଞାନାଗ୍ନି), ଦେଶ ହୋଇନଥିବା ଦେଶକୁ ଉପଦେଶ କୁହାଯାଏ** । ଯିଏ ଉପଦେଶ ପାଇଥାଏ ତାକୁ କିଛି ମଧ୍ୟ ବାହ୍ୟତଃ ଦେଖାଯାଇ ନଥାଏ, ସେ ଗୁରୁଙ୍କ ପାଖରୁ ଜ୍ଞାନଶକ୍ତି ପାଇବା ପରେ ଗୁରୁ କହିବା ଭଳି ଯୋଗସାଧନା କରିଥାଏ, ଉପଦେଶ ପାଇବା ପରେ ଯୋଗସାଧନା କରିବା ଦ୍ୱାରା ଗୁରୁ ଦେଇଥିବା ଜ୍ଞାନାଗ୍ନି ଜଳିଉଠେ । ଯୋଗରେ ଜ୍ଞାନାଗ୍ନି ଜଳିଥାଏ, ଯୋଗ କରୁନଥିବା ବ୍ୟକ୍ତିର ଜ୍ଞାନାଗ୍ନି ଜଳିନଥାଏ । ଉପଦେଶ ପାଇବା ପରେ ଯୋଗସାଧନା କଲେ ଜ୍ଞାନାଗ୍ନି ବଢି କର୍ମ ନାମକ କାଠକୁ ଜଳାଇବା କ୍ଷମତା ଆସିଥାଏ ବୋଲି ଜାଣିବା ଉଚିତ୍ । ଭଗବଦ୍ଗୀତାରେ ଭଗବାନ ଶ୍ରୀକୃଷ୍ଣଙ୍କ ଦ୍ୱାରା

କୁହାଯାଇଥିବା ଦୁଇଟି ଯୋଗରୁ ଜ୍ଞାନଯଜ୍ଞରେ ଉପଯୋଗ ହେଉଥିବା ଅଗ୍ନି ହିଁ ଜ୍ଞାନାଗ୍ନି ବୋଲି ଜାଣିବା ଉଚିତ୍ । ତେଣୁ ଅଗ୍ନି ହୋଇନଥିବା ଅଗ୍ନି ଜ୍ଞାନାଗ୍ନି । କାଠ ହୋଇନଥିବା କାଠ କର୍ମ । ସେହି କାଠ ଜଳିବା ଦ୍ୱାରା ଥିବା ସମସ୍ତ କର୍ମ ବିନାଶ ହେବାବେଳେ ମଣିଷକୁ ମୁକ୍ତି ମିଳିଥାଏ । ଶେଷରେ ମୁକ୍ତି ପାଇବା ପାଇଁ ବା ଈଶ୍ୱରଙ୍କ ପାଖରେ ପହଞ୍ଚିବା ପାଇଁ ଉପଦେଶ ପାଇବା ନିହାତି ଆବଶ୍ୟକ । ତେଣୁ ପୂର୍ବେ ଜ୍ଞାନ ଜାଣିଥିବା ବଡମାନେ ଏହି ଉପଦେଶକୁ ଆମର ରୀତି ତାଲିକାରେ ରଖିଥିଲେ ।

ମାନବ କର୍ମରୁ ମୁକ୍ତି ପାଇବା ପାଇଁ ବଡମାନେ ଯେଉଁ ଚେଷ୍ଟା କରିଥିଲେ ତାହା ହିଁ ଇନ୍ଦୁରୀତି । କାଳକ୍ରମେ ଇନ୍ଦୁରୀତିକୁ ସମସ୍ତେ ଭୁଲିଯିବା ଦ୍ୱାରା ସେମାନଙ୍କ ଏହି ମହାନ ଉଦ୍ଦେଶ୍ୟ ଆମକୁ ଅଜଣା ରହିଯାଇଛି । ଯଦି କେଉଁଠି କେମିତି ଅଛି ତେବେ ଲୋକେ କେବଳ ଆଚରଣ କରୁଛନ୍ତି ସିନା, ଆଚରଣର ଅର୍ଥ କାହାକୁ ଜଣା ନାହିଁ । ଆଜି ଗୁରୁମାନେ ଅଛନ୍ତି, ଶିଷ୍ୟମାନେ ମଧ୍ୟ ଅଛନ୍ତି, ଉପଦେଶ ମଧ୍ୟ ଅଛି, ହେଲେ ଉପନୟନରେ ଜ୍ଞାନ ନାହିଁ, ଉପଦେଶରେ ଜ୍ଞାନାଗ୍ନି ନାହିଁ କି ଶିଷ୍ୟମାନେ କରୁଥିବା ଯୋଗ ସାଧନାରେ କର୍ମକାଠ ଜଳୁନାହିଁ । ଭଗବଦ୍ଗୀତାରେ ଭଗବାନ କହିଥିବା ଦୁଇଟି ଯୋଗକୁ ଛାଡି ମଣିଷ ନିଜ ଇଚ୍ଛାରେ ନୂଆ ନୂଆ ନାମରେ ନୂଆ ନୂଆ ଯୋଗ ଅଭ୍ୟାସ କରୁଛନ୍ତି । ଏଭଳି କାର୍ଯ୍ୟ କେତେ କଲେ ମଧ୍ୟ ତାହା ପାଉଣା ନଥିବା କାର୍ଯ୍ୟ ଭଳି ହୋଇଥାଏ । ଫଳ ନଥିବା ସାଧନା କେତେ କଲେ ମଧ୍ୟ ସେଥିରେ ପ୍ରୟୋଜନ ନାହିଁ ବୋଲି ଲୋକେ ଜାଣିପାରୁ ନାହାନ୍ତି । ଆଉ ଏକ ବିଚିତ୍ର କଥା ହେଉଛି କେତେକ ଗୁରୁମାନେ ମୋକ୍ଷମାର୍ଗ ଦେଖାଉଥିବା ଯୋଗମାର୍ଗ ବାବଦରେ ନକହି, ଆରୋଗ୍ୟ ସୂତ୍ରାଦି କହି ଅମୁକ ଯୋଗର ଅଭ୍ୟାସ କଲେ ରୋଗ ହେବ ନାହିଁ କହିବାକୁ ଯାଇ ନାକ ଉପରେ ଧ୍ୟାନ କର, ଦରଜ କଟିବାକୁ ହେଲେ ଦରଜ ଉପରେ ଧ୍ୟାନ କର ଏଭଳି ନାନା ବିଚିତ୍ର କଥା କହୁଛନ୍ତି । ଈଶ୍ୱର କହିଥିବା କର୍ମ ନିର୍ମୂଳନ

ଯୋଗ ବାବଦରେ ନକହି ରୋଗ ନିର୍ମୂଳନ ଯୋଗ ବାବଦରେ କହିଲେ ମଣିଷ ଦୈବମାର୍ଗରେ ଚାଲିପାରିବ ?

ଇନ୍ଦୁରୀତି କହିଲେ କଣ ? ଦୈବଧର୍ମ କହିଲେ କଣ ? ଜାଣିବା ଦରକାର । ଦୃଷ୍ଟି ନଥିବା ବେଳେ ରୀତି ନଷ୍ଟ ହୋଇଯାଏ, ଧର୍ମ ଅଧର୍ମରେ ବଦଳିଯାଏ । ଇନ୍ଦୁରୀତି ବାବଦରେ କାହାକୁ ଜଣାନଥିବାରୁ, ଫଳରେ ଧର୍ମ ଅଧର୍ମ ହୋଇଯାଉଥିବା କାରଣରୁ ଯଦିବା କେଉଁଠି ଉପଦେଶ କାର୍ଯ୍ୟ ହେଉଛି ତାହା ନାମକୁ ମାତ୍ର ଉପଦେଶ ହୋଇ ରହିଛି, ସତରେ ତାହା ଉପଦେଶ ହିଁ ନୁହେଁ । ଉପଦେଶ ଗୁଡିକ ଭିତରୁ ଅଷ୍ଟାକ୍ଷରୀ ମନ୍ତ୍ର, ପଞ୍ଚାକ୍ଷରୀ ମନ୍ତ୍ର, ସୋହମ୍ ମନ୍ତ୍ର, ରାମ ମନ୍ତ୍ର ଏଭଳି ଅନେକ ପ୍ରକାରର ମନ୍ତ୍ରକୁ ଆଜି ଗୁରୁମାନେ ଶିଷ୍ୟର କାନରେ କହି ଉପଦେଶ ଦେଉଛନ୍ତି । ଏହାକୁ ଗୁରୁନାମ ନେବା ବୋଲି କୁହାଯାଏ ସିନା ଗୁରୁଙ୍କର ସେ ଜ୍ଞାନ କଣ ତାହା ଜଣାନଥିବା ବେଳେ, ଜ୍ଞାନାଗ୍ନି କଣ ଜାଣିନଥିବା ବେଳେ ତାହା କିପରି ଗୁରୁନାମ ହେବ ? ପୂର୍ବେ ଗୁରୁ ଶିଷ୍ୟକୁ ଇନ୍ଦ୍ରିୟାତୀତ ଜ୍ଞାନାଗ୍ନି ଦାନ କରୁଥିବା ସ୍ଥଳେ, ଆଜି ଇନ୍ଦ୍ରିୟ ସମ୍ବନ୍ଧୀୟ ଶବ୍ଦମନ୍ତ୍ରକୁ ଉପଦେଶ ଦେବା କଣ ଦୈବଧର୍ମର ବିପରୀତ ନୁହେଁ ? ଦୈବମାର୍ଗରେ, ରୀତିରେ ସବୁ ଦିଗରୁ ନଷ୍ଟ ହୋଇଯାଇଥିବା ଆମେ ଆଜି ସତର୍କ ହୋଇ ଆମ ରୀତିଗୁଡିକର ମହାନତାକୁ ଜାଣି ଆମେ ଏବେ କଣ କରିବାକୁ ହେବ ଆଲୋଚନା କରିବା ଉଚିତ୍ । ଶେଷ ଶ୍ୱାସରେ ବଞ୍ଚିଥିବା ଇନ୍ଦୁରୀତିକୁ ଆଚରଣରେ ଆଣିବାକୁ ହେବ । ଏଭଳି କରିପାରିଲେ ଆମ ପୂର୍ବଜମାନେ କରିଥିବା ଚେଷ୍ଟା ନିଶ୍ଚୟ ସଫଳ ହେବ, ଆମେ ମଧ୍ୟ ଦୈବଧର୍ମକୁ ଆଚରଣରେ ଆଣି ମୋକ୍ଷ ପାଇପାରିବା । ତେଣୁ ତୁ ଯଦି ଛୋଟ ଅଛୁ ତେବେ ଉପନୟନ, ଉପଦେଶ ପାଇଁ ବ୍ୟାକୁଳ ହୁଅ । ବଡ ହୋଇଥିଲେ ଛୋଟ ପିଲାମାନଙ୍କର ଉପନୟନ, ଉପଦେଶ କାର୍ଯ୍ୟ କରାଇବା ପାଇଁ ଚେଷ୍ଟା କର୍ ।

*****

# ବିବାହ - ବର, କନ୍ୟା

ବିବାହ କହିଲେ କଅଣ ସମସ୍ତଙ୍କୁ ଜଣାଥାଏ । ପ୍ରତ୍ୟେକଙ୍କ ଜୀବନରେ ବିବାହକାର୍ଯ୍ୟ ଦିନେ ଆସି ତାହା ଏକ ଅଭୁଲା ସ୍ମୃତି ହୋଇ ରହିଥାଏ । ବିବାହ ଏକ ବିଶେଷ ଅର୍ଥଦାୟୀ କାର୍ଯ୍ୟ ବୋଲି ଆମ ପୂର୍ବଜମାନେ ଏହାକୁ  ଆମ ଭିତରେ ରଖିଥିଲେ । ମୁଖ୍ୟକଥା କହିଲେ ମହାନ ମହାନ ଅର୍ଥକୁ ଜଣାଉଥିବା କାର୍ଯ୍ୟ ହେଉଛି ବିବାହ କାର୍ଯ୍ୟ । ତନ୍ମଧ୍ୟରୁ ବିବାହ କାର୍ଯ୍ୟରେ ପ୍ରଥମେ ବରକନ୍ୟାଙ୍କୁ ସଜାଇବା କାର୍ଯ୍ୟ କାହିଁକି କରାଯାଏ ତା ବାବଦରେ ଜାଣିବା, ସେପର୍ଯ୍ୟନ୍ତ ସାଧାରଣ ଭାବରେ ଥିବା ପୁଅଝିଅଙ୍କୁ ବର ଆଉ କନ୍ୟା ବେଶ କରି ସଜାଇବା ବିଷୟ ସମସ୍ତେ ଜାଣନ୍ତି । ଏଥିରୁ ଜାଣିବା ବିଷୟ ବା କଣ ଅଛି ! ଏହାତ ସମସ୍ତେ ଜାଣନ୍ତି ବୋଲି ଆମେ ଭାବିଲେ ମଧ୍ୟ ଏଥିରେ ଆମକୁ ଜଣାନଥିବା ବିଷୟ ଅନେକ ଅଛି । ଯୁକ୍ତ ବୟସର ପୁଅକୁ ବର, ଝିଅକୁ କନ୍ୟା ଭାବରେ ସଜାଇବା ଆମ ଇନ୍ଦୁରୀତିର ଏକ ମୁଖ୍ୟ କାର୍ଯ୍ୟ । ସେହିଭଳି ବିବାହ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟରେ ମଧ୍ୟ ଇନ୍ଦୁରୀତି ରହିଛି ।

**ଇନ୍ଦୁରୀତି କହିଲେ ବିଶେଷ ଅର୍ଥଯୁକ୍ତ ଧର୍ମର ଆଚରଣ** । ଇନ୍ଦୁର ପ୍ରତ୍ୟେକ ଆଚରଣରେ କେଉଁ ଧର୍ମ, କେଉଁ ଅର୍ଥ ରହିଛି ଯଦି ନଜାଣି କରିବା ତେବେ ତାହା କରି ମଧ୍ୟ ନକରିବା ସହିତ ସମାନ । ମୁଖ୍ୟତଃ ଅର୍ଥ ଜଣାନଥିବା ବେଳେ ଆଚରିତ ହେଉଥିବା ରୀତି ନିଶ୍ଚୟ ଅଧର୍ମ ହୋଇଯିବା ସମ୍ଭାବନା ରହିଥାଏ । ପୂର୍ବକାଳରେ ଜ୍ଞାନୀମାନେ ଦୈବଜ୍ଞାନ ମିଶ୍ରିତ ଆଚରଣ ଗୁଡିକୁ ଆଚରିତ କରୁଥିବା ଲୋକମାନଙ୍କର ଦଳକୁ ସଂପ୍ରଦାୟ କହିଥିଲେ, ତାହା ଥିଲା ଆମ ସାମ୍ପ୍ରଦାୟିକ ରୀତି । ଏବେ ଜ୍ଞାନର ଆଚରଣ ବା ସାମ୍ପ୍ରଦାୟିକ ରୀତି ହୋଇଥିବା ବିବାହ କାର୍ଯ୍ୟ ବାବଦରେ ଜାଣିବା । ମାତାପିତାଙ୍କ ଠାରୁ ଜନ୍ମିତ କୌଣସି ବ୍ୟକ୍ତିକୁ ସେ ଅମୁକର ସନ୍ତାନ ବୋଲି କହୁଛେ । ଉଦାହରଣ ସ୍ୱରୂପ ରାମର ପୁଅ, ଝିଅଙ୍କୁ ସମସ୍ତେ ରାମର ପୁଅ ଝିଅ ବୋଲି କହୁଛେ, ସେ ଦୁଇଜଣଙ୍କ ଭିତରେ ଜଣେ ବଡଭାଇ ଆଉ

ଜଣେ ସାନ ଭଉଣୀ, ନଚେତ ଜଣେ ବଡଭଉଣୀ (ଦିଦି ବା ନାନୀ) ହୋଇଥିଲେ ଜଣେ ସାନ ଭାଇ ହୋଇଥିବେ । ଉଭୟଙ୍କର ପିତା ଜଣେ ହୋଇଥିବା ବେଳେ ସେ ଦୁହେଁ ଭାଇ ଭଉଣୀ ହୋଇଥାନ୍ତି । ଏବେ ବିଷୟ ଉପରକୁ ଯିବା । ବିବାହ କାର୍ଯ୍ୟରେ ବର କନ୍ୟାଙ୍କୁ ସଜାଇବା ବିଷୟ ସମସ୍ତେ ଜାଣନ୍ତି । ବିବାହ କାର୍ଯ୍ୟରେ ଗୋଟିଏ ପୁଅକୁ ଏବଂ ଗୋଟିଏ ଝିଅ କୁ ବିବାହ କାର୍ଯ୍ୟ ପାଇଁ ବର କନ୍ୟା ବେଶରେ ସଜାଇଥାନ୍ତି । ଏଠାରେ ଧ୍ୟାନ ଦେଇ ବୁଝନ୍ତୁ । ବିବାହ କହିଲେ ମିଷ୍ଟର ଏକ୍ସ ବୋଲି ଭାବନ୍ତୁ । ସେହି ଅନୁସାରେ ବିବାହ ନିମନ୍ତେ କହିଲେ ବିବାହ (ମିଷ୍ଟର ଏକ୍ସ)ର ପୁଅ ଝିଅ, ଅର୍ଥାତ୍ ଜଣକର ବା ମିଷ୍ଟର ଏକ୍ସଙ୍କର ପୁଅ ଝିଅ ଏବେ ବର କନ୍ୟା ଭାବେ ଥିବାରୁ ସେହି ବର କନ୍ୟା ଉଭୟଙ୍କୁ କଣ କହିବା ! ରାମର ପୁଅ ଝିଅଙ୍କୁ ଯେମିତି ଭାଇ ଭଉଣୀ କହୁଛେ, ସେମିତି ଏଠାରେ ବିବାହର ପୁଅ ଝିଅଙ୍କୁ ମଧ୍ୟ ସୂତ୍ର ଅନୁସାରେ ଭାଇ ଭଉଣୀ କହିବା । ତେଣୁ ବିବାହ ବା ମିଷ୍ଟର ଏକ୍ସ ଜଣେ ପିତା ହେବାବେଳେ, ସେହି ପିତାର ସନ୍ତାନ ସନ୍ତତି ଭାବରେ ଆମେ ଦୁଇଜଣଙ୍କୁ ବର କନ୍ୟା ବେଶ କରି ସଜାଉଛେ ବୋଲି ଜଣାଯାଉଛି, ସେ ପର୍ଯ୍ୟନ୍ତ କାହାଠାରୁ ଜନ୍ମ ନେଇ ଅଲଗା ଅଲଗା ବ୍ୟକ୍ତିକୁ ନିଜ ନିଜର ପିତା ବୋଲି କହୁଥିବା ଯୁବକ ଯୁବତୀଙ୍କୁ ଜଣେ ପିତାର ପୁଅ ଝିଅ ଭାବରେ କହିବା, ସତରେ ବୁଝି ହେଉନଥିବା ବିଚିତ୍ର କଥା ! ଆମକୁ କୌଣସି ବିଷୟ ବୁଝା ପଡୁନଥିବା ବେଳେ, ଆମକୁ ସେ ବିଷୟରେ ଜଣାନଥିବା ବେଳେ ତାହା ନିଶ୍ଚୟ ବିଚିତ୍ର ହୋଇଥାଏ । ସେତେବେଳେ ଆମ ଭିତରେ ନିଶ୍ଚୟ ଅନେକ ପ୍ରଶ୍ନ ଆସିଥାଏ । ତାହା କଣନା ! ବିବାହ ଦୁଇଜଣଙ୍କ ପାଇଁ ଗୋଟିଏ ହୋଇଥିବା ବେଳେ, ବିବାହର ପୁଅ ଝିଅ ତ ଭାଇ ଭଉଣୀ ହେବା ଉଚିତ୍ ! କିନ୍ତୁ ବେଦୀରୁ ଉଠିଯିବା ପରେ ସେ ଦୁଇଜଣଙ୍କୁ "ତୁମେ ଦୁହେଁ ମିଶି ଏବେ ସନ୍ତାନ ସନ୍ତତି ଉତ୍ପନ୍ନ କର" କହିବା ଭଳି କାର୍ଯ୍ୟମାନ ରଖି କାହିଁକି ଏ ବିବାହ ପଦ୍ଧତିକୁ ସମାଜରେ ରଖିଛନ୍ତି ? ସେ ପର୍ଯ୍ୟନ୍ତ ଅଲଗା ଅଲଗା ଥିବା ଦୁହିଁଙ୍କୁ ପୁଅ ଝିଅ ବା

ବର କନ୍ୟା କହି ପରେ ପତିପତ୍ନୀ କାହିଁକି କହୁଛେ ? ଏଭଳି ଅନେକ ପ୍ରଶ୍ନର ସମାଧାନ ଖୋଜିବାକୁ ପଡିବ । ବିବାହ ସମ୍ବନ୍ଧୀୟ ଧର୍ମ କଣ ତାହା ବଡମାନଙ୍କ ଦ୍ଵାରା ଜାଣିବାକୁ ହେବ । ପୂର୍ବଜମାନେ ଜଣାଇଥିବା ଇନ୍ଦୁରୀତିର ବିବରଣ ଗୁଡିକୁ ଆଜି କହିବା ପାତ୍ର କେହି ନଥିବାରୁ ପୂର୍ବେ ଏ ବିଷୟରେ ସେମାନେ କଣ କହିଥିଲେ ଜାଣିବା ।

ଭୂପୃଷ୍ଠରେ ଜନ୍ମ ହୋଇଥିବା ସ୍ତ୍ରୀ, ପୁରୁଷ ସମସ୍ତେ ଛୋଟ ବୟସରୁ ଯୁକ୍ତ ବୟସ ଆସିବା ପର୍ଯ୍ୟନ୍ତ ଦୈବଜ୍ଞାନ ନଜାଣି, ସେମାନଙ୍କ ଧ୍ୟାନ ପାଠପଢାରେ, ଖେଳ ଇତ୍ୟାଦିରେ ରଖି, ଜୀବନର ଲକ୍ଷ୍ୟ କଅଣ ଜାଣିପାରି ନଥାନ୍ତି । ସେମାନଙ୍କ ବୟସ ବଢିବା ପରେ ଜଣେ ପୁରୁଷ ସହିତ ଜଣେ ସ୍ତ୍ରୀକୁ ଯୋଡି "ଆଜିଠାରୁ ତୁମେ ଦୁହେଁ ଦୈବଜ୍ଞାନ ଜାଣ" ବୋଲି ଜଣାଇବା କାର୍ଯ୍ୟ ହେଉଛି ଏହି ବିବାହ କାର୍ଯ୍ୟ । ଆଜିଯାଏଁ ଅମୁକ ଅମୁକର ପୁଅ ଝିଅ ହୋଇ ରହିଥିବା ତୁମେ ଦୁହେଁ ପ୍ରକୃତରେ ସେମାନଙ୍କ ପୁଅ ଝିଅ ନୁହଁ, ତୁମ ପିତା ସ୍ଵତନ୍ତ୍ର ଭାବରେ ରହିଛନ୍ତି, ଖାଲି ତୁମ ଦୁହିଁଙ୍କର ନୁହନ୍ତି, ତୁମମାନଙ୍କ ଭଳି ଅନ୍ୟ ସମସ୍ତଙ୍କର, ସର୍ବ ଜୀବରାଶିର ପିତା ଜଣେ ଅଛନ୍ତି ବୋଲି ଜଣାଇ ଦେଉଥିବା କାର୍ଯ୍ୟ ହେଉଛି ବିବାହରେ ବରକନ୍ୟାଙ୍କୁ ସଜାଇବା କାର୍ଯ୍ୟ । **ଭଗବଦ୍ଗୀତାର ଗୁଣତ୍ରୟ ବିଭାଗ ଯୋଗରେ ସର୍ବ ଜୀବରାଶିର ପିତା ମୁଁ, ମାତା ପ୍ରକୃତି ବୋଲି ଭଗବାନ କହିଥିବା ମୁଖ୍ୟଜ୍ଞାନ ରହିଛି,** ତେଣୁ ସେଠାରେ ଈଶ୍ଵର ଜଣାଇଥିବା ଧର୍ମକୁ ସମସ୍ତଙ୍କୁ ଜଣାଇବା ନିମନ୍ତେ ତାର ଆଚରଣକୁ କାର୍ଯ୍ୟରୂପରେ ଜଣାଇବା ହିଁ ବିବାହର ବର କନ୍ୟାଙ୍କୁ ସଜାଇବା କାର୍ଯ୍ୟ ବୋଲି ଜାଣିବା ଉଚିତ୍ । ସମସ୍ତଙ୍କର ପିତା ପରମାତ୍ମା (ଈଶ୍ଵର) । ଏହି ଅର୍ଥ ହିଁ ଆଚରଣର "ବିବାହ" ନାମକ ଶବ୍ଦ ଯାହା ଉଭୟଙ୍କ ପାଇଁ ସମାନ ହୋଇ ରହିଥାଏ ।

(ବିଭୂ ଶବ୍ଦର ଅର୍ଥ ଈଶ୍ଵର ବା ସର୍ବବ୍ୟାପୀ, ଏହି ପଦରୁ ଜନ୍ମ ହୋଇଛି ବିଭା ନାମକ ଶବ୍ଦ । ବିଭା ଶବ୍ଦର ଅର୍ଥ ମଧ୍ୟ ବିବାହ, ତେଣୁ

ବିବାହ କହିଲେ ସବୁଦିଗରୁ ଈଶ୍ୱର ବା ପରମାତ୍ମାଙ୍କୁ ବୁଝାଏ । ବି କହିଲେ ବିଶେଷ, ବାହ ଅର୍ଥ ନିର୍ବାହ । ଯିଏ ବିଶେଷ ଭାବରେ ସମସ୍ତଙ୍କୁ ବହନ କରନ୍ତି, ଯିଏ ଜୀବ ଜୀବନର ନିର୍ବାହକ ସେ ପ୍ରଜାପତି, ପରମାତ୍ମା ବା ଈଶ୍ୱର । ତେଣୁ ବିବାହ ଉତ୍ସବ କହିଲେ ପରମାତ୍ମାଙ୍କ ଉତ୍ସବ, ଅର୍ଥାତ୍ ପରମାତ୍ମାଙ୍କ ଆରାଧନା ବା ଉପାସନା । ଏହି ଦୃଷ୍ଟିରୁ ବିବାହ କାର୍ଯ୍ୟକୁ ପ୍ରଜାପତିଙ୍କ ଉତ୍ସବ ବୋଲି ଜ୍ଞାନୀମାନେ କହିଥିଲେ ସିନା, ଏହାର ଅର୍ଥ ଆଉ କିଛି ହୋଇନପାରେ । ବର କହିଲେ- ଶ୍ରେଷ୍ଠ, ଉତ୍ତମ, ବା ବିବାହର ପାତ୍ର, ଅର୍ଥାତ୍ ବିବାହପାତ୍ରଙ୍କୁ ବର କୁହାଯାଉଥିବାରୁ ବର ପରମାତ୍ମାଙ୍କ ପୁତ୍ର ହୋଇଥାଏ, ସେହିଭଳି କନ୍ୟା କହିଲେ, ପରମାତ୍ମାଙ୍କ ଝିଅ ବା ପୁତ୍ରୀ, ତେଣୁ ବିବାହ ଉତ୍ସବରେ ବର କନ୍ୟା ପରମାତ୍ମାଙ୍କର ପୁଅ ଝିଅ ଭାବରେ ଚିହ୍ନିତ ହୋଇଥାନ୍ତି । **ସମସ୍ତେ ପରମାତ୍ମାଙ୍କ ସନ୍ତାନ ସନ୍ତତି ବୋଲି ଜଣାଇବା କାର୍ଯ୍ୟ ହେଉଛି ବିବାହରେ ପୁଅ ଓ ଝିଅକୁ ସ୍ୱତନ୍ତ୍ର ବେଶରେ ସଜାଇ ସେମାନଙ୍କୁ ସେଦିନ ବରକନ୍ୟା କହିବା ।**)

ସର୍ବ ପ୍ରପଞ୍ଚକୁ (ପଞ୍ଚଭୂତକୁ) ସୃଷ୍ଟିକରି, ସମସ୍ତ ମତର (ଧର୍ମର) ଅଧିପତି ହୋଇ, ସମସ୍ତଙ୍କଠାରେ ବ୍ୟାପି, ରୂପ, ନାମ କ୍ରିୟା ରହିତ ହୋଇ ରହିଥିବା ପରମାତ୍ମାଙ୍କୁ ସୂଚିତ କରୁଥିବା ଶବ୍ଦ ହେଉଛି ଏହି "ବିବାହ" ନାମକ ଶବ୍ଦ । ବିବାହ ହିଁ ଦୈବ (ପରମାତ୍ମା ବା ଈଶ୍ୱର) ବୋଲି ଜାଣି, ତୁମେ ଦୁହେଁ ଆଜିଠାରୁ ତାଙ୍କ ବାବଦରେ ଥିବା ଧର୍ମକୁ ଭାଇଭଉଣୀ ହୋଇ ଜାଣିବାକୁ ଯାଉଛ ବୋଲି ଜଣାଇବା କାର୍ଯ୍ୟ ହେଉଛି ପୁଅ ଝିଅଙ୍କୁ ବର କନ୍ୟା ବେଶରେ ସଜାଇବା । ସେଦିନଠାରୁ ଅଜ୍ଞାନରେ ଥିବା ପୁଅ ଝିଅ ମଧ୍ୟ ଈଶ୍ୱରଙ୍କୁ ଜାଣି, ନିଜକୁ ଜାଣି, ଆମେ କିପରି ରହିବା ଉଚିତ୍ ବୋଲି ଜାଣିଥାନ୍ତି । ଏହିଭଳି ଏହି ଉତ୍ସବରେ ଜ୍ଞାନକୁ ଖଞ୍ଜି ରଖିଥିବା ଜ୍ଞାନୀମାନେ ଏହି କାର୍ଯ୍ୟର ନାମକୁ "ବିବାହ" ରଖିଥିଲେ ।

ଉପନୟନ ଏବଂ ଉପଦେଶ ପାଇ ମଧ୍ୟ ଅଜ୍ଞାନରେ ବୁଡିଯାଇଥିବା ଯୁବକମାନେ କିମ୍ୱା ସେ ପର୍ଯ୍ୟନ୍ତ ଉପନୟନ, ଉପଦେଶ ପାଇନଥିବା ଯୁବକ

ଯୁବତୀମାନେ ବିବାହ ଦିନଠାରୁ ଯଦି ଆମେ କିଏ, କାହାର ସନ୍ତାନ ବୋଲି ଜାଣି ନପାରନ୍ତି ତେବେ ସେମାନଙ୍କ ବିବାହ କାର୍ଯ୍ୟ ବ୍ୟର୍ଥ ହୋଇଥାଏ । ଜ୍ଞାନ ଜଣା ନଥିବା ଜୀବନ ନିଶ୍ଚୟ ବ୍ୟର୍ଥ ହୋଇଥାଏ । ବାଲ୍ୟରୁ ଯୌବନରେ ପ୍ରବେଶ କରିଥିବା ଜୀବନ ଦୈବଜ୍ଞାନ ଜାଣିବା ସାମର୍ଥ୍ୟ ହାସଲ କରିଥାଏ, ତେଣୁ ଭୂପୃଷ୍ଠରେ ଜନ୍ମ ହୋଇଥିବା ସ୍ତ୍ରୀ ପୁରୁଷ ଉଭୟ ଈଶ୍ୱରଙ୍କ ସନ୍ତାନ ବୋଲି ଜଣାଇବା ନାମକ ପ୍ରଥମ ଜ୍ଞାନସନ୍ଦେଶ ହେଉଛି ବର କନ୍ୟାଙ୍କୁ ବେଶ କରାଇବା ରୀତି । ଜ୍ଞାନଯୁକ୍ତ ଅନେକ ବିଷୟ ଜାଣିବା ପାଇଁ, ସାରାଜଗତ ହିଁ ଦୈବଙ୍କର ସନ୍ତାନ ସନ୍ତତି ବୋଲି ଜାଣିବା ପାଇଁ ପ୍ରଥମ ସୁଯୋଗ ଦିନ ହେଉଛି **ବିବାହ** ଉତ୍ସବ, ସେହି ଉତ୍ସବରେ ଜୀବନରେ ଜାଣିବାକୁ ଥିବା ସମସ୍ତ ଜ୍ଞାନସନ୍ଦେଶକୁ କାର୍ଯ୍ୟ ରୂପରେ କରାଇ ବଡମାନେ ସମାଜକୁ ଦେଖାଇଥିଲେ । ତେଣୁ ବିବାହ ଉତ୍ସବକୁ ସମ୍ପୂର୍ଣ୍ଣ ଜ୍ଞାନସନ୍ଦେଶ ମିଳିବା ଦିନ ବୋଲି କୁହାଯାଏ । ସେଦିନ ଆଚରଣ କରିବା ପାଇଁ ବଡମାନେ ଯାହା ଯାହା ଶିଖାଇଛନ୍ତି, ତନ୍ମଧ୍ୟରୁ ମୁଖ୍ୟ ମୁଖ୍ୟ କେତେଗୋଟି ବିଷୟ ବାବଦରେ ଜାଣିବା ।

*****

# ମାର୍କଣ୍ଡି

ଇନ୍ଦୁରୀତି ଅନୁସାରେ ବିବାହ କାର୍ଯ୍ୟରେ ବର ସହିତ ଆଉଜଣେ ବର ଭଳି ବେଶ ହୋଇ ବସିଥାଏ, ତାକୁ “**ମାର୍କଣ୍ଡି**” କୁହାଯାଏ । ବିବାହ କାର୍ଯ୍ୟରେ ଆତ୍ମଜ୍ଞାନ ଥାଏ ବୋଲି ଆମେ ଆଗରୁ ଜାଣିଛେ । ତେଣୁ ମାର୍କଣ୍ଡିକୁ ବସାଇବାରେ ମଧ୍ୟ କିଛି ଆତ୍ମଜ୍ଞାନ ସମ୍ବନ୍ଧୀୟ ଅର୍ଥ ରହିଥାଏ ବୋଲି ଜାଣିବା ଉଚିତ୍ । ବିବାହ କାର୍ଯ୍ୟରେ ବେଦୀରେ ବସିଥିବା ବର କରୁଥିବା କାର୍ଯ୍ୟଗୁଡିକୁ କେବଳ ଦେଖିବା ଛଡା କୌଣସି କାର୍ଯ୍ୟ ନକରି ବସିଥାଏ ମାର୍କଣ୍ଡି । ବିବାହ କାର୍ଯ୍ୟରେ ବର କରୁଥିବା କାର୍ଯ୍ୟଗୁଡିକୁ, କହୁଥିବା

କଥାଗୁଡିକୁ (ମନ୍ତ୍ରକୁ) ମୌନ ଭାବରେ ଦେଖିବା, ଶୁଣିବା ବ୍ୟତୀତ ଆଉ କିଛି ନକରି ଖାଲି ବସିବା କାର୍ଯ୍ୟ ହେଉଛି ମାର୍କଣ୍ଡିର । ଅର୍ଥ ନଥିବା କାର୍ଯ୍ୟ ବିବାହରେ ନଥାଏ ବୋଲି ଆମେ ଉପରୋକ୍ତ ବିଷୟରୁ ଜାଣିଛେ । ତେଣୁ ବିବାହ କାର୍ଯ୍ୟରେ କାହିଁକି ବର ଭଳି, ସଜାଇ ହୋଇ କିଛି ନକରି, କେବଳ ବସି ସବୁ ଆଚରଣଗୁଡିକୁ ମାର୍କଣ୍ଡି ଦେଖିଥାଏ, ସେ ବିଷୟ ଜାଣିବା ।

ଭୂପୃଷ୍ଠରେ ଜନ୍ମ ହୋଇଥିବା ସମସ୍ତେ ସକାଳୁ ଆରମ୍ଭ କରି ରାତି ପର୍ଯ୍ୟନ୍ତ ନାନା କାର୍ଯ୍ୟ କରିଥାନ୍ତି । ଜଣେ ମଣିଷ କହିଲେ ସଜୀବ ଭାବରେ ଯିଏ ଶରୀରରେ ରହିଛି । ମଣିଷକୁ ବିଭାଜନ କଲେ ଶରୀର ଅଲଗା, ସେ (ଜୀବ) ଅଲଗା ବୋଲି ଜଣାଯାଏ । ଜଣେ ମଣିଷ କାର୍ଯ୍ୟ କରୁଥିବା ବେଳେ, ତାହା ଜୀବ କରୁଛି କି ଶରୀର କରୁଛି ବୋଲି ଦେଖିଲେ ଶରୀର କରିଥାଏ ବୋଲି ଜଣାଯାଏ । ଶରୀର କରୁଥିବା କାର୍ଯ୍ୟକୁ ଜୀବ ଦେଖୁଥାଇ ସେହି କାର୍ଯ୍ୟକୁ ନିଜେ କରୁଛି ବୋଲି ଭ୍ରମିତ ହୋଇଥାଏ ସିନା, ବାସ୍ତବରେ ସେ କିଛି କରିନଥାଏ । ଏବେ ଏକ ପ୍ରଶ୍ନ ଆସିପାରେ, ତାହା କଣନା ! କାର୍ଯ୍ୟ ଶରୀର କରୁଥିବା ବେଳେ ଜୀବ ନଥିବା ଶରୀର କାର୍ଯ୍ୟ କରିପାରିବ ? ଏହି ପ୍ରଶ୍ନ ପାଇଁ ଆମ ସମାଧାନ ହେଉଛି, ଜୀବ ନଥିବା ଶରୀର କାର୍ଯ୍ୟ କରିବା ଆବଶ୍ୟକ ହିଁ ନାହିଁ, କରିପାରିବା ଅସମ୍ଭବ ମଧ୍ୟ । ଜୀବ ଥିବାବେଳେ ଶରୀର କାର୍ଯ୍ୟ କରିଥାଏ । ତାହା ଦେଖି ଜୀବ କାର୍ଯ୍ୟ କରୁଛି ଭାବିବା ଭୁଲ୍ । ତାହେଲେ ତ ଶରୀର ନିଶ୍ଚୟ କାର୍ଯ୍ୟ କରୁଛି ! ବୋଲି ସନ୍ଦେହ କରିପାରନ୍ତି । ତାର ଉତ୍ତରରେ ଶରୀର ମଧ୍ୟ ସ୍ୱୟଂ କାର୍ଯ୍ୟ କରୁନାହିଁ ବୋଲି କହିପାରିବା । ଶରୀର କାର୍ଯ୍ୟ କରୁଥିବା ଏକ ଉପକରଣ ଭଳି ସିନା, ଶରୀର କାର୍ଯ୍ୟ କରିନଥାଏ । ଶରୀର କାର୍ଯ୍ୟ କରିବା ଯୋଗ୍ୟ ଏକ ଉପକରଣ ଭଳି ହୋଇଥିବାରୁ ତାହା ଏକ ଜଡପଦାର୍ଥ । ଜୀବ ମଧ୍ୟ କୌଣସି କାର୍ଯ୍ୟ କରୁନାହିଁ । ତେଣୁ ଏଇଠି ଶରୀରରେ କିଏ କାର୍ଯ୍ୟ କରିଥାଏ ? ବୋଲି ମୁଖ୍ୟ ପ୍ରଶ୍ନଟିଏ ଆସିଥାଏ ।

ଶରୀରରେ ଜୀବ ରହି କେବଳ ଦୁଃଖ ସୁଖକୁ ଅନୁଭବ କରିଥାଏ । ଶରୀରରେ ହେଉଥିବା କାର୍ଯ୍ୟ ପାଇଁ ଜୀବର ଶକ୍ତି ଉପଯୋଗ ହୋଇନଥାଏ, ଶରୀରରେ କାର୍ଯ୍ୟ କରିବା ପାଇଁ ଜୀବର ଶକ୍ତି ନଥାଏ । ତାଛଡା ଶରୀର ସ୍ୱୟଂ କାର୍ଯ୍ୟ କରିନଥାଏ । ତେଣୁ ଶରୀର ନୁହେଁ, ଜୀବ ନୁହେଁ, କାର୍ଯ୍ୟର କାରଣ ଆଉ ଜଣେ କିଏ ନିଶ୍ଚୟ ଅଛି ବୋଲି କହିପାରିବା । ସଜୀବ ଶରୀରରେ ଜୀବ ଅଲଗା ହୋଇଥିବା ବେଳେ, ଶରୀର ଅଲଗା ଥାଏ, କିନ୍ତୁ ସେହି ଶରୀରରେ ରହି ସମସ୍ତ କାର୍ଯ୍ୟ କରିବା ସାମର୍ଥ୍ୟ ନେଇ ଆଉଜଣେ ଶକ୍ତିବନ୍ତ ହୋଇଥିବା ତୃତୀୟ ପାତ୍ର ରହିଥାଏ ବୋଲି ଜଣାଯାଉଛି । ତାହାକୁ ଶରୀରର ଆତ୍ମା କୁହାଯାଏ । ଆତ୍ମା ଶରୀରରେ କେହି ଜାଣି ନପାରିବା ଭଳି କାହାକୁ ଦେଖା ନଯାଇ ଲୁଚି ରହିଥାଏ । ଶରୀରରେ ଚୈତନ୍ୟ ଶକ୍ତି ହୋଇ କାହାକୁ ଜଣା ପଡୁନଥିବା ଏହି ଆତ୍ମାକୁ ଜାଣିବା ଉଦ୍ଦେଶ୍ୟରେ, ବିବାହ କାର୍ଯ୍ୟରେ ବର ଭଳି ବେଶଧାରଣ କରିଥିବା **"ମାର୍କଣ୍ଡିକୁ"** ବସାଇଥାନ୍ତି । ବିବାହ କହିଲେ ଦୈବ ବା ଈଶ୍ୱର, ବର କହିଲେ ବିବାହ ବା ଦୈବଙ୍କର ପୁତ୍ର ବୋଲି ପୂର୍ବ ବିଷୟର ବିବରଣୀରୁ ଜାଣିଥିଲେ । ଈଶ୍ୱର ସର୍ବ ଜୀବରାଶିର ପିତା ବୋଲି ଭଗବଦ୍ଗୀତାର ଗୁଣତ୍ରୟବିଭାଗ ଯୋଗର ୪ର୍ଥତମ ଶ୍ଳୋକରେ ***"ସର୍ବ ଯୋନିଷୁ କୌନ୍ତେୟ ମୂର୍ତ୍ତୟଃ ସମ୍ଭବନ୍ତି ଯାଃ । ତାସାଂ ବ୍ରହ୍ମ ମହଦ୍ ଯୋନିରହଂ ବୀଜପ୍ରଦଃ ପିତା"*** ବୋଲି କୁହାଯାଇଛି, ଅର୍ଥାତ୍ **କୌଣସି ଯୋନିରେ ଜନ୍ମିତ ଜୀବରାଶିର ପିତା ପରମାତ୍ମା, ମାତା ପ୍ରକୃତି** ବୋଲି ଉକ୍ତ ଶ୍ଳୋକରୁ ଜଣାଯାଉଛି । ଦେଖାଯାଉଥିବା ସମଗ୍ର ବିଶ୍ୱକୁ ବିଭାଜନ କରି ଦେଖିଲେ ସେଥିରେ ତିନିଗୋଟି ଆତ୍ମା, ଏବଂ ଗୋଟିଏ ପ୍ରକୃତି ରହିଥାଏ ବୋଲି ଜଣାଯାଏ । ଏହି ତିନି ଆତ୍ମା ଭିତରୁ ପରମାତ୍ମା ପିତା ସ୍ଥାନରେ ଥିବା ବେଳେ, ପ୍ରକୃତି ମାତା ସ୍ଥାନରେ ରହିଛି । ବଳକା ଦୁଇ ଆତ୍ମା ଭିତରୁ ଗୋଟିଏ ଜୀବାତ୍ମା ହୋଇଥିବା ସ୍ଥଳେ, ଦ୍ୱିତୀୟଟି ଆତ୍ମା । ଜୀବାତ୍ମାକୁ ପ୍ରକୃତି ପରମାତ୍ମାଙ୍କ

ପୁତ୍ର ଭାବରେ ହିସାବ କରାଯାଇଛି । ଅର୍ଥାତ୍ ପରମାତ୍ମାଙ୍କ ପୁତ୍ରଭାବେ ଜୀବାତ୍ମାକୁ ବରଭାବେ ନିଆଯାଇଛି, ଏହା ଆଗରୁ ଜାଣିଛେ । ତାପରେ ବଳକା ରହିଛି ଏକୈକ ଆତ୍ମା । ଜୀବାତ୍ମାକୁ ବର କହିବା ବେଳେ, ଆତ୍ମାକୁ କଣ କୁହାଯାଏ ବୋଲି ଏବେ ପ୍ରଶ୍ନ କରି ଦେଖିବା ।

ଜୀବ ଜନ୍ମ ହେଉଛି କହିଲେ, ସେ ଏକ ଶରୀରରେ ପ୍ରବେଶ କରି ସେଥିରେ ରହୁଛି ବୋଲି ଜଣାଯାଏ । ଏହିଭଳି ଜୀବ ପ୍ରବେଶ କରିଥିବା ଶରୀରରେ କେତେଦିନ ରହିବ, କଣ କରିବ, କଣ ଖାଇବ, କେଉଁ କଷ୍ଟସୁଖକୁ ଅନୁଭବ କରିବ, କାହା କାହା ସହିତ ସମ୍ପର୍କୀତ ହେବ, କେଉଁ ଅଞ୍ଚଳରେ ରହିବ ଇତ୍ୟାଦି ଏକ କାର୍ଯ୍ୟାଦିର ତାଲିକା ଜୀବ ସହିତ ଜନ୍ମରୁ ଆସିଥାଏ । ଏହି ହିସାବ ଏକୈକ ହିସାବ ଯାହାକୁ "କର୍ମ" କୁହାଯାଏ, ହିସାବ ଅନୁସାରେ ଜୀବ ଶରୀରକୁ ପରିଚାଳିତ କରିନଥାଏ କି ଶରୀର ସ୍ୱୟଂ ଚାଳିତ ହୋଇନଥାଏ । ଶରୀରରେ ଜୀବ ଶକ୍ତିହୀନ ହୋଇ ଶରୀରର ମୁଣ୍ଡରେ ଥିବା ଏକ କ୍ଷୁଦ୍ର ଧୂଳିକଣା ସଦୃଶ ସ୍ଥାନରେ ରହିଥାଏ । ଶରୀରର ସ୍ୱୟଂ ପରିଚାଳିତ ହେବା ଶକ୍ତି ନଥାଏ ବୋଲି ବାରମ୍ବାର ଜାଣିଛେ । ତେଣୁ ଶରୀରରେ ପ୍ରତ୍ୟେକ କାର୍ଯ୍ୟ ହେବାପାଇଁ, କର୍ମ ନାମକ ହିସାବ ଚିଠା ଅନୁସାରେ ଶରୀର ସ୍ପନ୍ଦିତ ହୋଇ କାର୍ଯ୍ୟ କରିବା ପାଇଁ ଏବଂ ଶରୀର ଭିତରେ କାହିଁ କେଉଁ ଅଜଣା ରାଇଜରେ ଥିବା ଭଳି, ମୁଣ୍ଡରେ କୌଣସି ଏକ ଜାଗାରେ ଧୂଳିକଣା ଭଳି ରହିଥିବା ଜୀବ ସୁଖଦୁଃଖକୁ ଅନୁଭବ କରିବାପାଇଁ ଆତ୍ମା ହିଁ କାରଣ ହୋଇ ରହିଥାଏ । ଆତ୍ମା ହିଁ ଶକ୍ତି ସ୍ୱରୂପ ହୋଇ ଶରୀରରେ ସ୍ପନ୍ଦନ ଦେଉଥିବାରୁ ଆତ୍ମାକୁ ଚୈତନ୍ୟଶକ୍ତି କୁହାଯାଏ । ଗୋଟିଏ ଦିଗରେ ଶରୀରର ଆଧାର ହୋଇ, ଅନ୍ୟ ଦିଗରେ ଜୀବର ଆଧାର ହୋଇ ଜୀବ ସହିତ ରହିଥାଏ ଆତ୍ମା । ଜୀବ ଶରୀରର ଯେଉଁ ସ୍ଥାନରେ ବାସ କରିଥାଏ ଆତ୍ମା ମଧ୍ୟ ସେହି ସ୍ଥାନରେ ବାସ କରିଥାଏ । ଏହି ଅନୁସାରେ ଜୀବ ନଥିବା ଶରୀର ଥାଇପାରେ, କିନ୍ତୁ ଆତ୍ମା ନଥିବା ଶରୀର

ନଥାଏ ବୋଲି ଜଣାଯାଉଛି । ଏକ ସଜୀବ ଶରୀରରେ ଜୀବ ପାଇଁ ସମସ୍ତ କାର୍ଯ୍ୟ କରିବାକୁ ଜୀବ ସହିତ ଆତ୍ମା ରହିଥାଏ । କାର୍ଯ୍ୟ ଜୀବ କରୁନଥିଲେ ମଧ୍ୟ ଜୀବପାଇଁ ହେଉଥିବାରୁ ସମସ୍ତେ କାର୍ଯ୍ୟ ହେବାର କାରଣକୁ ଜାଣି ନପାରି ଜୀବ କାର୍ଯ୍ୟ କରିଥାଏ ବୋଲି ଭାବିଥାନ୍ତି । ଜୀବ ମଧ୍ୟ ସମସ୍ତ କାର୍ଯ୍ୟକୁ ମୁଁ କରୁଛି ବୋଲି ଭାବିଥାଏ, କିନ୍ତୁ ଆତ୍ମା ସମସ୍ତ କାର୍ଯ୍ୟ କରୁଥିଲେ ମଧ୍ୟ, ଶରୀରରେ ଚୈତନ୍ୟ ହୋଇ ପ୍ରତ୍ୟେକ ଭାଗରେ ରହିଥିଲେ ମଧ୍ୟ ସେ ଅଛି ବୋଲି କେହି ଜାଣିପାରି ନଥାନ୍ତି ।

ଶରୀରର ପ୍ରତ୍ୟେକ ସ୍ପନ୍ଦନକୁ କର୍ମ ଅନୁସାରେ ସ୍ପନ୍ଦିତ କରୁଥିବା ଆତ୍ମାକୁ ଜାଣି ନପାରିବା ଦ୍ୱାରା, କାର୍ଯ୍ୟ ସହିତ ସମ୍ବନ୍ଧୀତ ହୋଇନଥିବା ଜୀବାତ୍ମା ସମସ୍ତ କାର୍ଯ୍ୟକୁ ମୁଁ କରୁଛି ବୋଲି ଭାବିବା ତାର ଅଜ୍ଞାନତା ବୋଲି କହିପାରିବା । ଜ୍ଞାନ ଅନୁସାରେ ଆମ ଅଜାଣତରେ ଆମ ପାଖରେ ଥିବା ଆତ୍ମାର ଅସ୍ତିତ୍ୱକୁ ଜଣାଇବା ହିଁ ବିବାହ କାର୍ଯ୍ୟରେ ବର ପାଖରେ ବସିଥିବା ମାର୍କଣ୍ଡିକୁ ଦର୍ଶାଇବା କାର୍ଯ୍ୟ ବୋଲି ଜାଣିବା ଉଚିତ୍ । ଜୀବ ନଥିବା ଶରୀର ଥାଇପାରେ ସିନା, ଆତ୍ମା ନଥିବା ଜୀବ ନଥାଏ ବୋଲି ଆଗରୁ ଜଣାଇଛୁ । ଜୀବାତ୍ମା, ଆତ୍ମା ଦୁହେଁ ଶରୀରରେ ଯୁଗଳ (ଯୋଡି) ଆତ୍ମା ଭାବରେ ରହିଥାନ୍ତି । ଅନୁଭବ କରିବା ପାଇଁ ଜୀବାତ୍ମା, ଅନୁଭବ କରାଇବା ପାଇଁ ଆତ୍ମା ରହିଥାଏ । ତେଣୁ ଜନ୍ମ ମରଣ ଦୁଇଟି ଜୀବାତ୍ମା ଆତ୍ମାର ଅସ୍ତିତ୍ୱରେ ଘଟିଥାଏ । ଜୀବାତ୍ମା ପାଇଁ ଆତ୍ମାକୁ ପରମାତ୍ମା ସୃଷ୍ଟି କରିଛନ୍ତି । ସୃଷ୍ଟିର ପ୍ରତ୍ୟେକ ଜୀବ ପାଖରେ ଗୋଟିଏ ଗୋଟିଏ ଆତ୍ମା ରହିଥାନ୍ତି । ଜୀବାତ୍ମା ଆତ୍ମାଙ୍କୁ ଭଗବଦ୍ଗୀତାରେ କ୍ଷର ଏବଂ ଅକ୍ଷର କହିବାକୁ ଯାଇ କ୍ଷରାକ୍ଷର କହିଛନ୍ତି । କ୍ଷରାକ୍ଷର ଦୁହେଁ ଶରୀରରେ କୁଟସ୍ଥ ଭାବରେ ରହିଥାନ୍ତି ବୋଲି ମଧ୍ୟ ସେଠାରେ ଜଣାଇଛନ୍ତି । କ୍ଷର ପୁରୁଷ ହୋଇଥିବା ଜୀବାତ୍ମା, ଅକ୍ଷର ପୁରୁଷ ହୋଇଥିବା ଆତ୍ମା ଉଭୟ ପରମାତ୍ମାଙ୍କ ସନ୍ତାନ ବୋଲି କହିପାରିବା । ତେଣୁ ଜୀବାତ୍ମାକୁ ବିବାହର ପୁଅ (ବର) କହିବା

ସ୍ଥଳେ, ଆତ୍ମାର ସଙ୍କେତ ଭାବରେ ବର ସମାନ ଆଉଜଣକୁ ସଜାଇ ମାର୍କଣ୍ଡି ନାମରେ କୁହାଯାଇଛି । ଜୀବାତ୍ମା ସହିତ ଆତ୍ମା ମଧ୍ୟ ରହିଛି ବୋଲି ଜଣାଇବା ପାଇଁ ବିବାହ ରୀତିରେ ବର ସହିତ ମାର୍କଣ୍ଡିକୁ ବସାଇ ଦର୍ଶାଇ ଦିଆଯାଇଥାଏ ।

ମାର୍କଣ୍ଡି ନଥିବା ବିବାହ କାର୍ଯ୍ୟ ପୂର୍ବେ କେହି କରୁନଥିଲେ । ବିବାହର ସମସ୍ତ କାର୍ଯ୍ୟରେ ଜ୍ଞାନ ଜଣାଇବା ବନ୍ଦୋବସ୍ତ ରହିଥାଏ । ତେଣୁ ଶାସ୍ତ୍ରବଦ୍ଧ ଭାବରେ, ଧର୍ମବଦ୍ଧ ଭାବରେ କରାଯାଉଥିବା ବିବାହ କାର୍ଯ୍ୟରେ ବର ସହିତ ମାର୍କଣ୍ଡି ନିହାତି ବସିବା ଉଚିତ୍ । ବିବାହରେ ସମସ୍ତ କାର୍ଯ୍ୟ ବର ଦ୍ୱାରା କରାଯାଉଥିଲେ ହେଁ ତା ପଛରେ ଆତ୍ମା ରହିଥାଏ ବୋଲି ଜଣାଇବା ପାଇଁ ମାର୍କଣ୍ଡି ଭାବରେ ଜଣେ ବ୍ୟକ୍ତିକୁ (ଜଣେ ଆପଣାର ବ୍ୟକ୍ତି ହୋଇଥିବା ସାନ ଭାଇ, ପୁତୁରା ଇତ୍ୟାଦିଙ୍କୁ) ବସାଇବା ଧର୍ମଯୁକ୍ତ କାର୍ଯ୍ୟ ହୋଇଥାଏ । ଜୀବାତ୍ମା ସହିତ ଜନ୍ମହୋଇ, ଜୀବାତ୍ମା ସହିତ ମୃତ୍ୟୁବରଣ କରିଥାଏ ଆତ୍ମା, ତେଣୁ ଜୀବର ସବୁ ସମୟର ସାଥି ହୋଇ ଆତ୍ମା ସର୍ବଦା ଶରୀରରେ ରହିଥାଏ । ସେଥିଲାଗି ବର ସାଥିରେ ମାର୍କଣ୍ଡିକୁ ଦେଖାଇବା କାର୍ଯ୍ୟ ଇନ୍ଦୁରୀତି ହୋଇପାରିଛି । ପରମାତ୍ମାଙ୍କ ଦ୍ୱାରା ଜୀବାତ୍ମା ସହିତ ଆତ୍ମା ଜନ୍ମ ହୋଇଥିବାରୁ ଆତ୍ମା ମଧ୍ୟ ପରମାତ୍ମାଙ୍କ ପୁତ୍ର ହୋଇଥାଏ । ସେଥିଲାଗି ବର ଭଳି ମାର୍କଣ୍ଡି ମଧ୍ୟ ବେଶ ହୋଇଥାଏ । ଜୀବାତ୍ମା, ଆତ୍ମାଙ୍କ ଅସ୍ତିତ୍ୱ ଜଣାଇବା ପାଇଁ ଜୀବାତ୍ମାକୁ ବର, ଆତ୍ମାକୁ ମାର୍କଣ୍ଡି କହି ବିବାହ କାର୍ଯ୍ୟରେ ଦର୍ଶାଇବା ଆମ ପାରମ୍ପରୀକ ରୀତି ହୋଇପାରିଛି ।

*****

# ଖଡ୍ଗ (କଟାରୀ)

ଯେଉଁଦିନ ବରକୁ ବେଶ କରି ବା ସଜାଇ ତୁ ଈଶ୍ୱରଙ୍କ ସନ୍ତାନ ବୋଲି ଜଣାଇଥାନ୍ତି, ସେହିଦିନଠାରୁ ତୁ ସ୍ୱତନ୍ତ୍ର ଭାବରେ ଜଣକ ସହିତ

ଯୁଦ୍ଧ କରିବାକୁ ହେବ ଜଣାଇ ତା ହାତରେ ଏକ ଖଡ୍ଗ ଧରାଇଥାନ୍ତି । ଅଜ୍ଞାନରୁ ଦୈବମାର୍ଗରେ ପ୍ରବେଶ କରିଥିବା ଲୋକମାନେ ମାୟା ସହିତ ଲଢେଇ କରିବାକୁ ପଡିବ, ଆଜିଠାରୁ ମାୟା ହିଁ ତୋର ବଡ ଶତ୍ରୁ, ସେ ଅନେକ ରୂପରେ ରହିଥାଏ, ତାସହିତ ଲଢେଇ କରି ଜିତିବାକୁ ହେଲେ ତୁ ସର୍ବଦା ସୈନିକ ଭଳି ରହିବା ଉଚିତ୍ ବୋଲି ବୋଧକରି, ବର ହାତରେ ଖଡ୍ଗ ଧରାଇଥିଲେ । ପୂର୍ବକାଳରେ ଜ୍ଞାନୀମାନେ ହାତରେ ବଡ ଖଡ୍ଗଟିଏ ଧରାଇଥିବା ବେଳେ, କାଳକ୍ରମେ ତାହା ବଦଳି ବଦଳି ଆସି ଆଜି ହାତରେ କଟାରୀଟିଏ (ଛୋଟ ଖଡ୍ଗ) ଧରାଉଛନ୍ତି । ଏହି ରୀତି ସମ୍ପୂର୍ଣ୍ଣ ହଜି ନଯାଇ ଆଜିଯାଏ ରହିଥିବାରୁ ଆମେ ଖୁସି ହେବା ଉଚିତ୍ । ପୂର୍ବେ ଏହି ରୀତିକୁ ଅର୍ଥ ଜାଣି ଆଚରଣରେ ଆଣୁଥିଲେ । ଆଜି ଅର୍ଥ ନଥାଇ କେବଳ ଆଚରଣ ବଳକା ରହିଛି । ସାଧାରଣ ଭାବରେ ହଳଦି ଚନ୍ଦନରେ ଗାଧୋଇ, ଶ୍ୱେତ ବସ୍ତ୍ର ପିନ୍ଧି ମୁଁ ପବିତ୍ର ହୋଇଗଲି ଭାବୁଥିବା ବର ନିଜେ ପ୍ରକୃତରେ କାହାର ପୁତ୍ର ତାକୁ ଆଜି ଜଣା ନାହିଁ । ସେହିଭଳି ହାତରେ କଟାରୀ (ଖଡ୍ଗ) ଧରି ବସିଥିବା ବର ମୁଁ କାହା ସହିତ ଯୁଦ୍ଧ କରିବି, ଆଉ ଏ ଖଡ୍ଗ ମୁଁ କାହିଁକି ଧରିଛି ବୋଲି ଜାଣିପାରୁ ନାହିଁ । ଏହିଭଳି ଅର୍ଥ ନଥିବା କାର୍ଯ୍ୟ ଆମେ କାହିଁକି କରୁଛେ ବୋଲି ଆମକୁ ଜଣା ନାହିଁ, କି ଆମ ହାତରେ ଏହି ଆଚରଣ ସବୁ କରାଉଥିବା ବଡମାନଙ୍କୁ ମଧ୍ୟ ଜଣା ନାହିଁ । ଅର୍ଥହୀନ ଆଚରଣ ବ୍ୟର୍ଥ ବୋଲି ବଡମାନଙ୍କ କଥାକୁ ଭୁଲି ଆମେ ଆଚରଣ କରୁଛେ ସିନା, କୌଣସି ଆଚରଣର ଅର୍ଥ ଜାଣି କରୁନାହେଁ । ଆଜି ବି ସମୟ ଅଛି ଏଭଳି ଅର୍ଥହୀନ କାର୍ଯ୍ୟ ନକରି, କରୁଥିବା କାର୍ଯ୍ୟର ଅର୍ଥ ଜାଣି କରିବାକୁ ଚେଷ୍ଟା କରିବା ବେଳେ ଆମ ରୀତିକୁ ଆମେ ସମ୍ମାନ ଦେବା ଭଳି ହୋଇପାରିବ । ଏହି ବିଷୟ ଏବେ ଜାଣିପାରିଥିବା ଆପଣମାନେ ବିବାହ କାର୍ଯ୍ୟରେ ବର କନ୍ୟାଙ୍କୁ ସମସ୍ତଙ୍କର ପିତା ହୋଇଥିବା ପରମେଶ୍ୱର ଜଣେ ବୋଲି ଜଣାଇ ଦିଅନ୍ତୁ । ସେହିଭଳି ବର ହାତରେ ବାହ୍ୟତଃ ଧରାଇ ଦେଉଥିବା ଖଡ୍ଗ ଧରାଇବା ସହିତ ଅନ୍ତର୍ଭାଗରେ ଜ୍ଞାନ ନାମକ ବଡ ଖଡ୍ଗକୁ

ଧରାଇ ତାକୁ ମାୟା ସହିତ ଯୁଦ୍ଧ କରିବା ପାଇଁ ସୈନିକଟିଏ ଭାବରେ ସଜାଇଦିଅନ୍ତୁ ।

*****

# ପ୍ରକାଶାଙ୍ଗ

ବିବାହରେ ବର, କନ୍ୟାଙ୍କୁ ବେଶ କରିବା ପରେ ସେମାନଙ୍କ କପାଳରେ ଚଉଳରେ ତିଆରି ହୋଇଥିବା ପ୍ରକାଶାଙ୍ଗ ବାନ୍ଧୁଥିଲେ । କାଳକ୍ରମେ ଆଜି ତାହା ବଦଳି ଅନ୍ୟ ରୂପ ନେଇଛି । ଖୁସିର ବିଷୟ ହେଉଛି ବର କନ୍ୟାଙ୍କ କପାଳରେ ଆଜି ମଧ୍ୟ କ୍ରମବର୍ଦ୍ଧିଷ୍ଣୁ ଚନ୍ଦ୍ରଙ୍କୁ ସଙ୍କେତ ଭାବରେ କୁଙ୍କୁମରେ ଚିତ୍ରିତ କରୁଛନ୍ତି । କେତେକ ଅଞ୍ଚଳରେ ଏହି ପ୍ରକାଶାଙ୍ଗକୁ ପୂର୍ବକାଳର ରୀତି ଅନୁସାରେ ଅରୁଆ ଚଉଳରେ କରୁଛନ୍ତି । ଯାହାବି ହେଉ ପ୍ରକାଶାଙ୍ଗକୁ କପାଳରେ ଧାରଣ କରାଇବା ରୀତି ଯେହେତୁ କେତେକାଞ୍ଚଳରେ ରହିଛି ସେ ବାବଦରେ ଆମେ ନିହାତି ଜାଣିବା ଦରକାର ।

ଆମ ଶରୀରରେ ସାତଗୋଟି ମୁଖ୍ୟ ନାଡୀକେନ୍ଦ୍ର ରହିଥାଏ, ତାହା ମେରୁଦଣ୍ଡର ତଳ ଭାଗରୁ ମୁଣ୍ଡ ପର୍ଯ୍ୟନ୍ତ ମେରୁଦଣ୍ଡ ଭିତରେ ବ୍ୟାପିରହିଥିବା ଏକ ନାଡୀ । ବ୍ରହ୍ମନାଡୀ କୁହାଯାଉଥିବା ସେହି ନାଡୀର ଉପରେ ଥିବା ଦୁଇ କେନ୍ଦ୍ର ଅତି ମୁଖ୍ୟ ଏବଂ ପ୍ରଶସ୍ତ କେନ୍ଦ୍ର ଭାବରେ ଥାଏ । ତାହା ଆମ ଦୁଇ ଭୂଲତାର ମଧ୍ୟ ସ୍ଥାନରୁ ସଳଖ ଭାବରେ ମୁଣ୍ଡ ଭିତରେ ରହିଥାଏ । ତେଣୁ ଦୁଇ ଭୂଲତାର ମଧ୍ୟ ଭାଗରେ ଥିବା ସେହି ନାଡୀକେନ୍ଦ୍ରକୁ ଭୂମଧ୍ୟ ସ୍ଥାନ ବୋଲି, ସେହିଭଳି ଉପରେ ଥିବା ଶେଷ ନାଡୀକେନ୍ଦ୍ରକୁ ସହସ୍ରାର ନାଡୀକେନ୍ଦ୍ର ବୋଲି ଆଧ୍ୟାତ୍ମିକରେ କୁହାଯାଏ । ଜ୍ଞାନଦୃଷ୍ଟି ଆସିବା ପାଇଁ ଏହି ଭୂମଧ୍ୟ ସ୍ଥାନ ବା ସହସ୍ରାର କେନ୍ଦ୍ର, ଜ୍ଞାନ ଏବଂ ଜ୍ଞାନ ଶକ୍ତିକୁ ଗଚ୍ଛିତ କରି

ରଖିବା ପାଇଁ ଯୋଗ୍ୟତା ନେଇ ରହିଥାଏ । ଭ୍ରୂକେନ୍ଦ୍ରରେ ଥିବା ନାଡୀକେନ୍ଦ୍ର ଜ୍ଞାନ ଦୃଷ୍ଟିର କେନ୍ଦ୍ର ଭାବରେ ଥିବା ସ୍ଥଳେ, ଭୂପୃଷ୍ଠରେ ଶସ୍ୟ ଭିତରେ ଅରୁଆଚାଉଳ ଜ୍ଞାନର ସଙ୍କେତ ଭାବରେ ଚିହ୍ନିତ ହୋଇ ରହିଥାଏ । ଜ୍ୟୋତିଷଶାସ୍ତ୍ର ଅନୁସାରେ ଜ୍ଞାନର ଚିହ୍ନ ଭାବରେ ଚନ୍ଦ୍ରକୁ ନିଆଯାଏ, ସେହିଭଳି ଶସ୍ୟ ଭିତରେ ଧାନରୁ ବାହାରୁଥିବା ଅରୁଆ ଚାଉଳକୁ ଆଧ୍ୟାତ୍ମିକରେ ଜ୍ଞାନର ଚିହ୍ନ ଭାବରେ ନିଆଯାଏ, ସେହି ଅନୁସାରେ ପ୍ରକାଶାଙ୍ଗକୁ ମଧ୍ୟ ଅରୁଆ ଚାଉଳରେ ତିଆରି କରି ପୂର୍ବେ ଜ୍ଞାନର ଚିହ୍ନ ଭାବରେ ବାନ୍ଧୁଥିଲେ ।

ଜୀବନରେ ଯୁକ୍ତ ବୟସ ପର୍ଯ୍ୟନ୍ତ ଜ୍ଞାନଦୃଷ୍ଟି ନଥିବା ଯୁବତୀ, ଯୁବକମାନେ ଯଦି ଉପନୟନ, ଉପଦେଶ ପାଇ ନାହାନ୍ତି; ତଥାପି ସେଦିନ ଜ୍ଞାନଦୃଷ୍ଟିଯୁକ୍ତ ହୁଅନ୍ତୁ ବୋଲି ସୂଚନା ଦେବାକୁ ଯାଇ ଏହି ଅରୁଆ ଚାଉଳରେ ତିଆରି ପ୍ରକାଶାଙ୍ଗକୁ (ହାତରେ ମକଚାଯାଇ ବାହାର କରାଯାଇଥିବା ଚାଉଳ) ଭ୍ରୂମଧ୍ୟ ସ୍ଥାନରେ ବାନ୍ଧିଦେଉଥିଲେ । ଏହା ହାତରେ ବୋଳାଯାଇଥିବା ସୂତାରେ ତିନିଧାଡି ଚାଉଳ ବନ୍ଧାହୋଇ ତିଆରି ହେଉଥିଲା । ବିବାହ ପରେ ଜ୍ଞାନଦୃଷ୍ଟିଯୁକ୍ତ ହୋଇ ଜୀବନ ବଞ୍ଚିବା ଉଚିତ୍ ବୋଲି ଏହି ଆଚରଣ ବୋଧ କରୁଥିଲା । **ଜ୍ଞାନନେତ୍ର ପ୍ରକାଶିତ ହେଉଥିବା ସ୍ଥାନରେ ଏହାକୁ ଧାରଣ କରାଯାଉଥିବାରୁ ଏହାକୁ ପ୍ରକାଶନେତ୍ର ବୋଲି କହୁଥିଲେ** । ପ୍ରକାଶନେତ୍ର କାଳକ୍ରମେ ବଦଳି ପ୍ରକାଶାଙ୍ଗ ହୋଇଯାଇଥିଲେ ମଧ୍ୟ, ସେହି ଭାବ ରହିଥିବାରୁ ତାହା ଆମପାଇଁ ବଡ ଖୁସିର ବିଷୟ । ଆଜି ଅରୁଆ ଚାଉଳରେ ଏହି ପ୍ରକାଶାଙ୍ଗ ତିଆରି କରି କେହି ବାନ୍ଧୁନଥିଲେ ମଧ୍ୟ ଜ୍ଞାନର ଚିହ୍ନ ଭାବରେ ଅର୍ଦ୍ଧଚନ୍ଦ୍ର ଚିହ୍ନକୁ କରୁଥିବାରୁ ଆମେ ଦୁଃଖିତ ହେବା ଆବଶ୍ୟକ ନାହିଁ । ଏହି ଅର୍ଥରେ କପାଳରେ ପ୍ରକାଶାଙ୍ଗ ତିଆରି କରି ଲଗାଉଥିଲେ ବୋଲି ନଜାଣି ତାହା ବରର ମୁଖ ସୁନ୍ଦର ଦେଖାଯିବା ପାଇଁ ଲଗାଇ ଦିଅନ୍ତି ବୋଲି ଭାବିବା

ଭୁଲ୍ । ଏହା ଏକ ଛୋଟ ଆଚରଣ ହୋଇଥିଲେ ମଧ୍ୟ ମହାନ ଜ୍ଞାନ ସନ୍ଦେଶକୁ ଜଣାଇ ଦେଇଥାଏ । ପୂର୍ବକାଳର ଇନ୍ଦୁରୀତି ଅନୁସାରେ ଆମେ ପୂର୍ବଭଳି କରିବା ପାଇଁ ଚେଷ୍ଟା କରିବା ଦ୍ୱାରା ସେଦିନର ଜ୍ଞାନୀମାନଙ୍କୁ ସମ୍ମାନ ଦେବାଭଳି, ଆମ ରୀତିକୁ ବଞ୍ଚାଇ ରଖିବା ଭଳି ହୋଇଥାଏ । ଏହି ଆଚରଣର ଅର୍ଥକୁ ଜାଣି କରିବା ଦ୍ୱାରା ପୂର୍ବର ଧର୍ମ ବଜାୟ ରହିଥାଏ । ତେଣୁ ଏହି ପ୍ରକାଶାଙ୍ଗର ଅର୍ଥରେ ଆମେ ଆମର ଜ୍ଞାନନେତ୍ରକୁ ଜାଗ୍ରତ କରାଇବା ଉଚିତ୍ ।

*****

# କଳା ଟିକା

ବିବାହ କାର୍ଯ୍ୟରେ ବରକନ୍ୟାଙ୍କୁ ସଜାଇବା ବେଳେ ଶେଷରେ ସେମାନଙ୍କ ଗାଲରେ କଳାଜାଇ ଭଳି କଳାରଙ୍ଗର ଛୋଟ ବିନ୍ଦୁଟିଏ ଚିତ୍ରଣ କରିଥାନ୍ତି । ଏଭଳି କଳା ବିନ୍ଦୁଟିଏ କାହିଁକି କରନ୍ତି ନଜାଣିଲେ ମଧ୍ୟ କରିବା ଅଭ୍ୟାସରେ ପଡି କେତେକ କରୁଛନ୍ତି । ଆଜିର କାଳରେ ମଧ୍ୟ ସମସ୍ତେ ଏଭଳି ବର କନ୍ୟାଙ୍କ ଗାଲରେ କଳାଜାଇ ଟିକା ଲଗାନ୍ତି ନାହିଁ; ତଥାପି ଲଗାଉଥିବା ଲୋକମାନେ ବର କନ୍ୟାଙ୍କ ଉପରେ କାହାର ଦୃଷ୍ଟି ଲାଗିଯିବ ବୋଲି ଛୋଟ ପିଲାର ମୁହଁରେ ତାର ମାଆ କଳାଟିକା କରିବା ଭଳି କରିଥାନ୍ତି । ଏହାକୁ ଦୃଷ୍ଟିବିନ୍ଦୁ କହନ୍ତି । ଆଜି ଏହି କଳାଟିକା ବାବଦରେ କିଏ କଣ କହିଲେ ମଧ୍ୟ ତାହା ପରମ୍ପରାଗତ ଆମ ରୀତି ବୋଲି କହି ପାରିବା । ପୂର୍ବେ ଏହି କଳାଟିକ ବା କଳାବିନ୍ଦୁକୁ ଦୃଷ୍ଟିବିନ୍ଦୁ କହୁନଥିଲେ । ପୂର୍ବେ ଅର୍ଥଯୁକ୍ତ ଜ୍ଞାନ ବିଧାନକୁ ଜଣାଇବା ପାଇଁ ଗାଲରେ କଳାଟିକା ଲଗାଉଥିଲେ । ଦୃଷ୍ଟିଦୋଷ ନିବାରଣ ପାଇଁ ଏହି କଳାଟିକା ଲଗାଉ ନଥିଲେ,ଏହାକୁ ଦୃଷ୍ଟିବିନ୍ଦୁ ନାମରେ ମଧ୍ୟ ସେଦିନ କହୁନଥିଲେ । ବିବାହ କାର୍ଯ୍ୟରେ ସବୁ ଆଚରଣ କିଛି କିଛି ଦୈବଜ୍ଞାନ ବୋଧ କରିଥାଏ ।

ସେହି ଅନୁସାରେ ଏହି ଆଚରଣ ମଧ୍ୟ ଜ୍ଞାନ ସମ୍ବନ୍ଧୀୟ ଆଚରଣ ବୋଲି କହିପାରିବା । ବିବାହ ଆଚରଣକୁ ଦେଖୁଥିବା ଦେଖଣାହାରିମାନେ ଏହି କଳାଟିକାକୁ ଦେଖିବା ଦ୍ୱାରା କେଉଁ ଜ୍ଞାନ ଜାଣୁଥିଲେ ତାହା ଜାଣିବା ।

ମଣିଷ ପ୍ରଥମେ ଶିଶୁ ହୋଇ ଜନ୍ମ ହୋଇଥାଏ । ଜନ୍ମିତ ପ୍ରତ୍ୟେକ ଶିଶୁ ଉପରେ ଈଶ୍ୱରଙ୍କ ଦୃଷ୍ଟି ଥାଏ । ପ୍ରତ୍ୟେକ ଶିଶୁର ଶରୀର ଈଶ୍ୱରଙ୍କ ନିଳୟ ହୋଇ ରହିଥାଏ । ଶରୀର ପ୍ରକୃତି ସମ୍ବନ୍ଧୀୟ ହେଲେ ମଧ୍ୟ ଶରୀରରେ ପରମାତ୍ମା, ଆତ୍ମା, ଜୀବାତ୍ମା ନାମକ ତିନିଗୋଟି ଆତ୍ମା ରହିଥାନ୍ତି । ପରମାତ୍ମା ସୀମାହୀନ ହେଲେ ହେଁ ଶରୀରରେ ମଧ୍ୟ ରହିଥାନ୍ତି । ତେଣୁ **"ମତ୍ସ୍ଥାନି ସର୍ବ ଭୂତାନି"** ବୋଲି ଭଗବଦ୍ଗୀତାର ରାଜବିଦ୍ୟା ରାଜଗୁହ୍ୟ ଯୋଗର ୪ର୍ଥତମ ଶ୍ଳୋକରେ କହିଛନ୍ତି । ମତ୍ କହିଲେ ମୋର, ସ୍ଥାନି କହିଲେ ସ୍ଥାନରେ । ପରମାତ୍ମା ଅସୀମ ଭାବରେ ଅଛନ୍ତି ବା ସେ ବିଶାଳ ଭାବରେ ଅଛନ୍ତି ତେଣୁ ପ୍ରତ୍ୟେକ ଜୀବରାଶି ତାଙ୍କରି ଦେହରେ ଅଛନ୍ତି । ସେହିଭଳି ପରମାତ୍ମା ସମସ୍ତ ଶରୀରରେ ମଧ୍ୟ ଅଛନ୍ତି । ସେଥିଲାଗି ପ୍ରତ୍ୟେକ ଶରୀର ପରମାତ୍ମାଙ୍କ ଦ୍ୱାରା ଚିହ୍ନିତ ହୋଇଥାଏ ବା ପରମାତ୍ମାଙ୍କ ଦୃଷ୍ଟି ସମସ୍ତଙ୍କ ଉପରେ ଥାଏ ବୋଲି କହିପାରିବା । ଏହି ବିଷୟକୁ ସମସ୍ତେ ଗ୍ରହଣ କରିବା ପାଇଁ ପ୍ରତ୍ୟେକ ଶରୀରରେ ଜନ୍ମରୁ କୌଣସିନା କୌଣସି ସ୍ଥାନରେ ନିଶ୍ଚୟ **"କଳାଜାଇ"** ରହିଥାଏ । ଜନ୍ମ ହେବାବେଳେ ଏହି କଳାଜାଇ କେଉଁଠି ଅଛି ବଡମାନେ ଖୋଜି ଦେଖିଥାନ୍ତି । ଜନ୍ମ ହେବାବେଳେ ଶରୀରରେ ଏଭଳି କଳାଜାଇ କାହିଁକି ରହିଥାଏ ବୋଲି କେହି ଆଲୋଚନା କରନ୍ତି ନାହିଁ । କଳାଜାଇ ଜନ୍ମରୁ ଶରୀରରେ ରହିବା ଦ୍ୱାରା ତୁ ଜନ୍ମ ହେବାବେଳେ ମୋ ଦ୍ୱାରା ଚିହ୍ନିତ ହୋଇଯାଇଛୁ ବୋଲି ପରମାତ୍ମା (ଈଶ୍ୱର) ଜଣାଇଛନ୍ତି ବୋଲି ଜଣାଯାଉଛି । ପ୍ରତ୍ୟେକ ମଣିଷ ଈଶ୍ୱରଙ୍କ ସ୍ଥାନରେ ଥାଆନ୍ତି ବୋଲି ଯେଉଁ ଚିହ୍ନ ସେ ଜନ୍ମରୁ ରଖିଛନ୍ତି ତାହାକୁ ହିଁ **କଳାଜାଇ** କହନ୍ତି । ଜନ୍ମହେବା ପରେ ମଧ୍ୟ ବୟସ ବଢିବା କ୍ରମେ ଶରୀରରେ କେଉଁଠି କେଉଁଠି କଳାଜାଇ ହୋଇଥାଏ । ଏହା ଦ୍ୱାରା ଜନ୍ମ ହେବାବେଳେ, ଜନ୍ମହେବା ପରେ

କେତେବେଳେ ମଧ୍ୟ ତୋ ଶରୀର ମୋ ଅଧିନରେ ଅଛି, ତୋ ଉପରେ ମୋର ଦୃଷ୍ଟି ରହିଛି, ତୁ ମୋ ଦ୍ୱାରା ଚିହ୍ନିତ ହୋଇଯାଇଛୁ ବୋଲି ରହିଥିବା ଜ୍ଞାନକୁ ଜଣାଇବା ପାଇଁ ଏହି ଆଚରଣକୁ ବଡମାନେ ଇନ୍ଦୁରୀତିରେ ସ୍ଥାନ ଦେଇଥିଲେ ।

ଜନ୍ମିତ ସ୍ତ୍ରୀ ଶରୀର ହେଉ, ଜନ୍ମିତ ପୁରୁଷ ଶରୀର ହେଉ ଶରୀରରେ କଳାଜାଇ ରହି ଈଶ୍ୱରଙ୍କ ଅସ୍ତିତ୍ୱକୁ ସୂଚାଇଥାଏ । ଏହି ବିଷୟକୁ ଜଣାଇବା ନିମନ୍ତେ ପୂର୍ବେ ଦୈବଜ୍ଞାନ ଜାଣିଥିବା ବଡମାନେ ବିବାହ କାର୍ଯ୍ୟରେ ବର କନ୍ୟାଙ୍କ ମୁଖରେ ସ୍ୱଷ୍ଟ ଭାବରେ ଦେଖାଯିବା ଭଳି ଗାଲରେ କଳାଟିକା ଲଗାଇ ଦେଖାଉଥିଲେ । **ବରର ଡାହାଣ ଗାଲରେ କଳାଟିକା ରହୁଥିବା ସ୍ଥଳେ, କନ୍ୟାର ବାମ ଗାଲରେ କଳାଟିକା ରହୁଥିଲା । ଶରୀରର ଦକ୍ଷିଣ (ଡାହାଣ) ପାର୍ଶ୍ୱ ପରମାତ୍ମା ସମ୍ବନ୍ଧୀୟ, ବାମ ପାର୍ଶ୍ୱ ପ୍ରକୃତି ସମ୍ବନ୍ଧୀୟ ବୋଲି ସେମାନଙ୍କର ଭାବରେ ଥିଲା । ଅର୍ଦ୍ଧନାରୀଶ୍ୱର ଚିତ୍ରରେ ଦକ୍ଷିଣ ପାର୍ଶ୍ୱରେ ଈଶ୍ୱର ରହି ବାମ ପାର୍ଶ୍ୱରେ ପାର୍ବତୀ ରହିବା ମଧ୍ୟ ଏହି ଅର୍ଥ ପ୍ରଦାନ କରିଥାଏ । ବରକନ୍ୟାଙ୍କ ଗାଲରେ ଏହି କଳାଟିକା ଶରୀରରେ ଜନ୍ମରୁ ଆସିଥିବା ଏବଂ ଜନ୍ମ ପରେ ମଧ୍ୟ ଆସୁଥିବା ଦୈବସଙ୍କେତ ଭାବରେ ଲଗାଇ ଦିଆଯାଏ ବୋଲି ଜାଣିବା ଉଚିତ୍** । ଏହି ମହାନ ଜ୍ଞାନ ଥିବା ଆଚରଣକୁ ଦୃଷ୍ଟିବିନ୍ଦୁ ବୋଲି କହିବା ଠିକ୍ ନୁହେଁ । ପୂର୍ବେ ଆତ୍ମଜ୍ଞାନର ଅର୍ଥ ନଥାଇ ବିବାହରେ କୌଣସି ଆଚରଣ ନଥିଲା । ତେଣୁ ଏପର୍ଯ୍ୟନ୍ତ ସେମାନଙ୍କୁ ଜଣାନଥିବା ଦୈବିକରୀତି ବାବଦରେ ବର କନ୍ୟାଙ୍କୁ ଜଣାଇବା ପାଇଁ, ଅନ୍ୟମାନେ ମଧ୍ୟ ଜାଣିବା ପାଇଁ ଗାଲରେ ନିହାତି କଳାଜାଇ ଟିକା ଲଗାଉଥିଲେ । ଏହି ଆଚରଣ ଆଜି ଥିଲେ ମଧ୍ୟ ସେଥିରେ ଥିବା ଦୈବଜ୍ଞାନ ଆମକୁ ଅଜଣା ରହିଯାଇଛି । ଏବେ ଆମେ ଆମ ଇନ୍ଦୁରୀତି ଅନୁସାରେ ବରକନ୍ୟାଙ୍କ ଗାଲରେ କଳାଜାଇ ଟିକା ଲଗାଇ ଜାଣିଥିବା ଜ୍ଞାନ ସମସ୍ତଙ୍କୁ ଜଣାଇବା ।

*****

# ଅଣ୍ଟି ଚାଉଳ - ଗଣ୍ଠି ଚାଉଳ

(ଏହି ରୀତି ଆଜି ଦକ୍ଷିଣ ଓଡିଶାରେ ଥିଲେ ମଧ୍ୟ ତାହା ବିଲୁପ୍ତପ୍ରାୟ ରହିଥିବାରୁ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହା ଆମ ଓଡିଶାର ରୀତିରେ ନାହିଁ ବୋଲି ହେୟ ଜ୍ଞାନ କରନ୍ତୁ ନାହିଁ । ଏହି ରୀତି ଦିନେ ମହାନ ଆତ୍ମଜ୍ଞାନ ଜଣାଉଥିଲା । ଆଜି ଆମ ଅଞ୍ଚଳରେ ନାହିଁ ବୋଲି ଯେ, ଆମର ଦୈବଜ୍ଞାନ ଆବଶ୍ୟକ ନାହିଁ ବୋଲି କହିପାରିବା ନାହିଁ । ତାହା ଯେଉଁଠି ଥାଉ ପଛେ ଯଦି ସେଥିରେ ଆତ୍ମଜ୍ଞାନ ରହିଛି ତାହାକୁ ଆମେ ଜାଣିବା ଦରକାର, ଆଚରଣରେ ଆଣିବା ଆହୁରି ସନ୍ତୋଷକର ବିଷୟ । ତେଣୁ ଘୃଣିତ ନୟନରେ ନୁହେଁ, ଦୈବଜ୍ଞାନ ପାଇଁ ବ୍ୟାକୁଳ ନୟନରେ ପାଠକରିବେ ବୋଲି ଆଶା କରୁଛୁ --ଅନୁବାଦକ)

ବିବାହ କାର୍ଯ୍ୟରେ ବରର ଗଣ୍ଠିଲି ଚାଉଳ, କନ୍ୟାର ଅଣ୍ଟି ଚାଉଳ ବନ୍ଧାଯିବା ରୀତି ଦିନେ ଇନ୍ଦୁରୀତି ହୋଇ ରହିଥିଲା । ବରର କାନ୍ଧ ଉପରୁ ପଛକୁ ଗୋଟିଏ ପାର୍ଶ୍ୱ ଗାମୁଛାର ଅଗ୍ରଭାଗରେ କିଛି ଚାଉଳକୁ ଗଣ୍ଠିଲି କରି ବାନ୍ଧୁଥିଲେ । ଗାମୁଛାରେ ଚାଉଳକୁ ଏଭଳି ଗଣ୍ଠିଲି କରି ବାନ୍ଧି ଡାହାଣ କାନ୍ଧ ଉପରୁ ପଛରେ ନେଇ, ବାମ କାନ୍ଧର ତଳେ ନେଇ, ପୁଣି ଡାହାଣ କାନ୍ଧର ଉପରକୁ ଗାମୁଛାଟି ଦେଖାଯିବା ଭଳି ରଖୁଥିଲେ । ଆଗରୁ ଡାହାଣ କାନ୍ଧ ଉପରେ ବାମ କାଖତଳେ ପୁଣି ଡାହାଣ କାନ୍ଧ ଉପରକୁ ଗାମୁଛାଟି ଦେଖାଯାଇଥାଏ । ଚାଉଳ ଗଣ୍ଠିଲି ଡାହାଣ କାନ୍ଧ ଉପରୁ ପଛକୁ ଝୁଲିବା ଭଳି ରହିଥାଏ । ଏଭଳି ରହିବା ଦ୍ୱାରା ଚାଉଳ ଗଣ୍ଠିଲିଟିକୁ ସେତେବେଳେ ଆହାର ଗନ୍ତା କହୁଥିଲେ, ତାହା ପଛରେ ରହିବା ଭଳି ରଖୁଥିଲେ । **"ବଡଙ୍କ କଥା ସନ୍ଧି (ଆହାର) ଗନ୍ତା"** ନାମକ ରଢିଟିଏ ପୂର୍ବ କାଳରେ କୁହାଯାଉଥିଲା । ଏହାର ଅର୍ଥ, **"ଜାଣିଥିବା ଲୋକମାନେ ଯାହା କହନ୍ତି ତାହା ଆତ୍ମଜ୍ଞାନ"** ହିଁ ହୋଇଥାଏ । ଦୈବଜ୍ଞାନକୁ ବଡମାନଙ୍କ କଥା ବୋଲି ସାଧାରଣ ଭାବରେ ଆମେ କହୁଛେ । ବଡ ହୋଇଥିବା ଜ୍ଞାନୀମାନଙ୍କଠାରୁ ଦୈବଜ୍ଞାନକୁ ଜାଣି ମୁଁ ସବୁବେଳେ ଜ୍ଞାନଯୁକ୍ତ ହୋଇ ରହିଛି ବୋଲି ଜଣାଇବା ପାଇଁ

ଏହି ନିୟମକୁ "ଗଣ୍ଠିଚାଉଳ" ନାମରେ ବରର କାନ୍ଧରେ ବାନ୍ଧୁଥିଲେ । ମଣିଷଠାରେ ଜ୍ଞାନ ଦେଖାନଯାଇ ରହିଥାଏ । ତେଣୁ କେଉଁ ମଣିଷଠାରେ କେତେ ଜ୍ଞାନ ରହିଛି କହିପାରିବା ନାହିଁ । ଦେଖିଲେ ଜ୍ଞାନ ଦେଖାଯାଇ ନଥାଏ, ସେଥିଲାଗି ଜ୍ଞାନକୁ ଚାଉଳ ଭାବରେ ନେଇ କେହି ଦେଖି ନପାରିବା ଭଳି କରି ବରର କାନ୍ଧ ପଛରେ ଝୁଲାଇ ଦେଉଥିଲେ । ଏହା ହିଁ ସେତେବେଳର ବିବାହ ରୀତିରେ ବରର କାନ୍ଧରେ ଏକ ଜ୍ଞାନଦାୟକ କାର୍ଯ୍ୟ ଭାବରେ ଆଚରିତ ହେଉଥିଲା । **ସତ୍ କହିଲେ ଭଲ ବା ଜ୍ଞାନ, ଧି କହିଲେ ବୁଦ୍ଧି,** ତେଣୁ ଭଲ ଜ୍ଞାନ, ଭଲ ବୁଦ୍ଧି ହୋଇଥିବା **ସନ୍ଧି** ଗଣ୍ଠିଲିରେ ଲୁଚି ରହିଥାଏ ବୋଲି ସନ୍ଧିଗନ୍ତା (ଭଲ ଜ୍ଞାନ ଏବଂ ବୁଦ୍ଧିର ଗଣ୍ଠିଲି) ବୋଲି କହିଥିଲେ । ଏହି ସନ୍ଧିଗନ୍ତା ବାବଦରେ ଜାଣି ବୋଧକରୁଥିବା ଜ୍ଞାନୀମାନଙ୍କୁ ବଡ ବା ମହାତ୍ମା ବୋଲି କୁହାଯାଉଥିଲା । ଜ୍ଞାନଯୁକ୍ତ ହୋଇ ରହିବାକୁ ସନ୍ଧିଗନ୍ତା ଧରିଥିବା ପାତ୍ର ସହିତ ତୁଳନା କରିଥିଲେ । ବରକୁ ବିବାହରେ ବଡମାନଙ୍କ ଦ୍ୱାରା ଦୈବଜ୍ଞାନ ଦିଆଯାଇଥାଏ । ତେଣୁ ବରର କାନ୍ଧରେ ଏହି ଚାଉଳ ଗଣ୍ଠିଲିକୁ (ସନ୍ଧି ଗନ୍ତାକୁ) ଝୁଲାଇ ଦେଉଥିଲେ । ଏହି ଚାଉଳ ଗଣ୍ଠିଲିଟି ମାତ୍ର ଆଞ୍ଜୁଳିଏ ଚାଉଳର ହେବା ଉଚିତ୍ ବୋଲି ବିବାହ କାର୍ଯ୍ୟ କରାଉଥିବା ଜ୍ଞାନୀମାନଙ୍କ ଦ୍ୱାରା ନିର୍ଣ୍ଣୀତ ହୋଇଥାଏ ।

ବିବାହ କାର୍ଯ୍ୟରେ ବର ଭଳି କନ୍ୟାର ପେଟ ଉପରେ (ଅଣ୍ଟି ବା କୋଳରେ) ମଧ୍ୟ ଗୋଟିଏ ଚାଉଳ ଗଣ୍ଠିଲି କରି ବାନ୍ଧୁଥିଲେ । ଏହାକୁ **"ଅଣ୍ଟିଚାଉଳ"** କୁହାଯାଉଥିଲା । ଚାଉଳର ଅର୍ଥ ଜ୍ଞାନ ବୋଲି ଆମେ ଜାଣିଛେ । ଏହି ଜ୍ଞାନ ସୂଚକ ଚାଉଳ ଗଣ୍ଠିଲିଟିଏ କନ୍ୟାର ପେଟ ଉପରେ ବାନ୍ଧିବାରେ କି କାରଣ ଥିଲା ଜାଣିବା । ସ୍ତ୍ରୀମାନଙ୍କର ଗର୍ଭୋତ୍ପତି ସ୍ଥାନ ହେଉଛି ପେଟ । ସ୍ତ୍ରୀ ଗର୍ଭରୁ ଜନ୍ମିତ ସନ୍ତାନ ଜ୍ଞାନୀ ହୋଇ ଜନ୍ମ ହେଉ ବୋଲି ସେମାନଙ୍କ ଉଦ୍ଦେଶ୍ୟ ଥିବାରୁ କନ୍ୟାର ଗର୍ଭୋତ୍ପତି ସ୍ଥାନ ହୋଇଥିବା ପେଟ ଉପରେ ବାହ୍ୟତଃ ଚାଉଳ ଗଣ୍ଠିଲିଟିଏ ବାନ୍ଧି ଦେଖାଉଥିଲେ । ଦେହରେ ବଢୁଥିବା ସନ୍ତାନକୁ ମୁଁ ଜ୍ଞାନୀହେବା ଭଳି ବଢାଇବି ବୋଲି

ସ୍ତ୍ରୀ ଜଣାଇବାକୁ ଯାଇ, ମୋ ଗର୍ଭର ଛୁଆ ଜ୍ଞାନରେ ବଢି, ଜ୍ଞାନୀ ହେଉ ବୋଲି ଜଣାଇବାକୁ ପେଟ ଉପରେ ଅଣ୍ଟିଚଉଳ ନାମକ ଚଉଳ ଗଣ୍ଠିଲିକୁ ବାନ୍ଧୁଥିଲେ । ଅଣ୍ଟିଚଉଳରେ ପାଞ୍ଚ ପ୍ରକାରର ବସ୍ତୁ ମିଶାଇ ଦିଆଯାଇଥାଏ । ଜନ୍ମିତ ଶିଶୁ ପ୍ରଥମେ ପଞ୍ଚଭୂତର ବିଷୟରେ ଜନ୍ମ ହୋଇଥିଲେ ମଧ୍ୟ, ମୋ ଦେହରେ ବଢୁଥିବା ଭୌତିକ ବିଷୟ ଦୈବଜ୍ଞାନରେ ବୁଡିଯାଉ ବୋଲି ଜଣାଇବା ପାଇଁ ପାଞ୍ଚଗୋଟି ବସ୍ତୁ ବୁଡିଯିବା ଭଳି କନ୍ୟାର ପେଟ ଉପରେ ବନ୍ଧାଯାଉଥିବା ଚଉଳ ଗଣ୍ଠିଲିରେ ଅଧିକ ଚଉଳ ବନ୍ଧାଯାଇଥାଏ । ବର କାନ୍ଧରେ ରହୁଥିବା ଗଣ୍ଠିଲିରେ ମାତ୍ର ଆଞ୍ଜୁଳିଏ ଚଉଳ ରହୁଥିବା ବେଳେ, କନ୍ୟାର ପେଟ ଉପରେ ଥିବା ଚଉଳ ଗଣ୍ଠିଲିରେ ପାଞ୍ଚଗୋଟି ବସ୍ତୁ ବୁଡି ରହିବା ଭଳି ଚଉଳ ବାନ୍ଧୁଥିଲେ । ଏହିଭଳି ଅଣ୍ଟିଚଉଳ ନାମକ ଚଉଳ ଗଣ୍ଠିଲି କନ୍ୟାର ପେଟଉପରେ ବାନ୍ଧିବା ଆଚାର ପୂର୍ବେ ଥିଲା, ଆଜି ମଧ୍ୟ କେତେକାଞ୍ଚଳରେ ଦେଖାଯାଏ, କିନ୍ତୁ ଆଚରଣର ଅର୍ଥ କେହି ଜାଣନ୍ତି ନାହିଁ ବୋଲି କହିପାରିବା । ବିବାହ ପରେ ସ୍ୱାମୀ ଘରକୁ ପଠାଇ ଦିଆଯାଉଥିବା କନ୍ୟାର ପେଟରେ ବନ୍ଧା ଯାଉଥିବା ଏହି ଚଉଳଗଣ୍ଠିଲି ଆଚାର ଏବଂ ବିବାହ ସମୟରେ ବର କାନ୍ଧରେ ଝୁଲୁଥିବା ଚଉଳ ଗଣ୍ଠିଲିର ଆଚାର ଆଜି ମଧ୍ୟ କେଉଁଠି କେଉଁଠି ଦେଖିବାକୁ ମିଳିଥାଏ । ଏହାର ଅର୍ଥ କାହାକୁ ଜଣା ନଥିଲେ ମଧ୍ୟ ଆଚାର ରହିଛି । ଏହା ସାଧାରଣ ଆଚାର ନୁହେଁ ଆମ ଇନ୍ଦୁ ରୀତି ଥିଲା ବୋଲି କେହି ଜାଣିପାରି ନାହାନ୍ତି । ଆଜି ଏହି ରୀତି ଥିଲା କହିଲେ କେତେକାଞ୍ଚଳରେ କେହି ବିଶ୍ୱାସ କରନ୍ତି ନାହିଁ । ବିବାହ କାର୍ଯ୍ୟରେ ଦୈବତ୍ତ୍ୱକୁ ଜଣାଇଦେଉଥିବା ଆମ ରୀତି ଆଜି ଲୋପ ପାଇବାକୁ ବସିଛି । ଏବେ ବି ସମୟ ଅଛି ଆମେ ତାକୁ ବଞ୍ଚାଇ ରଖିପାରିବା । ତାହା ବଞ୍ଚିରହିଲେ ଆମେ ପ୍ରକୃତ ଦୈବମାର୍ଗରେ ଚାଲିପାରିବା, ଆମ ଭବିଷ୍ୟତ ପିଢୀମାନେ ମଧ୍ୟ ସତ୍ପଥଗାମୀ ହେବେ । ତେଣୁ ବିବାହର କାର୍ଯ୍ୟକୁ ଅର୍ଥ ଜାଣି କରିବାକୁ ଚେଷ୍ଟାକରିବା ।

*****

# ଝୁଣ୍ଟିଆ

ବାପାଘର, ଶାଶୁଘର ଏଭଳି ଦୁଇଟି ଘର ସ୍ତ୍ରୀମାନଙ୍କର ରହିଥାଏ, କିନ୍ତୁ ପୁରୁଷର କେବଳ ବାପଘର ରହିଥାଏ । ପୁରୁଷ ହୋଇଥିବା ପରମାତ୍ମା ସର୍ବଦା ଗୋଟିଏ ପ୍ରକାରର ବା ଅପରିବର୍ତ୍ତନୀୟ ଭାବରେ ରହିଥାନ୍ତି ବୋଲି ଜଣାଇବା ପାଇଁ ପରମାତ୍ମାଙ୍କ ସଙ୍କେତ ହୋଇଥିବା ପୁରୁଷର କେବଳ ବାପ ଘର ଥାଏ ବୋଲି ଜଣାଇଥିଲେ । ସ୍ତ୍ରୀ ହୋଇଥିବା ପ୍ରକୃତି ସବୁବେଳେ ଗୋଟିଏ ପ୍ରକାରର ରହିନଥାଏ, ଜନ୍ମ ପରେ ସେ ସର୍ବଦା ବଦଳିଥାଏ ବୋଲି ଜଣାଇବା ପାଇଁ ପ୍ରକୃତିର ସଙ୍କେତ ହୋଇଥିବା ସ୍ତ୍ରୀର ଶାଶୁଘର ଥାଏ । ଜନ୍ମ ଏବଂ ମରଣରେ ଜୀବନ ମଧ୍ୟ ଥାଏ । ପ୍ରକୃତି ଦ୍ୱାରା ଜୀବର ଜୀବନ ନିର୍ବାହ ହୋଇଥାଏ । ତେଣୁ ଜୀବନବଞ୍ଚିବା ଘର ସ୍ତ୍ରୀର ଥାଏ, ତାହା ହିଁ ତାର ଶାଶୁଘର । ଏହି ବିଷୟକୁ ଅର୍ଥାତ୍ ପୁରୁଷତତ୍ତ୍ୱ ପରମାତ୍ମାଙ୍କ ବିଷୟ ଏବଂ ସ୍ତ୍ରୀତତ୍ତ୍ୱ ପ୍ରକୃତି ବିଷୟକୁ ସମସ୍ତେ ଜାଣିବା ପାଇଁ ଏକ ରୀତିକୁ ବିବାହ କାର୍ଯ୍ୟରେ ରଖିଥିଲେ ବଡମାନେ ।

ବିବାହ ପରେ ପୁଅ ତାର ବାପଘରେ ସେହିଭଳି ପୁଅ ହୋଇ ରହିଥାଏ, କିନ୍ତୁ ଘରକୁ ଆସୁଥିବା ଝିଅଟି କେବଳ ଝିଅ ନରହି ନୂଆ ନାମରେ କୁହାଯାଏ । ବିବାହରେ ବର କନ୍ୟା ବୋଲି ନାମିତ ହୋଇଥିବା ପୁଅ ଝିଅଙ୍କ ଭିତରୁ ବିବାହକାର୍ଯ୍ୟ ପରେ ପୁଅକୁ ପୁଅ କୁହାଯାଏ, କିନ୍ତୁ ଝିଅଟି ବୋହୂ ନାମରେ କୁହାଯାଏ । ଏହି ବିଷୟ ଆଲୋଚନା କଲେ ପୁଅ ସେହିଭଳି ପୁଅ ହୋଇ ରହିଥାଏ, ହେଲେ ଝିଅ କାହିଁକି ବଦଳିଯାଏ ବୋଲି ପ୍ରଶ୍ନ ନିଶ୍ଚୟ ଆସିଥାଏ । ତେଣୁ ଏଥିରେ କିଛି ଅଜଣା ରହସ୍ୟ ଲୁଚିରହିଛି ବୋଲି କହିପାରିବା । ସେହି ରହସ୍ୟ ହେଉଛି **! ପୁଅ, ବୋହୂ ନାମକ ଦୁଇ ଶବ୍ଦରେ ହିଁ ଏକ ସ୍ୱତନ୍ତ୍ର ଅର୍ଥ ରହିଛି** । ପୁଅ ଶବ୍ଦଟି ଏକବଚନ ହୋଇଥିବା ସ୍ଥଳେ ବୋହୂ ଶବ୍ଦଟି ବହୁବଚନ ହୋଇ ରହିଛି । (ପୂର୍ବେ ବହୁ ଥିବାବେଳେ, ଅନ୍ୟ ରାଜ୍ୟର ଲୋକମାନେ ମଧ୍ୟ ବହୁ କହୁଥିବା ବେଳେ, ଆମ ଭାଷାରେ ବହୁରୁ ବଧୂ ହୋଇ ତୁଣ୍ଡର କଥାରେ ବୋହୂ କୁହାଯାଉଛି) । ଆଧ୍ୟାତ୍ମିକ ଅର୍ଥ

ଅନୁସାରେ ପୁଅ ପରମାତ୍ମା ଅଂଶ, ସ୍ତ୍ରୀ ପ୍ରକୃତି ଅଂଶ ବୋଲି କହିପାରିବା । ସେହି ଅନୁସାରେ ପୁଅ ଏକବଚନରେ କୁହାଯାଉଥିବା ପରମାତ୍ମା ଅଂଶର ଜୀବାତ୍ମା ହୋଇଥିବା ସ୍ଥଳେ, ବହୁବଚନରେ କୁହାଯାଉଥିବା ପ୍ରକୃତି ଅଂଶର ଗୁଣରାଜି ବହୁ ହୋଇ ରହିଛି । **ଗୁଣରାଜିର ଏବଂ ଜୀବାତ୍ମାର ପ୍ରତୀକ ଭାବରେ ବହୁ (ବୋହୁ) ଏବଂ ପୁଅ ବୋଲି କୁହାଯାଇଛି** । ଶରୀରର ଗୁଣଗୁଡିକ ଭିତରେ ଜୀବାତ୍ମା ମିଶିଯାଇ ରହିଥାଏ, ତେଣୁ ମିଶିଯାଉଥିବା ପାତ୍ରକୁ ଏକ ବଚନରେ କହିବାକୁ ଯାଇ ପୁଅ କୁହାଯାଇଛି । ସେହିଭଳି ଗୁଣରାଜି ନିଜ ଭିତରେ ଜୀବକୁ ମିଶାଇ ଦେଇଥାନ୍ତି, ତେଣୁ ଗୁଣଗୁଡିକୁ ବହୁବଚନରେ କହିବାକୁ ଯାଇ ସ୍ତ୍ରୀକୁ ବହୁ  ବା ବୋହୁ କୁହାଯାଇଛି ।

ଶରୀରରେ ବଞ୍ଚିଥାଏ ଜୀବ, ତାର ଜୀବନକୁ କାର୍ଯ୍ୟ ରୂପରେ ବିତାଇଥାନ୍ତି ଗୁଣରାଜି । ଗୁଣ ଅର୍ଥାତ୍ ପ୍ରକୃତିର ଅନ୍ୟ ନାମ ହୋଇଥିବା ସ୍ତ୍ରୀର ଶାଶୁଘର ଥାଏ ବୋଲି କହିଥାନ୍ତି । ଶାଶୁଘର କହିଲେ ଯେଉଁଠି ରହି ଜୀବନ ବିତାଇବାକୁ ହୋଇଥାଏ । ତାହାକୁ ବାହ୍ୟତଃ ଜଣେ ସ୍ତ୍ରୀ ବାପଘରୁ ଶାଶୁଘରକୁ ଗଲେ ସେଠାରେ ମୃତ୍ୟୁବରଣ କରିବା ପର୍ଯ୍ୟନ୍ତ ରହିବ ବୋଲି ସମସ୍ତେ ଜାଣିଥାନ୍ତି । ମରଣ ଶ୍ୱାସ ଅଟକିଯିବା ବେଳେ ହିଁ ଆସିଥାଏ । ପଞ୍ଚଭୂତ ଭିତରୁ ଶ୍ୱାସ ଦ୍ୱିତୀୟତମ । ବଞ୍ଚିଥିବା ବେଳେ ଶ୍ୱାସ ଆତ୍ମଶକ୍ତି ଦ୍ୱାରା ଚାଲିଥାଏ । ଶାଶୁଘରେ ଥିବା ସ୍ତ୍ରୀ ନିଜର ମରଣ ପର୍ଯ୍ୟନ୍ତ ତାକୁ ସବୁ ଦିଗରୁ ଶକ୍ତି ଦେଉଥିବା, ତାର ସମସ୍ତ ଭାର ବହନ କରୁଥିବା ସ୍ୱାମୀକୁ ଭୁଲିଯିବା ଉଚିତ୍ ନୁହେଁ ବୋଲି ବଡମାନଙ୍କର ଭାବନା ବାହ୍ୟତଃ ଯେତିକି ଥିଲା, ଜୀବାତ୍ମା ଆତ୍ମାକୁ ଭୁଲିଯିବା ଉଚିତ୍ ନୁହେଁ ନାମକ ଆଧ୍ୟାତ୍ମିକ ରହସ୍ୟ ସେତିକି ଥିଲା । ଜୀବ ତାର ଜୀବନକୁ ଗୁଣରାଜି ସହିତ ବିତାଇବା ପାଇଁ ଶରୀରରେ ଆତ୍ମା ଶକ୍ତି ଉପଯୋଗ ହୋଇଥାଏ । ଆତ୍ମା ଶରୀରରେ ଶ୍ୱାସକୁ ଚଲାଉଥିବା ପର୍ଯ୍ୟନ୍ତ ଜୀବନ ବିତିଥାଏ । ଶ୍ୱାସ ସ୍ଥିର ରହିଗଲେ ଗୁଣରାଜି ମଧ୍ୟ ଅଟକିଯାନ୍ତି ।

ଜୀବନ ଚଳିବା ପାଇଁ ପଞ୍ଚଭୂତ କାର୍ଯ୍ୟ କରିଥାନ୍ତି । ସେହିଭଳି ଶରୀର ଚଳିବା ପାଇଁ ଶରୀରରେ ଥିବା ଗୋଡଗୁଡ଼ିକ କାର୍ଯ୍ୟ କରିଥାନ୍ତି, ବିତୁଥିବା ଜୀବନକୁ ପଞ୍ଚଭୂତ କହିବା ଭଳି, ଚଳୁଥିବା ପାଦର ମଧ୍ୟ ପାଞ୍ଚଗୋଟି ଆଙ୍ଗୁଳି ରହିଥାଏ । ପାଦର ସେହି ପାଞ୍ଚଗୋଟି ଆଙ୍ଗୁଳିକୁ ପଞ୍ଚଭୂତ ସହିତ ତୁଳନା କଲେ ପ୍ରଥମ ଆଙ୍ଗୁଳି ହୋଇଥିବା ବୃଦ୍ଧାଙ୍ଗୁଳିକୁ ଆକାଶ ଭାବରେ, ଦ୍ୱିତୀୟ ଆଙ୍ଗୁଳିକୁ ବାୟୁ ଭାବରେ, ୩ୟ ହୋଇଥିବା ମଝି ଆଙ୍ଗୁଳିକୁ ଅଗ୍ନି ଭାବରେ, ୪ର୍ଥ ଅଙ୍ଗୁଳିକୁ ଜଳ ଭାବରେ, ୫ମ ଅଙ୍ଗୁଳି ହୋଇଥିବା କନିଷ୍ଠା ବା କାଣି ଆଙ୍ଗୁଳିକୁ ଭୂମି ଭାବରେ ତୁଳନା କରିପାରିବା, ଏହି ହିସାବରେ ପାଦର ଦ୍ୱିତୀୟ ଆଙ୍ଗୁଳି ବାୟୁ ଭାବରେ ଗଣାଯାଇ ଶରୀରରେ ଚଳୁଥିବା ଶ୍ୱାସର (ପ୍ରାଣର) ସଙ୍କେତ ହୋଇ ରହିଥାଏ । ଶ୍ୱାସକୁ ପ୍ରାଣ ମଧ୍ୟ କୁହାଯାଏ । ଶରୀରରେ ପ୍ରାଣ ଥିବା ପର୍ଯ୍ୟନ୍ତ ସେଥିରେ ଜୀବ ରହିଥାଏ, ଆତ୍ମା ଥିବା ପର୍ଯ୍ୟନ୍ତ ପ୍ରାଣ ରହିଥାଏ । ପ୍ରାଣ ଅର୍ଥାତ୍ ଶ୍ୱାସ ଆତ୍ମଶକ୍ତି ଦ୍ୱାରା ଚଳିଥାଏ ବୋଲି ଭୁଲିବା ଉଚିତ୍ ନୁହେଁ । ଶାଶୁଘରେ ଥିବା ଝିଅର ଜୀବନବଞ୍ଚିବା ଘରଟି ମଧ୍ୟ ଆଧ୍ୟାତ୍ମିକ ଦୃଷ୍ଟିରୁ ଆତ୍ମାଘର । ତେଣୁ ତାଠାରେ ପ୍ରାଣ ଥିବା ପର୍ଯ୍ୟନ୍ତ ସେ ସେହିଠାରେ ହିଁ ସବୁବେଳେ ବୋହୁ ହୋଇ ରହିବ । ବିତୁଥିବା ପ୍ରକୃତି ଜୀବନକୁ ଚଳୁଥିବା ପାଦ ସହିତ, ପାଦର ଆଙ୍ଗୁଳିଗୁଡ଼ିକୁ ପଞ୍ଚଭୂତ ସହିତ, ତନ୍ମଧ୍ୟରୁ ଦ୍ୱିତୀୟ ଆଙ୍ଗୁଳିକୁ ପ୍ରାଣ ସହିତ ତୁଳନା କଲାବେଳେ, ସେହି ପ୍ରାଣ ଆତ୍ମା ଦ୍ୱାରା ଚଳିଥାଏ ବୋଲି ଜାଣିବା ପାଇଁ ସ୍ତ୍ରୀ ପାଦର ଦ୍ୱିତୀୟ ଆଙ୍ଗୁଳିରେ "ଝୁଣ୍ଟିଆ' ନାମକ ହାତମୁଦି ଭଳି ଧାତବ ବସ୍ତୁକୁ ଆତ୍ମାର ସଙ୍କେତ ଭାବରେ ନେଇ ପିନ୍ଧାଇଥିଲେ । ଧାତୁ ଭିତରେ ସୁନାକୁ ପରମାତ୍ମାଙ୍କ ସଙ୍କେତ ଭାବରେ, ରୂପାକୁ ଆତ୍ମାର ସଙ୍କେତ ଭାବରେ, ତମ୍ବାକୁ ଜୀବାତ୍ମାର ସଙ୍କେତ ଭାବରେ ସେମାନେ ତୁଳନା କରି ପରମାତ୍ମାଙ୍କ ସଙ୍କେତ ଭାବରେ ମଙ୍ଗଳସୂତ୍ର ସୁନାରେ, ଆତ୍ମାକୁ ଚିହ୍ନାଇବା ପାଇଁ ଝୁଣ୍ଟିଆ ରୂପାରେ ତିଆରି କରିଥିଲେ, ସେମାନଙ୍କର ସେହି ପଦ୍ଧତି ପରମ୍ପରା ହୋଇ ଆମପାଖରେ ଆଜି ଥିଲେ

ମଧ୍ୟ ରୂପାରେ ତିଆରି ଝୁଣ୍ଟିଆ, ସୁନାରେ ତିଆରି ମଙ୍ଗଳସୂତ୍ରର ଅର୍ଥ କଅଣ ତାହା ଆମକୁ ଅଜଣା ରହିଯାଇଛି ବୋଲି କହିପାରିବା ।

ମରଣ ଆସିବା ପର୍ଯ୍ୟନ୍ତ ଜୀବନ ବଞ୍ଚିବାକୁ ହୋଇଥାଏ, ଜୀବନ ଶ୍ୱାସ କାରଣରୁ ରହିଥାଏ, ସେହି ଶ୍ୱାସ ଆତ୍ମା ଦ୍ୱାରା ଚାଲିଥାଏ ବୋଲି ଜଣାଇବା ପାଇଁ ପ୍ରତ୍ୟେକ ବିବାହିତା ସ୍ତ୍ରୀର ପାଦରେ ଥିବା ଦ୍ୱିତୀୟ ଆଙ୍ଗୁଳିରେ ଝୁଣ୍ଟିଆ ପିନ୍ଧାଇବା ରୀତି ରହିଥିଲା । ଝୁଣ୍ଟିଆ ରୀତି ଆଜି ମଧ୍ୟ ବଞ୍ଚି ରହିଥିବାରୁ ଆମ ପାଇଁ ସନ୍ତୋଷକର ବିଷୟ ହୋଇଥିଲେ ମଧ୍ୟ, ତାର ଅର୍ଥ ଆମକୁ ବୁଝା ନଯିବା କାରଣରୁ ଚିନ୍ତନୀୟ ବିଷୟ ହୋଇ ରହିଛି । ଝୁଣ୍ଟିଆ (ପ୍ରାଣ) ହିଁ ଜୀବନ, ଜୀବନ ଆତ୍ମା ଦ୍ୱାରା ରହିଥାଏ ବୋଲି ଜଣାଇବା ପାଇଁ ରୂପାରେ ତିଆରି ଝୁଣ୍ଟିଆ ପିନ୍ଧିବା ଆବଶ୍ୟକ, ତାହା ମଧ୍ୟ ଜଣେ ବିବାହିତା ବା ବୋହୂ ନାମ ନେଇ ରହିଥିବା ସ୍ତ୍ରୀ ପିନ୍ଧିବା ଉଚିତ୍ ବୋଲି ଜାଣିବା ମହାନ ଆତ୍ମଜ୍ଞାନ ହୋଇଥାଏ । ବିବାହ କାର୍ଯ୍ୟରେ ଆତ୍ମଜ୍ଞାନକୁ ବଡମାନେ ରଖିଥିବା ବେଳେ, ତାର ଅର୍ଥ ନଜାଣିଲେ ମଧ୍ୟ ଆମ ଭିତରେ ଆଜି କିଛି ଆଚାର ବଞ୍ଚି ରହିଛି । **ଝୁଣ୍ଟିଆ ପିନ୍ଧିବା ରୀତି କେବଳ ହିନ୍ଦୁ ମତରେ (ହିନ୍ଦୁ ଧର୍ମରେ) ନୁହେଁ, ଭାରତରେ ଖ୍ରୀଷ୍ଟ ସମ୍ପ୍ରଦାୟର, ମୁସ୍ଲିମ୍ ସମ୍ପ୍ରଦାୟର ମଧ୍ୟ ରୀତି ହୋଇ ରହିଛି ।** ସବୁ ସମ୍ପ୍ରଦାୟର ସ୍ତ୍ରୀମାନେ ମଧ୍ୟ ଅତି ଆଦରରେ ଝୁଣ୍ଟିଆ ପିନ୍ଧିଥାନ୍ତି । ଏହାକୁ ଦେଖିଲେ ଦିନେ ମତ (ଧର୍ମ) ଆଗରୁ ରୀତି ଥିଲା ବୋଲି ଆଉ ବା କି ପ୍ରମାଣ ଥାଆନ୍ତା ! କିନ୍ତୁ ଦୁଃଖର ବିଷୟ ସମସ୍ତେ ଝୁଣ୍ଟିଆ ପିନ୍ଧୁଥିଲେ ମଧ୍ୟ କାହିଁକି ପିନ୍ଧୁଛନ୍ତି ବୋଲି ଜାଣି ନାହାନ୍ତି । ପୁଅ ମରିଗଲେ ବୋହୁର ଅର୍ଥ ହିଁ ନଥାଏ, ତେଣୁ ସ୍ୱାମୀ ମୃତ୍ୟୁବରଣ କରିଥିବା ସ୍ତ୍ରୀର ପାଦରୁ ଝୁଣ୍ଟିଆ କାଢି ଦେଇଥାନ୍ତି । ପୁଅ ବୋହୂ ନାମକ ଦୁଇ ଶବ୍ଦ ବାସ୍ତବରେ ଆଧ୍ୟାତ୍ମିକ ଅର୍ଥଦାୟକ ଶବ୍ଦ । ତେଣୁ ଆଧ୍ୟାତ୍ମିକ ଅର୍ଥରେ ପୁଅ ଚାଲିଗଲା ପରେ ବୋହୁର ପାଦରୁ ଝୁଣ୍ଟିଆ କାଢିଦେଇଥାନ୍ତି । ଝୁଣ୍ଟିଆ ନଥିବା ସ୍ତ୍ରୀର

ସ୍ୱାମୀ ନାହିଁ ବୋଲି କେହି ଜାଣି ହେବା ଭଳି, ଆତ୍ମା ନଥିବା ପ୍ରକୃତି ଜଡ ସଦୃଶ ହୋଇଯାଇଥାଏ ନାମକ ମହାନ ଜ୍ଞାନକୁ ଆମେ ଏହି ଝୁଣ୍ଟିଆ ଧାରଣ କରିବା ନାମକ ଇନ୍ଦୁରୀତିର ଆଚରଣରୁ ଜାଣିବା ଉଚିତ୍ ।

*****

# ମଙ୍ଗଳସୂତ୍ର

ସର୍ବ ପ୍ରପଞ୍ଚକୁ ସୃଷ୍ଟି କରିଥିବା ପରମାତ୍ମା ଦେଖାଯାଆନ୍ତି ନାହିଁ । କେବଳ ସୃଷ୍ଟି ହୋଇଥିବା ପ୍ରକୃତି ଦେଖାଯାଇଥାଏ । ପ୍ରକୃତି ଆଖିକୁ ସ୍ୱତନ୍ତ୍ର ଦେଖାଯାଉଥିଲେ ମଧ୍ୟ ଦେଖାଯାଉ ନଥିବା ପରମାତ୍ମାଙ୍କ ଅଧିନରେ ଅଛି । ପ୍ରକୃତିର ଅଣୁରୁ ଆରମ୍ଭ କରି ସାରା ଭୂଗୋଳ ପର୍ଯ୍ୟନ୍ତ, ସୂର୍ଯ୍ୟଗୋଳରୁ ଆରମ୍ଭକରି ବଡବଡ ନିହାରୀକା ପର୍ଯ୍ୟନ୍ତ, ସମସ୍ତଙ୍କୁ ଅଧିନରେ ରଖିବା ଭଳି, ସର୍ବସ୍ୱର ସୃଷ୍ଟି ସ୍ଥୂଳ ପ୍ରକୃତିକୁ ପରିଚାଳିତ କରିଥାନ୍ତି ପରମାତ୍ମା । ପ୍ରକୃତି ସ୍ତ୍ରୀ ତତ୍ତ୍ୱ ହୋଇଥିବା ସ୍ଥଳେ, ପରମାତ୍ମା ପୁରୁଷ ତତ୍ତ୍ୱ ହୋଇ ରହିଥାନ୍ତି । ଏହି ଦୁଇଟିର ଅସ୍ତିତ୍ୱକୁ ଜାଣିପାରିବା ଭଳି ଜଗତରେ ସ୍ତ୍ରୀ ପୁରୁଷ ଶରୀର ତିଆରି ହୋଇଛି । ପ୍ରକୃତି ପରମାତ୍ମାଙ୍କ ଦ୍ୱାରା ଜଗତ ତିଆରି ହୋଇଥାଏ ନାମକ ସିଦ୍ଧାନ୍ତ ଅନୁସାରେ ସ୍ତ୍ରୀ ପୁରୁଷଙ୍କଠାରୁ ପିଲାମାନେ ଜନ୍ମ ହୋଇଥାନ୍ତି । ସବୁବେଳେ ପ୍ରକୃତି ପରମାତ୍ମାଙ୍କ ଅଧିନରେ ଅଛି ବୋଲି ଜଣାଇବା ନିମନ୍ତେ ବିବାହରେ ପୁରୁଷ ସ୍ତ୍ରୀ ଗଳାରେ ସୂତ୍ର ବାନ୍ଧିଥାଏ । **ତୁ ପ୍ରକୃତି, ମୁଁ ପୁରୁଷ ବୋଲି ଅର୍ଥ ଦେଉଥିବା ପ୍ରକୃତି ନାମକ ତିନି ଅକ୍ଷର ସମାନ ସୂତ୍ରକୁ ତିନିଗଣ୍ଠି କରି ବାନ୍ଧିଥାନ୍ତି** । ସେଦିନଠାରୁ ସ୍ତ୍ରୀ ପୁରୁଷର ଅଧିନରେ ରହିବା ଉଚିତ୍ ଅର୍ଥରେ ଅଧିନର ଚିହ୍ନ ଭାବରେ ସୁନାଧାତୁରେ ତିଆରି ଅଳଙ୍କାରଟିଏ ବାନ୍ଧିଥାନ୍ତି । ପରମାତ୍ମାଙ୍କ ସଙ୍କେତ ସୁନା ପ୍ରକୃତି ସ୍ୱରୂପା ସ୍ତ୍ରୀ ଶରୀରରେ ଅଧିକାର ଜମାଇ ରହିଲା ବୋଲି ପରମାତ୍ମାଙ୍କର ଏକ ଉପାଧି ହୋଇଥିବା ମଙ୍ଗଳ ନାମକ ଶବ୍ଦ ପାଖରେ, ତାଙ୍କ ଅଧିକାରକୁ

ସାବ୍ୟସ୍ତ କରିବା ପ୍ରାୟ ପ୍ରକୃତିକୁ ବାନ୍ଧିରଖିବା ଅର୍ଥରେ ମଙ୍ଗଳ (ପୁରୁଷ)ର ବନ୍ଧନ ରଜ୍ଜୁକୁ **ମଙ୍ଗଳସୂତ୍ର** ନାମରେ କୁହାଯାଇଥିଲା । ମଙ୍ଗଳସୂତ୍ର କାଳକ୍ରମେ ବଦଳିଯାଇ ନାନା ଅଞ୍ଚଳରେ ନାନା ପ୍ରକାରର କୁହାଯାଉଛି । ମଙ୍ଗଳସୂତ୍ର କହିଲେ ସାଧାରଣ ଏକ ଅଳଙ୍କାର ବୋଲି ସମସ୍ତେ ଭାବନା କରୁଛନ୍ତି । କିନ୍ତୁ ଏହା ବାହାରକୁ ଦେଖିବାକୁ ଅଳଙ୍କାର ହେଲେ ମଧ୍ୟ, ଭିତରୁ ପ୍ରକୃତି ଉପରେ ପରମାତ୍ମାଙ୍କର କିପରି ଅଧିକାର ରହିଛି ତାହା ଜଣାଉଥିବା ଜ୍ଞାନ ସନ୍ଦେଶ ବୋଲି ଜାଣିବା ଉଚିତ୍ ।

ପ୍ରକୃତି ପୁରୁଷଙ୍କ ଜ୍ଞାନକୁ ଜଣାଇଥାଏ ମଙ୍ଗଳସୂତ୍ର । ଏଥିରେ ଦୈବଜ୍ଞାନ ମିଶି ରହିବା ଦ୍ୱାରା ମଙ୍ଗଳସୂତ୍ରକୁ ଧାତୁ ଭିତରେ ପବିତ୍ର ଧାତୁ କୁହାଯାଉଥିବା ସୁନାରେ ତିଆରି କରାଯାଏ । ସୁନାକୁ ପରମାତ୍ମାଙ୍କ ସଙ୍କେତ ଭାବରେ କୁହାଯାଏ ବୋଲି ଗତ ବିଷୟରୁ ମଧ୍ୟ ଜାଣିଛେ । ମଙ୍ଗଳସୂତ୍ର ନାମକ ଏହି ଅଳଙ୍କାରଟି ଦେଖିବାକୁ ଗୋଲାକାର ଏବଂ ମଝି ଭାଗଟି ଖାଲୁଆ । ତେଣୁ ଗୋଟିଏ ପାର୍ଶ୍ୱ ଉଚ୍ଚ ଦେଖାଯାଉଥିବା ବେଳେ ଅନ୍ୟ ପାର୍ଶ୍ୱଟି ଦେଖିବାକୁ ନୀଚ୍ଚା ହୋଇଥାଏ । ଇନ୍ଦୁରୀତି ଅନୁସାରେ ତିଆରି ହୋଇଥିବା ଏହି ମଙ୍ଗଳସୂତ୍ରର ଉଚ୍ଚ ପାର୍ଶ୍ୱକୁ  ପରମାତ୍ମାଙ୍କ ସଙ୍କେତ ଭାବରେ, ନୀଚ୍ଚ ଦେଖାଯାଉଥିବା ପାର୍ଶ୍ୱକୁ ପ୍ରକୃତିର ସଙ୍କେତ ଭାବରେ ସେତେବେଳେ ବଡମାନେ ନିର୍ଣ୍ଣୟ କରିଥିଲେ । ବର କନ୍ୟା ବେକରେ ମଙ୍ଗଳସୂତ୍ର ବାନ୍ଧିବା ବେଳେ, ନୀଚ୍ଚ ପାର୍ଶ୍ୱଟି ବାହାରକୁ ଦେଖାଯିବା ଭଳି, ଉଚ୍ଚ ପାର୍ଶ୍ୱଟି ଭିତରକୁ ରହିବା ଭଳି ବାନ୍ଧୁଥିଲେ । ସ୍ତ୍ରୀ ମଙ୍ଗଳସୂତ୍ର ଧାରଣ କଲାବେଳେ ତାହା କେହି ମଧ୍ୟ ବାହାରୁ ଦେଖିଲେ ନୀଚ୍ଚା (ଖାଲୁଆ) ଭାଗଟି ଦେଖାଯାଏ । ଏଭଳି ଦେଖାଯିବା ଦ୍ୱାରା, ଯାହା ସବୁ ଦେଖାଯାଉଛି ତାହା ପ୍ରକୃତି, ତୋ ସାମ୍ନାରେ ଯାହା ମଧ୍ୟ ଅଛି ତାହା ସବୁ ପ୍ରକୃତିର ବୋଲି ବୁଝିହେବା ଭଳି ଅର୍ଥ ରହିଥାଏ ।  ମଙ୍ଗଳସୂତ୍ରର  ପଛଭାଗଟି ଉଚ୍ଚ ହୋଇ ମଧ୍ୟ କାହାକୁ ଦେଖାନଯାଇ ରହିଥାଏ । ଏଭଳି ରହିବା ଦ୍ୱାରା କାହାକୁ ଦେଖାଯାଉ ନଥିବା

ପରମାତ୍ମା ପ୍ରକୃତିର ପଛରେ ଅଛନ୍ତି, ତେଣୁ ପ୍ରକୃତିକୁ ଅତିକ୍ରମ କଲେ ତାଙ୍କୁ ଜାଣିହୁଏ ବୋଲି ବୁଝିହେବା ଭଳି ଅର୍ଥ ରହିଥାଏ । ଏହିଭଳି ବଡମାନେ ମଙ୍ଗଳସୂତ୍ରରେ ପ୍ରକୃତି ପରମାତ୍ମାଙ୍କ ଜ୍ଞାନକୁ ଖଞ୍ଜିଥିଲେ । ଦୈବଜ୍ଞାନ ଏବଂ ଇନ୍ଦୁରୀତି ଅନୁସାରେ ପ୍ରାୟ ଏକ ଇଞ୍ଚ୍ ଚଉଡାର ଗୋଲାକାର ସ୍ୱର୍ଣ୍ଣମୁଦ୍ରା ମଧ୍ୟରେ ଏଭଳି ଗୋଟିଏ ପାର୍ଶ୍ୱ ନୀଚ, ଗୋଟିଏ ପାର୍ଶ୍ୱ ଉଚ୍ଚ କରି ତିଆରି କରୁଥିଲେ । ଆଜିର କାଳରେ ଏହି ମଙ୍ଗଳସୂତ୍ର କେତେକେଉଁ ରୂପ ନେଇଛି ତାହା ସମସ୍ତେ ଜାଣନ୍ତି । ଏଭଳି ଜ୍ଞାନ ନଥାଇ ରହିଥିବା ମଙ୍ଗଳସୂତ୍ରଗୁଡିକ ପିନ୍ଧିବା ଇନ୍ଦୁରୀତିର ବିରୁଦ୍ଧ ଏବଂ ଧର୍ମରହିତ ହୋଇଥାଏ । ଜ୍ଞାନବିରୁଦ୍ଧ ଭାବରେ ମଙ୍ଗଳସୂତ୍ର ପିନ୍ଧିବା ଦ୍ୱାରା କିଛି ଲାଭ ନଥାଏ । ଉପରୋକ୍ତ ବିବରଣୀ ଅନୁସାରେ ମଙ୍ଗଳସୂତ୍ର ଧାରଣ କରିବା ଉଚିତ୍ । ଅର୍ଥହୀନ ଆଚରଣ ବ୍ୟର୍ଥ ହୋଇ ଇନ୍ଦୁରୀତିକୁ ଦିନେ କାଳଗର୍ଭରେ ଲୁଚିଯିବାକୁ ନଦେଇ, ବଡମାନଙ୍କର କୃଷିକୁ ସାର୍ଥକ କରିବା ପାଇଁ, ଆମେମାନେ ଜ୍ଞାନ ଜାଣି ପରମାର୍ଥ ଲକ୍ଷ୍ୟରେ ଦୈବ ଦିଗରେ ଗତି କରିବା ପାଇଁ ମଙ୍ଗଳସୂତ୍ରର ଅର୍ଥ ଜାଣି ଧାରଣ କରିବା ଦ୍ୱାରା ଆମଠାରେ ଇନ୍ଦୁତ୍ୱ ଦେଖାଯିବ । ନଚେତ ଇନ୍ଦୁ ବୋଲି ନିଜକୁ କହିଲେ ମଧ୍ୟ ଆମେ ଇନ୍ଦୁ ହୋଇପାରିବା ନାହିଁ । ଜ୍ଞାନ ଜାଣି ଆମେ ଇନ୍ଦୁ ହେବା, ଦୈବମାର୍ଗରେ ଚାଲି ଜୀବନ ସାର୍ଥକ କରିବା ।

*****

# ଜ୍ଞାନକିରଣ

କ୍ଷୟ କହିଲେ ବିନାଶୀ, ଅକ୍ଷୟ କହିଲେ ଅବିନାଶୀ । କଦାପି କ୍ଷୟ ହେଉନଥିବା ଅକ୍ଷୟ ହେଉଛନ୍ତି ପରମାତ୍ମା । ପରମାତ୍ମା ଜ୍ଞାନ ଅକ୍ଷୟ । ଅକ୍ଷୟଜ୍ଞାନର ସଙ୍କେତ ହେଉଛି ଚାଉଳରେ ତିଆରି ଜ୍ଞାନକିରଣ । ଏହି ଜ୍ଞାନକିରଣ ଅବିନାଶୀ ଦୈବଜ୍ଞାନଯୁକ୍ତ ହୋଇ ରହିଥାଏ । ବର କନ୍ୟାର ଗଳାରେ ମଙ୍ଗଳସୂତ୍ର ବାନ୍ଧିବା ପରେ ଇନ୍ଦୁମାନେ ଆସି ଏହି ଜ୍ଞାନକିରଣକୁ

ସେମାନଙ୍କ ମୁଣ୍ଡରେ ପକାଇଥାନ୍ତି । ଏ ପର୍ଯ୍ୟନ୍ତ ବର କନ୍ୟା ଭାବରେ ଥିବା ତୁମେ ଦୁହେଁ ଏବେଠାରୁ ପତିସତୀ ବା ଭର୍ତ୍ତା ଭାର୍ଯ୍ୟାରେ ପରିଣତ ହୋଇଯାଇଛ । ଏବେ ପରସ୍ପର ଜ୍ଞାନାଭିବୃଦ୍ଧି କରିବାକୁ ଚେଷ୍ଟାକର ବୋଲି ଭାବ ଦ୍ୱାରା ନବ ଦମ୍ପତିଙ୍କ ମୁଣ୍ଡରେ ଜ୍ଞାନକିରଣ ଦାନ କରିଥାନ୍ତି । ପୂର୍ବ କାଳରେ ଜ୍ଞାନ ସମ୍ପନ୍ନ ମହର୍ଷିମାନଙ୍କୁ, ଯୋଗୀମାନଙ୍କୁ ବିବାହ ଉତ୍ସବକୁ ଆହ୍ୱାନ କରି ସେମାନଙ୍କ ଦ୍ୱାରା ବରକନ୍ୟାଙ୍କ ଉପରେ ଜ୍ଞାନକିରଣ ପକାଉଥିଲେ, ଅନ୍ୟମାନେ କେହି ପକାଉନଥିଲେ । ଏଭଳି କରିବା ଦ୍ୱାରା ଯୋଗୀ, ମହର୍ଷିମାନଙ୍କ ହାତରୁ ଖସୁଥିବା ଜ୍ଞାନକିରଣ ଜ୍ଞାନଶକ୍ତି ବିଶିଷ୍ଟ ହୋଇ ତାହା ସତୀପତିଙ୍କ ମୁଣ୍ଡକୁ ଛୁଇଁବା ଦ୍ୱାରା ସେମାନଙ୍କ ମୁଣ୍ଡରେ ତାହା ହିଁ ଉପଦେଶ ହୋଇ ପ୍ରବେଶ କରିଥାଏ । ଜ୍ଞାନଶକ୍ତି ବା ଜ୍ଞାନାଗ୍ନିକୁ ଦାନ ଭାବରେ ଗ୍ରହଣ କରିବା ହିଁ ଉପଦେଶ ବୋଲି ଜଣାଇଥିବା ବଡମାନେ ପୂର୍ବକାଳରେ ଜ୍ଞାନୀ, ଯୋଗୀମାନଙ୍କ ଦ୍ୱାରା ଜ୍ଞାନକିରଣ ପକାଉଥିଲେ । ଯୋଗୀ କିମ୍ବା ମହର୍ଷିଙ୍କ ବ୍ୟତୀତ ଅନ୍ୟ କାହା ହାତକୁ ଜ୍ଞାନକିରଣ ଦେଉନଥିଲେ । ଆଜିର କାଳରେ ଜ୍ଞାନକିରଣ କହିଲେ କଣ ? ତାହା କାହା ଦ୍ୱାରା ପକାଇବା ଉଚିତ୍ ନଜାଣି, ତାର ଅର୍ଥ, ପ୍ରାମୁଖ୍ୟତାକୁ ଧ୍ୟାନ ନଦେଇ ସମସ୍ତଙ୍କ ଦ୍ୱାରା ପକାଉଛନ୍ତି । ଏଭଳିକି କିଏ କାହା ମୁଣ୍ଡରେ ଜ୍ଞାନକିରଣ ପକାଇବା ଉଚିତ୍ ଜାଣିନଥିବା ଲୋକମାନଙ୍କ ଦ୍ୱାରା ପକାଉଛନ୍ତି । ଏହି ଆଚରଣ ଆଜି ଅନେକ ପ୍ରାନ୍ତରେ ବଞ୍ଚି ରହିଥିଲେ ମଧ୍ଯ ତାର ଅର୍ଥ ଶତପ୍ରତିଶତ କାହାକୁ ଜଣା ନାହିଁ ବୋଲି କହିପାରିବା । କେଉଁଠି କେମିତି ମନ୍ଦିରରେ କିମ୍ବା ଚିତ୍ରରେ ବିଷ୍ଣୁ, ଲକ୍ଷ୍ମୀଙ୍କ ବିବାହ ବିଷୟ ଦେଖିଥିବେ । ସେଠାରେ ନାରଦ, ତୁମ୍ବୁର ଇତ୍ୟାଦି ମହର୍ଷିମାନେ ଛିଡା ହୋଇଥିବା ବେଳେ ଜଣେ ମହର୍ଷି ସେମାନଙ୍କ ମୁଣ୍ଡରେ ଜ୍ଞାନକିରଣ ପକାଉଥିବା ଚିତ୍ରକୁ ଦେଖିଥିବେ । ଏଭଳି ମହର୍ଷିମାନଙ୍କ ଦ୍ୱାରା ଜ୍ଞାନକିରଣ ପକାଯାଏ ବୋଲି ଆଜି ଅନେକଙ୍କୁ ଜଣା ନାହିଁ । କେତେକ

ସ୍ଥାନରେ କେବଳ ବିବାହ କାର୍ଯ୍ୟ କରାଉଥିବା ବ୍ରାହ୍ମଣ ଏହି ଜ୍ଞାନକିରଣ ବର କନ୍ୟାଙ୍କ ମୁଣ୍ଡରେ ପକାଇଥାନ୍ତି । ଏହା ଉଚିତ୍ ହୋଇଥିଲେ ମଧ୍ୟ ଆଜି ଜ୍ଞାନକିରଣର ଭାବ ଜାଣିନଥିବା ବ୍ରାହ୍ମଣମାନେ ବାହାରିଲେଣି । ସେ ଯାହାବି ହେଉ ମୁଣ୍ଡରେ ଜ୍ଞାନକିରଣ ପକାଇବା ରୀତି ଆଜି ଚିତ୍ର ରୂପରେ, ମନ୍ଦିରର ମୂର୍ତ୍ତିରେ ବଞ୍ଚି ରହିଛି ବୋଲି ଆମେ ଖୁସିହେବା ଉଚିତ୍ । ଏହି ରୀତି ବାବଦରେ ଜାଣିବା ପରେ ଚୁପ୍ ନବସି, ଏହା ଆମ ଇନ୍ଦୁରୀତି ବୋଲି ଅନ୍ୟମାନଙ୍କୁ ଜଣାଇ ସେମାନଙ୍କ ଦ୍ୱାରା ଆଚରଣ କରାଇବା ଦ୍ୱାରା ଇନ୍ଦୁରୀତିକୁ ବଞ୍ଚାଇ ରଖିପାରିବା । ଜ୍ଞାନ ଜାଣିଥିବା ଯୋଗୀମାନଙ୍କ ଦ୍ୱାରା ଜ୍ଞାନକିରଣ ପକାଇ ଏପର୍ଯ୍ୟନ୍ତ ଉପଦେଶ ପାଇନଥିବା ଲୋକମାନଙ୍କ ପାଇଁ ଏଇ ହିଁ ଉପଦେଶ ବୋଲି ଜଣାଇବା । ଆଗରୁ ଉପନୟନ, ଉପଦେଶ ପାଇଥିବା ବ୍ୟକ୍ତିମାନଙ୍କର ଜ୍ଞାନଭିବୃଦ୍ଧି ହେବା ଭଳି କରିବା ।

*****

# ମସ୍ତକାମ୍ବର

ବିବାହ ପର୍ଯ୍ୟନ୍ତ କର୍ତ୍ତବ୍ୟହେୟ ଭାବେ ବଢ଼ିଆସିଥିବା ଯୁବତୀ, ଯୁବକମାନେ ବିବାହ ପରେ ଭୌତିକ ଦୁନିଆରେ ବୁଡ଼ି ଭୌତିକ ଧନାର୍ଜନ କରି ଜୀବନ ବଞ୍ଚିବା ଉଚିତ୍ ବୋଲି ଜଣାଉଥିବା ଅର୍ଥହୀନ ବିବାହକାର୍ଯ୍ୟ ଆଜିର କାଳରେ ହେଉଛି । ପୂର୍ବକାଳରେ ଏଭଳି ନକରି ଧର୍ମଯୁକ୍ତ ଭାବରେ ଥିବା ଇନ୍ଦୁରୀତି ଅନୁସାରେ ବିବାହ କାର୍ଯ୍ୟ କରୁଥିଲେ, ବିବାହ ଏକ ଦୈବକାର୍ଯ୍ୟ, ମହାନ ଜ୍ଞାନୋପଦେଶ କାର୍ଯ୍ୟ ବୋଲି ଭାବନା କରୁଥିଲେ । ଜ୍ଞାନକିରଣ ମହାତ୍ମାମାନଙ୍କ ହାତରୁ ନିଜର ମୁଣ୍ଡକୁ ଛୁଇଁବା ପରେ, ବଞ୍ଚିବାକୁ ଥିବା ସାରା ଜୀବନକାଳ ଜ୍ଞାନାର୍ଜନରେ ବଞ୍ଚି ଦାମ୍ପତ୍ୟ ନିର୍ବାହ କରିବା ଉଚିତ୍ ବୋଲି ସେଦିନର ଜ୍ଞାନୀମାନଙ୍କ ସନ୍ଦେଶ ଥିଲା । ଦାମ୍ପତ୍ୟ ଜୀବନରେ ଯଦି ସ୍ତ୍ରୀର ଜ୍ଞାନ ନାହିଁ ତେବେ ତାକୁ ପତି ବା ଭର୍ତ୍ତା

ହିଁ ଜ୍ଞାନ ଯୋଗାଇଦେବ, ଯଦି ପତିଠାରେ ଜ୍ଞାନ ନାହିଁ ତେବେ ପତ୍ନୀ ତାକୁ ଜ୍ଞାନ ଯୋଗାଇଦେବା ଉଚିତ୍ ବୋଲି ଜ୍ଞାନ ଜଣାଉଥିବା ଏହି ଆଚରଣ ଆମପାଇଁ ସେତେବେଳେ ଜ୍ଞାନୀମାନଙ୍କ ସନ୍ଦେଶ ହୋଇ ରହିଥିଲା । ପତି ପତ୍ନୀର ମୁଣ୍ଡରେ ଜ୍ଞାନ ପ୍ରବେଶ କରାଇବ, ସେହିଭଳି ପତ୍ନୀ ପତିର ମୁଣ୍ଡରେ ମଧ୍ୟ ଜ୍ଞାନ ପ୍ରବେଶ କରାଇବ ବୋଲି ସପଥ ନେବା ଏହି ରୀତିର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଜାଣିବା ଉଚିତ୍ ।

ଚାଉଳ ଜ୍ଞାନର ଚିହ୍ନ ବୋଲି ଆଗରୁ ଜାଣିଛେ । ଅମ୍ବର କହିଲେ ଆକାଶ । ମସ୍ତକାମ୍ବର କହିଲେ ଯାହା ଆକାଶରୁ ମୁଣ୍ଡକୁ ଝରିଥାଏ ବୋଲି ବୁଝିପାରିବା । ଜ୍ଞାନ ଆକାଶରୁ ମୁଣ୍ଡକୁ ଶବ୍ଦ ଦ୍ୱାରା ପ୍ରବେଶ କରିଥାଏ । ବାହାରୁ (ଆକାଶରୁ) ଆସୁଥିବା ଶବ୍ଦ କାନଦ୍ୱାରା ମୁଣ୍ଡରେ ପ୍ରବେଶ କରିଥାଏ, ସେଥିଲାଗି ଜ୍ଞାନକୁ ମସ୍ତକାମ୍ବର କୁହାଯାଇଛି । ପତ୍ନୀଠାରୁ ପତିକୁ, ପତିଠାରୁ ପତ୍ନୀକୁ ଜ୍ଞାନ ସଂକ୍ରମଣ କରିବା ଉଚିତ୍, ଜଣକ ଦ୍ୱାରା ଜଣେ ଉପଦେଶ ପାଇ ନିଜ ନିଜର ଜ୍ଞାନାଭିବୃଦ୍ଧି କରିବା ଉଚିତ୍ ବୋଲି ଜଣକ ମୁଣ୍ଡରେ ଜଣେ ଜ୍ଞାନର ସଙ୍କେତ ହୋଇଥିବା ଅରୁଆଚାଉଳ ଢାଳିଥାନ୍ତି । କେତେ ବଡ ଅର୍ଥରେ ଥିବା ରୀତି ଆଜିର କାଳରେ ଅର୍ଥହୀନ ହୋଇଯାଇଥିଲେ ମଧ୍ୟ କାର୍ଯ୍ୟ ବଞ୍ଚିରହିଛି । ଚାଉଳ କାହିଁକି ଜଣକ ମୁଣ୍ଡରେ ଜଣେ ପକାନ୍ତି ଜାଣନ୍ତି ନାହିଁ । ବିବାହ ଏହିଭଳି ବୋଲି ଜଣାଇ,କର୍ତ୍ତବ୍ୟ ବାବଦରେ ସତର୍କ କରାଇବା ଲୋକେ ମଧ୍ୟ ନାହାନ୍ତି । ଏହି ରୀତି ବାବଦରେ ଜାଣି ଆଜିଠାରୁ ଆମେ ସତର୍କ ହେବା ସହିତ ଭବିଷ୍ୟତରେ ହେବାକୁ ଥିବା ବିବାହ କାର୍ଯ୍ୟରେ ମଧ୍ୟ ଅନ୍ୟମାନଙ୍କୁ ସତର୍କ କରାଇ ଆମ ରୀତିକୁ ବଞ୍ଚାଇ ରଖିପାରିବା । ଏହା ଏକ ଧର୍ମଯୁକ୍ତ କାର୍ଯ୍ୟ ବୋଲି ସମସ୍ତଙ୍କୁ ଜଣାଇବା । ଏଭଳି ମହାନ ରୀତି ଥାଇ ଯଦି ଆମେ ବିବାହ କାର୍ଯ୍ୟକୁ ହେୟଜ୍ଞାନ କରିବା ତେବେ ବିବାହ ସତରେ ଛୋଟପିଲାଙ୍କ ଖେଳଘର ହୋଇଯିବ ।

*****

# ଅରୁନ୍ଧତି ନକ୍ଷତ୍ର

ମଙ୍ଗଳସୂତ୍ର ବାନ୍ଧିବା ପରେ, ମହାତ୍ମାମାନଙ୍କ ଦ୍ୱାରା ଜ୍ଞାନକିରଣ (ଚାଉଳ) ପକାଇବା ପରେ, ବରକନ୍ୟା ପରସ୍ପରଙ୍କ ମୁଣ୍ଡରେ ମସ୍ତକାମ୍ବର ପକାଇ ଶେଷରେ ଅରୁନ୍ଧତି ନକ୍ଷତ୍ର ଦର୍ଶନ କରିଥାନ୍ତି । ଏହି ଆଚରଣ ମଧ ବିବାହ କାର୍ଯ୍ୟର ଏକ ମୁଖ୍ୟ କାର୍ଯ୍ୟ ହୋଇଥିବା ଅନ୍ତିମ ରୀତି । ଏ ବାବଦରେ ଥିବା ବିବରଣୀକୁ ଟିକିଏ ଲକ୍ଷ୍ୟକରିବା । ଚନ୍ଦ୍ର ଜ୍ଞାନର ଚିହ୍ନ ହେବାବେଳେ, ନକ୍ଷତ୍ର ମୋକ୍ଷର ଚିହ୍ନ ହୋଇ ରହିଛି । ସୂର୍ଯ୍ୟ, ଚନ୍ଦ୍ରଙ୍କ ବ୍ୟତୀତ ଅନେକ ନକ୍ଷତ୍ର ଆମର ପୂର୍ବ ପଶ୍ଚିମ ହୋଇ ରହିଥାନ୍ତି, ତେଣୁ କେତେକ ଦିନରେ, ରାତିରେ ଦେଖାଯାଆନ୍ତି, କେତେକ ଦେଖାଯାଇ ନଥାନ୍ତି । ଉତ୍ତର, ଦକ୍ଷିଣ ଦିଗରେ ଥିବା ନକ୍ଷତ୍ରଗୁଡିକ କେବଳ ଆମକୁ ଦେଖାଯାଇଥାନ୍ତି, ସେହି ଅନୁସାରେ ଉତ୍ତର ଦିଗରେ ଦେଖାଯାଉଥିବା ନକ୍ଷତ୍ରଗୁଡିକ ଭିତରୁ ସବୁଠାରୁ ବଡ ଦେଖାଯାଇଥାଏ ଅରୁନ୍ଧତି ନକ୍ଷତ୍ର । ତାହା ରାତି, ଦିନ ଗୋଟିଏ କୋଣରେ ରହି ଦେଖାଦିଏ । ଦିନବେଳେ ସୂର୍ଯ୍ୟର ଆଲୋକରେ ତାହା ଆମକୁ ଦେଖା ନଗଲେ ମଧ ଅରୁନ୍ଧତି ନକ୍ଷତ୍ର ସବୁବେଳେ ସେହି ଉତ୍ତର କୋଣରେ ରହିଥାଏ । ପୂର୍ବେ ଯଦି ରାତ୍ରି ବେଳାରେ ବିବାହ କାର୍ଯ୍ୟ ହେଉଥିଲା ତେବେ ସେମାନେ ନବଦମ୍ପତିଙ୍କୁ ଅରୁନ୍ଧତି ନକ୍ଷତ୍ର ଦେଖାଉଥିଲେ । ଯଦି ଦିନବେଳା ବିବାହ କାର୍ଯ୍ୟ ହେଉଥିଲା ତେବେ ଏହି ଅରୁନ୍ଧତି ନକ୍ଷତ୍ରକୁ ଦେଖାଇବା ସମ୍ଭବ ହେଉନଥିଲା, ତେଣୁ ସେ କାଳରେ ଭୂଇଁ କୋଳଥିଆ (ମୂଳ ଭାଷାରେ ନେଲା ବେମ୍ପଲି) ଗଛ ଆଣି ମାଟି ଉପରେ ବିଛାଇ ତା ଉପରେ ନବଦମ୍ପତିଙ୍କୁ ଛିଡାକରି ଅରୁନ୍ଧତି ନକ୍ଷତ୍ର ଦେଖାଉଥିଲେ । ଭୂଇଁ କୋଳଥିଆ ଗଛକୁ ଛୁଇଁ ଛିଡାହେଲେ ସୂର୍ଯ୍ୟରଶ୍ମି ଦେଖାଯାଏ ନାହିଁ । ତେଣୁ ରାତ୍ରି ଭଳି ଦେଖାଯିବା ସମୟରେ ଅରୁନ୍ଧତି ନକ୍ଷତ୍ରକୁ ଦେଖିହୁଏ । ସେଥିଲାଗି ସେମାନେ ବିବାହ କାର୍ଯ୍ୟ ଦିନବେଳା କରିବା ଆଗରୁ ଏହି ଭୂମି କୋଳଥିଆ ଗଛକୁ ଆଣି ଆଗରୁ ରଖୁଥିଲେ । ଏଭଳି ଅରୁନ୍ଧତି ନକ୍ଷତ୍ର ଦେଖିବା ଦ୍ୱାରା ଆମର କି ଲାଭ ହୋଇଥାଏ

ବୋଲି  କିଛି ଲୋକଙ୍କଠାରେ ନିଶ୍ଚୟ ସନ୍ଦେହ ଆସୁଥିବ, ତେଣୁ ସେ ବାବଦରେ ଜାଣିବା ।

ବିବାହ ଆଚରଣରେ ଭୂପୃଷ୍ଠରେ ଜନ୍ମ ହୋଇଥିବା ସ୍ତ୍ରୀ ପୁରୁଷ ସମସ୍ତେ ଈଶ୍ୱରଙ୍କ ସନ୍ତାନ ବୋଲି ପ୍ରଥମେ ଜାଣିଥିବା, ସେଦିନ ଜ୍ଞାନଦୃଷ୍ଟି ପାଇ ସର୍ବଦା ଜ୍ଞାନଦୃଷ୍ଟିରେ ଦେଖିବୁ ବୋଲି କପାଳର ଭ୍ରୂକେନ୍ଦ୍ରରେ ପ୍ରକାଶାଙ୍ଗ ବାନ୍ଧିଥିବା, ଜ୍ଞାନଦୃଷ୍ଟିରେ ମାୟାର ବନ୍ଧନକୁ କାଟିଦେବି ବୋଲି ମାୟା ସହିତ ଯୁଦ୍ଧକରିବା ପାଇଁ ସୈନିକ ଭଳି ରହିବି କହି ଖଡ୍ଗକୁ ଦେଖାଉଥିବା, ପ୍ରଥମ ଥର ମହାତ୍ମାମାନଙ୍କ ଦ୍ୱାରା ଜ୍ଞାନକିରଣକୁ ପକାଇ ଜ୍ଞାନାଗ୍ନିର ଅଭିବୃଦ୍ଧି କରିଥିବା, ଜ୍ଞାନାଗ୍ନି କିପରି ଲିଭିନଯାଉ ସେଥିପାଇଁ ଭର୍ତ୍ତା ଦ୍ୱାରା, ଭାର୍ଯ୍ୟା ଦ୍ୱାରା ପରସ୍ପରକୁ ଜଣାଇ ବଢାଇବା ପାଇଁ ମୁଣ୍ଡରେ ମସ୍ତକାମ୍ବର (ଚଉଳ) ପକାଇ ସମସ୍ତଙ୍କୁ ଦେଖାଉଥିବା ବରକନ୍ୟା ଶେଷରେ ଆମେ ଯେଉଁ ଯାତ୍ରାକରିବା ଆରମ୍ଭ କରିଛୁ ତାର ଲକ୍ଷ୍ୟ ମୋକ୍ଷ ବୋଲି ଆମେମାନେ ଜାଣିପାରିବା ଭଳି ଶେଷରେ ଅରୁନ୍ଧତି ନକ୍ଷତ୍ରକୁ ଦେଖାଇଥାନ୍ତି । ଏହିଭଳି ଜୀବ ଦୈବଙ୍କଠାରୁ ଅଲଗା ଥିଲା, ସେ ପୁଣି ଦିନେ ଦୈବଙ୍କଠାରେ ଜନ୍ମରହିତ ହୋଇ ମିଳିତ ହେବ ବୋଲି ସମ୍ପୂର୍ଣ୍ଣ ମାନବ ଜୀବନର ଲକ୍ଷ୍ୟକୁ ଦର୍ଶାଉଥିବା ଜ୍ଞାନ ସମ୍ବନ୍ଧୀୟ, ଭାବଯୁକ୍ତ କାର୍ଯ୍ୟ ଆମ ଇନ୍ଦୁରୀତିର ବିବାହ କାର୍ଯ୍ୟରେ ରହିଥିଲା ।

*****

# ବେଦୀ

ଜୀବ ପଞ୍ଚଭୂତ ନିର୍ମିତ ଦେହରେ ଥିବା ବେଳେ, ଏହିଭଳି ଆଚରଣ କରିବା ଉଚିତ୍ ବୋଲି ଜଣାଉଥିବା ପଞ୍ଚସ୍ତମ୍ଭ ବିଶିଷ୍ଟ ବେଦୀ ଭିତରେ ବସାଇ ସେତେବେଳେ ବିବାହ କାର୍ଯ୍ୟ ସମାପନ କରୁଥିଲେ ।

ବେଦୀରେ ଚାରିଗୋଟି ସ୍ତମ୍ଭ ଥାଏ । ହେଲେ ପାଞ୍ଚଗୋଟି ସ୍ତମ୍ଭ ବିଶିଷ୍ଟ ବେଦୀ ତ କାହିଁ କେଉଁଠି ଦେଖିନାହୁଁ ବୋଲି କିଛିଲୋକ ଭାବନା କରି, ଏହା କେଉଁଠିକାର ରୀତି ବୋଲି ପଚାରିପାରନ୍ତି । ତାର ସମାଧାନ ହେଉଛି ! ପଞ୍ଚଭୂତ କହିଲେ ଆକାଶ, ବାୟୁ, ଅଗ୍ନି, ଜଳ, ଭୂମି । ଏଗୁଡିକ ମଧ୍ୟରୁ ଅଗ୍ନି, ଜଳ, ଭୂମି ଆମକୁ ଦେଖାଯିବା ସ୍ଥଳେ ବାୟୁ ସ୍ପର୍ଶ ଦ୍ୱାରା ଜଣାପଡିଥାଏ, କିନ୍ତୁ ଆକାଶ ସ୍ୱତନ୍ତ୍ର ଭାବରେ ରହି ଅନ୍ୟଗୁଡିକଠାରୁ ଅଜଣା ଭାବରେ ଥାଏ । ତେଣୁ ଦେଖାଯାଉଥିବା ଚାରି ସ୍ତମ୍ଭକୁ ଚାରି ଦିଗରେ ପୋତି, ସେହି ଚାରି ସ୍ତମ୍ଭର ଆଧାରରେ ଯେଉଁ ଆବରଣ ଘୋଡାଇ ଦିଆଯାଏ ତାହାର ମଧ୍ୟ ଭାଗଟି ଆକାଶ ଦିଗରେ ରହିବା ଭଳି କରି ପୂର୍ବେ ବେଦୀ ନିର୍ମାଣ କରୁଥିଲେ । ସେତେବେଳେ ଭୂପୃଷ୍ଠରେ ଚାରିସ୍ତମ୍ଭ ଚାରିକୋଣ ହୋଇ ରହିଥିଲେ ମଧ୍ୟ ଉପରକୁ ଗୋଟିଏ କୋଣ ହେବା ଭଳି ରଖୁଥିଲେ, ଅର୍ଥାତ୍ ବେଦୀଟି ଭଅଁରାକୁଡିଆ ଭଳି ତିଆରି କରୁଥିଲେ । ବାସ୍ତବରେ ସ୍ତମ୍ଭ ଚାରିଗୋଟି ହେଲେ ମଧ୍ୟ ସେଗୁଡିକ ମିଶି ପାଞ୍ଚଗୋଟି କୋଣ ଉତ୍ପନ୍ନ କରୁଥିବାରୁ ବେଦୀକୁ ପଞ୍ଚସ୍ତମ୍ଭ ବେଦୀ ବା ପାଞ୍ଚଗୋଟି ଖୁଣ୍ଟ ବିଶିଷ୍ଟ ବେଦୀ ବୋଲି କହୁଥିଲେ । ବେଦୀ ମଝିରେ ଥିବା ଉପର କୋଣକୁ ଆକାଶ, ତଳେ ସାମ୍ନାରେ ଥିବା ଦକ୍ଷିଣ ପାର୍ଶ୍ୱର କୋଣକୁ ବାୟୁ, ବାମପାର୍ଶ୍ୱର କୋଣକୁ ଅଗ୍ନି, ପଛରେ ଥିବା କୋଣ ଦୁଇଟିକୁ ଜଳ ଏବଂ ଭୂମି ବୋଲି ଚିହ୍ନଟ କରି ବାୟୁ, ଅଗ୍ନିକୁ ଗୋଟିଏ କଡରେ, ଜଳ ଭୂମିକୁ ଗୋଟିଏ କଡରେ ରଖି ମଝିରେ ଆକାଶ ରହିବା ଭଳି ଅର୍ଥରେ ବେଦୀ ନିର୍ମାଣ କରୁଥିଲେ । ଏହି ବେଦୀକୁ ତଳେ ଛିଡାହୋଇଥିବା ଲୋକମାନେ କୌଣସି ଦିଗରୁ ଦେଖିଲେ ମଧ୍ୟ ଅର୍ଦ୍ଧଚନ୍ଦ୍ରାକାର ଦେଖାଯାଉଥିଲା । ଏହିଭଳି ବେଦୀ ଆଜିର କାଳରେ କେହି ତିଆରି କରିବା ଦେଖାଯାଏ ନାହିଁ । ବେଦୀ ଭିତରେ ବିବାହ କାର୍ଯ୍ୟର ସମସ୍ତ ଆଚରଣ ଆଚରିତ ହୋଇଯିବା ପରେ କେବଳ ଅରୁନ୍ଧତି ନକ୍ଷତ୍ର ଦେଖିବା ପାଇଁ ବାହାରକୁ ଆସିଥାନ୍ତି ।

ଏତିକି କାର୍ଯ୍ୟ ସମାପ୍ତ ହୋଇଗଲେ ବିବାହକାର୍ଯ୍ୟ ସମାପ୍ତ ହୋଇଯାଏ । ଶେଷରେ ବରକନ୍ୟା ଅରୁନ୍ଧତି ନକ୍ଷତ୍ର ଦେଖିବା ପରେ ମୋକ୍ଷର ସୂଚନା ସମସ୍ତଙ୍କୁ ଦେଇଥାନ୍ତି । ଯେଉଁମାନଙ୍କର ମୋକ୍ଷ ହୋଇଯାଏ ସେମାନେ ଆଉ ଜନ୍ମ ହୁଅନ୍ତି ନାହିଁ । ତେଣୁ ବେଦୀ ଭିତରୁ ଥରେ ବାହାରକୁ ଆସିବା ପରେ ବରବଧୂ ଆଉ ବେଦୀମୁଖ ଦେଖନ୍ତି ନାହିଁ । ଏତିକିରେ ବିବାହକାର୍ଯ୍ୟ ଭାବଯୁକ୍ତ ଭାବରେ ସମାପ୍ତ ହୁଏ ।

ପୂର୍ବେ ବିବାହ ଇନ୍ଦୁରୀତି ଅନୁସାରେ ସମସ୍ତେ କରୁଥିଲେ । ଇନ୍ଦୁ କହିଲେ ଜ୍ଞାନୀ । ପୂର୍ବେ ଏହି ଦେଶରେ ଜ୍ଞାନୀମାନେ ରହିଥିବାରୁ ଏହି ଦେଶକୁ ଇନ୍ଦୁଦେଶ ବୋଲି ଅନ୍ୟମାନେ କହୁଥିଲେ । କାଳକ୍ରମେ ବହୁ ଶବ୍ଦ ବୋହୁ ହୋଇଯିବା ଭଳି, ଦିନେ ଇନ୍ଦୁଦେଶ କୁହାଯାଉଥିବା ଭାରତ ଆଜି ହିନ୍ଦୁଦେଶ ହୋଇଯାଇଛି । ଆମେ ହିନ୍ଦୁ ଭାବରେ ବଦଳିଯାଇଥିଲେ ମଧ୍ୟ, ଆଉ କିଛି ଲୋକ ଅନ୍ୟ ମତରେ ପରିଣତ ହୋଇଯାଇଥିଲେ ମଧ୍ୟ ଆମ ଇନ୍ଦୁରୀତି ଆଜି ବି କିଛି ବଞ୍ଚି ରହିଛି ବୋଲି ଆମର ଥିବା ଅନେକ ଆଚରଣ ମୂକସାକ୍ଷୀ ହୋଇ ରହିଥିବାରୁ ଆମେ ଦୁଃଖ ନକରି ଖୁସିହେବା ଉଚିତ୍ । ଏହି ଦୃଷ୍ଟିରୁ ଭୂପୃଷ୍ଠରୁ ଧର୍ମ ସମ୍ପୂର୍ଣ୍ଣ ନିଖୋଜ ହୋଇନଯାଇ ଆଜି ମଧ୍ୟ ଶେଷଶ୍ୱାସରେ ଅଛି, ଅନେକ ବିଲୁପ୍ତ ଇନ୍ଦୁରୀତି ସହିତ ଏହି ରୀତିଟି ମଧ୍ୟ ଏକ ନିଦର୍ଶନ ହୋଇ ରହିଛି । ଏବେ ମଧ୍ୟ ଆମ ପାଖରେ ସମୟ ଅଛି, ଆମେ ଜ୍ଞାନ ଜାଣି ଆମ ରୀତି ଭିତରେ ରହିଥିବା ଧର୍ମକୁ ଭାବଯୁକ୍ତ ଆଚରଣରେ ଆଣି ଇନ୍ଦୁ ରୀତିକୁ, ଇନ୍ଦୁ ଜାତିକୁ ବଞ୍ଚାଇ ରଖିବାକୁ ଚେଷ୍ଟା କରିପାରିବା । ଧର୍ମ କେବେ ମଧ୍ୟ ବିନାଶ ହୋଇନଥାଏ । ଧର୍ମରେ କାଳକ୍ରମେ କେବଳ ଗ୍ଲାନି ଆସିଥାଏ, ତାହା ପୁନରୁଦ୍ଧାର ପାଇଥାଏ ।

*****

# ବିବାହରେ ମୁହୂର୍ତ୍ତ !

ବିବାହ କାର୍ଯ୍ୟ ପାଇଁ ମୁହୂର୍ତ୍ତ ନିର୍ଣ୍ଣୟ କରିବା, ଶୁଭ ମୁହୂର୍ତ୍ତରେ ବିବାହ କାର୍ଯ୍ୟ କରିବା ଉଚିତ୍ ବୋଲି କହିବା ବିଷୟ ସମସ୍ତେ ଜାଣନ୍ତି । ମୁହୂର୍ତ୍ତ କହିଲେ କଣ ଜଣା ନଥିଲେ ମଧ୍ୟ ପୁରୋହିତ ନିର୍ଣ୍ଣୟ କରିଥିବା କାଳକୁ ସମସ୍ତେ ମୁହୂର୍ତ୍ତ କହିଥାନ୍ତି । ମୁହୂର୍ତ୍ତ କହିଲେ କଅଣ ଜାଣିନଥିବା ପ୍ରଜାମାନଙ୍କୁ ଭ୍ରମିତ କରି, ଅତି କଷ୍ଟକରି ମୁହୂର୍ତ୍ତ ଖୋଜିଛୁ ବୋଲି କହୁଥିବା ପୁରୋହିତମାନେ ମଧ୍ୟ ଅଛନ୍ତି । ବିବାହ କାର୍ଯ୍ୟ କରାଉଥିବା ପ୍ରଜାମାନଙ୍କର ଆବଶ୍ୟକ ଅନୁସାରେ ଅଧିକ ଧନ ନେଇ ମୁହୂର୍ତ୍ତ ନିର୍ଣ୍ଣୟ କରୁଥିବା ପୁରୋହିତମାନେ ମଧ୍ୟ ଅଛନ୍ତି, କେତେକ ପୁରୋହିତମାନେ ଏ ମାସରେ ମୁହୂର୍ତ୍ତ ନାହିଁ ବୋଲି ସତ୍ୟ କଥା କହିଲେ ମଧ୍ୟ, ଯେତେ ଖର୍ଚ୍ଚହେଉ ପଛେ ଆପଣ ଟିକିଏ କଷ୍ଟକରି ମୁହୂର୍ତ୍ତ ଖୋଜି ବାହାର କରନ୍ତୁ ବୋଲି କହୁଥିବା ପ୍ରଜାମାନେ ମଧ୍ୟ ଅଛନ୍ତି । ଆମେ କହୁଥିବା ସମୟରେ ହିଁ ମୁହୂର୍ତ୍ତ ନିର୍ଣ୍ଣୟ କରନ୍ତୁ ବୋଲି ଧମକ ଦେଉଥିବା ଲୋକମାନେ ମଧ୍ୟ ସମାଜରେ ଅଛନ୍ତି । ନଥିବା ମୁହୂର୍ତ୍ତ କୁଆଡୁ ଆଣିବି ବୋଲି ଚିନ୍ତିତ ଥିବା ପୁରୋହିତମାନେ କିଛି ଥିବାବେଳେ, ଗୋଟିଏ ଦିନର ଚାରିଗୋଟି ଭିନ୍ନ ସମୟରେ ଚାରିଗୋଟି ଟିକିଏ କଷ୍ଟକରି ମୁହୂର୍ତ୍ତ ଖୋଜି ବାହାର କରନ୍ତୁ ବୋଲି କହୁଥିବା ପ୍ରଜାମାନେ ମଧ୍ୟ ଅଛନ୍ତି । ଆମେ କହୁଥିବା ସମୟରେ ହିଁ ମୁହୂର୍ତ୍ତ ନିର୍ଣ୍ଣୟ କରନ୍ତୁ ବୋଲି ଧମକ ଦେଉଥିବା ଲୋକମାନେ ମଧ୍ୟ ସମାଜରେ ଅଛନ୍ତି । ନଥିବା ମୁହୂର୍ତ୍ତ କୁଆଡୁ ଆଣିବି ବୋଲି ଚିନ୍ତିତ ଥିବା ପୁରୋହିତମାନେ କିଛି ଥିବାବେଳେ, ଗୋଟିଏ ଦିନର ଚାରିଗୋଟି ଭିନ୍ନ ମୁହୂର୍ତ୍ତ ଅଛି ବୋଲି କହି ସବୁ ମୁହୂର୍ତ୍ତରେ ହାଜର ହୋଇ ଧନ ଉପାର୍ଜନ କରୁଥିବା ପୁରୋହିତମାନେ ମଧ୍ୟ ନାହାନ୍ତି ବୋଲି କହିପାରିବା ନାହିଁ । ଏସବୁକୁ ଦେଖିଲେ ବିଚାର ଶକ୍ତି ରହିଥିବା କାହାଠାରେ ମଧ୍ୟ ମୁହୂର୍ତ୍ତ କହିଲେ କଣ ନିଶ୍ଚୟ ପ୍ରଶ୍ନ ଆସିବ ।

ଏକୈକ ଇନ୍ଦୁ ମତରେ (ହିନ୍ଦୁ ଧର୍ମରେ) ପାଞ୍ଜି, ମୁହୂର୍ତ୍ତ ଇତ୍ୟାଦି କହିଥାନ୍ତି । କେତେକ ପାଞ୍ଜିରେ ମୁହୂର୍ତ୍ତ ଗୁଡିକ ଆଗରୁ ନିର୍ଣ୍ଣୀତ ହୋଇ

ଥାଏ । କେତେକ ପାଞ୍ଜିରେ ନିର୍ଣ୍ଣୀତ ମୁହୂର୍ତ୍ତ ନଥିଲେ ମଧ୍ୟ ପୁରୋହିତମାନେ କିଛି ନିୟମ ଅନୁସାରେ ମୁହୂର୍ତ୍ତ ନିର୍ଣ୍ଣୟ କରିଥାନ୍ତି । ଗ୍ରହଗୁଡିକର ଗତି, ଗ୍ରହଗୁଡିକର ସ୍ଥାନ ପାଇଁ ନିୟମ ତିଆରି କରି ଅମୁକ କାଳରେ, ଅମୁକ ଗ୍ରହ, ଅମୁକ ସ୍ଥାନରେ ରହିବାବେଳେ, ଅମୁକ ଶୁଭ ମୁହୂର୍ତ୍ତ ଥାଏ କହିବା ଆଜିର କାଳରେ ସାଧାରଣ ବିଷୟ ହୋଇ ରହିଛି । ଗ୍ରହଗୁଡିକର ସ୍ଥାନ ଅନୁସାରେ ନିର୍ଣ୍ଣୀତ ହୋଇଥିବା କାଳକୁ ମୁହୂର୍ତ୍ତ କୁହାଯାଏ, ଏହି ନିୟମ ଅନୁସାରେ ଆଗରୁ ମୁହୂର୍ତ୍ତଗୁଡିକ ପାଞ୍ଜିରେ ନିର୍ଣ୍ଣୟ କରିଥାନ୍ତି । ପାଞ୍ଜିରେ ମୁହୂର୍ତ୍ତ ନଥାଏ ବୋଲି ଅନେକଙ୍କୁ ଜଣାଥାଏ । ଏହି ଅନୁସାରେ ମୁହୂର୍ତ୍ତ କହିଲେ ପାଞ୍ଜି, ପାଞ୍ଜି କହିଲେ ମୁହୂର୍ତ୍ତ ବୋଲି ଭାବୁଥିବା ଲୋକମାନେ ମୁହୂର୍ତ୍ତ ହିଁ ପାଞ୍ଜିର ଅନ୍ତର୍ଭାଗ ବିଷୟ ବୋଲି କହିଥାନ୍ତି । ମୁହୂର୍ତ୍ତକୁ କେବଳ ବିବାହରେ କାହିଁକି, ଗୃହାରମ୍ଭରେ, ଗୃହପ୍ରବେଶରେ, ଏକୋଇଶା ପର୍ବରେ, କେଶଖଣ୍ଡନରେ, ନବଦମ୍ପତିଙ୍କ ଚତୁର୍ଥୀ କାର୍ଯ୍ୟରେ, ନାମକରଣ ଇତ୍ୟାଦି କାର୍ଯ୍ୟରେ ମୁହୂର୍ତ୍ତ ଖୋଜିଥାନ୍ତି । ସବୁ କାର୍ଯ୍ୟ ପାଇଁ ପାଞ୍ଜିରୁ ହିଁ ମୁହୂର୍ତ୍ତ ମିଳିଥାଏ । ପାଞ୍ଜି ଜାଣିଥିବା କୌଣସି ବ୍ୟକ୍ତି ମୁହୂର୍ତ୍ତ ନିର୍ଣ୍ଣୟ କରିପାରେ । ଏସବୁ ଦେଖିବା ପରେ ଇନ୍ଦୁ ମତର ରୀତିରେ ଏହି ମୁହୂର୍ତ୍ତ ବାବଦରେ କିଛି ଜଣାଇବାକୁ ସ୍ଥିର କରିଛୁ । ଶାସ୍ତ୍ର ଭିତରେ ଥିବା ଖଗୋଳଶାସ୍ତ୍ର ଅନୁସାରେ ଜନ୍ମ ହୋଇଛି ପାଞ୍ଜି । ଶାସ୍ତ୍ରଗୁଡିକ ଭିତରେ ଥିବା ପଞ୍ଚମ ଶାସ୍ତ୍ର ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଜନ୍ମ ହୋଇଛି ମୁହୂର୍ତ୍ତ । ପାଞ୍ଜିକାରମାନେ ଖଗୋଳଶାସ୍ତ୍ର ଅନୁସାରେ ପାଞ୍ଜି ତିଆରି କରିଥାନ୍ତି । ମୁହୂର୍ତ୍ତକୁ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ନିର୍ଣ୍ଣୟ କରିବାକୁ ହୋଇଥାଏ । ଆଜିର କାଳରେ ପାଞ୍ଜି ଧରି ଜାଣିଥିବା ଲୋକମାନେ ଜ୍ୟୋତିଷଙ୍କ ଭାବରେ ପରିଗଣିତ ହୋଇଥାନ୍ତି । ବାସ୍ତବରେ ସେମାନେ ଶାସ୍ତ୍ରବଦ୍ଧତା ନଥିବା ଜ୍ୟୋତିଷ କହୁଛନ୍ତି । ଗୋଟିଏ ସ୍ଥାନରେ ଜ୍ୟୋତିଷଶାସ୍ତ୍ର ଅନୁସାରେ କୁହାଯାଇଥିବା ବିଷୟକୁ ସେହି ଶାସ୍ତ୍ର ଅନୁସାରେ ଆଉ ଗୋଟିଏ ସ୍ଥାନରେ ପ୍ରଥମ ବିଷୟକୁ ବ୍ୟତିରେକ ଭାବରେ କହୁଛନ୍ତି ।

ଶାସ୍ତ୍ର କହିଲେ ସର୍ବଦା ଗୋଟିଏ ନିୟମକୁ ସୂଚିତ କରି, ଶାସନବଦ୍ଧ ହୋଇ, ଅଖଣ୍ଡନୀୟ ହୋଇ, ଶାପ ନିଶ୍ଚୟ ଫଳିବା ଭଳି ରହିଥାଏ । ଶାସନ ନାମକ ଶବ୍ଦରୁ ହିଁ ଜନ୍ମ ହୋଇଛି ଶାସ୍ତ୍ର, ତାହା କେବେମଧ୍ଧ ବଦଳିନଥାଏ, ଯଦି କେଉଁଠି କେତେବେଳେ ବଦଳେ ତାହା ଶାସ୍ତ୍ର ନୁହେଁ । ବାସ୍ତବରେ ଖଗୋଳଶାସ୍ତ୍ର ଅନୁସାରେ ତିଥିଗୁଡିକୁ, ନକ୍ଷତ୍ରଗୁଡିକୁ, ବାରଗୁଡିକୁ, ଗ୍ରହମାନଙ୍କର ଗତିକୁ କହିହୁଏ, କିନ୍ତୁ ଭବିଷ୍ୟତ ବାବଦରେ କହିବା ସମ୍ଭବ ହୋଇନଥାଏ । ଭବିଷ୍ୟତ କହିବା ପାଇଁ ହେଲେ ପଞ୍ଚମ (୫ମ) ଶାସ୍ତ୍ର ହୋଇଥିବା ଜ୍ୟୋତିଷ ଶାସ୍ତ୍ର ଜଣାଥିବା ଦରକାର । ଖଗୋଳଶାସ୍ତ୍ର ଅନୁସାରେ ପାଞ୍ଜିରେ ଗ୍ରହମାନଙ୍କର ଗତିକୁ ଦେଖି ଜ୍ୟୋତିଷ ଶାସ୍ତ୍ର ଦ୍ୱାରା ଭବିଷ୍ୟତ କହିହୁଏ । ଜ୍ୟୋତିଷଜ୍ଞମାନେ ଖଗୋଳ ଶାସ୍ତ୍ର ଜାଣିବା ଜରୁରୀ ନୁହେଁ । ଖଗୋଳ ଶାସ୍ତ୍ର ଅନୁସାରେ ଲେଖାଯାଇଥିବା ପାଞ୍ଜି ଦେଖି ଗ୍ରହଗୁଡିକର ଗତିବିଧି ଦେଖି ସେମାନେ ଭବିଷ୍ୟତ ବାବଦରେ ଜାଣିପାରିବେ ।

ପାଞ୍ଜି ଅନୁସାରେ ଗ୍ରହଗୁଡିକର ଗତି ରହିଥାଏ ବୋଲି ଜାଣିଲେ । ଏକ ଗୋଳ ହୋଇଥିବା ପୃଥିବୀ ନିଜ ଚାରିକଡେ ନିଜେ ଘୂରୁଥିବାରୁ ସୂର୍ଯ୍ୟ ପୃଥିବୀକୁ ଥରେ ଘୂରି ଆସିବା ଭଳି ଭୂପୃଷ୍ଠରେ ଥିବା ଲୋକମାନଙ୍କୁ ଜଣାପଡେ, ତଦ୍ୱାରା ଭୂପୃଷ୍ଠକୁ ବା ପୃଥିବୀକୁ ୧୨ ଭାଗରେ ବିଭାଜନ କରି, ଦିନକୁ ଥରେ ସୂର୍ଯ୍ୟ ସେହି ୧୨ଗୋଟି ଭାଗକୁ ଅତିକ୍ରମ କରିବା ଭଳି ଆମେ ହିସାବ କରୁଛୁ । ଉଦାହରଣ ସ୍ୱରୂପ ଆମେ ଏକ ରେଳଗାଡିରେ ଯାଉଛେ ବୋଲି ଭାବିବା । ରେଳଗାଡିରେ ୧୨ଗୋଟି ବଗି (ଡବା) ଅଛି ବୋଲି ଭାବିବା । ରେଳଲାଇନ୍ କଡରେ ଏକ ବରଗଛ ଅଛି ବୋଲି ଭାବିବା । ରେଳଗାଡିରେ ବସି ବାହାରକୁ ଦେଖୁଥିବା ବ୍ୟକ୍ତିକୁ ସେହି ଗଛ ଖୁବ୍ ଦ୍ରୁତଗତିରେ ପଛକୁ ଦୌଡିବା ଭଳି ବୋଧହେବ । ବାସ୍ତବରେ ବରଗଛ ଦୌଡୁନାହିଁ, ରେଳଗାଡି ଆଗକୁ ଯାଉଛି । ସେହିଭଳି ଖଗୋଳରେ ସୂର୍ଯ୍ୟ ରାସ୍ତା ପାଖରେ ଥିବା ଗଛ ଭଳି କୁଆଡେ ଯାଉନଥିବା ଏକ ଗ୍ରହ । ପୃଥିବୀ

ରେଳଗାଡି ଭଳି ବରଗଛକୁ ଅତିକ୍ରମ କରି ଚାଲିଯାଉଥିବା ଭଳି ସୂର୍ଯ୍ୟ ଚାରିକଡେ ଘୁରୁଛି । ରେଳଗାଡିରେ ବସିଥିବା ଲୋକ ପାଇଁ ଗଛ ପଛକୁ ପଳାଉଥିବା ଭଳି ଭୂପୃଷ୍ଠରେ ଥିବା ଆମମାନଙ୍କ ଆଖିକୁ ସୂର୍ଯ୍ୟ ଗତି କରିବା ଭଳି ଦେଖାଯାଇଥାଏ । ବାସ୍ତବରେ ସୂର୍ଯ୍ୟ ଯେଉଁଠି ସେଇଠି ରହିଥାଏ । ଏବେ ରେଳଗାଡିରେ ୧ ୨ ଗୋଟି ବଗି ଅଛି ବୋଲି ଭାବିଥିଲେ ! ଗୋଟିଏ ଗୋଟିଏ ରେଳବଗିର ଲମ୍ବ, ରେଳଗାଡିର ବେଗ, ବରଗଛର ସ୍ଥାନକୁ ହିସାବ କରି ଦେଖିଲେ ରେଳଗାଡିଟି ସମ୍ପୂର୍ଣ୍ଣ ଭାବରେ ବରଗଛକୁ ଅତିକ୍ରମ କରିବା ପାଇଁ କେତେ ସମୟ ଲାଗିବ ଜଣାପଡିଯିବ । ସେହିଭଳି ଗୋଟିଏ ବଗି ବରଗଛକୁ ଅତିକ୍ରମ କରିବା ପାଇଁ କେତେ ସମୟ ଲାଗିବ ତାହା ମଧ୍ୟ ଜଣାପଡିଯିବ । ସେହିଭଳି ଭୂପୃଷ୍ଠରେ ଥିବା ୧ ୨ ଭାଗର ଲମ୍ବ ଏବଂ ପୃଥିବୀର ବେଗକୁ ହିସାବ କରି ଦେଖିଲେ, ଗୋଟିଏ ଗୋଟିଏ ଭାଗକୁ ସୂର୍ଯ୍ୟ କେତେ ସମୟରେ ଅତିକ୍ରମ କରୁଛି ତାହା ଜଣାପଡିଯିବ । ଏହି ସୂତ୍ର ଅନୁସାରେ ପୃଥିବୀର ଗୋଟିଏ ଗୋଟିଏ ଭାଗ ସୂର୍ଯ୍ୟକୁ ଅତିକ୍ରମ କରିବାକୁ ଦୁଇଘଣ୍ଟା ସମୟ ଲାଗିଥାଏ । ୧ ୨ ଗୋଟି ଭାଗକୁ ଅତିକ୍ରମ କରିବାକୁ ୨ ୪ ଘଣ୍ଟା ଲାଗିଥାଏ । ଆମେ ଭୂପୃଷ୍ଠରେ ଥିବାରୁ ସୂର୍ଯ୍ୟ ଗତିକରୁଛି ବୋଲି ହିସାବ କଲେ, ସୂର୍ଯ୍ୟ ପୃଥିବୀର ଗୋଟିଏ ଭାଗକୁ ଅତିକ୍ରମ କରିବା ପାଇଁ ଦୁଇଘଣ୍ଟା ଲାଗିବ ବୋଲି କହିପାରିବା । ସେହି ଦୁଇଘଣ୍ଟା କାଳକୁ ଲଗ୍ନ କୁହାଯାଏ । ସୂର୍ଯ୍ୟ ଭୂପୃଷ୍ଠର ଗୋଟିଏ ଭାଗର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଅତିକ୍ରମ କରିବା କାଳକୁ ଏକ ଲଗ୍ନ କୁହାଯାଏ ।

ଉଦାହରଣ ଅନୁସାରେ ଆମେ ନେଇଥିବା ରେଳଗାଡିର ଗୋଟିଏ ଗୋଟିଏ ବଗି ଗୋଟିଏ ଗୋଟିଏ କିଲୋମିଟର ଲମ୍ବା ବୋଲି ଭାବିବା, ରେଳଗାଡିର ବେଗ ଘଣ୍ଟାପ୍ରତି ଅଧ କିଲୋମିଟର ବୋଲି ଭାବିବା । ଏକ କିଲୋମିଟର ଲମ୍ବ ହୋଇଥିବା ବଗି ବରଗଛକୁ ଅତିକ୍ରମ କରିବା ପାଇଁ ଦୁଇଘଣ୍ଟା ଲାଗିବ । ଗୋଟିଏ ବଗି ରେଳଗାଡିକୁ ଅତିକ୍ରମ କରୁଥିବା

ଦୁଇଘଣ୍ଟା କାଳରୁ ସେହି ବଗିରୁ ଗୋଟିଏ ବ୍ୟାଗ୍ ତଳକୁ ଖସିପଡିଲା ବୋଲି ଭାବିବା । ସେହି ଦୁଇଘଣ୍ଟା କାଳରେ ବ୍ୟାଗଟି ଖସିପଡିଥିବା ସମୟକୁ ଏକ ସ୍ୱତନ୍ତ୍ର ସମୟ ବୋଲି ଭାବିବା । ଏବେ ରେଳଗାଡିରୁ ବ୍ୟାଗଟି ଖସିପଡିଥିବା ସମୟକୁ ଆମେ ସ୍ୱତନ୍ତ୍ର ସମୟ ଭାବରେ ଚିହ୍ନିବା ଭଳି, ସୂର୍ଯ୍ୟକୁ ଅତିକ୍ରମ କରୁଥିବା ଦୁଇଘଣ୍ଟାର ଲଗ୍ନରୁ ଗୋଟିଏ ସ୍ୱତନ୍ତ୍ର ସମୟରେ ଗୋଟିଏ କାର୍ଯ୍ୟ ହେଲା ବୋଲି ଭାବିଲେ ସେହି ସ୍ୱତନ୍ତ୍ର ସମୟକୁ ହିଁ ଏକ ମୁହୂର୍ତ୍ତ କହିପାରିବା । ଏହି ସୂତ୍ର ଅନୁସାରେ ଗୋଟିଏ ଲଗ୍ନ ଭିତରେ ମୁହୂର୍ତ୍ତଟିଏ ରହିଥାଏ ବୋଲି ବୁଝିହୁଏ । ତାଛଡା ମୁହୂର୍ତ୍ତ ଅଲଗା ଏବଂ ଲଗ୍ନ ଅଲଗା ବୋଲି ମଧ ସ୍ପଷ୍ଟ ବୁଝିହୁଏ । ଲଗ୍ନ ଖଗୋଳ ସମ୍ବନ୍ଧୀୟ, ମୁହୂର୍ତ୍ତ ଜ୍ୟୋତିଷ ସମ୍ବନ୍ଧୀୟ ।

ମାନବ ଜୀବନରେ କେତେବେଳେ କେଉଁ କାର୍ଯ୍ୟ ହେବ ତାହା ପ୍ରାରବ୍ଧକର୍ମ ଅନୁସାରେ ଆଗରୁ ନିର୍ଣ୍ଣୟ ହୋଇ ରହିଥାଏ । ଯାତ୍ରାରେ ବ୍ୟାଗଟି ଖସିପଡିଥିବା ସମୟ ଏକ ସ୍ୱତନ୍ତ୍ର ସମୟ ହୋଇଥିବା ଭଳି ଜୀବନରେ ଏକ କାର୍ଯ୍ୟ ଯେଉଁ ସମୟରେ ହୋଇଥାଏ ତାହା ମୁହୂର୍ତ୍ତ ହୋଇଥାଏ । ମାନବ ଜୀବନରେ କେଉଁ କାର୍ଯ୍ୟ କେତେବେଳେ ହେବ ତାହା ମଣିଷ ଜନ୍ମହେବା ବେଳେ ନିର୍ଣ୍ଣୟ ହୋଇ ରହିଥାଏ । ତାହାକୁ ଜ୍ୟୋତିଷଶାସ୍ତ୍ର ଅନୁସାରେ ଜାତକ କୁହାଯାଏ । କାହାର ଜାତକ ହେଉପଛେ ତା ଜୀବନରେ ହେଉଥିବା ପ୍ରତ୍ୟେକ କାର୍ଯ୍ୟର ମୁହୂର୍ତ୍ତ ସେଥିରେ ଆଗରୁ ନିର୍ଣ୍ଣୟ ହୋଇ ରହିଥାଏ । ସେହି ଅନୁସାରେ କାର୍ଯ୍ୟ ନିଶ୍ଚୟ ହୋଇଥାଏ । ପ୍ରାରବ୍ଧକର୍ମର ନିର୍ଣ୍ଣୟ ମଣିଷ ଜନ୍ମହେବା ବେଳେ ହୋଇଥାଏ, ତାହା ହିଁ ତାର ଜାତକ । ଜାତକର କର୍ମ ନିର୍ଣ୍ଣୟକୁ ଅତିକ୍ରମ କରିବା କାହା ପକ୍ଷେ ସମ୍ଭବ ନୁହେଁ ବୋଲି ଷଷ୍ଠତମ ଶାସ୍ତ୍ର ହୋଇଥିବା ବ୍ରହ୍ମବିଦ୍ୟାଶାସ୍ତ୍ର ମଧ କହୁଛି । ଜ୍ୟୋତିଷ ଦ୍ୱାରା ହେବାକୁ ଥିବା କାର୍ଯ୍ୟ ବାବଦରେ ଜାଣିପାରିବା, କିନ୍ତୁ ସେହି କାର୍ଯ୍ୟର ଅନୁଭବରୁ ଖସିଯାଇ ପାରିବା ନାହିଁ । ଏହି ଅନୁସାରେ କହିପାରିବା ଯେ, ମଣିଷର ଲଗ୍ନ

କେହି ନିର୍ଣ୍ଣୟ କରିପାରିବେ ନାହିଁ । ପ୍ରାରବ୍ଧକର୍ମ ସମସ୍ତ ମୁହୂର୍ତ୍ତକୁ ଆଗରୁ ନିର୍ଣ୍ଣୟ କରି ରଖିଛି ବୋଲି ଜାଣିହେଉଛି ।

ଲଗ୍ନ କହିଲେ କଅଣ ? ମୁହୂର୍ତ୍ତ କହିଲେ କଅଣ ? ଜାଣିବା ପରେ, ଲଗ୍ନଗୁଡିକ ପାଇଁ ଗ୍ରହମାନେ, ମୁହୂର୍ତ୍ତ ପାଇଁ ପ୍ରାରବ୍ଧକର୍ମ କାରଣ ହୋଇ ରହିଛି ବୋଲି ଜାଣିବା ପରେ, ଅମୁକ କାର୍ଯ୍ୟ ପାଇଁ ମୁହୂର୍ତ୍ତ ନିର୍ଣ୍ଣୟ କରିବି, ଅମୁକ ସମୟରେ ଅମୁକ କାର୍ଯ୍ୟ କରିବି କହିବା ଅଜ୍ଞାନ ହୋଇଥାଏ । ବ୍ରହ୍ମବିଦ୍ୟାଶାସ୍ତ୍ର ବା ଭଗବଦ୍ଗୀତାର ସାଂଖ୍ୟ ଯୋଗରେ ଥିବା ୪୭ ତମ ଶ୍ଲୋକରେ **"କର୍ମଣ୍ୟେ ବାଧିକାରସ୍ତେ.. ..'** ନାମକ ଶ୍ଲୋକ ଅନୁସାରେ **ପାପପୁଣ୍ୟର କର୍ମଗୁଡିକୁ ଅର୍ଜନ କରିବାରେ ତୋର ଅଧିକାର ଅଛି, କିନ୍ତୁ ତାର ଫଳ ହୋଇଥିବା କାର୍ଯ୍ୟ କରିବାରେ ତୋର କୌଣସି ଅଧିକାର ନାହିଁ** ବୋଲି ଭଗବାନ କହିଥିବା ବାକ୍ୟଟିଏ ଅଛି । ଭଗବାନଙ୍କ ବାକ୍ୟର ବ୍ୟତିରେକ ଭାବରେ କେହି ଅମୁକ ସମୟରେ ଅମୁକ କାର୍ଯ୍ୟ କରିବି କହିବା ଅଜ୍ଞାନ ହୋଇଥାଏ । କାର୍ଯ୍ୟ କରିବାପାଇଁ ମାନବ ସ୍ୱତନ୍ତ୍ର ହୋଇ ନଥିବା ବେଳେ, ମୁହୂର୍ତ୍ତ ନିର୍ଣ୍ଣୟ କରିବା ମୂର୍ଖତା ହୋଇଥାଏ । ଜ୍ୟୋତିଷଶାସ୍ତ୍ର ଅନୁସାରେ କାର୍ଯ୍ୟ ହୋଇପାରେ ବୋଲି ଆଗରୁ କହି ପାରିବା, କିନ୍ତୁ ହେବ ବୋଲି ନିର୍ଦ୍ଧାର୍ଯ୍ୟ କରି କହିବା ଅଜ୍ଞାନ ହୋଇଥାଏ । ବ୍ରହ୍ମବିଦ୍ୟା ଅନୁସାରେ ଏକ ବିବାହ କାର୍ଯ୍ୟ କେତେବେଳେ ହେବ ତାହା ଆଗରୁ କର୍ମରେ ନିର୍ଣ୍ଣୟ ହୋଇ ରହିଥାଏ । ଜ୍ୟୋତିଷଶାସ୍ତ୍ର ଅନୁସାରେ କର୍ମନିର୍ଣ୍ଣୟରେ ହେବାକୁ ଥିବା ବିବାହ କାର୍ଯ୍ୟର ବିବରଣ ଜାଣିପାରିବା । ଏହି ଦୁଇଟିକୁ ସ୍ୱୀକାର ନକରି, କର୍ମକୁ ଦୃଷ୍ଟିରେ ନଆଣି କର୍ମର କର୍ତ୍ତା ହେବା ଭଳି ବିବାହର ମୁହୂର୍ତ୍ତ ନିର୍ଣ୍ଣୟ କରିବା ଉଚିତ୍ ନୁହେଁ, ଏଭଳି କରିବା ଅଧର୍ମ ହୋଇଥାଏ । ତେଣୁ ଇନ୍ଦୁମାନେ ବିବାହରେ ପୂର୍ବେ କୌଣସି ମୁହୂର୍ତ୍ତ ନିର୍ଣ୍ଣୟ କରୁନଥିଲେ । କୌଣସି ମୁହୂର୍ତ୍ତ ନିର୍ଣ୍ଣୟ ନଥାଇ ବିବାହ କରିବା ସେଦିନର ଇନ୍ଦୁରୀତି ଥିଲା । କେତେକ ସ୍ଥାନରେ କୌଣସି ମୁହୂର୍ତ୍ତ ନଥାଇ

ଆଜି ମଧ୍ୟ ବିବାହ କାର୍ଯ୍ୟ ହେଉଛି । ଏଭଳି ମୁହୂର୍ତ୍ତ ନଥାଇ ବିବାହକାର୍ଯ୍ୟ ହେବାଦ୍ୱାରା ଆଜି ମଧ୍ୟ ଆମ ରୀତି ନଷ୍ଟ ନହୋଇ କିଛି ବଳକା ରହିଛି ବୋଲି ଆଧାର ମିଳୁଛି । ବିବାହରେ ମୁହୂର୍ତ୍ତ ନଥାଏ, ରହିବା ଉଚିତ୍ ନୁହେଁ ଭାବ ନେଇ ପୂର୍ବର ଜ୍ଞାନୀମାନେ ଏକ ରଢି କହିଥିଲେ । ତାହା ହେଉଛି "ନିତି ବାହାଘର କରୁଥାଆ, ସବୁଜ ତୋରଣ ସଜାଉଥାଆ" ଏହି ରଢିଟି ଏବେ ମଧ୍ୟ ପ୍ରଚଳିତ ରହିଛି । ସବୁଜ ତୋରଣ ବାନ୍ଧି କୌଣସି ଦିନରେ ବିବାହ କାର୍ଯ୍ୟ କରିପାରିବା । ବିବାହରେ କୌଣସି ମୁହୂର୍ତ୍ତ ନଥାଏ, ଏହିଭଳି ସେମାନଙ୍କ ଭାବଧାରା ଥିଲା ବୋଲି ଜଣାଯାଉଛି । କର୍ମ ଅନୁଭବରେ ଆସିବାବେଳେ ଅମାବାସ୍ୟା ଦିନ ମଧ୍ୟ ବିବାହ କାର୍ଯ୍ୟ ହୋଇପାରିବ ବୋଲି ସେମାନଙ୍କ ଭାବରେ ରହିଥିଲା ।

ଆଜିର କାଳରେ ମଧ୍ୟ କେତେକ ଦେବସ୍ଥାନରେ ମୁହୂର୍ତ୍ତହୀନ ବିବାହ କାର୍ଯ୍ୟ ସବୁଦିନ ହେଉଛି । ଆମେ ମଧ୍ୟ ଆମ ସମକ୍ଷରେ ହେଉଥିବା ବିବାହ ଗୁଡିକୁ ମୁହୂର୍ତ୍ତ ନିର୍ଣ୍ଣୟ ନକରି ରୁଛୁ । ମୁହୂର୍ତ୍ତ ନିର୍ଣ୍ଣୟ ନକରି କାର୍ଯ୍ୟ ନାମକ କର୍ମକୁ ଛାଡିଦେବା ମହାନ ଜ୍ଞାନ ହୋଇଥାଏ । ତେଣୁ **"ମୁହୂର୍ତ୍ତ ନିର୍ଣ୍ଣୟ ନକରି ବିବାହ କାର୍ଯ୍ୟ ସମାପନ କରିବା ଇନ୍ଦୁରୀତି ହୋଇଥାଏ"** । ଧର୍ମ ସ୍ଥାନରେ ଅଧର୍ମ ସ୍ଥାନ ସଂରକ୍ଷଣ କରି ରହିଥିବାରୁ ଧର୍ମରେ ଗ୍ଲାନି ଆସିଛି ବୋଲି ଜଣାଯାଉଛି । ଅଜଣା ରହିଯାଇଥିବା ଧର୍ମଗୁଡିକ ପୁନଃ ଚିହ୍ନିତ ହୋଇ ଧର୍ମ ସଂସ୍ଥାପନ ହୋଇଥାଏ ବୋଲି କହିଥିବା ଭଗବାନଙ୍କ ବାକ୍ୟ ଅନୁସାରେ ଆମେ ଭୁଲିଯାଇଥିବା ଇନ୍ଦୁ ରୀତିଗୁଡିକ ଗୋଟିଏ ଗୋଟିଏ ହୋଇ ଆମର ମନେପଡୁ ବୋଲି ଆଶା କରିବା ।

*****

# ବିବାହରେ ବେଦମନ୍ତ୍ର !

ମାନବ ଜୀବନରେ ଘଟୁଥିବା ଶୁଭ କାର୍ଯ୍ୟଗୁଡିକ ଭିତରୁ ବିବାହ ଅତ୍ୟୁତମ । କେତେବଡ ଅଜ୍ଞାନୀର ଜୀବନରେ ମଧ୍ୟ ଦୈବଙ୍କୁ ସୂଚିତ କରୁଥିବା କାର୍ଯ୍ୟ ହେଉଛି ବିବାହ । ଭୂପୃଷ୍ଠରେ କୌଣସି ଜୀବଜାତିର ନଥିବା ବିବାହ ଏକୈକ ମାନବ ଜାତିରେ ରହିବା ଅତି ମହାନ ବିଷୟ । ଦୈବସୂଚନା ବ୍ୟତୀତ ଅନ୍ୟ କୌଣସି ସମାଚର ନଥିବା ବିବାହକାର୍ଯ୍ୟ ଅତି ପବିତ୍ର । ପୂର୍ବେ କେତେ ସୁ ଉଦ୍ଦେଶ୍ୟ ନେଇ ଆରମ୍ଭ କରିଥିବା ବିବାହରୀତି ଆଜି ମାୟା କବଳରେ କବଳିତ ହେଉଛି । ମାନବର ମୁଣ୍ଡରେ ଥିବା ମାୟାର ପ୍ରଭାବରେ ବିବାହ ଅର୍ଥହୀନ କାର୍ଯ୍ୟ ହୋଇଯାଇଛି । ଆଜି ବିବାହ ଭଳି ପବିତ୍ର କାର୍ଯ୍ୟରେ ବେଦ ସ୍ଥାନାଧିକାର କରିଛି । ବିବାହ କାର୍ଯ୍ୟରେ ବେଦ ମନ୍ତ୍ର ରହିବା ତ ଭଲ ! ହେଲେ ତାହା ମାୟା କିପରି ହେବ ? ଏହି ସନ୍ଦେହ ଅନେକଙ୍କଠାରେ ନିଶ୍ଚୟ ଆସୁଥିବ । ଏହି ବାକ୍ୟ ଲେଖିଥିବା ଲୋକକୁ ହୁଏତ ବେଦ ବାବଦରେ ଜଣା ନାହିଁ ବୋଲି କିଛିଲୋକ ଭାବୁଥିବେ । କଣ ହିନ୍ଦୁଧର୍ମରେ ବେଦ ସବୁଠାରୁ ପବିତ୍ର ନୁହେଁ ? ବୋଲି ପ୍ରଶ୍ନ ମଧ୍ୟ କରିପାରନ୍ତି । ଏହିଭଳି ଯିଏ ଯାହା ଭାବିଲେ ମଧ୍ୟ ଆମ କଥା ଶାସ୍ତ୍ରୀୟ କି ଅଶାସ୍ତ୍ରୀୟ, ବେଦ ବ୍ରହ୍ମବିଦ୍ୟା ଶାସ୍ତ୍ର ସମ୍ବନ୍ଧୀୟ କି ନୁହେଁ, ବେଦ ଦ୍ୱାରା ଦୈ୍ୱବତ୍ୱ ମିଳିପାରିବ କି ନାହିଁ ବିଚର କରିବା ଆବଶ୍ୟକ ।

ବ୍ରହ୍ମବିଦ୍ୟାଶାସ୍ତ୍ର ବା ଭଗବଦ୍ଗୀତାର ସାଂଖ୍ୟ ଯୋଗରେ ଥିବା ୪୫ତମ ଶ୍ଲୋକରେ **"ତ୍ରୈଗୁଣ୍ୟ ବିଷୟା ବେଦା.. .."** ବୋଲି ରହିଥିବା ବାକ୍ୟ ଅନୁସାରେ, ତାପରେ ବିଜ୍ଞାନ ଯୋଗରେ ଥିବା ୧୪ତମ ଶ୍ଲୋକରେ **"ଗୁଣମୟି ମମ ମାୟା .. .."** ବୋଲି ଥିବା ବାକ୍ୟ ଅନୁସାରେ, ପୁନଃ ବିଶ୍ୱରୂପ ସନ୍ଦର୍ଶନ ଯୋଗରେ ଥିବା **୪୮ତମ ଶ୍ଲୋକରେ "ନବେଦ ଏବଂ ରୂପଶକ୍ୟ.."** ବୋଲି କୁହାଯାଇଥିବା ବାକ୍ୟ ଅନୁସାରେ, ସେହି ଅଧ୍ୟାୟର **୫୩ତମ ଶ୍ଲୋକରେ "ନାହଂ ବେଦୈ ...ଶକ୍ୟ ଏବଂ ବିଧୋ.."** ନାମକ ବାକ୍ୟ ଅନୁସାରେ ଅନୁଶୀଳନ କରି ଦେଖିଲେ ବେଦ କହିଲେ କଣ ତାହା ସହଜରେ ବୁଝାପଡିଯାଏ ।

ଈଶ୍ୱର ବିରୋଧିନୀ ହୋଇ ରହିଥାଏ ମାୟା । ଏହି ମାୟାକୁ ଇତର ମତରେ ସୈତାନ୍ (ଇବ୍ଲିସ୍), ସାତାନ୍ ନାମରେ ମଧ୍ୟ କହିଥାନ୍ତି । ଇତର ମତ ଗୁଡିକରେ ମାୟା ଦୈବମାର୍ଗର ଶତ୍ରୁ ଭଳି, ତେଣୁ ତାର ବିରୁଦ୍ଧ ହୋଇ କେବଳ ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖୁଥିବା ଲୋକମାନେ ରହିବା ଉଚିତ୍ ବୋଲି କହିଥାନ୍ତି । ପଛରେ ଆସିଥିବା ମତ ଗୁଡିକରେ ମଧ୍ୟ, ଦୈବମାର୍ଗରେ ବା ଈଶ୍ୱରଙ୍କ ମାର୍ଗରେ ଥିବା ଲୋକମାନେ ମାୟାର ବ୍ୟତିରେକ ହୋଇ ରହିଥିବା ବେଳେ, ଆଦିରୁ ରହିଥିବା ଇନ୍ଦୁ ମତରେ ମଧ୍ୟ ମାୟାର ମୂଲ୍ୟ ନାହିଁ ବୋଲି ଗୀତାବାକ୍ୟ ଅନୁସାରେ ଜଣାଯାଉଛି । ଇନ୍ଦୁମତରେ ଥିବା ଭଗବଦ୍ଗୀତା ଅନୁସାରେ ଦେଖିଲେ **"ଗୁଣମୟି ମମମାୟା", "ତ୍ରୈଗୁଣ୍ୟ ବିଷୟା ବେଦା"** ବୋଲି କୁହାଯାଇଥିବା ବାକ୍ୟ ଅନୁସାରେ ମାୟା ଗୁଣ ରୂପରେ ଅଛି, ଗୁଣରାଜିର ବିଷୟ ହିଁ ବେଦ ବୋଲି ଜଣାଯାଉଛି । ଏହି ସୂତ୍ର ଅନୁସାରେ **ମାୟା = ଗୁଣରାଜି = ବେଦ** ବୋଲି ସ୍ପଷ୍ଟ ଭାବରେ ବୁଝିହେଉଛି । ମାୟା ମୁଣ୍ଡରେ ଗୁଣରାଜି ରୂପରେ ରହି ବାହାରେ ବେଦ ରୂପରେ ରହିଛି ବୋଲି ଜଣାଯାଉଛି । ତେଣୁ ମାୟା କହିଲେ ଯାହା ବେଦ କହିଲେ ତାହା, ମାୟା ଆଉ ବେଦ ଗୋଟିଏ, ବେଦରେ ମାୟା ଛଡା ଦୈବ ବା ଈଶ୍ୱର ନାହାନ୍ତି ବୋଲି ଜଣାଯାଉଛି । ସଂସ୍କୃତ ଭାଷା ଶିଖିଥିବା ପଣ୍ଡିତମାନେ, ପୂର୍ବେ ଋଷି ଭାବରେ ଥିବା ଲୋକମାନେ ବେଦକୁ ମହାନ କହିଆସିଛନ୍ତି । ପ୍ରତ୍ୟେକ ଶୁଭ କାର୍ଯ୍ୟରେ ନିଶ୍ଚୟ ବେଦପାଠ ହେଉଛି । ଆଜି ବିଦେଶରେ ମଧ୍ୟ ବେଦ ପ୍ରବେଶ କରିଛି । ହିନ୍ଦୁସଂସ୍କୃତି ବେଦ ଉପରେ ଆଧାରିତ ବୋଲି ମହାନ ବୋଲାଉଥିବା ଲୋକମାନେ କହୁଛନ୍ତି । ଶଙ୍କରାଚାର୍ଯ୍ୟ, ରାମାନୁଜାଚାର୍ଯ୍ୟ ଇତ୍ୟାଦି ମହା ମହା ଆଚାର୍ଯ୍ୟ ମାନଙ୍କଠାରୁ ଆରମ୍ଭ କରି ଆଜି ଆଧ୍ୟାତ୍ମିକ ପିଠ ଅଧିଷ୍ଠାନ କରି ରହିଥିବା ଲୋକମାନଙ୍କ ପର୍ଯ୍ୟନ୍ତ ସମସ୍ତେ ବେଦପାଠ କରିବା ସହିତ ଅନ୍ୟମାନଙ୍କୁ ମଧ୍ୟ ବେଦଶିକ୍ଷା ଦେଉଛନ୍ତି । ହିନ୍ଦୁମତର ମଥାମଣି ଭଳି ବେଦ ରହିଛି ବୋଲି ସମସ୍ତେ ଏକକଣ୍ଠରେ କହୁଛନ୍ତି, ସମସ୍ତ ଆସ୍ତିକମାନେ ବେଦକୁ

ଅନୁସରଣ କରୁଛନ୍ତି, ପୁରାଣ ଇତିହାସରେ ବେଦର ସ୍ଥାନ ଗୌରବନୀୟ ହୋଇ ରହିଛି, ଚତୁର୍ମୁଖ ବ୍ରହ୍ମା ବେଦର ରଚନା କରିଥିଲେ ବୋଲି ସମସ୍ତେ ଜାଣନ୍ତି । ଏହିଭଳି ହିନ୍ଦୁ ସମାଜରେ ବେଦ ଏତେ ମହାନ ହୋଇଥିବା ବେଳେ ଆପଣ ବେଦକୁ ମାୟା କିପରି କହୁଛନ୍ତି ? ବୋଲି ଅନେକ ଲୋକ ମୋତେ ପ୍ରଶ୍ନ କରିପାରନ୍ତି । ଏହି ପ୍ରଶ୍ନ ପାଇଁ ଆମ ତରଫରୁ ଜବାବ ହେଉଛି ! ବେଦକୁ ମହାନ କହୁଛି ମଣିଷ, କିନ୍ତୁ ସ୍ୱୟଂ ଈଶ୍ୱର ତାହା ମାୟା ବୋଲି କହିଛନ୍ତି, ତେଣୁ ଈଶ୍ୱର କହିଥିବା କଥାକୁ ମୁଁ କହୁଛି ସିନା, ସ୍ୱୟଂ କହୁନାହିଁ । ସମସ୍ତଙ୍କ ଠାରେ ବେଦ ମହାନ ସ୍ଥାନ ଅଧିକାର କରିଛି । ସେଥିଲାଗି ଈଶ୍ୱର (ଦୈବ ବା ପରମାତ୍ମା) କାହାକୁ ମଧ୍ୟ ବୁଝାପଡି ନାହାନ୍ତି । ଭଗବଦ୍ଗୀତାରେ ସ୍ୱୟଂ ପରମାତ୍ମା ହିଁ ବେଦକୁ ମାୟା କହିଛନ୍ତି । ତାଛଡା ବିଶ୍ୱରୂପ ସନ୍ଦର୍ଶନ ଯୋଗରେ ଥିବା ୪୮ ଏବଂ ୫୩ ତମ ଶ୍ଳୋକରେ ବେଦ ଦ୍ୱାରା ମୁଁ ଜଣାପଡେ ନାହିଁ, ତା ଦ୍ୱାରା ମୋତେ ଜାଣିବା ସମ୍ଭବ ନୁହେଁ ବୋଲି କହିଛନ୍ତି । ଋଷିମାନେ କହିଛନ୍ତି, ସଂସ୍କୃତ ପଣ୍ଡିତମାନେ କହିଛନ୍ତି, ପିଠାଧିପତିମାନେ କହିଛନ୍ତି କହିଲେ ତାହା ମୁଖ୍ୟକଥା ନୁହେଁ, ପରମାତ୍ମା ଯାହା କହିଛନ୍ତି ତାହା ମୁଖ୍ୟକଥା ହେବ । ମଣିଷ ଭିତରେ ମାୟା ବେଦ ରୂପରେ ରହିଛି, ତାହା ସମସ୍ତଙ୍କୁ ଭ୍ରମିତ କରିଥାଏ, ତେଣୁ "**ମମମାୟା ଦୂରତ୍ୟୟା**" କହିଛନ୍ତି, ଅର୍ଥାତ୍ ମୋର ମାୟା ଦୁଃସାଧ୍ୟ, ମାୟାକୁ ଜାଣିବା ଦୁଃସାଧ୍ୟ ହୋଇଥିବାରୁ ସମସ୍ତେ ମୋତେ ବିଶ୍ୱାସ ନକରି, ମାୟାକୁ ବିଶ୍ୱାସ କରୁଛନ୍ତି ବୋଲି ପରମାତ୍ମା କହିଛନ୍ତି । କେହି ମଧ୍ୟ ଅନ୍ଧ ଭାବରେ ଯୁକ୍ତି ନକରି, ସତ୍ୟକୁ ଜାଣିବାକୁ ଇଚ୍ଛାକଲେ ଈଶ୍ୱର ବା ପରମାତ୍ମା ସ୍ୱୟଂ କହିଥିବା କଥା ଆମକୁ ଶୁଣିବାକୁ ପଡିବ ।

ମାୟାଠାରୁ ଦୂର ଈଶ୍ୱରଙ୍କ ନିକଟ ହେବାକୁ ହେଲେ ମାୟା କାର୍ଯ୍ୟକୁ ନକରି ଈଶ୍ୱରଙ୍କ କାର୍ଯ୍ୟ କରିବାକୁ ହେବ । ଈଶ୍ୱରଙ୍କ କାର୍ଯ୍ୟ କଣ ବୋଲି ଜାଣିବାକୁ ହେଲେ ପ୍ରଥମେ ମାୟା କାର୍ଯ୍ୟ କଣ ଜାଣିବାକୁ ହେବ । ଏଭଳି

ବିବରଣାତ୍ମକ ଦେଖିଲେ, ଦୈବକାର୍ଯ୍ୟ ହୋଇଥିବା ବିବାହରୀତିର ଜ୍ଞାନକୁ ଘୋଡାଇଦେବା ଭଳି ମାୟା ବେଦମନ୍ତ୍ର ପଠନ ରୂପରେ ରହିଛି ବୋଲି ଜଣାପଡୁଛି । ଦୈବଜ୍ଞାନ ସ୍ୱରୂପ ବିବାହ କାର୍ଯ୍ୟରେ ମାୟାରୂପ ହୋଇଥିବା ବେଦମନ୍ତ୍ର ରହିବା ଉଚିତ୍ କି ନୁହେଁ ତାହା ବିଚାରଣୀୟ । ଏଭଳି ବିଚାରକଲେ ବିବାହରେ ଦୈବଜ୍ଞାନ ସମ୍ବନ୍ଧୀୟ ମନ୍ତ୍ର ରହିପାରେ ବୋଲି କହିପାରିବା ସିନା, ମାୟାମନ୍ତ୍ର  ବା ବେଦମନ୍ତ୍ର ରହିବା ଉଚିତ୍ ବୋଲି କଦାପି କହି ପାରିବା ନାହିଁ । ପୂର୍ବେ ଦୈବଜ୍ଞାନ ଜାଣିଥିବା ବଡମାନେ ବିବାହ କାର୍ଯ୍ୟରେ ଦୈବସମ୍ବନ୍ଧୀୟ ମନ୍ତ୍ରପାଠ କରୁଥିଲେ ! ବେଦ ସମ୍ବନ୍ଧୀୟ ମନ୍ତ୍ରପାଠ କଦାପି କରୁ ନଥିଲେ !! କାଳକ୍ରମେ ଧର୍ମରେ ଗ୍ଲାନି ଦେଖାଦେଇ  ଦୈବମନ୍ତ୍ର ସ୍ଥାନରେ ମାୟାମନ୍ତ୍ର ପ୍ରବେଶ କରିଯାଇଛି; ତଥାପି ଆଜିର କାଳରେ ମଧ୍ୟ ଆମ ସମକ୍ଷରେ ହେଉଥିବା ବିବାହ କାର୍ଯ୍ୟରେ ବେଦମନ୍ତ୍ରର ସ୍ଥାନ ନାହିଁ । ଆମେ କରାଉଥିବା ବିବାହ କାର୍ଯ୍ୟଗୁଡିକ ଇନ୍ଦୁରୀତିବଦ୍ଧ ଭାବରେ, ଦୈବ ସମ୍ବନ୍ଧୀୟ ମନ୍ତ୍ରରେ, ଅର୍ଥଯୁକ୍ତ ଆଚରଣରେ ନିର୍ବାହ କରୁଛୁ । ଇନ୍ଦୁରୀତିରେ ବିବାହ କାର୍ଯ୍ୟ ଏହିଭଳି ଜ୍ଞାନ ସମ୍ବନ୍ଧୀୟ ହେବା ଉଚିତ୍ ବୋଲି ଜଣାଇବା ପୂର୍ବକ ଆମ ସମକ୍ଷରେ ହେଉଥିବା ବିବାହ କାର୍ଯ୍ୟରେ ଦୈବଜ୍ଞାନ ସମ୍ବନ୍ଧୀୟ ମନ୍ତ୍ରପାଠ କରିବା ଭଳି ବନ୍ଦୋବସ୍ତ କରିଛୁ ।

ଏବେ ମଧ୍ୟ ସମୟ ଅଛି ଆଖିଖୋଲି ଦେଖନ୍ତୁ ! ଆମେ ମାୟା ପକ୍ଷରେ ଅଛୁ କି ଦୈବପକ୍ଷରେ ଅଛୁ ବିଚାର କରନ୍ତୁ । ମାୟାପକ୍ଷରେ ଥିବା ଲୋକମାନେ ମାୟାକୁ ମଧ୍ୟ ସୃଷ୍ଟି କରିଥିବା ପରମାତ୍ମାଙ୍କୁ ମହାନ ଭାବି, ବିବାହ କାର୍ଯ୍ୟରେ ବେଦମନ୍ତ୍ରକୁ ଛାଡି ଦୈବମନ୍ତ୍ର ପାଠକରାନ୍ତୁ ବୋଲି ଜଣାଉଛୁ । ଏଭଳି କରିବା ଦ୍ୱାରା ଇନ୍ଦୁରୀତିର ପରିରକ୍ଷଣରେ ଆମେ ବି ଜଣେ ସେନା ହୋଇପାରିବା । ଜନ୍ମହେବା  ଠାରୁ ଆମେ ରହି ଆସିଥିବା ମାୟାମାର୍ଗ  ଛାଡି ଆଜି ଜଣାପଡିଥିବା ଦୈବମାର୍ଗ ଅନୁସରଣ କରିବା ।

*****

# ଶ୍ରୀମତୀ - ଶ୍ରିମତ

ଇନ୍ଦୁରୀତିରେ ବିବାହକାର୍ଯ୍ୟ ମହାନ ଆଧ୍ୟାତ୍ମିକ ସନ୍ଦେଶ ସହିତ ରହି ପରମାତ୍ମାଙ୍କୁ ପାଇବାରେ ସହଯୋଗ କରିଥାଏ । ବିବାହ କାର୍ଯ୍ୟରେ ମୁଣ୍ଡରେ ଜ୍ଞାନସ୍ୱରୂପ ଜ୍ଞାନତଣ୍ଡୁଳ ପକାଇବା ପରେ ତଦନୁଗୁଣ ଜୀବନ ବଞ୍ଚୁଥିବା ପତିପତ୍ନିଙ୍କୁ ପ୍ରକୃତ ଦମ୍ପତି କହିପାରିବା । ମସ୍ତକାମ୍ବର ବିବରଣ ଆମେ ଜାଣିଛେ । ପତ୍ନୀଠାରୁ ପତିକୁ, ପତିଠାରୁ ପତ୍ନୀକୁ ଜ୍ଞାନ ସଂକ୍ରମଣ କରିବା ଉଚିତ୍, ଜଣକ ଦ୍ୱାରା ଜଣେ ଉପଦେଶ ପାଇ ନିଜ ନିଜର ଜ୍ଞାନାଭିବୃଦ୍ଧି କରିବା ଉଚିତ୍ ବୋଲି ଜଣକ ମୁଣ୍ଡରେ ଜଣେ ଜ୍ଞାନର ସଙ୍କେତ ହୋଇଥିବା ଚାଉଳ (ଜ୍ଞାନତଣ୍ଡୁଳ ବା ମସ୍ତକାମ୍ବର) ଢାଳିଥାନ୍ତି । ଏହି ଜ୍ଞାନକୁ ମଥାରେ ଧରି ବଞ୍ଚୁଥିବା ପୁରୁଷର ନାମ ଆଗରେ ଶ୍ରୀ ବା ଶ୍ରୀମାନ୍ ଲେଖାଯାଇଥାଏ । ସେହିଭଳି ସେହି ଜ୍ଞାନ ଅନୁସାରେ ବଞ୍ଚୁଥିବା ସ୍ତ୍ରୀର ନାମ ଆଗରେ ଶ୍ରୀମତି ଲେଖାଯାଇଥାଏ । ଏହା ଆମ ଇନ୍ଦୁ ରୀତିରେ ରହିଥିବା ବିଷୟ । ଜ୍ଞାନ ସମ୍ପନ୍ନ ପତିପତ୍ନୀଙ୍କର ଏହି ଉପାଧି ପବିତ୍ର ଜ୍ଞାନପାଇଁ, ପରମାତ୍ମାଙ୍କ ପାଇଁ ଚିହ୍ନ ଭାବରେ ରହିଥାଏ । **ଶ୍ରୀ ନାମକ ଶବ୍ଦ ପରମାତ୍ମାଙ୍କ ସୂଚନା ହୋଇଥିବା ସ୍ଥଳେ, ଶ୍ରୀମତି ନାମକ ଶବ୍ଦ ପରମାତ୍ମାଙ୍କ ଜ୍ଞାନର ଚିହ୍ନ ହୋଇ ରହିଥାଏ ।** କ୍ରମ ଅନୁସାରେ ଆମେ ସ୍ତ୍ରୀ ପରେ ସ୍ୱାମୀ ବା ପତ୍ନୀ ପରେ ପତି ବୋଲି କହିବା ଉଚିତ୍ । ଏହା ଦ୍ୱାରା ପ୍ରଥମେ ପରମାତ୍ମା ଜ୍ଞାନ ଦ୍ୱାରା ପରେ ପରମାତ୍ମାଙ୍କ ଠାରେ ମିଳିତ ହୋଇପାରିବା ବୋଲି ବୁଝିହୁଏ । ଜ୍ଞାନ ଶବ୍ଦ ରୂପରେ ରହିଥାଏ । ତେଣୁ ଶବ୍ଦକୁ ପ୍ରକୃତି କହି ପାରିବା । ଶବ୍ଦ ପ୍ରକୃତି ହେବା ଦ୍ୱାରା ଜ୍ଞାନକୁ ପ୍ରକୃତିର ଚିହ୍ନ ସ୍ତ୍ରୀ ସହିତ ତୁଳନାକରି, ପତ୍ନୀକୁ ଦୈବଜ୍ଞାନକୁ ସୂଚିତ କରୁଥିବା ଶବ୍ଦ ଶ୍ରୀମତି ନାମରେ କହିବା ଉଚିତ୍ ବୋଲି ବଡମାନେ ନିର୍ଣ୍ଣୟ କରିଥିଲେ । ବିବାହିତା ସ୍ତ୍ରୀକୁ ଆଜି ମଧ୍ୟ ସମସ୍ତେ ଶ୍ରୀମତି କହିଥାନ୍ତି, କିନ୍ତୁ ପୂର୍ବେ କେବଳ ଦୈବଜ୍ଞାନ ଜଣାଥିବା ସ୍ତ୍ରୀକୁ ଶ୍ରୀମତି କହୁଥିଲେ । ଆଜିର କାଳରେ କୌଣସି ଜ୍ଞାନ ନଥିବା ସ୍ତ୍ରୀକୁ ମଧ୍ୟ ଶ୍ରୀମତି କହିଦେଉଛନ୍ତି । ଇନ୍ଦୁଧର୍ମ ଅନୁସାରେ ଦୈବଜ୍ଞାନ

ନଥିବା ସ୍ତ୍ରୀକୁ ପତ୍ନୀ କହିପାରିବା ସିନା, ଶ୍ରୀମତି କହିପାରିବା ନାହିଁ, ସେହିଭଳି ବ୍ରହ୍ମଜ୍ଞାନ ଜଣା ନଥିବା ପୁରୁଷ ମଧ୍ଯ ଶ୍ରୀ ଶବ୍ଦ ପାଇଁ ଯୋଗ୍ୟ ନୁହେଁ । ଭୌତିକତଃ ଦେଖାଯାଉଥିବା ପତ୍ନୀପତି ପ୍ରକୃତି ପୁରୁଷ ନୁହନ୍ତି, ପ୍ରକୃତି ପୁରୁଷଙ୍କ ଚିହ୍ନ ବୋଲି ଆମେ ଜାଣିବା ଉଚିତ୍ ।

ମତି କହିଲେ ଜ୍ଞାନ ବୋଲି କହିପାରିବା । ଶ୍ରୀମତି କହିଲେ ଦୈବଜ୍ଞାନ । ଭଗବଦ୍ଗୀତାର ଆତ୍ମସଂଯମ ଯୋଗରେ ଦୈବମାର୍ଗରେ ଯୋଗ ଆଚରଣ କରୁଥିବା ଲୋକମାନେ ମୃତ୍ୟୁବରଣ କଲେ ତାପର ଜନ୍ମରେ ସେମାନେ କଅଣ ହୁଅନ୍ତି ବୋଲି ଅର୍ଜୁନ ପଚାରିବା ବେଳେ, **"ଶ୍ରୀମତାଂ ଗେହେ ଯୋଗଭ୍ରଷ୍ଟୋଭିଜାୟତେ''** ବୋଲି ଶ୍ରୀକୃଷ୍ଣ କହିଥିଲେ, ଏହାର ଅର୍ଥ ହେଉଛି ସେମାନେ ଶୀମତମାନଙ୍କ ଘରେ ଅର୍ଥାତ ଶୁଭଙ୍କରୀ ଦୈବଜ୍ଞାନୀ ମାନଙ୍କ ଘରେ ଜନ୍ମ ହୁଅନ୍ତି । ଏହି ବିଷୟର ବିଶେଷତା ମଧ୍ଯ ରହିଆସିଛି । ପୂର୍ବେ ଇନ୍ଦୁରୀତି ଅନୁସାରେ ବିବାହ କାର୍ଯ୍ୟରେ ବରକନ୍ୟା ପରସ୍ପରଙ୍କ ମୁଣ୍ଡରେ ପକାଉଥିବା ମସ୍ତକାମ୍ବରର ଅର୍ଥ ଜାଣି, ପତ୍ନୀପତି ଜଣକ ଦ୍ୱାରା ଜଣେ ଜ୍ଞାନ ଜାଣି ଜୀବନ ନିର୍ବାହ କରିଥାନ୍ତି । ଏହି ଦମ୍ପତିଙ୍କର ଗର୍ଭଧାରଣ ହେବାପରେ ସାତମାସରୁ ଆରମ୍ଭକରି ନଅମାସ ଭିତରେ କୌଣସି ଏକ ଦିନରେ, ଘରେ ଶ୍ରୀମତ ନାମକ ଏକ ଶୁଭକାର୍ଯ୍ୟ (ଉତ୍ସବ) କରୁଥିଲେ । **ପୂର୍ବେ ଏହି ଉତ୍ସବର ନାମ ଶ୍ରୀମତ ଥିବା ସ୍ଥଳେ ଆଜି ଯେଉଁମାନେ ଏହି ଉତ୍ସବ କରିଥାନ୍ତି ସେମାନେ ଶ୍ରୀମନ୍ତ କହିଥାନ୍ତି ।** ଗର୍ଭଧାରଣ ହେବା ସମୟରେ ଏହି ଶ୍ରୀମତ କାର୍ଯ୍ୟ କରିବା ଅର୍ଥ ହେଉଛି ! ଗର୍ଭଧାରଣ କରିଥିବା ସ୍ତ୍ରୀକୁ ଜ୍ଞାନୀମାନେ ଆଶୀର୍ବାଦ ଦେବା, ସେହି ଆଶୀର୍ବାଦ କିପରିନା ! "ତୁମେ ଶ୍ରୀମତି, ତୁମଠାରେ ଦୈବଜ୍ଞାନ ଅଛି, ତୁମ ଗର୍ଭରେ ରହିଥିବା ଶିଶୁଟି ଜଣେ ଜ୍ଞାନୀହୋଇ ଜନ୍ମହେଉ !" ଗୀତାରେ କହିବା ଭଳି ଗତଜନ୍ମରେ ଚେଷ୍ଟାକରି ମଧ୍ଯ ମୋକ୍ଷ ପାଇପାରି ନଥିବା ଯୋଗୀ ଏହି ଗର୍ଭରେ ଜନ୍ମ ହେଉ ବୋଲି ଏହି ଶ୍ରୀମତ

ଉତ୍ସବରେ ଜ୍ଞାନୀମାନଙ୍କ ଦ୍ୱାରା ଜଣାଇ ଦିଆଯାଏ । ପୂର୍ବକାଳରେ କେବଳ ଦୈବଜ୍ଞାନ ଜଣାଥିବା ସ୍ତ୍ରୀ ଗର୍ଭଧାରଣ କଲେ ଏହି କାର୍ଯ୍ୟ କରାଯାଉଥିଲା । ଆଜିର କାଳରେ ସମସ୍ତେ ନକଲେ ମଧ୍ୟ ଯେଉଁମାନେ କରୁଛନ୍ତି ସେମାନେ କୌଣସି ନିୟମ ନଜାଣି କରୁଛନ୍ତି । କାଳକ୍ରମେ ଧର୍ମ ଅଧର୍ମରେ ପରିଣତ ହୋଇ ଆଜି ସେହି ଜ୍ଞାନସନ୍ଦେଶ ଆମ ପାଖରେ ନାହିଁ । ଫଳଟିଏ ଫଳିବାକୁ ହେଲେ ଫୁଲଟିଏ ଆବଶ୍ୟକ । ଫଳଟିଏ ହେବା ଆଗରୁ ଫୁଲଟିଏ ହୋଇଥାଏ । ଏହା ସମସ୍ତେ ଜାଣିଥିବା ବିଷୟ । ପ୍ରଥମେ ଫୁଲଟିଏ ନହେଲେ ଫଳଟିଏ ହେବା ଅସମ୍ଭବ । ତେଣୁ ଫୁଲ ଥିଲେ ଫଳ ତିଆରି ହୋଇପାରେ । ଗୋଟିଏ ବାଳିକା ଛୋଟରୁ ବଡହୋଇ ଶିଶୁଟିଏ ଜନ୍ମଦେବା ସ୍ଥିତିକୁ ଆସିଲେ ସେ ପୁଷ୍ପବତୀ ହୋଇଗଲା ବୋଲି କହନ୍ତି । ଗଛରେ ଫୁଲ ହେଲେ ଏଥର ଫଳ ଫଳିବ ବୋଲି ଆମେ ଖୁସି ହୋଇଯିବା ଭଳି, ପୁଷ୍ପବତୀ ହୋଇଗଲାଣି ଅର୍ଥାତ୍ ସେ ସୃଷ୍ଟିକରିବା ସ୍ଥିତିକୁ ଆସିଗଲାଣି ବୋଲି ଆମେ ମଧ୍ୟ ନିଶ୍ଚୟ ଖୁସି ହେଉଛେ । ଆମେ ସମସ୍ତେ ଜାଣିଛେ ଯେ ସୃଷ୍ଟି ପ୍ରକୃତିରେ ହୋଇଥାଏ ବା ପ୍ରକୃତି ହିଁ ସୃଷ୍ଟି କରିଥାଏ । ତେଣୁ ବାଳିକାଟି ସୃଷ୍ଟି କରିବା ସ୍ଥିତିକୁ ଆସିଗଲେ ସେ ମଧ୍ୟ ପ୍ରକୃତି ସହିତ ସମାନ ହୋଇଗଲା ବୋଲି ହିସାବ ହୋଇଥାଏ । ପୁରୁଷର ବୀର୍ଯ୍ୟରେ ପ୍ରକୃତି ସ୍ୱରୂପିଣୀ ସ୍ତ୍ରୀ (ପ୍ରକୃତି) ଆଉ ଜଣକୁ (ଜଗତକୁ) ଜନ୍ମ ଦେଇଥାଏ । ପରମାତ୍ମା ପ୍ରକୃତିଙ୍କର ଏହି ରଚ୍ଚି ହିଁ ଜଗତରେ ଥିବା ପୁରୁଷ ଆଉ ସ୍ତ୍ରୀ । ବାଳିକାଟି ଯୁକ୍ତ ବୟସରେ ପହଞ୍ଚି ପ୍ରଥମ ଋତୁଶ୍ରାବରେ ପ୍ରକୃତି ସ୍ୱରୂପିଣୀ ଭାବରେ ବଦଳିଥାଏ । ସେଥିଲାଗି ପ୍ରକୃତି ସୃଷ୍ଟିର ଆଧାର ହୋଇ ରହିଛି ବୋଲି ସମସ୍ତେ ଜାଣିବା ପାଇଁ ପୁଷ୍ପବତୀ ହୋଇଥିବା ବାଳିକାର **ରଜସ୍ୱାଳା ଉତ୍ସବ** କରିଥାନ୍ତି । ରଜସ୍ୱାଳା ଉତ୍ସବ ପ୍ରତି ସ୍ତ୍ରୀ ପାଇଁ କରିପାରିବା, ସେହିଭଳି ବିବାହ ଉତ୍ସବ ମଧ୍ୟ କରିପାରିବା, ହେଲେ ଶ୍ରୀମନ୍ତ ଉତ୍ସବ ସମସ୍ତଙ୍କର କରିପାରିବା ନାହିଁ । ରଜସ୍ୱାଳା ଉତ୍ସବ, ବିବାହ ଉତ୍ସବ

ଏବଂ ଶ୍ରୀମନ୍ତ ଉତ୍ସବ କ୍ରମାନ୍ୱୟରେ ସ୍ତ୍ରୀ ଜୀବନରେ ହୋଇଥାଏ, ତେଣୁ ଏହି ତିନି ଉତ୍ସବରେ ଐଶ୍ୱରୀୟ ଜ୍ଞାନ ଖଞ୍ଜି ବଡମାନେ ଏକ ଏକ ଉତ୍ସବ ଭାବରେ ସମାଜରେ ରଖାଇଥିଲେ

ରଜସ୍ୱାଳା ଉତ୍ସବ ପାଳିତ ହୋଇଥିବା ସ୍ତ୍ରୀ ବିବାହ କରିବା ପରେ ଶ୍ରୀମତି ହୋଇଯାଇଥାଏ । ରଜସ୍ୱାଳା ଉତ୍ସବ, ବିବାହ କାର୍ଯ୍ୟ ହୋଇଯାଇଥିଲେ ମଧ୍ୟ ଜ୍ଞାନ ଜାଣିନଥିବା ଲୋକମାନଙ୍କୁ ଭାର୍ଯ୍ୟା, ଭର୍ତ୍ତା ବା ସ୍ତ୍ରୀ, ସ୍ୱାମୀଙ୍କ ତାଲିକାରେ ହିସାବ କରାଯାଏ ନାହିଁ, ସେମାନେ ପ୍ରକୃତି ପୁରୁଷର ଚିହ୍ନ ନୁହନ୍ତି ବୋଲି ଜାଣିବା ଉଚିତ୍, ପରିଶେଷରେ ସେମାନଙ୍କ ସମ୍ପର୍କକୁ ବ୍ୟଭିଚାର କହିପାରିବା । ବିବାହ ଉତ୍ସବରେ କରି ଦେଖାଇଥିବା କାର୍ଯ୍ୟଗୁଡିକର ମୂଲ୍ୟକୁ ଜାଣି ନଥିବା ଲୋକମାନଙ୍କ ପାଇଁ ସେହି କାର୍ଯ୍ୟଗୁଡିକ କରି ମଧ୍ୟ ନକରିବା ଭଳି ହୋଇଥାଏ, ସେମାନେ ସମାଜିକ ଆଚାର ଅନୁସାରେ ଦମ୍ପତି ହୋଇଥିଲେ ମଧ୍ୟ ପ୍ରକୃତ ଭାର୍ଯ୍ୟାଭର୍ତ୍ତା ନୁହନ୍ତି, ସେମାନଙ୍କ ସମ୍ପର୍କ ବ୍ୟଭିଚାର ହୋଇଥିବାରୁ ସେମାନଙ୍କ ଠାରୁ ଜନ୍ମିତ ସନ୍ତାନ ମଧ୍ୟ ଅଜ୍ଞାନୀ ହୋଇ ଜନ୍ମ ହୋଇଥାଏ । ଦୈବଜ୍ଞାନ ସମ୍ପନ୍ନ ଲୋକମାନେ ଥିବା ଏହି ଦେଶରେ ବା ଜ୍ଞାନୀମାନଙ୍କର ଦେଶ (ଇନ୍ଦୁଦେଶ)ରେ, ଜ୍ଞାନୀମାନେ ଉଦ୍ଭବ ହେବା ଉଚିତ୍ ବୋଲି ଭାବିଥିବା ପୂର୍ବଜମାନେ, ପୂର୍ବେ ରଜସ୍ୱାଳା ଉତ୍ସବ, ବିବାହ ଉତ୍ସବ, ଶ୍ରୀମତ ଉତ୍ସବ ଇତ୍ୟାଦି ଉତ୍ସବ ଗୁଡିକରେ ସମ୍ପୂର୍ଣ୍ଣ ଦୈବଜ୍ଞାନ ରଖାଇ ଆଚରଣ ଶିଖାଇଥିଲେ । ଏହି କାର୍ଯ୍ୟଗୁଡିକରୁ ପ୍ରକୃତି ପୁରୁଷଙ୍କ ଜ୍ଞାନ ଜଣାପଡିବା ଦ୍ୱାରା, ସମାଜରେ ରହିଥିବା ଭାର୍ଯ୍ୟା ଭର୍ତ୍ତା ପ୍ରକୃତରେ ମହାନ ପ୍ରକୃତିପୁରୁଷଙ୍କ ଚିହ୍ନହୋଇ ଅଛନ୍ତି ବୋଲି ଜାଣି ତଦନୁଗୁଣ ଜୀବନନିର୍ବାହ କରୁଥାଇ ଦାମ୍ପତ୍ୟ ସଂସାରରେ ରହିବା ଦ୍ୱାରା, ସେମାନଙ୍କ ସନ୍ତାନ ସନ୍ତତି ମଧ୍ୟ ଜ୍ଞାନୀ ହୋଇ ଜନ୍ମହେବେ ବୋଲି ପୂର୍ବଜମାନଙ୍କର ଉଦ୍ଦେଶ୍ୟ ରହିଥିଲା ।

ରୀତି ରହି ଅର୍ଥ ହଜିଯାଇଥିବା ଆଜିର କାଳରେ ଏହି ସମାଜକୁ ପୁଣି ଥରେ ଅର୍ଥବନ୍ତ କରିବାକୁ ହେଲେ ରୀତିଗୁଡିକରେ ଅର୍ଥରଖି ଆଚରଣ କରିବାକୁ ହେବ । ଜାଣିନଥିବା ଲୋକମାନଙ୍କୁ କାର୍ଯ୍ୟଗୁଡିକର ଭାବ ଜଣାଇ ଆମେ ମଧ୍ୟ ପୂର୍ବଜମାନଙ୍କ ଭାବ ଅନୁସାରେ ଆଚରଣ କରିପାରିବା, ସେତେବେଳେ ଇନ୍ଦୁଧର୍ମ ପୁଣି ଜୀବନ୍ତ ହୋଇପାରିବ । ସର୍ବ ପ୍ରପଞ୍ଚର ଅଧିପତି ହୋଇଥିବା ଈଶ୍ୱରଙ୍କୁ ଜାଣିବା ମାର୍ଗ ସୁଗମ ହୋଇପାରିବ ।

*****

# ବିଧବା

ବିବାହର କିଛିକାଳ ପରେ ପତି ମୃତ୍ୟୁବରଣ କରିବା ବେଳେ, ସେ ପର୍ଯ୍ୟନ୍ତ ସାଧବା ଭାବରେ ଥିବା ସ୍ତ୍ରୀ ବିଧବା ହୋଇଯାଇଥାଏ । ପୂର୍ବେ ଆମେ ଇନ୍ଦୁ ଭାବରେ ଥିବାବେଳେ ସାଧବା ପଦରୁ ବିଧବା ଭାବେ ବଦଳିବା ରୀତି ରହିଥିଲା । ଆଜି ଇନ୍ଦୁମତ ହିନ୍ଦୁମତରେ ବଦଳିଯାଇ ସେଦିନର ରୀତିଗୁଡିକ ମଧ୍ୟ ଅନର୍ଥ ହୋଇଯାଇଛି । ବିଧବା ହେବା ରୀତି ଆଜି ରହିଥିଲେ ମଧ୍ୟ, ସେଦିନର ଅର୍ଥ ଆଜି ଅନର୍ଥ ହୋଇଯାଇଛି କହିଲେ ଅତ୍ୟୁକ୍ତି ହୁଏ ନାହିଁ । ଏହିଭଳି ସନ୍ଦର୍ଭରେ ସେଦିନର ଆମ ରୀତିଗୁଡିକ ଭିତରେ ରହିଥିବା ବିଧବା ରୀତି କଅଣ ସେ ବାବଦରେ କିଛି ଜାଣିବା । ଆମ ରଚନାର **"ଗାଳିରେ ଜ୍ଞାନ-ଆଶିଷରେ ଅଜ୍ଞାନ"** ନାମକ ଗ୍ରନ୍ଥରେ ଏହି **'ବିଧବା'** ପଦ ବାବଦରେ ମଧ୍ୟ କିଛି ବିବରଣ କୁହାଯାଇଛି । ବିଶେଷ କରି ଚଞ୍ଚଳ ମନକୁ ବ୍ୟଭିଚାରୀ ସହିତ ତୁଳନା କରାଯାଇଛି, ମନକୁ ସ୍ୱାଧିନ କରିବା ବା ବ୍ୟଭିଚାର ରହିତ କରିବା ଏହି ବିଷୟର ସାରାଂଶ । ଏବେ ବିଧବା ରୀତି ବାବଦରେ ଜାଣିବା ।

ଭଗବଦ୍ଗୀତାରେ ପରମାତ୍ମାଙ୍କୁ ପାଇବା ପାଇଁ ମୁଖ୍ୟତଃ ଦୁଇଟି ମାର୍ଗ ଅଛି ବୋଲି ଭଗବାନ ଶ୍ରୀକୃଷ୍ଣ କହିଛନ୍ତି, ତନ୍ମଧ୍ୟରୁ ଗୋଟିଏ ହେଉଛି

କର୍ମଯୋଗ, ଅନ୍ୟଟି ବ୍ରହ୍ମଯୋଗ । ମନ ତାର କାର୍ଯ୍ୟ କରିଚାଲିଥାଏ । ସମସ୍ତ ବିଷୟ ସହିତ ସମ୍ବନ୍ଧୀତ ହୋଇ କାର୍ଯ୍ୟ କରିବା ହେଉଛି କର୍ମଯୋଗ । ମନକୁ କାର୍ଯ୍ୟରହିତ କରାଇ, କୌଣସି ଗୋଟିଏ ବିଷୟ ସହିତ ସମ୍ବନ୍ଧ ନରଖି କାର୍ଯ୍ୟାଚରଣ କରିବା ହେଉଛି ବ୍ରହ୍ମଯୋଗ । ଏ ଦୁଇଟି ଦୈବମାର୍ଗ ହେଲାବେଳେ, ସ୍ୱାମୀ ଥିବାବେଳେ ସ୍ତ୍ରୀ ତାର ସ୍ୱାମୀ ସହିତ ସମ୍ବନ୍ଧ ରଖି କର୍ମଯୋଗ ଆଚରଣ କରିପାରେ, ସ୍ୱାମୀ ମୃତ୍ୟୁବରଣ କରିବା ପରେ ଏକାକୀନୀ ହୋଇଯାଇଥିବା ସ୍ତ୍ରୀ କୌଣସି ବାହ୍ୟ ସମ୍ବନ୍ଧ ନରଖି ମନକୁ ବଶୀଭୂତ କରି ବ୍ରହ୍ମଯୋଗ ଆଚରଣ କରିପାରେ ବୋଲି ଜ୍ଞାନୀମାନେ ଏକ ପଦ୍ଧତିକୁ ସମାଜରେ ରଖାଇଥିଲେ । ସ୍ୱାମୀ ନଥିବା ସ୍ତ୍ରୀ ବ୍ରହ୍ମଯୋଗ ଆଚରଣ କରିବା, ବାହ୍ୟ ସମ୍ବନ୍ଧ ପରିତ୍ୟାଗ କରିବା ସୂଚନାକୁ ଜଣାଇବା ରୀତି ହେଉଛି ବିଧବା ରୀତି (ପ୍ରଥା) । କାଳଗମନରେ ଶବ୍ଦର ଅର୍ଥ ବଦଳି ଯାଇଥିଲେ ମଧ୍ୟ ସମାଜରେ ଆଚରଣ ରୂପରେ ଇନ୍ଦୁରୀତି ଗୁଡିକ ଭିତରୁ କିଛି ରୀତି ଏବେ ବି ବଞ୍ଚି ରହିଛି ବୋଲି ଜଣାପଡୁଛି । ବ୍ରହ୍ମବିଦ୍ୟାଶାସ୍ତ୍ର ବା ଯୋଗଶାସ୍ତ୍ରରେ କର୍ମଯୋଗ ସମ୍ବନ୍ଧୀୟ ଦାମ୍ପତ୍ୟଜୀବନ ଏବଂ ଦାମ୍ପତ୍ୟ ପରେ ବ୍ରହ୍ମଯୋଗ ସମ୍ବନ୍ଧୀୟ ଜୀବନ ବିତାଇବାକୁ କୁହାଯାଇଛି । ସ୍ୱାମୀ ମୃତ୍ୟବରଣ କରିବା ପରେ ସ୍ତ୍ରୀ, ସ୍ତ୍ରୀ ମୃତ୍ୟୁବରଣ କରିବା ପରେ ସ୍ୱାମୀ ବ୍ରହ୍ମଯୋଗ ଆଚରଣ କରିବା ହେଉଛି ଏହି ବିଧବା, ବୈଧବା ରୀତି ।

ସ୍ତ୍ରୀ କିମ୍ବା ପୁରୁଷ ନିଜ ନିଜର ମନକୁ ଜୟ କରିଛନ୍ତି ବୋଲି ଜାଣିହେବା ଭଳି, ସେମାନଙ୍କୁ ଦେଖିଲେ ବୁଝିହେବା ଭଳି ଏହି ରୀତିରେ ସେମାନଙ୍କୁ ସ୍ୱତନ୍ତ୍ର ଭାବରେ ସଜାଇ ଦିଆଯାଉଥିଲା । ଏହିଭଳି ସେମାନେ ସ୍ୱତନ୍ତ୍ର ଦେଖାଯିବା ଦ୍ୱାରା ଅନ୍ୟମାନଙ୍କ ଗହଣରେ ସେମାନଙ୍କର ମୂଲ୍ୟ ରହୁ, ସେମାନଙ୍କ ଦ୍ୱାରା ବ୍ରହ୍ମ ଯୋଗର ଅସ୍ତିତ୍ୱକୁ ସମସ୍ତେ ଜାଣନ୍ତୁ ବୋଲି ବଡମାନଙ୍କର ଉଦ୍ଦେଶ୍ୟ ଥିଲା । ପୂର୍ବେ ଏମାନଙ୍କୁ ଦେଖିଲେ ଶୁଭପ୍ରଦ ଭାବନା କରାଯାଉଥିଲା, ସେମାନଙ୍କୁ ବାହ୍ୟ ବିଷୟସବୁ ତ୍ୟାଗ କରିଥିବା

ବ୍ରହ୍ମଯୋଗୀ ଭାବନା କରାଯାଉଥିଲା, କିନ୍ତୁ ଆଜିର କାଳରେ ସେମାନଙ୍କୁ ଦେଖିଲେ ଅଶୁଭ, ଅପଶକୁନ ଭାବୁଛନ୍ତି । ଆଜି ଅଜ୍ଞାନ ବଢିଯାଇଥିବାରୁ, ଆତ୍ମଜ୍ଞାନ ଅଜଣା ରହିଯାଇଥିବାରୁ, ଐଶ୍ୱରୀୟ ଜ୍ଞାନ ଜଣାଉଥିବା ରୀତିଗୁଡିକ ଅର୍ଥହୀନ ଆଚରଣ ହୋଇଯାଇଥିବାରୁ ପତ୍ନି ମୃତ୍ୟୁବରଣ କରିଥିବା ପତିକୁ କିମ୍ବା ପତି ମୃତ୍ୟୁବରଣ କରିଥିବା ସ୍ତ୍ରୀକୁ ଦେଖିଲେ ଅଶୁଭ ଭାବନା କରୁଛନ୍ତି । ପୂର୍ବେ କୌଣସି ଶୁଭକାର୍ଯ୍ୟ କରିବାବେଳେ ବ୍ରହ୍ମଯୋଗୀ ଭାବରେ ଥିବା ବା ବ୍ରହ୍ମ ଯୋଗୀମାନଙ୍କର ପ୍ରତୀକ ଭାବରେ ଥିବା ଏହି ପତି ନଥିବା ସ୍ତ୍ରୀ ମାନଙ୍କଠାରୁ କିମ୍ବା ସ୍ତ୍ରୀ ନଥିବା ପୁରୁଷ ମାନଙ୍କଠାରୁ ପ୍ରଥମେ ଆଶୀର୍ବାଦ ନିଆଯାଉଥିଲା । ବିବାହାଦି ଶୁଭକାର୍ଯ୍ୟରେ ଏଇମାନଙ୍କୁ ହିଁ ପ୍ରଥମେ ଆସନ ଦେଉଥିଲେ, କୌଣସି ଶୁଭ କାର୍ଯ୍ୟରେ ସେମାନଙ୍କୁ ଉଚ୍ଚସ୍ଥାନ ଦିଆଯାଉଥିଲା, କିନ୍ତୁ ଆଜି ସେମାନେ ଶୁଭକାର୍ଯ୍ୟଠାରୁ ଖୁବ୍ ଦୂରରେ ରହୁଛନ୍ତି, ସେମାନେ ମଧ୍ୟ ଆଜି ବାସ୍ତବରେ ବ୍ରହ୍ମଯୋଗ କହିଲେ କଅଣ ବୋଲି ନଜାଣି ଅଜ୍ଞାନ ହୋଇ ଅଶୁଭ ଭାବରେ ବଦଳିଯାଇଛନ୍ତି ।

**ପତ୍ନି ମୃତ୍ୟୁବରଣ କରିଥିବା ପତି କିମ୍ବା ପତି ମୃତ୍ୟୁବରଣ କରିଥିବା ସ୍ତ୍ରୀ ଉଭୟ ଏହି ରୀତିର ଆଚରଣ କରୁଥିଲେ ମଧ୍ୟ ସ୍ତ୍ରୀକୁ ବିଧବା, ପୁରୁଷକୁ ବେଧବା କୁହାଯାଉଥିଲା ।** ପୁରୁଷର ବାହ୍ୟ ଚିହ୍ନ କିଛି ନଥିବା ବେଳେ କେବଳ ସ୍ତ୍ରୀକୁ ବିଧବା ବୋଲି ଜାଣିହେଉଛି । ପତି ମୃତ୍ୟୁବରଣ କରିବା ପରେ ତିନି ଦିନରେ, ପାଞ୍ଚଦିନ ପରେ କିମ୍ବା ଏଗାର ଦିନ ପରେ ଗୋଟିଏ ସ୍ତ୍ରୀକୁ ବିଧବା ସଜାଇବା କାର୍ଯ୍ୟ କରାଯାଏ । ସ୍ତ୍ରୀକୁ ବିଧବା ସଜାଇବା ବେଳେ ତାର ସମସ୍ତ ଅଳଙ୍କାରକୁ କାଢିଦେଇଥାନ୍ତି । ହାତର ଚୁଡି ଭାଙ୍ଗି ଦିଆଯାଏ, ମଙ୍ଗଳସୂତ୍ର, ଝୁଣ୍ଟିଆ କାଢି ଦିଆଯାଏ । ଶଂଖା ସିନ୍ଦୁର ପିନ୍ଧିବା ସୌଭାଗ୍ୟ ତାର ଆଉ ନଥାଏ । **ଏକ ସ୍ତ୍ରୀ ବାଲ୍ୟରୁ ଧାରଣ କରିଥିବା ଆଭୁଷଣଗୁଡିକୁ ଅଳଙ୍କାର କୁହାଯାଏ, ତାର ବିବାହ ହେବା ପରେ ସେ ତାର ସ୍ୱାମୀ ପାଇଁ ଧାରଣ କରୁଥିବା ମଙ୍ଗଳସୂତ୍ର,**

**ଝୁଣ୍ଟିଆ, ଶଂଖା, ସିନ୍ଦୁରକୁ ସୌଭାଗ୍ୟ କୁହାଯାଏ ।** ସ୍ୱାମୀ ମୃତ୍ୟୁବରଣ କରିଛି ବୋଲି ଜାଣିହେବା ଭଳି ବିଧବା ହୋଇଯାଇଥିବା ସ୍ତ୍ରୀର ସୌଭାଗ୍ୟ ହୋଇଥିବା ମଙ୍ଗଳସୂତ୍ର ଏବଂ ଝୁଣ୍ଟିଆ କାଢିଦେବା ଇନ୍ଦୁ ରୀତି ହୋଇଥାଏ । ବିଧବା ସ୍ତ୍ରୀ ପୂର୍ବ ଭଳି ତାର ଅଳଙ୍କାର ଧାରଣ କରିପାରେ, ଯେପରି ସେ ବିବାହ ପୂର୍ବରୁ ଚୁଡି ଲଗାଉଥିଲା ପରେ ଲଗାଇ ପାରେ, ଫୁଲ ଲଗାଇ ପାରେ, ଟିକିଲି କୁଙ୍କୁମ ଲଗାଇ ପାରେ, ହେଲେ ବିଧବା ହେବା ପରେ ତାର ସୌଭାଗ୍ୟ  କୁହାଯାଉଥିବା ଶଂଖା, ସିନ୍ଦୁର, ମଙ୍ଗଳସୂତ୍ର, ଝୁଣ୍ଟିଆ ପିନ୍ଧିବା ଉଚିତ୍ ନୁହେଁ । ପୂର୍ବ ପରମ୍ପରା ଅନୁଯାୟୀ ଆଜି ମଧ୍ୟ ସ୍ତ୍ରୀମାନେ ପତି ମୃତ୍ୟୁବରଣ କରିବା ପରେ ସୌଭାଗ୍ୟ ଆଭୁଷଣ ହୋଇଥିବା ମଙ୍ଗଳସୂତ୍ର, ଝୁଣ୍ଟିଆ, ଶଂଖା, ସିନ୍ଦୁର ଲଗାଇନଥାନ୍ତି ।

ଷଡଶାସ୍ତ୍ର ଭିତରେ ପଞ୍ଚମ ଶାସ୍ତ୍ର ଜ୍ୟୋତିଷଶାସ୍ତ୍ର, ଷଷ୍ଠତମ ଶାସ୍ତ୍ର ବ୍ରହ୍ମବିଦ୍ୟା ଶାସ୍ତ୍ର ବୋଲି ଜାଣିଛେ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଗ୍ରହଗୁଡିକୁ ଦୁଇ ଦଳରେ ବିଭାଜିତ କରାଯାଇଥାଏ । ଗୋଟିଏ ଦଳ ହେଉଛି ଗୁରୁ ଦଳ, ଅନ୍ୟ ଦଳଟି ହେଉଛି ଶନି ଦଳ । ଏହି ଦୁଇ ଦଳରୁ ସୌଭାଗ୍ୟମୟ ଜୀବନ ଉପରେ ପ୍ରଭାବ ଦେଖାଉଥିବା ଗ୍ରହ ହେଲେ ମଙ୍ଗଳ ଏବଂ ଶୁକ୍ର । ମଙ୍ଗଳ ଗ୍ରହ ଯୌବନ ସମ୍ବନ୍ଧୀୟ, ଶୁକ୍ର ଗ୍ରହ ଯୌବନର ସୁଖ ସମ୍ବନ୍ଧୀୟ । ବିଧବା, ବେଧବାମାନେ ଯୌବନକୁ ଏବଂ ଯୌବନ ସୁଖର ସମ୍ବନ୍ଧ ନଥିବା ଭଳି ଜନ୍ମିତ ଗ୍ରହର ରଙ୍ଗ ଅନୁସାରେ ବସ୍ତ୍ର ପିନ୍ଧୁଥିଲେ । ଜାତକ ଅନୁସାରେ ଗୁରୁଲଗ୍ନରେ ଜନ୍ମିତ ବିଧବା, ବେଧବାମାନେ ମଙ୍ଗଳ ଗ୍ରହର ରଙ୍ଗ ଅନୁସାରେ ନାଲି ରଙ୍ଗର ବସ୍ତ୍ର ପିନ୍ଧୁଥିଲେ । ଶନି ଲଗ୍ନରେ ଜନ୍ମିତ ବିଧବା, ବେଧବାମାନେ ଶୁକ୍ର ଗ୍ରହର ରଙ୍ଗ ଶ୍ୱେତ ବସ୍ତ୍ର ପିନ୍ଧୁଥିଲେ, ପୁରୁଷମାନେ ଆଜି କିଛି ନମାନିଲେ ମଧ୍ୟ ସ୍ତ୍ରୀମାନଙ୍କଠାରେ ଶ୍ୱେତ ରଙ୍ଗର ଶାଢୀପିନ୍ଧିବା କେଉଁଠି କେଉଁଠି ଦେଖାଯାଉଛି । କାଳ ଗମନରେ ବାସ୍ତବତା ଅଜଣା ରହିଯାଇ ଦିନେ ନାଲିଶାଢୀ ବ୍ରାହ୍ମଣ ଘରର ସ୍ତ୍ରୀମାନେ, ଧଳାଶାଢୀ

ଅନ୍ୟ କୁଳର ସ୍ତ୍ରୀମାନେ ପିନ୍ଧିବା ଆରମ୍ଭ କଲେ, ଏହିଭଳି କିଛିକାଳ ବିତିଯାଆନ୍ତେ ଆଜି ନାଲିଶାଢୀ ପିନ୍ଧୁଥିବା ବ୍ରାହ୍ମଣୀମାନେ, ଧଳାଶାଢୀ ପିନ୍ଧୁଥିବା ଶୂଦ୍ରାଣୀମାନେ (ଅନ୍ୟ ସ୍ତ୍ରୀମାନେ) ଦେଖିବାକୁ ମିଳୁନାହାନ୍ତି । ଏହିପରି କେତେକ ରୀତି କାଳଗମନରେ ବଦଳି ଶେଷରେ ଆଜି ଦେଖିବାକୁ ମିଳୁନାହିଁ, ସେହି ରୀତିଗୁଡିକ ବାବଦରେ କହିବା ଲୋକେ ଆଜି କେହି ନଥିବାରୁ, ଅର୍ଥ ନଥିବା ଆଚରଣ ସମାଜରେ ରହିଥିବାରୁ, ଏହି ରୀତିଗୁଡିକ ଆଚରଣରେ ଆଣିବାକୁ ମଧ୍ୟ କେହି ଆଶକ୍ତି ପ୍ରଦର୍ଶନ କରୁନାହାନ୍ତି ବୋଲି ଜଣାଯାଉଛି । ବୋଧହୁଏ ଆଉ କିଛିକାଳ ପରେ ବିଧବାମାନେ ସେମାନଙ୍କ ଶାଢୀପିନ୍ଧା ଆଚରଣ ସମ୍ପୂର୍ଣ୍ଣ ଭୁଲିଯିବା ସ୍ଥିତିକୁ ଚାଲିଆସିବେ । ଏପର୍ଯ୍ୟନ୍ତ ଏତେ ପରିବର୍ତ୍ତନ ଦେଖା ଦେଇଥିଲେ ମଧ୍ୟ, ମଙ୍ଗଳସୂତ୍ର, ଝୁଣ୍ଟିଆ କାଢିଦେବାରେ କୌଣସି ପରିବର୍ତ୍ତନ ଆସିନାହିଁ ବୋଲି ଆମ ରୀତି ଆଜି ମଧ୍ୟ କିଛି କିଛି ବଳକା ଅଛି ବୋଲି କହିପାରିବା ।

ଏହା ଆମର ଏକ ରୀତି ଥିଲା ବୋଲି ଜାଣି, ବିଧବା, ବୈଧବାମାନେ ଅଶୁଭ ନୁହନ୍ତି ଶୁଭପ୍ରଦ ବୋଲି ଜାଣିବା ଉଚିତ୍, ସେମାନଙ୍କୁ ମଙ୍ଗଳମୟ ଭାବି ସମ୍ମାନ ଦେବା ଉଚିତ୍ । ଏହି ରୀତି ଅନୁସାରେ ଯେଉଁମାନେ ବସ୍ତ୍ର ନପିନ୍ଧନ୍ତି ସେମାନଙ୍କୁ ରୀତି ବାବଦରେ ଜଣାଇ, ସେମାନେ ଉଚିତ୍ ବସ୍ତ୍ର ପିନ୍ଧି ପାରିବା ଭଳି ସେମାନଙ୍କଠାରେ ପରିବର୍ତ୍ତନ ଆଣିବା ଉଚିତ୍ । ଏହି ରୀତି ଅନ୍ତରାଳରେ ସମସ୍ତେ ବ୍ରହ୍ମଯୋଗ ବିଷୟ ଜାଣିପାରିବେ, ବିଧବା ରୀତି ଆମର ଏକ ପାରମ୍ପରୀକ ରୀତି ବୋଲି ସମସ୍ତେ ଜାଣିପାରିବେ ।

ଏହି କାର୍ଯ୍ୟକ୍ରମ ନିର୍ବାହ କରିବା ବେଳେ ଜାତକ ନିହାତି ଆବଶ୍ୟକ, ତାହା ମଧ୍ୟ ଉପଯୁକ୍ତ ଜାତକ ହୋଇଥିବା ଆବଶ୍ୟକ । ଏଠାରେ ରହିଥିବା ମୁଖ୍ୟ ସୂଚନା ହେଉଛି ! ଜାତକ କରିବା ପୂର୍ବରୁ ଶିଶୁର ପ୍ରଥମ ଶବ୍ଦରେ (କାନ୍ଦରେ) କିମ୍ବା ଶିଶୁର ପ୍ରଥମ ସ୍ପନ୍ଦନରେ ଧ୍ୟାନ ଦେଇଥିବା ଆବଶ୍ୟକ, କାରଣ ଏହା ହିଁ ଜୀବ ଜନ୍ମର ପ୍ରକୃତ ସମୟ । ଶିଶୁ

ଜନ୍ମ ହୋଇଗଲା ତ ସେହି ସମୟକୁ ଜନ୍ମସମୟ ଭାବି ହିସାବ କରୁଛନ୍ତି, କିନ୍ତୁ ତାହା ଭୁଲ୍ । ଯେତେବେଳେ ଶିଶୁଠାରେ ପ୍ରାଣ ପ୍ରବେଶ ହୁଏ, ଠିକ୍ ସେହି ସମୟକୁ ମନେରଖିବା ବା ଲେଖି ରଖିବା ଆବଶ୍ୟକ, ତାପରେ ତାହାକୁ ନେଇ ଉପଯୁକ୍ତ ଜ୍ୟୋତିର୍ବିତ୍‌କୁ ଦେଖାଇଲେ ଶିଶୁର ଜାତକ ଠିକ୍ ହୋଇଥାଏ । କାରଣ ! ସେତେବେଳେ ଥିବା ଗ୍ରହର ଗତିବିଧିକୁ ଲକ୍ଷ୍ୟକରି ଶିଶୁ **ଶୁକ୍ରଗ୍ରହର ଲଗ୍ନରେ କି ମଙ୍ଗଳଗ୍ରହର ଲଗ୍ନରେ ଜନ୍ମ ହୋଇଛି ଜାଣିହୁଏ । ଶୁକ୍ର ଗ୍ରହର ଶ୍ୱେତ ରଙ୍ଗ ଏବଂ ମଙ୍ଗଳ ଗ୍ରହର ନାଲି ରଙ୍ଗ ବୋଲି ମନେ ରଖିବାକୁ ହୁଏ ।** ବ୍ରହ୍ମବିଦ୍ୟାର ନିକଟତମ ଶାସ୍ତ୍ର ହେଉଛି ଜ୍ୟୋତିଷଶାସ୍ତ୍ର । ଆମର କେତେକ ରୀତି ଜ୍ୟୋତିଷଶାସ୍ତ୍ର ସହିତ ସମ୍ବନ୍ଧୀତ, ସେହି ଅନୁସାରେ ବିଧବା, ବେଧବାମାନେ କେବଳ ଶ୍ୱେତ ରଙ୍ଗର ବସ୍ତ୍ର ନପିନ୍ଧି ଜାତକ ନିର୍ଣ୍ଣୀତ ବସ୍ତ୍ର ପରିଧାନ କରିବା ଉଚିତ୍ ।

*****

# ନମସ୍କାର

ଦୈବତ୍ତ୍ୱକୁ ମାନବଠାରେ ମିଳିତ କରି, ଦୈବଜ୍ଞାନକୁ କେବେ ଭୁଲି ନଯିବା ଭଳି ମାନବସମାଜ ଭିତରେ ପୂର୍ବଜ ବଡମାନେ ରଖିଥିବା ଅନେକ ଆଚରଣ ଭିତରୁ ନମସ୍କାର କରିବା ଏକ ଉନ୍ନତ ଆଚରଣ ହୋଇ ରହିଛି । କୌଣସି ମତ (ଧର୍ମ) ନଥାଇ ଏକୈକ ଇନ୍ଦୁମତ (ହିନ୍ଦୁଧର୍ମ) ଥିବା କାଳରେ, ଦୈବଜ୍ଞାନ ଜାଣିଥିବା ବଡମାନେ ସୃଷ୍ଟିକରିଥିଲେ ନମସ୍କାର ରୀତି । ଇନ୍ଦୁମତ ଆଜି ଅନେକ ମତରେ ବିଜାଜିତ ହୋଇଯାଇଥିଲେ ମଧ୍ଯ ପ୍ରତ୍ୟେକ ମତରେ କିଛି କିଛି ବଞ୍ଚିରହିଛି । ପ୍ରତ୍ୟେକ ମତରେ ନମସ୍କାର କରିବା ରୀତି ରହିଥିଲେ ହେଁ ସେଥିରେ ପୂର୍ବର ଭାବ ଆଜି ନାହିଁ କି ଅର୍ଥ ନାହିଁ । ଗୋଟିଏ ଗୋଟିଏ ମତରେ ଗୋଟିଏ ଗୋଟିଏ ଭାବ ପ୍ରବେଶ କରି କେଉଁ ଭାବଟି ସଠିକ ତାହା ଜାଣିବା ଅସମ୍ଭବ ହେଉଛି । ପ୍ରତ୍ୟେକ ମତର

ଲୋକେ ତାହାର ଭାବକୁ ସ୍ୱତନ୍ତ୍ର ନିୟମରେ କହି ଅନ୍ୟ ମତର ଭାବକୁ ଭୁଲ୍ କହୁଛନ୍ତି । ଏହି ପରିସ୍ଥିତିରେ କାହାର ମତାମତରେ ଶାସ୍ତ୍ରବଦ୍ଧତା ରହିଛି, କାହାର ଭାବରେ ଦୈବଭାବ ରହିଛି, କାହାର ଭାବ ଭୌତିକ ଭାବ ତାହା ଜାଣିବା ଉଚିତ୍ ହେଉଛି । ସବୁକିଛି ହେତୁବଦ୍ଧ ଅର୍ଥରେ, ଶାସ୍ତ୍ରବଦ୍ଧ ଆଚରଣରେ ଥିବା ବେଳେ ମଣିଷ କରୁଥିବା କାର୍ଯ୍ୟ ସାର୍ଥକ ହେବ ବୋଲି ଆମର ଯୁକ୍ତି । ତେଣୁ ସର୍ବପ୍ରଥମେ ଆମ ଇନ୍ଦୁ ରୀତିରେ ଥିବା ନମସ୍କାର ବାବଦରେ ଜାଣିବା ।

ସର୍ବ ପ୍ରପଞ୍ଚର ଈଶ୍ୱର ଜଣେ ବୋଲି କହିବା ଧ୍ରୁବ ସତ୍ୟ । କିଏ କେଉଁ ମତରେ ଥିଲେ ମଧ୍ୟ ସେହି ମତର ସାରାଂଶ ଈଶ୍ୱରଙ୍କୁ ସୂଚିତ କରିଥାଏ । ତେଣୁ ପ୍ରତ୍ୟେକ ମତର ଦୈବଗ୍ରନ୍ଥକୁ ସେହି ମତର ମତବୃଦ୍ଧମାନେ ସମ୍ମାନ ଦେବା ଏକ ଉତ୍ତମ ପଦ୍ଧତି ବୋଲି ଭାବିବା ଉଚିତ୍ । ଏହି ଭାବ ଅନୁସାରେ ଜଣେ ଇସ୍ଲାମ ମତବୃଦ୍ଧଙ୍କ ସହିତ ଥରେ ମୋର ଭେଟ ହୋଇଥିଲା । ହାଇଦ୍ରାବାଦ୍ ସହରରେ ରହୁଥିବା ଇସ୍ଲାମ ମତର ହଦିସ୍ ପଣ୍ଡିତ ଯିଏକି କୋରାନକୁ ନିଜଠାରେ ସମ୍ପୂର୍ଣ୍ଣ ଜୀର୍ଣ୍ଣ କରିଦେଇଥିଲେ, ତାଙ୍କ ସହିତ ମୋର ଭେଟହେବା ମୋ ପାଇଁ ଏକ ସନ୍ତୋଷକର ଘଟଣା ଥିଲା, ସେଭଳି ଦୈବଜ୍ଞାନ ସମ୍ପନ୍ନ ମହାତ୍ମାଙ୍କୁ ମୁଁ ଦେଖି ନମସ୍କାର କଲି, ପୁନଃ ତାଙ୍କଠାରୁ ବିଦାୟ ନେବାବେଳେ ମଧ୍ୟ ନମସ୍କାର କଲି । ମୁଁ ତାଙ୍କୁ ପ୍ରଥମେ ନମସ୍କାର କରିବା ବେଳେ ସେ ମୋତେ କିଛି କହି ନଥିଲେ, କିନ୍ତୁ ମୁଁ ତାଙ୍କଠାରୁ ବିଦାୟ ନେବାବେଳେ ତାଙ୍କୁ ନମସ୍କାର କରିବା ଉତ୍ତାରେ ସେ ମୋତେ କିଛି କଥା କହିଲେ, ତାଙ୍କ କଥାରେ ଈଶ୍ୱରଙ୍କ ଉପରେ ତାଙ୍କର ଯେଉଁ ଅଗାଧ ବିଶ୍ୱାସ ଥିଲା ତାହା ବାହାରକୁ ବାହାରି ପଡୁଥିଲା, ସେ ମୋ ସହିତ ସେଦିନ ଯେଉଁ କଥା ହୋଇଥିଲେ ତାହା ନିମ୍ନମତେ ରହିଛି ।

**ଇସ୍ଲାମ୍ ମତବୃଦ୍ଧ-** "ହିନ୍ଦୁମତର ଅନ୍ୟମାନଙ୍କ ଅପେକ୍ଷା ଆପଣ ମୋତେ ଖୁବ୍ ପସନ୍ଦ ହେଲେ । ତୌହିଦ୍ (ଏକେଶ୍ୱର ଉପାସନା) ବାବଦରେ ଆପଣ

ଯେଉଁଭଳି କଥା କହିଲେ ତାହା ମୁଁ ଆଉ କାହାଠାରୁ ଶୁଣିନଥିଲି । ତୌହିଦ୍ ଜ୍ଞାନ ବାବଦରେ ଏତେ ଉନ୍ନତ ବିଷୟ କହିଥିବା ଆପଣ ସାଧାରଣ ମଣିଷ ହୋଇଥିବା ଆମକୁ ନମସ୍କାର କରିବା ଠିକ୍ ନୁହେଁ । ଆମେ ଏକୈକ ଈଶ୍ୱରଙ୍କୁ ନମସ୍କାର କରିବା ଉଚିତ୍ । ନମସ୍କାର ଯୋଗ୍ୟ ଏକୈକ ଈଶ୍ୱର । ମଣିଷକୁ କିମ୍ବା ଆଉକାହାକୁ ନମସ୍କାର କରିବା ଈଶ୍ୱରଙ୍କୁ ଅବମାନନା କରିବା ଭଳି ହୋଇଥାଏ । ସମସ୍ତଙ୍କଠାରୁ ବଡ ଏବଂ ସମସ୍ତଙ୍କର ସୃଷ୍ଟିକର୍ତ୍ତା ଈଶ୍ୱରଙ୍କୁ ଛାଡି ସାଧାରଣ ମଣିଷକୁ ନମସ୍କାର କରିବା ମୋ ହିସାବରେ ମୁଁ ଭୁଲ୍ ଭାବୁଛି । ମଣିଷ ଜଣାଉଥିବା ନମସ୍କାର କେବଳ ଈଶ୍ୱର ପାଇବାକୁ ଯୋଗ୍ୟ । ତେଣୁ ତାଙ୍କଛଡା ଆଉ କାହାକୁ ନମସ୍କାର କରିବା କଣ ଭୁଲ୍ ନୁହେଁ ?" ବୋଲି ସେ ପଚାରିଲେ ।

**ମୋକଥା-** "ନମସ୍କାର ଯୋଗ୍ୟ ଏକୈକ ଈଶ୍ୱର" ଆପଣଙ୍କର ଏ କଥାକୁ ମୁଁ ଅଙ୍ଗୀକାର କରୁଛି । ଅନ୍ୟମାନଙ୍କୁ କାହିଁକି ନମସ୍କାର କରୁଛେ ତାହା ପରେ କହିବି । ତା ଆଗରୁ ମୁଁ ଆପଣଙ୍କୁ ଗୋଟିଏ କଥା ପଚାରୁଛି ! ଆପଣ ଅନ୍ୟମାନଙ୍କୁ "ସଲାମ୍ ମଲେକୁମ୍" କହି ହାତକୁ ମୁଣ୍ଡ ଦିଗରେ ନେଇଥାନ୍ତି, ଅନ୍ୟ ବ୍ୟକ୍ତି ଜଣକ ମଧ୍ୟ "ମଲେକୁମ୍ ସଲାମ୍" କହି ମୁଣ୍ଡ ଦିଗରେ ହାତ ନେଇଥାନ୍ତି । ଏହା କଣ ଅନ୍ୟମାନଙ୍କୁ ନମସ୍କାର କରିବା ଭଳି ନୁହେଁ ! ଈଶ୍ୱରଙ୍କ ଛଡା ମଣିଷକୁ ନମସ୍କାର କରିବା ଉଚିତ୍ ନୁହେଁ ବୋଲି ହଦିସ୍ (ନୀତି) ଅନୁସାରେ ଅନ୍ୟମାନଙ୍କୁ ସଲାମ୍ କରିବା କଣ ଭୁଲ୍ ନୁହେଁ !" ବୋଲି ମୁଁ ପଚାରିଲି ।

**ଇସ୍ଲାମ୍ ମତବୃନ୍ଦ:-** ସଲାମ୍ କହିବା ନିୟମରେ ଭୁଲ୍ ନାହିଁ, କିନ୍ତୁ ଏହା ଅନ୍ୟମାନଙ୍କୁ ନମସ୍କାର କରିବା ଭଳି ନୁହେଁ । ସଲାମ୍ କରିବା ନିୟମ "ହଜରତ ମହମ୍ମଦ୍ ପ୍ରବକ୍ତା" ମହାଶୟ ଜଣାଇଥିଲେ । ଅନ୍ୟ ଜଣେ ବ୍ୟକ୍ତି ସଲାମ୍ କରିଥିବା ବ୍ୟକ୍ତିକୁ "ମଲେକୁମ୍ ସଲାମ୍" କହିଲେ ତାହା ତାର ପ୍ରତି ସଲାମ୍ ହୋଇଥାଏ । ମଲେକୁମ୍ ସଲାମ୍ କହିଲେ ଆପଣଙ୍କୁ ମଧ୍ୟ

ଶୁଭକାମନା ଜ୍ଞାପନ କରୁଛି ବୋଲି ବୁଝି ହୋଇଥାଏ ସିନା, ନମସ୍କାର କରିବା ଭଳି ହୋଇନଥାଏ । ଆମ ମତରେ ଜଣକୁ ଜଣେ ଶୁଭକାମନା ଜଣାଇବା ପାଇଁ ସଲାମ୍ କରିଥାଉ, କିନ୍ତୁ ଏଭଳି ସଲାମ୍ କରିବା ନମସ୍କାର କରିବା ଏକାକଥା ନୁହେଁ ।

**ମୋକଥା-** ଇନ୍ଦୁରୀତିରେ ପୂର୍ବକାଳର ଜ୍ଞାନୀମାନେ ସମାଜରେ ନମସ୍କାର ପ୍ରବେଶ କରାଇଥିଲେ, ସେଦିନର ଜ୍ଞାନୀମାନେ କହିଥିବା କଥା ଅନୁସାରେ ଦୁଇହାତକୁ ଯୋଡି ଉପରକୁ ମୁଣ୍ଡଦିଗରେ ନେଇ ଆଚରଣ କରିବା ନମସ୍କାର ହୋଇଥାଏ । ନମସ୍କାର କାହାପ୍ରତି ପୂଜ୍ୟଭାବ ଏବଂ ସମ୍ମାନ ପ୍ରଦର୍ଶିତ କରିଥାଏ କହିବାରେ ମଧ୍ୟ ସତ୍ୟ ଅଛି । ଆପଣଙ୍କ ସଲାମରେ ଶୁଭକାମନା ଥିବା ଭଳି, ଇନ୍ଦୁ ରୀତିର ନମସ୍କାରରେ ପୂଜ୍ୟଭାବ ରହିଥାଏ ବୋଲି କହିପାରିବା । ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କାହାକୁ ପୂଜ୍ୟ ଭାବରେ ଦେଖିବା ଉଚିତ୍ ନୁହେଁ, ଏହା ସମ୍ପୂର୍ଣ୍ଣ ଠିକ୍; ତଥାପି ଆମେ ଏଇଠାରେ ଟିକିଏ ଆଲୋଚନା କରିବା ଉଚିତ୍ । ପୂର୍ବେ ଐଶ୍ୱରୀୟ ଜ୍ଞାନରେ ଅଗ୍ରଗଣ୍ୟ ହେଉଥିବା ଲୋକମାନେ, ଈଶ୍ୱର କହିଲେ କିଏ, ତାଙ୍କର ମହାନତା କଣ ତାହା ଜାଣିଥିଲେ, ସେମାନେ ମଣିଷ ଭିତରେ ନମସ୍କାରକୁ କାହିଁକି ରଖିଥିଲେ ନିଶ୍ଚୟ ତାହା ବିଚାରଣୀୟ, ସେକାଳର ଲୋକମାନଙ୍କ ଠାରେ କି ଭାବ ଥିଲା, ଜ୍ଞାନ ଅନୁସାରେ ତାହା ଜାଣିବାକୁ ଗଲେ, ସେମାନଙ୍କ ଉଦ୍ଦେଶ୍ୟ ହେଉଛି !

ଏହି ସାରା ପ୍ରପଞ୍ଚ ସୃଷ୍ଟିହେବା ପରେ ପ୍ରଥମେ କୌଣସି ମତ ନଥିଲା । ମତ (ଧର୍ମ) ବୋଲି ନାଆଁ ନଥିବା ସେ କାଳରେ ଐଶ୍ୱରୀୟ ଜ୍ଞାନ ଜାଣିଥିବା ଜ୍ଞାନୀମାନେ, ଅନ୍ୟମାନେ ମଧ୍ୟ ଜ୍ଞାନ ଜାଣିପାରିବା ଭଳି ଅର୍ଥ ଥିବା ଅନେକ ଆଚରଣ ମଣିଷ ସମାଜରେ ରଖିଥିଲେ, ସେହି ଆଚରଣଗୁଡିକ ଭିତରୁ ଏହି ନମସ୍କାର ମଧ୍ୟ ଏକ ଉନ୍ନତ ଆଚରଣ ବୋଲି କହିପାରିବା । ସେଦିନ ସାରା ଭୂମଣ୍ଡଳରେ ରହିଥିବା କୌଣସି

ମନୁଷ୍ୟଠାରେ ମତ ନଥିଲା, ସେଥିଲାଗି ସାରା ଭୂମଣ୍ଡଳରେ ନମସ୍କାର ରୀତି ବ୍ୟାପି ରହିଥିଲା । ରବିବାରକୁ ସାରା ବିଶ୍ୱବାସୀ ଛୁଟିଦିନ ଭାବରେ ପାଳୁଛନ୍ତି, କିନ୍ତୁ ସେହି ଦିନଟିକୁ କାହିଁକି ଛୁଟିଦିନ ଭାବରେ ସମସ୍ତେ ପାଳୁଛନ୍ତି କାହାକୁ ଜଣାନଥିବା ଭଳି, ଆଜି ସମସ୍ତେ ଏହି ନମସ୍କାର ଆଚରଣ କରୁଥିଲେ ମଧ୍ୟ କାହିଁକି ପୂର୍ବଜମାନେ ଏହି ରୀତିକୁ ସମାଜରେ ରଖିଥିଲେ ତାହା ପ୍ରାୟ ସମସ୍ତଙ୍କୁ ଅଜଣା ରହିଯାଇଛି । ଜ୍ଞାନଯୁକ୍ତ ଅର୍ଥରେ ଦୁଇହାତକୁ ଯୋଡି ଉପରକୁ ମସ୍ତକ ଦିଗରେ ଉଠାଇ ନମସ୍କାର କରିବା ଆଜି କେତେକ ଦେଶରେ ଗୋଟିଏ ହାତକୁ ଚାଲି ଆସିଲାଣି ।

ମୁଖ୍ୟତଃ ଧ୍ୟାନ ଦେବା ବିଷୟ ହେଉଛି ! ସମସ୍ତେ ଦୁଇହାତରେ ନମସ୍କାର ନକଲେ ମଧ୍ୟ ଗୋଟିଏ ହାତରେ ହେଉପଛେ ତାହା ମୁଣ୍ଡ ଦିଗରେ ନେଇ କରୁଛନ୍ତି । ଇନ୍ଦୁରୀତି ଅନୁସାରେ ଦୁଇହାତକୁ ଯୋଡି ମୁଣ୍ଡ ଦିଗରେ ନେଇ ନମସ୍କାର କରିବା ହେଉଛି ଉନ୍ନତ ପଦ୍ଧତି । ଏହି ନମସ୍କାର ଆଜି ସବୁଦେଶରେ ନଥିଲେ ମଧ୍ୟ ସମ୍ପୂର୍ଣ୍ଣ ନିଖୋଜ ନହୋଇ କେତେକ ଦେଶରେ ବଞ୍ଚିରହିଛି ବୋଲି ଜଣାଯାଉଛି । ସେ ଯାହାବି ହେଉ ଆଜି ମଧ୍ୟ ଇନ୍ଦୁରୀତିରେ ଥିବା ନମସ୍କାର ଅଳ୍ପବହୁତେ ସବୁ ଦେଶରେ କିଛି କିଛି ନିଶ୍ଚୟ ରହିଛି । ଗୋଟିଏ ଗୋଟିଏ ମତର ଲୋକମାନେ ଗୋଟିଏ ଗୋଟିଏ ପ୍ରକାରର ଆଚରଣ କରୁଥିଲେ ହେଁ ତାହାକୁ ପୂର୍ବ ପଦ୍ଧତି ଅନୁସାରେ ନମସ୍କାର ବୋଲି କହିପାରିବା । ଏବେ ଆମେ ଇନ୍ଦୁମାନେ ଅର୍ଥଯୁକ୍ତ ଭାବରେ ରଖିଥିବା ନମସ୍କାରର ଅର୍ଥ କଣ ? ଦୁଇହାତ ଯୋଡି କାହିଁକି ନମସ୍କାର କରୁଥିଲେ ? ହାତର ଆଙ୍ଗୁଳିଗୁଡିକ ମୁଣ୍ଡ ଦିଗରେ କାହିଁକି ଦର୍ଶାଉଥିଲେ ? ଇତ୍ୟାଦି ପ୍ରଶ୍ନଗୁଡିକର ସମାଧାନ ଜାଣିପାରିଲେ ନମସ୍କାର କ'ଣ ଜାଣିପାରିବା ।

ଆଜି ରହିଥିବା ପ୍ରତ୍ୟେକ ମତର ଏବଂ ସେଦିନ ଅତୀତରେ ରହିଥିବା ଏକୈକ ଇନ୍ଦୁମତର ଈଶ୍ୱର ସେହି ଜଣେ । ସେହି ଏକୈକ ଈଶ୍ୱର

ସାରା ସୃଷ୍ଟିର ସୃଷ୍ଟିକର୍ତ୍ତା । ବାସ୍ତବରେ ଈଶ୍ୱରଙ୍କର ନାମ ନାହିଁ, ଆକାର ନାହିଁ, କୌଣସି ସ୍ୱତନ୍ତ୍ର ସ୍ଥାନ ମଧ୍ୟ ନାହିଁ । ଏହିଭଳି ନାମ, ଆକାର, ସ୍ଥଳ ନଥିବା ଈଶ୍ୱର ସର୍ବତ୍ର ଅଣୁ ଅଣୁ ହୋଇ ବ୍ୟାପିରହିଛନ୍ତି । ନାମ ହୋଇନଥିବା ନାମ ଯଥା- ପରମାତ୍ମା, ପୁରୁଷୋତ୍ତମ, ଖୁଦା, ସୃଷ୍ଟିକର୍ତ୍ତା, ପରମଧାମ,ପରମେଶ୍ୱର ଇତ୍ୟାଦି ଉପାଧିରେ ତାଙ୍କୁ କୁହାଯାଇଥାଏ । ସେହି ଈଶ୍ୱର ସାରା ପ୍ରକୃତିରେ ଆବହମାନ ହୋଇ ରହିବା ଛଡା ଜୀବରାଶିର ଶରୀରରେ ମଧ୍ୟ ଅଣୁ ଅଣୁ ହୋଇ ବ୍ୟାପି ରହିଛନ୍ତି, ସେହି ଈଶ୍ୱର ବା ପରମାତ୍ମା ଶରୀରରେ ଆତ୍ମା ଭାବରେ ରହି,ଶରୀରକୁ ଚୈତନ୍ୟବନ୍ତ କରି ପରିଚାଳିତ କରୁଛନ୍ତି । ପରମାତ୍ମାଙ୍କର ଏକ ଭାଗ ହୋଇଥିବା ଆତ୍ମା ପ୍ରତ୍ୟେକ ଜୀବରାଶିର ମୁଣ୍ଡରେ କେନ୍ଦ୍ରିକୃତ ହୋଇ ସାରା ଶରୀରରେ ବ୍ୟାପି ରହିଛନ୍ତି । ଈଶ୍ୱର ଆତ୍ମାସ୍ୱରୂପ ହୋଇ ମଣିଷକୁ ଜଣାପଡୁଥିବା ଚୈତନ୍ୟ ଭାବରେ ରହିବା ଦ୍ୱାରା, ସେହି ବିଷୟ ସମସ୍ତେ ଜାଣିପାରିବା ଭଳି, ଈଶ୍ୱର ଶରୀରର ମୁଣ୍ଡରେ ରହିଛନ୍ତି, ଏକଥା ଯେପରି କେହି ଭୁଲିନଯାଆନ୍ତୁ ବୋଲି କେହିଜଣେ ମାନ୍ୟ ବ୍ୟକ୍ତିଙ୍କୁ ଦେଖିଲେ ସମସ୍ତେ ନମସ୍କାର କରିବା ଦ୍ୱାରା ଏହି ବିଷୟ ମନେ ରହିବ ବୋଲି ବଡମାନେ ଶିଖାଇଥିଲେ । ବାମ ଦକ୍ଷିଣ ଦୁଇ ହାତକୁ ଯୋଡିବାରେ ମଧ୍ୟ ଆଧାତ୍ମିକ ଅର୍ଥ ମିଶି ରହିଛି । ଶରୀରର ବାମ ଏବଂ ଦକ୍ଷିଣରେ ଏକ ଆତ୍ମା ହିଁ ବ୍ୟାପିରହିଛନ୍ତି ବୋଲି ଦୁଇହାତକୁ ଯୋଡି ଏକ କରି ଦର୍ଶାଇବା ଏହି ନମସ୍କାରର ଉଦ୍ଦେଶ୍ୟ । ପୂର୍ବଜମାନେ ଜଣାଇଥିବା ନମସ୍କାରରେ ଈଶ୍ୱରଙ୍କପ୍ରତି ସମସ୍ତଙ୍କର ପୂଜ୍ୟଭାବ ଥିଲା । ଜଣେ ଶରୀରର ଈଶ୍ୱରଙ୍କୁ ତାର ନମସ୍କାର ଦ୍ୱାରା ଜଣାଇବା ବେଳେ, ଅନ୍ୟ ଜଣକ ମଧ୍ୟ ସେହିଭଳି ଜଣାଇ ଦେଉଥିଲା । ଏଭଳି କରିବା ଦ୍ୱାରା ମୋଠାରେ, ଆପଣଙ୍କଠାରେ ମଧ୍ୟ ସେହି ଏକ ଈଶ୍ୱରଙ୍କ ଅଂଶ ଆତ୍ମା ରହିଛନ୍ତି ବୋଲି ପ୍ରତିନମସ୍କାର ଦ୍ୱାରା ସ୍ପଷ୍ଟ ହେଉଥିଲା । ଏହିଭଳି ଉନ୍ନତ ଭାବରେ ସେଦିନ ନମସ୍କାରକୁ ସମାଜରେ ରଖାଯାଇଥିଲା ।

ତାଛଡା ଇନ୍ଦୁ ରୀତିରେ ନମସ୍କାର ବିଷୟରେ ଆଉ ଏକ ଘଟଣା ମଧ୍ୟ ରହିଛି । ତାହାହେଉଛି ! ମଣିଷ ଶରୀରର ନୀଚ ସ୍ଥାନ ଭାବରେ ପାଦକୁ ନିଆଯାଏ, ପାଦର ଚପଲ ମଧ୍ୟ ନୀଚ ଭାବରେ କୁହାଯାଏ । ଚପଲ ପିନ୍ଧା ପାଦ ହେଉ, ଚପଲ ନପିନ୍ଧା ପାଦ ହେଉ ଯଦି ଭୁଲ୍ ବଶତଃ କାହା ଶରୀରରେ ବାଜିଯାଏ, ସେତେବେଳେ ତାହା ତା ଶରୀରରେ ଥିବା ଈଶ୍ୱରଙ୍କ ଦେହରେ ବାଜିଗଲା ବୋଲି ଭାବନା କରୁଥିଲେ । ଏଭଳି ଭାବିବା ବେଳେ ତୁରନ୍ତ ନିଜର ଭୁଲ୍ ହୋଇଗଲା ବୋଲି ଭାବନା କରି ପାଦ ବାଜିଥିବା ବ୍ୟକ୍ତିର ଉକ୍ତ ସ୍ଥାନକୁ ନିଜର ହାତରେ ଛୁଇଁ ସେହି ହାତକୁ ନେଇ ମଥାରେ ଲଗାଇ ନମସ୍କାର କରୁଥିଲେ । କୌଣସି ବ୍ୟକ୍ତି ହେଉ ଯଦି କାହାର ପାଦ ଶରୀରରେ ବାଜିଯାଉଥିଲା ତେବେ ଏଭଳି ନିଜର ଭୁଲ୍ ସ୍ୱୀକାର କରିବା ପୂର୍ବକ ଆତ୍ମାଙ୍କୁ ନମସ୍କାର କରିବା ପଦ୍ଧତି ଆମ ଇନ୍ଦୁରୀତିରେ ଥିଲା । ଏହା ଦ୍ୱାରା ନିଜ ଶରୀରରେ ଥିବା ଈଶ୍ୱର ମଧ୍ୟ ଅନ୍ୟର ଶରୀରରେ ଅଛନ୍ତି, ସେ ହିଁ ସମସ୍ତ ଶରୀରକୁ ଚୈତନ୍ୟବନ୍ତ କରୁଥିବା ଶରୀରାଧିପତି, ସେହି ଅଧିପତି ହିଁ ସମସ୍ତଙ୍କର ଆରାଧ୍ୟ, ତାଙ୍କ ପ୍ରତି ଭକ୍ତି ରହିବା ଦ୍ୱାରା ମଣିଷ ଜୀବନ ଧନ୍ୟ ହୋଇଥାଏ ବୋଲି ଭାବନା କରି ମୁଁ ଏବେ ସେହି ଆତ୍ମା ଈଶ୍ୱରଙ୍କୁ ଭକ୍ତି କରୁଛି ବୋଲି ଅନ୍ୟକୁ ଜଣାଇବା ନିମନ୍ତେ ଏହି ଆଚରଣ କରୁଥିଲେ । ହାତରେ କରାଯାଉଥିବା ନମସ୍କାର ଦ୍ୱାରା ଆତ୍ମା ଭାବରେ ଥିବା ପରମାତ୍ମାଙ୍କୁ ଭକ୍ତି କରୁଛି ବୋଲି ସୂଚାଉଥିଲେ । ଆଜି ମଧ୍ୟ ଅନେକ ଲୋକ ବସ୍ ଯାତ୍ରାରେ, ରେଳ ଯାତ୍ରାରେ କିମ୍ବା ଅନ୍ୟ କୌଣସି ସନ୍ଦର୍ଭରେ କାହାର ପାଦ ଅନ୍ୟ କାହା ଶରୀରରେ ବାଜିଯିବା ବେଳେ ଏହି ରୀତିର ଆଚରଣ କରିଥାନ୍ତି । ନବୀନ କାଳରେ ଏହି ରୀତିକୁ ପିଲାମାନେ ଭୁଲିଯାଉଥିବା ଜଣାଯାଉଛି; ତଥାପି ଏହି ରୀତି ଆଜି ବି ରହିଛି ବୋଲି ଖୁବ୍ ଆନନ୍ଦିତ ହେବା ଉଚିତ୍ । ଏହା ପୂର୍ବର ଜ୍ଞାନୀମାନେ ହିଁ ଆମକୁ ଶିଖାଇଥିବା ଏକ ଉନ୍ନତ ରୀତି, ଏହା ହିଁ ଇନ୍ଦୁମାନଙ୍କର ନମସ୍କାର ।

ପୂର୍ବେ ଈଶ୍ୱରଙ୍କୁ ଭକ୍ତି କରିବା ସହିତ ତାଙ୍କପ୍ରତି ବିନୟ ଭାବ ରଖୁଥିଲେ । ସମସ୍ତେ ଦୈବଜ୍ଞାନ ଜାଣନ୍ତୁ ବୋଲି ଯିଏ ଯାହାକୁ ନମସ୍କାର କଲେ ମଧ୍ୟ ସେଥିରେ ଦୈବଭାବ ରହିବା ଦ୍ୱାରା ଏହାକୁ ଆମର ଏକ ମହାନ ରୀତି ବୋଲି କହିପାରିବା । ଏତେ ମହାନ ହୋଇଥିବା ନମସ୍କାର ଆଜି ଈଶ୍ୱରଙ୍କୁ କରାନଯାଇ ମଣିଷକୁ କରାଯାଉଛି ଭାବିବା ବହୁତବଡ ଭୁଲ୍ ହୋଇଥାଏ । ଏକୈକ ଈଶ୍ୱରଙ୍କ ବ୍ୟତୀତ ଅନ୍ୟ କେହି ନମସ୍କାରର ଯୋଗ୍ୟ ନୁହନ୍ତି କି କେହି ହୋଇପାରିବେ ନାହିଁ । ପୂର୍ବର ଜ୍ଞାନ ପଦ୍ଧତି ଅଜଣା ରହିଯିବା ଦ୍ୱାରା ଯିଏ ଯାହାର ଇଚ୍ଛାକୁ ବ୍ୟକ୍ତ କରୁଛନ୍ତି । ଆମ ଇଚ୍ଛା ଅନୁସାରେ ଆମେ ଭାବିବା ଭୁଲ୍ । ଏବେ ମୁଁ ଆପଣଙ୍କୁ କରିଥିବା ନମସ୍କାର ଆପଣଙ୍କୁ କରି ନାହିଁ, ଆପଣଙ୍କ ଭିତରେ ଥିବା ଅଲ୍ଲାଃଙ୍କୁ (ପରମାତ୍ମାଙ୍କୁ) କରିଛି । ପରମାତ୍ମାଙ୍କୁ ଭକ୍ତିଭରା ନମସ୍କାର କରିବା କଣ ଭୁଲ୍ ହେବ । ସଲାମ୍ ପ୍ରତି ସଲାମ କରିବାରେ ଶୁଭ କାମନା କରିବା, ଆଶୀର୍ବାଦ ଦେବା ଭଳି ହେବ ସିନା, ଦୈବଭାବ ବ୍ୟକ୍ତ କରୁଥିବା ଆଚରଣ କିପରି ହେବ ! ଏଭଳି ଈଶ୍ୱର ସମସ୍ତଙ୍କଠାରେ ବ୍ୟାପି ରହିଛନ୍ତି, ସେହିଁ ସମସ୍ତଙ୍କର ପୂଜ୍ୟ, ମୁଁ ତାଙ୍କୁ ହିଁ ଭକ୍ତି କରୁଛି ବୋଲି ଜଣାଇ ନମସ୍କାର କରିବା ଠିକ୍ କି ଭୁଲ୍ ଆପଣ କହନ୍ତୁ ।

ଇନ୍ଦୁରୀତିରେ ରହିଥିବା ନମସ୍କାର ଆଚରଣ ଆଜି ମଧ୍ୟ ରହିଛି । ଏହି ରୀତି କାଳକ୍ରମେ ବଦଳି ଆଜି ନାନା ମତ ତିଆରି ହେବା ଦ୍ୱାରା ମତ ପ୍ରଭାବରେ ପ୍ରଭାବିତ ହୋଇ ଭାବକୁ ନାନା ପ୍ରକାରରେ ବଦଳାଇ ଦେଇଛି, ସେହି ଅନୁସାରେ ନମସ୍ତେ, ନମସ୍କାର, ପ୍ରଣାମ, ସଲାମ, ଓଳିକି, ଦଣ୍ଡବତ ଇତ୍ୟାଦି ନମସ୍କାରକୁ ନାନା ଶବ୍ଦରେ କହି ଆଚରଣ କରୁଥିଲେ ମଧ୍ୟ ତାହା ଦୈବଭାବ ନେଇ କରିବା ଉଚିତ୍ । ଇନ୍ଦୁମାନେ ହିନ୍ଦୁ ଭାବରେ, ମୁସ୍ଲିମ୍ ଭାବରେ, କ୍ରୈସ୍ତବ ଭାବରେ ବଦଳିଯିବା ଦ୍ୱାରା ଏହି ଇନ୍ଦୁରୀତିରେ ଥିବା ଅର୍ଥ ଆଜି ସମସ୍ତେ ଭୁଲିଯାଇଛନ୍ତି । ଆଜି ଦୁଇ ହାତକୁ

ଜୋଡି ଅନେକ ଲୋକ ନମସ୍କାର କରୁଥିଲେ ମଧ୍ୟ ପୂର୍ବର ଦୈବଭାବ ନାହିଁ । ତେଣୁ ହିନ୍ଦୁମାନେ ଆଜି ଅଜ୍ଞାନରେ ଧର୍ମକୁ ଭୁଲି ଗୋଟିଏ ହାତରେ ନମସ୍କାର କରୁଛନ୍ତି । ଇନ୍ଦୁମାନେ ହିନ୍ଦୁ ଭାବରେ, ମୁସ୍ଲିମ୍ ଭାବରେ, ଖ୍ରୀଷ୍ଟିୟ ଭାବରେ ବଦଳିଯିବା ଦ୍ୱାରା ନମସ୍କାର ମଧ୍ୟ ନିଜର ରୂପକୁ ବଦଳାଇ ଆଂଗ୍ଲ ଦେଶରେ ସେଲ୍ୟୁଟ୍, ଆରବରେ ସଲାମ୍, ଭାରତରେ ନମସ୍ତେ ଇତ୍ୟାଦି ଶବ୍ଦରେ କୁହାଯାଉଛି । ହିନ୍ଦୁ, ଖ୍ରୀଷ୍ଟିୟ, ମୁସ୍ଲିମ୍ ସମସ୍ତେ ଇନ୍ଦୁମତର ଏକ ଏକ ଭାଗ ହୋଇଥିବାରୁ ଏହି ନମସ୍କାରକୁ କିଏ କେଉଁ ଭଳି ଶବ୍ଦରେ କହି ଆଚରଣ କଲେ ମଧ୍ୟ ତାହା ଏକୈକ ଶରୀରେଶ୍ୱରଙ୍କୁ ଭକ୍ତି ଭାବ ପ୍ରଦର୍ଶନ କରିବା ଭଳି ହେବା ଉଚିତ୍ । ଏବେ ଆପଣ କୁହନ୍ତୁ ତ ମୁଁ ଆପଣଙ୍କୁ କରିଥିବା ନମସ୍କାରରେ କିଛି ଭୁଲ୍ ଅଛି !" ବୋଲି ମୁଁ ପଚାରିଲି ।

**ଇସ୍ଲାମ୍ ମତବୃନ୍ଦ:-** "ଏହିଭଳି ଈଶ୍ୱରଙ୍କ ଉପରେ ଭକ୍ତି ରଖି, ସମ୍ମାନ ପ୍ରଦର୍ଶନ କରିବାରେ କିଛି ମଧ୍ୟ ଭୁଲ୍ ନାହିଁ । ଆପଣଙ୍କ ଭାବରେ ନମସ୍କାର ଏଭଳି ଈଶ୍ୱରଙ୍କୁ କରାଯାଏ ବୋଲି ଜାଣିବା ପରେ ମୁଁ ଖୁବ୍ ଖୁସି ହେଉଛି, କିନ୍ତୁ ଆପଣଙ୍କ ଭାବର ବ୍ୟତିରେକ ଭାବରେ ଅଫିସରମାନଙ୍କୁ, ଅନ୍ୟମାନଙ୍କୁ ନିଜର କିଛି ସ୍ୱାର୍ଥ ଲାଗି କିଛିଲୋକ ନମସ୍କାର କରୁଛନ୍ତି । ଏ ବାବଦରେ ଆପଣ କଣ କହିବେ ।" ବୋଲି କହିଲେ ।

**ମୋକଥା-** ମୁଁ ଏକଥା କହିଛି ଯେ ନମସ୍କାର ରୀତି ସବୁଦିଗରୁ ଅନର୍ଥ ହୋଇଯାଇଛି, ତାର ପ୍ରକୃତ ଭାବ ଅଜଣା ରହିଯିବା ଦ୍ୱାରା ସେଥିରେ ମଧ୍ୟ ସ୍ୱାର୍ଥ ପ୍ରବେଶ କରିଯାଇଛି । ତେଣୁ କୌଣସି ମତର ବ୍ୟକ୍ତି ହେଉ ଈଶ୍ୱରଙ୍କୁ ମୁଁ ଭକ୍ତି କରୁଛି ଭାବ ନେଇ ନମସ୍କାର କଲେ ତାହା ଇନ୍ଦୁରୀତି ହେବ, ନଚେତ ବଡମାନେ ରଖିଥିବା ଏହି ଉନ୍ନତ ପ୍ରଥାର ଅର୍ଥ ଦିନେ ବୃଥା ହୋଇଯିବ । ଇନ୍ଦୁ କହିଲେ ଜ୍ଞାନୀ, ଇନ୍ଦୁ ଏକ ମତ ନୁହେଁ, ଦୈବମାର୍ଗରେ ଥିବା କାହାକୁ ମଧ୍ୟ ଇନ୍ଦୁ କହିପାରିବା ବୋଲି ଆଗରୁ ଜଣାଇଆସୁଛୁ । ତେଣୁ ଆପଣ ମଧ୍ୟ ସେହି ଈଶ୍ୱରଙ୍କ ସନ୍ତାନ ହୋଇଥିବାରୁ ଦୈବଜ୍ଞାନ ବାବଦରେ

ଅନ୍ୟମାନଙ୍କୁ ବୋଧ କରନ୍ତୁ, ଇନ୍ଦୁରୀତି ଅନୁସାରେ ନମସ୍କାରର ଅର୍ଥ ଜାଣି ନମସ୍କାର କରନ୍ତୁ, କାହା ଦେହରେ ପାଦ ବାଜିଗଲେ ଈଶ୍ୱରଙ୍କ ଦେହରେ ବାଜିଗଲା ବୋଲି ଭାବନା କରି ନମସ୍କାର କରନ୍ତୁ, ଏଭଳି କରିବା ଦ୍ୱାରା ଆମେ ମାୟାମାର୍ଗ ଛାଡି ଐଶ୍ୱରୀୟ ମାର୍ଗକୁ ଅନୁସରଣ କରିବା ଭଳି ହେବ, କାଳକ୍ରମେ ବଦଳିଯାଇଥିବା ନମସ୍କାର ରୀତିକୁ ବଞ୍ଚାଇ ରଖିବା ଭଳି ହୋଇ, ଧର୍ମକୁ ଉଦ୍ଧାର କରିବା ଭଳି ହେବ ।

*****

# ଲାଭ ରୀତି

ପ୍ରତ୍ୟେକ ମଣିଷର, ପ୍ରତ୍ୟେକ ଜୀବରାଶିର ଅରିଷଟ୍ ନାମକ ଛଅ ଗୋଟି ମନ୍ଦଗୁଣ ରହିଥାଏ । ଏଗୁଡିକ ମଣିଷର ଶତ୍ରୁଭଳି ରହିଥିବାରୁ ଛଅ ପୂର୍ବରୁ ଶତ୍ରୁର ଏକାର୍ଥବୋଧ ଶବ୍ଦ ଅରି ଶବ୍ଦ ଯୋଗକରି ଅରିଷଟ୍ କୁହାଯାଇଛି, ଏହାର ଅନ୍ୟ ନାମ ଷଡରିପୁ ମଧ୍ୟ । ଛଅଗୋଟି ଗୁଣ ଗୋଟିଏ ଦଳ ଭାବରେ ରହିଥିବାରୁ ଏହାକୁ "ଅରିଷଟ୍ ବର୍ଗ" କୁହାଯାଏ । ଶତ୍ରୁ ବର୍ଗ ରହିଥିବା ସ୍ଥଳେ, ନିଶ୍ଚୟ କିଛି ମିତ୍ରବର୍ଗ ଥିବେ । କାହିଁକିନା! ଏଭଳି ଥିବାବେଳେ ହିଁ ଆମେ ବର୍ଗ କହିପାରିବା । ଏହିଭଳି ଦୁଇ ଦଳର ଗୁଣରାଜି ଶରୀରରେ ରହିଥାନ୍ତି । ଗୋଟିଏ ଦଳରେ ଛଅଗୋଟି ଗୁଣ ପାପର କାରଣ ହୋଇଥିବା ବେଳେ, ଆଉ ଏକ ଦଳରେ ଥିବା ଛଅ ଗୋଟି ଗୁଣ ପୁଣ୍ୟର କାରଣ ହୋଇ ରହିଥାନ୍ତି । ପୁଣ୍ୟର କାରଣ ହୋଇଥିବା ଭଲଗୁଣ ଗୁଡିକ ବାବଦରେ କେହି କେଉଁଠାରେ ଆଜିଯାଏଁ କହିନାହାନ୍ତି କି ଉଲ୍ଲେଖ କରିନାହାନ୍ତି, କିନ୍ତୁ ପାପ ଆଣି ଦେଉଥିବା ଛଅଗୋଟି ମନ୍ଦଗୁଣକୁ (ଷଡରିପୁ ବା ଅରିଷଟ୍) ସମସ୍ତେ କହିଛନ୍ତି, ଉଲ୍ଲେଖ ମଧ୍ୟ କରିଛନ୍ତି । ଅରିଷଟ୍ ବର୍ଗର ଛଅଗୋଟି ଗୁଣ ବାବଦରେ ସମସ୍ତେ ଜାଣନ୍ତି, କିନ୍ତୁ ମିତ୍ରଷଟ୍ ବର୍ଗର ଗୁଣଗୁଡିକ ବାବଦରେ କେହି ଜାଣନ୍ତି ନାହିଁ କହିଲେ

ଅତ୍ୟୁକ୍ତି ହୁଏ ନାହିଁ । ଯେଉଁଠି ବିପଦ ଥାଏ ସେଠାରେ ସତର୍କ ବୋର୍ଡ ଲଗାଇ ଦିଆଯାଇଥାଏ, ଯେଉଁଠାରେ ବିପଦ ନାହିଁ ସେଠାରେ ଲଗାଇବା ଆବଶ୍ୟକ ନଥାଏ । ସେଥିଲାଗି ଯେଉଁ ଗୁଣଗୁଡିକ ଦ୍ୱାରା ଆମର ବିପଦ ରହିଛି ସେଗୁଡିକୁ ଜଣାଉଥିବା ବୋର୍ଡ ଭଳି ପଦ୍ଧତିକୁ ଆମ ପୂର୍ବଜମାନେ ନିର୍ଣ୍ଣୟ କରିଥିଲେ । ଭଲଗୁଣ ଥିଲେ ମଧ୍ଯ କହିବା ଆବଶ୍ୟକ ନାହିଁ ବୋଲି ଭଲଗୁଣ ଗୁଡିକ ବାବଦରେ କହି ନଥିଲେ । ଖରାପଗୁଣ ଗୁଡିକ ବାବଦରେ ଆମକୁ ସୂଚନା ଦେଉଥିବା ନାନା ପଦ୍ଧତି ଭିତରୁ ଆମକୁ ଜଣାଥିବା ଏକ ପଦ୍ଧତି ବାବଦରେ ବିବରଣୀ ଜାଣିବା ।

ଶତ୍ରୁଗୁଣ ବାବଦରେ ଜଣାଇ, ଆମ ରୀତି ଭାବରେ ପୂର୍ବଜମାନେ ରଖିଥିବା ଏହି ଆଚରଣକୁ ଦିନେ ସମସ୍ତେ ଜାଣିଥିଲେ । ସେତେବେଳେ ଧାନ ଅମଳ ସମୟରେ ଧାନକୁ ଗଉଣୀରେ, ଶେରରେ କିମ୍ବା ଡିବାରେ ମାପିବା ବେଳେ, କିଛି ବସ୍ତୁ ଗଣନା କଲାବେଳେ, ଏକ, ଦୁଇ, ତିନି, ଚାରି, ପାଞ୍ଚ, ଛଅ, ସାତ ଇତ୍ୟାଦି କହିବାକୁ ଥିବାବେଳେ, ସାଧାରଣ ସ୍ଥିତିରେ ତାହା ନକହି ଇନ୍ଦୁରୀତି ଅନୁସାରେ କହୁଥିଲେ । ପ୍ରଥମେ ଏକ କହିବା ସ୍ଥାନରେ ଲାଭ କହିବା ପରେ ଛଅ ସଂଖ୍ୟା ପର୍ଯ୍ୟନ୍ତ - ଲାଭ, ଦୁଇ, ଲାଭ ତିନି, ଲାଭ ଚାରି, ଲାଭ ପାଞ୍ଚ, ଲାଭ ଛଅ ପର୍ଯ୍ୟନ୍ତ କହି, ସାତ କହିବା ବଦଳରେ ଲାଭ ଛଅ ବୋଲି କହୁଥିଲେ । ତାପରେ ୮ ଠାରୁ ଗଣନା କରୁଥିଲେ । ଏହି ପଦ୍ଧତି ପୂର୍ବେ ରହିଥିଲା, ଆଜି ମଧ୍ଯ ପୁରୁଣା ଲୋକମାନେ କେଉଁଠି କେଉଁଠି ଏହାକୁ ବଞ୍ଚାଇ ରଖିଥିବା ଜଣାଯାଏ ।

ମଣିଷର ଥିବା ଛଅଗୋଟି ଶତ୍ରୁଗୁଣ ଭିତରୁ ପ୍ରଥମ ଗୁଣ ହେଉଛି ଆଶା (କାମ) । ଆଶା ସର୍ବଦା ଲାଭ ଇଚ୍ଛା କରିଥାଏ । ସବୁଠାରୁ ବଡ ଏବଂ ସବୁଠାରୁ ଅଧିକ ମଣିଷକୁ ପୀଡା ଦେଇଥାଏ ଆଶାଗୁଣ । ତେଣୁ ତାହାକୁ ସମସ୍ତେ ଜାଣିବା ଦରକାର ବୋଲି ଗଣନା କରିବା ବେଳେ ପ୍ରଥମେ କାମଗୁଣକୁ କହିବାକୁ ଯାଇ ଏକ ବଦଳରେ ଲାଭ କହୁଥିଲେ ।

କାମରୁ ଆରମ୍ଭ ହୋଇ ମାତ୍ସର୍ଯ୍ୟ (ଅସୂୟା)ରେ ସମାପ୍ତ ହେଉଥିବା ମନ୍ଦ ଗୁଣରାଜିକୁ ଚିହ୍ନିବା ଭଳି, ମନ୍ଦ ବା ଖରାପଗୁଣ ଛଅଗୋଟି ଥାଏ ବୋଲି ଜଣାଇ ତାପରେ ସାତ ନକହି ଲାଭ-ଛଅ ବୋଲି କହୁଥିଲେ । ଏହା ଦ୍ୱାରା ଶତ୍ରୁଗୁଣ ସଂଖ୍ୟା ଛଅ ବୋଲି ଜଣାଇବାକୁ ଯାଇ ପ୍ରଥମଗୁଣ ହୋଇଥିବା କାମ ବା ଆଶା ବଦଳରେ ଲାଭ କହି, ଲାଭ କ୍ରମକୁ ଛଅଠାରେ ଅଟକାଇ, ଦ୍ୱିତୀୟଥର ଲାଭଛଅ ବୋଲି କହୁଥିଲେ । ଏହା ଦ୍ୱାରା ଛଅକୁ ଦୁଇଥର ଗଣିବା ଭଳି ହୋଇଥାଏ, ପ୍ରଥମରେ ଥିବା ଆଶା ଶେଷରେ ଥିବା ମାତ୍ସର୍ଯ୍ୟ (ଅସୂୟା) ଗୁଣକୁ ମନେ ପକାଇବା ଭଳି ହୋଇଥାଏ । ମଣିଷର ଥିବା ଗୁଣଗୁଡିକ ଭିତରୁ ତାକୁ ସବୁଠାରୁ ଅଧିକ ବାଧିତ କରିଥାନ୍ତି ଏହି ଆରମ୍ଭ ଏବଂ ଶେଷଗୁଣ ଦୁଇଟି । ଏହି ଦୁଇ ଗୁଣ ବାବଦରେ ସମସ୍ତେ ଜାଣିବା ଦରକାର । ତେଣୁ ସଂଖ୍ୟା ଗଣନାରେ ଲାଭରୁ ଆରମ୍ଭ କରି ଛଅ ପରେ ଲାଭ-ଛଅ କହୁଥିଲେ । ଏହି ପଦ୍ଧତିରେ ଆଧାତ୍ମିକ ଅର୍ଥ ଏହିଭଳି ଲୁଚି ରହିଥିଲା । ଆଜି ଏହି ପଦ୍ଧତି କେହି କେହି ଆଚରଣ କରୁଥିଲେ ମଧ୍ୟ ତାର ମୂଲ୍ୟ ଭୁଲିଯାଇଛନ୍ତି । ଆଜି ଏହି ରୀତି ବାବଦରେ ଆମମାନଙ୍କୁ ଜଣା ନାହିଁ କହିଲେ ମଧ୍ୟ ଅତ୍ୟୁକ୍ତି ହେବ ନାହିଁ । ଆମକୁ ଆଧାତ୍ମିକ ଜ୍ଞାନ ଦେଉଥିବା ଇନ୍ଦୁରୀତି ବଞ୍ଚାଇ ରଖିବାକୁ ହେଲେ ପୂର୍ବର ପଦ୍ଧତି ଅନୁସାରେ ଗଣନା କରିବା ଉଚିତ୍ । ଲାଭରୁ ଗଣନା ଆରମ୍ଭ କରି ତାହା ହିଁ ଆମର ଆଶାଗୁଣ ବୋଲି ଅନ୍ୟମାନଙ୍କୁ ଜଣାଇବା ଉଚିତ୍ ।

*****

# ଅଙ୍ଗରାଗ ରୀତି

ଇନ୍ଦୁମତରୁ ବିଚ୍ଛିନ୍ନ ହୋଇଯାଇ ହିନ୍ଦୁ, ଖ୍ରୀଷ୍ଟିଆନ, ଇସ୍ଲାମ ଇତ୍ୟାଦି ମତଗୁଡିଏ ରହିଛି । ପ୍ରାୟ ସାତକୋଟି ବର୍ଷ ପୂର୍ବରୁ ଇନ୍ଦୁମତ ରହିଥିଲା ।

ଆଜି ଇନ୍ଦୁମତ ଥିଲେ ମଧ୍ୟ ନାମ ବଦଳାଇ ରହିଛି । ଇନ୍ଦୁମତରୁ ବିଚ୍ଛିନ୍ନ ହୋଇଯାଇଥିବା ପ୍ରତ୍ୟେକ ମତରେ ଇନ୍ଦୁତ୍ୱ ରହିଛି । କିନ୍ତୁ ମତ ନିଶାରେ ପଡିଥିବା ଲୋକମାନେ ଅଲଗା ଅଲଗା ମତରେ ବିଭାଜିତ ହୋଇ ଅନ୍ୟ ମତଗୁଡିକର ବିରୁଦ୍ଧ କଥାବାର୍ତ୍ତା କରୁଛନ୍ତି, ଅଥଚ ନିଜ ମତରେ ଦୈବଜ୍ଞାନ ଅଛି, ନିଜ ମତ ହିଁ ଇନ୍ଦୁମତ ବୋଲି ଜାଣିପାରୁ ନାହାନ୍ତି । ଆଜି ଭୂପୃଷ୍ଠରେ ଯେତେଗୋଟି ମତ ରହିଛି ସବୁମତର ମୂଳ ହେଉଛି ଇନ୍ଦୁମତ । ମତର ନାଆଁ ସେମାନେ ଅଲଗା ଅଲଗା ଦେଇଥିଲେ ମଧ୍ୟ ସେମାନେ ଇନ୍ଦୁଠାରୁ ଭିନ୍ନ ନୁହନ୍ତି । ଦୈବଜ୍ଞାନ ବୋଧ କରୁଥିବା କୌଣସି ମତ ଇନ୍ଦୁମତ । ଇନ୍ଦୁ କହିଲେ ଦୈବଜ୍ଞାନୀ । ଏହି ଅନୁସାରେ ପ୍ରତ୍ୟେକ ମତ ଅଭିନ୍ନ ଭାବରେ ଇନ୍ଦୁମତର ବୋଲି କହିପାରିବା । ସର୍ବ ପ୍ରପଞ୍ଚର ଅଧିପତି ଜଣେ । ସେହିଭଳି ସର୍ବ ପ୍ରପଞ୍ଚରେ ଏହି ଇନ୍ଦୁମତ ଗୋଟିଏ । ଥିବା ଜଣେ ଈଶ୍ୱରଙ୍କୁ ପ୍ରତ୍ୟେକ ମତର ଲୋକମାନେ ଭିନ୍ନ ଭିନ୍ନ ନାମରେ ଡାକିଥାନ୍ତି । ସେହିଭଳି ସେମାନଙ୍କର ମତ ଭିନ୍ନ ବୋଲି ଭାବନା କରିଥାନ୍ତି । ଶେଷରେ ସମସ୍ତଙ୍କର ଲକ୍ଷ୍ୟ ସେହି ଈଶ୍ୱର । ସାତକୋଟି ବର୍ଷରୁ ଇନ୍ଦୁମତ ଅବିଚ୍ଛିନ୍ନ ଭାବରେ ରହିଆସି ଆଜି ୨୦୦୦ବର୍ଷ ପୂର୍ବରୁ ଖ୍ରୀଷ୍ଟମତ, ୧୪୦୦ ବର୍ଷ ପୂର୍ବରୁ ଇସ୍ଲାମ ମତ, ଏହିଭଳି ଅନେକ ମତ ତିଆରିହୋଇ ରହିଛି । ଏହିଭଳି ପରିବର୍ତ୍ତନରେ ଇନ୍ଦୁମତ ମଧ୍ୟ ହିନ୍ଦୁମତ ହୋଇଯାଇଛି । ସେ ଯାହାବି ହେଉ ପ୍ରତ୍ୟେକ ମତର ସାରାଂଶରେ ଇନ୍ଦୁତ୍ୱ ନିଗୁଢ ହୋଇ ରହିଥିଲେ ମଧ୍ୟ ତାହା ଗ୍ରହଣ କରିପାରୁ ନଥିବା ମଣିଷ ମୁଁ ହିନ୍ଦୁ, ମୋର ମତ ଅଲଗା, ଆମ ଆରାଧ୍ୟ ଅଲଗା ବୋଲି ଭାବୁଥିବା ବେଳେ, ସେହିଭଳି କିଛିଲୋକ ଆମେ ଇସ୍ଲାମ ମତର, ଆମ ଆରାଧ୍ୟ ମଧ୍ୟ ଭିନ୍ନ ବୋଲି ଭାବୁଛନ୍ତି । ସେମିତି ଆମେ ଖ୍ରୀଷ୍ଟିଆନ, ଆମ ଆରାଧ୍ୟ ଆଉଜଣେ ବୋଲି ଆଉକିଛି ଲୋକ ଭାବୁଛନ୍ତି । ତାଛଡା ଆମେ ଅଲଗା ବୋଲି ଜାଣିବାପାଇଁ, ଆମ ମତ ଅଲଗା କହିବାପାଇଁ, ସେମାନଙ୍କର ଜୀବନଶୈଳୀରେ ନାନା ପରିବର୍ତ୍ତନ ଆଣିବା ଛଡା ବେଶପୋଷାକରେ, ଅଙ୍ଗରାଗରେ ମଧ୍ୟ ପରିବର୍ତ୍ତନ ଆଣିଛନ୍ତି ।

ଆମେ ଅଲଗା ମତାବଲମ୍ବୀ ବୋଲି ଚିହ୍ନିତ ହେବା ପାଇଁ ଯେଉଁ ଜୀବନଶୈଳୀ ରହିଛି ତାହା ଆମକୁ ଏହି ହିନ୍ଦୁ, ଖ୍ରୀଷ୍ଟ, ଇସ୍ଲାମ ଇତ୍ୟାଦି ମତଗୁଡିକର ଜୀବନଶୈଳୀରୁ ବେସ୍ ବୁଝାପଡୁଛି । ଚିହ୍ନିତ ହେବାପାଇଁ ଆମର ଏହି ବେଶପୋଷାକ ରହିଛି ବୋଲି ସେମାନେ ହିଁ କହୁଛନ୍ତି । ପୂର୍ବେ ପ୍ରତ୍ୟେକ ମତର ଆଧାର ହୋଇଥିବା ଇନ୍ଦୁମତରେ ମଧ୍ୟ କିଛି ସ୍ୱତନ୍ତ୍ର ଜୀବନ ବଞ୍ଚିବା ଶୈଳୀ ରହିଥିଲା । କିନ୍ତୁ ଇନ୍ଦୁ ମତର ଅଳଂକୃତ ଶୈଳୀରେ ଦୈବଜ୍ଞାନ ମିଶି ରହିଥିଲା । ଅର୍ଥ ଦ୍ୱାରା ଆଚରିତ ଇନ୍ଦୁମତ ଆଜି ହିନ୍ଦୁମତରେ ବଦଳିଯାଇଥିଲେ ମଧ୍ୟ ପୁରୁଣା ଆଚରଣଗୁଡିକ କିଛିକାଳ ରହିଆସିଥିଲା । ତାପରେ ସବୁଥିରେ ପରିବର୍ତ୍ତନ ଆସିଛି, କିଛିଲୋକ ଇନ୍ଦୁରୁ ସମ୍ପୂର୍ଣ୍ଣ ହିନ୍ଦୁ ହୋଇଯାଇଛନ୍ତି । ପୂର୍ବରୁ ଥିବା ଇନ୍ଦୁରୀତିରେ ଅର୍ଥ ଥିବା ଅଙ୍ଗରାଗ ରୀତି ବାବଦରେ ଏବେ ଜାଣିବା ।

*****

# ମୁଣ୍ଡର ଜଟା (ମଞ୍ଜରୀ)

ପୂର୍ବେ ସ୍ତ୍ରୀ, ପୁରୁଷ ଭେଦରେ ସମସ୍ତେ ମୁଣ୍ଡରେ ଜଟା ବାନ୍ଧୁଥିଲେ । ମୁଣ୍ଡରେ ବଢାଇଥିବା କେଶଗୁଡିକୁ ଏକାଠିକରି ମୁଣ୍ଡର ମଝି ଭାଗରେ ଗଣ୍ଠି ପକାଉଥିଲେ । ମନର ନାନା ବିଷୟ ଯାଇ ଆଲୋଚିତ ହେଉଥିବା ସ୍ଥଳ ହେଉଛି ମୁଣ୍ଡ । ମନର ଆଲୋଚନା ବିକାର ଅସଂଖ୍ୟ । ତେଣୁ ଆଲୋଚନା ଗୁଡିକୁ ମୁଣ୍ଡର କେଶ ସହିତ ତୁଳନା କରି ସେଗୁଡିକୁ ଏକାଠିକରି ମୁଣ୍ଡ ମଝିରେ ଗଣ୍ଠି ପକାଉଥିଲେ । ମୁଣ୍ଡର ମଧ୍ୟ ଭାଗରେ ରହିଥାଏ ବ୍ରହ୍ମନାଡୀ । ମୁଣ୍ଡରେ ଥିବା ସେହି ସ୍ଥାନକୁ **"ପୁନକ"** (ଓଡିଶାର ଗାଉଁଲି ଭାଷାରେ ମୂଷାଗାଡ ମଧ୍ୟ କୁହାଯାଏ, ଏହି ସ୍ଥାନ ଛୋଟ ଶିଶୁମାନଙ୍କ ମୁଣ୍ଡରେ ଦେଖିଲେ ତାହା ଟିକିଏ ଖାଲୁଆ ବା ନୀଚା ଦେଖାଯାଏ )। ମନର ଆଲୋଚନା ଗୁଡିକୁ ଇଚ୍ଛା ଅନୁସାରେ ରହିବାକୁ ନଦେଇ ବାନ୍ଧି ରଖିବା

ଦ୍ୱାରା ମନରେ ସ୍ଥିରତା ଆସି ଆତ୍ମା ଗୋଚର ହୋଇଥାଏ । ଆଲୋଚନା ଗୁଡିକ ରହିଥିବା ବେଳେ ଶରୀରରେ ରହୁଥିବା ଆତ୍ମା ଜଣାପଡି ନଥାଏ । ଏଭଳି ନାନା ପ୍ରକାରର ଆଲୋଚନା ଗୁଡିକୁ ମୁଣ୍ଡର ଅଗଣିତ କେଶ ସହିତ ତୁଳନା କରି ସେଗୁଡିକୁ ଆସିବାକୁ ଦିଅ ନାହିଁ ନାମକ ଅର୍ଥ ଦେଉଥିବା ଭଳି ମୁଣ୍ଡର ମଧ୍ୟ ଭାଗରେ କେଶଗୁଡିକୁ ବାନ୍ଧି ଦେଉଥିଲେ । ପୂର୍ବେ ସ୍ତ୍ରୀ, ପୁରୁଷ ସମସ୍ତେ ଏହିଭଳି ମୁଣ୍ଡରେ ଥିବା କେଶଗୁଡିକୁ ବାନ୍ଧୁଥିଲେ । ତାହାକୁ ମୁଣ୍ଡର **"ଜଟା ବା ମଞ୍ଜରୀ"** କୁହାଯାଏ । ଜ୍ଞାନ ଜାଣିଥିବା ସ୍ତ୍ରୀ ପୁରୁଷ ଏଭଳି ଜଟା ଦ୍ୱାରା ମନର ଆଲୋଚନାକୁ ବାନ୍ଧିଦେବା ଉଚିତ୍ ବୋଲି ସମସ୍ତଙ୍କୁ ସୂଚିତ କରୁଥିଲେ । ମୁଣ୍ଡର ମଧ୍ୟ ସ୍ଥାନ ହିଁ ଆତ୍ମା ସ୍ଥାନ, ସେହି ସ୍ଥାନକୁ ପୂଜ୍ୟ ଭାବନା କରି ସୁବାସ ଦେଉଥିବା ମଲ୍ଲିଫୁଲରେ ବିନ୍ୟାସ କରୁଥିଲେ । ପୂର୍ବେ ସ୍ତ୍ରୀ ପୁରୁଷ ଭେଦରେ ସମସ୍ତେ ମୁଣ୍ଡର ଜଟାରେ ମଲ୍ଲିଫୁଲ ଲଗାଉଥିଲେ । ପୁରୁଷମାନେ ମୁଣ୍ଡରେ ଫୁଲ ବାନ୍ଧୁଥିଲେ ବୋଲି ଆଜି ଆପଣମାନଙ୍କୁ ବିଚିତ୍ର ଲାଗୁଥିବ ! ଜ୍ଞାନର ଚିହ୍ନ ହୋଇଥିବା ଚନ୍ଦ୍ରବିମ୍ବ ଦେଖିବାକୁ ଧଳା ଏବଂ ସ୍ୱଚ୍ଛ । ସେହିଭଳି ମଲ୍ଲିଫୁଲ ମଧ୍ୟ ଜ୍ଞାନର ସୂଚନା ଦେଇଥାଏ । ତୁମମାନଙ୍କ ମୁଣ୍ଡରେ ସ୍ୱଚ୍ଛ ଜ୍ଞାନ ଜାତ ହେଉ ବୋଲି ପୂଜ୍ୟ ଭାବରେ ସ୍ୱଚ୍ଛତାର ପ୍ରତିରୂପ ଶ୍ୱେତରଙ୍ଗର ମଲ୍ଲିଫୁଲକୁ ଜଟାରେ ଧାରଣ କରି ପୂର୍ବେ ଇନ୍ଦୁମାନେ ସମାଜରେ ଉନ୍ନତ ଭାବ ପ୍ରଦର୍ଶନ କରୁଥିଲେ ।

ଆଜି ପୁରୁଷମାନଙ୍କ ମୁଣ୍ଡରେ ଫୁଲ ନାହିଁ । ସ୍ତ୍ରୀମାନେ ମଧ୍ୟ ମୁଣ୍ଡରେ ଜଟା ବାନ୍ଧି ଫୁଲ ଲଗାଇବା ଦେଖିବାକୁ ମିଳେ ନାହିଁ । ଯଦି କେହି ଜଟା ରଖି ଫୁଲ ଲଗାଉଥାନ୍ତି ତେବେ ତାହା ମୁଣ୍ଡର ମଧ୍ୟଭାଗରେ ନରହି କୌଣସି ଅନ୍ୟ ଦିଗରେ ରହିଥାଏ । ସ୍ତ୍ରୀମାନେ ଯଦିବା କିଏ ମୁଣ୍ଡରେ ଫୁଲ ଲଗାନ୍ତି ତେବେ ତାହା ମୁଣ୍ଡରେ ଥିବା ଆତ୍ମାଙ୍କ ପାଇଁ ନଲଗାଇ ଅଳଙ୍କାର କିମ୍ବା ଆକର୍ଷଣ ପାଇଁ ଲଗାଇଥାନ୍ତି । ପୂର୍ବେ ଜ୍ଞାନର ସହିତ ରହିଥିବା ଆଚରଣ ଆଜି ଅର୍ଥହୀନ ହୋଇଯାଇଛି । ଆଜିକୁ ଶହେବର୍ଷ ତଳେ ମଧ୍ୟ ପୁରୁଷମାନେ ମୁଣ୍ଡରେ ଜଟାବାନ୍ଧି ଫୁଲ ଲଗାଉଥିଲେ । ପଞ୍ଜାବରେ ଆଜି ମଧ୍ୟ ସିଖ୍ମାନେ

ମୁଣ୍ଡରେ ଜଟା ବାନ୍ଧୁଛନ୍ତି । ତାହା ଦେଖିଲେ ପୂର୍ବର ଇନ୍ଦୁ ଆଚରଣ କିଛି ମନେପଡେ, ସେମାନେ ମଧ୍ୟ ଜଟାରେ ଫୁଲଧାରଣ କରନ୍ତି ନାହିଁ ।

ଆଜି ମଧ୍ୟ ଜ୍ଞାନ ଜାଣି ଇନ୍ଦୁରୀତି ଅନୁସାରେ ଜୀବନ ବଞ୍ଚିବା ଶୈଳୀରେ ପୁରୁଷମାନେ ମୁଣ୍ଡରେ ଜଟା ବାନ୍ଧି ଫୁଲ ଲଗାଇ ପାରିବେ । ଅନ୍ୟମାନଙ୍କୁ ଜ୍ଞାନ ଜଣା ନଥିବାରୁ ଫୁଲ ଲଗାଇଥିବା ଲୋକମାନଙ୍କୁ ମାଇଚିଆ (ନପୁଂସକ) କହି ଲଜ୍ଜିତ କରି ପାରନ୍ତି । ସେଥିଲାଗି ଅନ୍ୟମାନଙ୍କୁ ଆଚରଣର ଅର୍ଥ ବାବଦରେ କହିବା ଆମର କର୍ତ୍ତବ୍ୟ ଭାବିଛୁ ସିନା ଅଧିକ କହୁ ନାହୁଁ । ସମସ୍ତେ ତାହା ଜାଣିବା ପରେ ଆଚରଣର ଅର୍ଥ ଜଣାଯିବ, ନଚେତ ଅନର୍ଥ ହୋଇପାରେ । ପୁରୁଷମାନଙ୍କ କଥା ଆଜି ଅଲଗା ହୋଇପାରେ, କିନ୍ତୁ ସ୍ତ୍ରୀମାନେ ଏହି ଆଚରଣକୁ ସହଜରେ ଆଚରଣରେ ଆଣି ପାରିବେ ବୋଲି ଆଶା କରୁଛୁ । ନଚେତ ଅନ୍ୟକୁ ଜ୍ଞାନ ଜଣାଇବା ଏହି ରୀତି ଆମରି ଅମଳରେ ନିଖୋଜ ହୋଇଯିବ ।

*****

# କେଶ ଖଣ୍ଡନ କରିବା

ପୂର୍ବେ ବାରିକମାନେ (ଭାରିକ ବା ଭଣ୍ଡାରୀମାନେ) ମନ୍ଦିର ପାଖରେ ମଙ୍ଗଳବାଦ୍ୟ ବଜାଇବା କାର୍ଯ୍ୟରେ ନିୟୋଜିତ ହେଉଥିଲେ । ସେହିଭଳି କୌଣସି ଭକ୍ତ ଯଦି କେଶ ଖଣ୍ଡନ କରିବା ପାଇଁ ମାନସିକ ରଖୁଥିଲା ତାହା ବାରିକମାନଙ୍କ ଦ୍ୱାରା ହିଁ ସମ୍ପନ୍ନ ହେଉଥିଲା, ତେଣୁ ବାରିକର କ୍ଷୁର କେବଳ କେଶଖଣ୍ଡନ (ଲଣ୍ଡାକରିବା)ପାଇଁ ଥିଲା ବୋଲି କହିପାରିବା । ଦୈବସେବା ପାଇଁ ବ୍ରାହ୍ମଣମାନେ ଏବଂ ବାରିକମାନେ ଦେବାଳୟରେ (ମନ୍ଦିରରେ) ନିୟୋଜିତ ହେଉଥିଲେ । ମନ୍ଦିର ଭିତରର କାର୍ଯ୍ୟ ବ୍ରାହ୍ମଣ ମାନଙ୍କର, ମନ୍ଦିର ବାହାର କାର୍ଯ୍ୟ ବାରିକମାନଙ୍କର ଥିଲା । ବ୍ରାହ୍ମଣମାନେ ଏବଂ ବାରିକମାନେ

ଗୋଟିଏ ପିତାର ସନ୍ତାନ ହୋଇଥିଲେ ମଧ୍ୟ ସେମାନଙ୍କର ମାତା ଥିଲେ ଅଲଗା ଅଲଗା । ତେଣୁ ମନ୍ଦିର କାର୍ଯ୍ୟ, ବିବାହ କାର୍ଯ୍ୟ, ମୃତକର କର୍ମକାଣ୍ଡ ଇତ୍ୟାଦି କାର୍ଯ୍ୟକୁ ସେମାନେ ଉଭୟ ମିଶି କରୁଥିଲେ । ବାରିକମାନଙ୍କୁ ଅନେକ ଭାଷାରେ ନାୟିବ୍ରାହ୍ମଣ କୁହାଯାଏ । ନାୟିର ଅର୍ଥ କୁକୁର । ଚତୁର ବ୍ରାହ୍ମଣମାନେ ସେମାନଙ୍କ ସାବତ ମାଆର ପୁଅକୁ କୁକୁର ବ୍ରାହ୍ମଣ ବୋଲି ନାଆଁ ରଖିଥିଲେ । ନିଜର ଭାଇମାନେ ହିଁ ସେମାନଙ୍କୁ ଏତେ ଛୋଟ ଭାବି ଏଭଳି ନାଆଁ ଦେଇଥିଲେ ବୋଲି ଜାଣିନଥିବା ବାରିକମାନେ ଆଜି ମଧ୍ୟ ନିଜକୁ ନାୟିବ୍ରାହ୍ମଣ ବୋଲି କେତେକାଞ୍ଚଳରେ କହୁଛନ୍ତି । ବାରିକମାନଙ୍କୁ ମାଙ୍ଗଳି (ଶୁଭଙ୍କରୀ), ଭାରିକ (ଜ୍ଞାନୀ), ଭଣ୍ଡାରୀ (ଜ୍ଞାନ ଭଣ୍ଡାର ଥିବା) କୁହାଯାଏ । ଏହି ଉପାଧି ଗୁଡିକରେ ଥିବା ରହସ୍ୟକୁ ସେମାନେ ଜାଣି ନପାରି ନିଜକୁ ଛୋଟ ଭାବିବା ଅନୁଚିତ । କିନ୍ତୁ ଏସବୁ ନଜାଣି ନାୟିବ୍ରାହ୍ମଣ ଉପାଧିକୁ ମହାନ ଭାବିବା ଭୁଲ୍ ।

ପୂର୍ବେ ଶ୍ରୀରଙ୍ଗନାଥ ମନ୍ଦିରକୁ ଜଣେ ଜ୍ଞାନୀ ଯିବାବେଳେ, ସେଠାରେ ଜ୍ଞାନ ଅନୁସାରେ ନିଜର ଉଦ୍ଦେଶ୍ୟ ଜଣାଇବା ପାଇଁ, ମୋର ଆଲୋଚନା ଗୁଡିକୁ ମୁଁ ମୋଠାରୁ ଦୂରେଇ ଦେଇଛି, ମୁଣ୍ଡରେ ଅସଂଖ୍ୟ ଆଲୋଚନାକୁ ସୂଚଉଥିବା କେଶଗୁଡିକୁ ମୁଣ୍ଡନକରି, ଲଣ୍ଡିତ ମସ୍ତକକୁ ସେଠାରେ ଥିବା ଆରାଧ୍ୟକୁ ଦର୍ଶାଇବି ବୋଲି ଭାବିଥିଲା । ଏହା ଏକ ଶୁଭଙ୍କରୀ ବା ମାଙ୍ଗଳିକ କାର୍ଯ୍ୟ ହୋଇଥିବାରୁ ପବିତ୍ର ବ୍ରାହ୍ମଣଙ୍କ ଦ୍ୱାରା ସେହି କାର୍ଯ୍ୟ କରାଇବା ପାଇଁ ମନ୍ଦିରର ବାହାରେ ମନ୍ଦିରକାର୍ଯ୍ୟ କରୁଥିବା ବ୍ରାହ୍ମଣକୁ ନିଜର ଉଦ୍ଦେଶ୍ୟ ଜଣାଇଲା । ମନ୍ଦିର ବାହାରେ କାର୍ଯ୍ୟ କରୁଥିବା ବ୍ରାହ୍ମଣ (ବାରିକ) ସେହି କାର୍ଯ୍ୟ କରିବାକୁ ଯାଇ ଏକ କ୍ଷୁରରେ ତାର ମୁଣ୍ଡରେ ଥିବା କେଶଗୁଡିକୁ ଖଣ୍ଡନ କରିଥିଲା । ପ୍ରଥମେ ଏହିଭଳି ମନ୍ଦିର ନିକଟରେ ହୋଇଥିବା ଶୁଭକାର୍ଯ୍ୟ ଆଜି ବଜାରରେ ହେଉଛି । ଦୈବସେବାରୁ ଆରମ୍ଭ ହୋଇଥିବା କାର୍ଯ୍ୟ ଆଜି ସେମାନଙ୍କ ଜୀବନାଧାର ହୋଇଯାଇଛି । ଯୋଗ ସମ୍ପନ୍ନ ହୋଇଥିବା ଜଣେ ଜ୍ଞାନୀ ନିଜର ଜ୍ଞାନକୁ ଇନ୍ଦୁରୀତିର ଆଚରଣ ଦ୍ୱାରା ଜଣାଇବା ପାଇଁ

ଏଭଳି କେଶଖଣ୍ଡନ କରିଥାଏ । ଆତ୍ମଜ୍ଞାନକୁ ଜଣାଉଥିବା ଏହି ଶୁଭକାର୍ଯ୍ୟ କରିବା ପାଇଁ ନିୟୋଜିତ ହୋଇଥିବା ବ୍ରାହ୍ମଣ ମଙ୍ଗଳ କାର୍ଯ୍ୟ କରିଥିବାରୁ ତାକୁ ସେଦିନ ମାଙ୍ଗଳୀ ନାମକ ଉପାଧିରେ ଭୂଷିତ କରାଯାଇଥିଲା । ସେହି ଉପାଧି ଆଜି କେତେକାଞ୍ଚଳରେ ଥିଲେ ମଧ୍ୟ ସେମାନେ ସେହି ଉପାଧିକୁ ନ୍ୟୁନଭାବନା କରି ନାୟିବ୍ରାହ୍ମଣ ନାମକୁ ମହୋନ୍ନତ ଭାବୁଛନ୍ତି ।

ସେଦିନ ଏହିଭଳି ଆରମ୍ଭ ହୋଇଥିବା କେଶଖଣ୍ଡନ କାର୍ଯ୍ୟ ଆଜି ମଧ୍ୟ ତିରୁପତି ଇତ୍ୟାଦି ମନ୍ଦିରରେ ନିତ୍ୟ ଭାବରେ ହେଉଛି, କିନ୍ତୁ ସେଦିନର ଜ୍ଞାନଭାବ ଆଜି କାହାଠାରେ ନାହିଁ । ଈଶ୍ୱର ଆମ କେଶ ନେଇ କିଛି କାମରେ ଲଗାଇବେ ଭାବିବା ଭଳି ଲୋକେ, ହେ ଠାକୁର ! ମୋର ଅମୁକ କାମଟି କରିଦିଅ, ତାହା ହୋଇଗଲେ ମୁଁ ଆସି ତୁମ ପାଖରେ ମୋର ଚୂଳ ପକାଇବି (ଲଣ୍ଡାହେବି) ବୋଲି ମାନସିକ ରଖି ଆସୁଛନ୍ତି । ଏହିଭଳି ଈଶ୍ୱରଙ୍କ ସହିତ ମଣିଷ ବେପାର କରିବା ଭଳି ଅର୍ଥହୀନ ଆଚରଣ କରୁଛି । ଆଜି ମନ୍ଦିରରେ, ଦଶାହାଦିରେ ଏହି କେଶଖଣ୍ଡନ କାର୍ଯ୍ୟକୁ ବାରିକମାନେ କରି ଆସୁଥିଲେ ମଧ୍ୟ, କେଶ ବଢାଇବାରେ କେଉଁ ଅର୍ଥ ଅଛି କାହାକୁ ଜଣା ନାହିଁ କିମ୍ବା ଲଣ୍ଡା ହେବାରେ କେଉଁ ଅର୍ଥ ଅଛି କାହାକୁ ଜଣା ନାହିଁ । ପୂର୍ବେ ଏହି ଆଚରଣ ଥିଲା ବୋଲି କହିବାପାଇଁ ଆଜି ମଧ୍ୟ କେଶଖଣ୍ଡନ କାର୍ଯ୍ୟ ହେଉଛି । କେତେ ଜ୍ଞାନ ରହିଥିବା ଏହି ଆଚରଣ ଆଜି ମଧ୍ୟ ମାଙ୍ଗଳିକୁଳର ଲୋକମାନେ ବା ଭାରିକ (ବାରିକ)ମାନେ କରୁଥିଲେ ମଧ୍ୟ ନିଜକୁ ବ୍ରାହ୍ମଣମାନଙ୍କ ଅପେକ୍ଷା ନ୍ୟୁନ ମନେ କରୁଛନ୍ତି, କେତେକ ଅଞ୍ଚଳରେ ନିଜର ଉପାଧିକୁ ଭୁଲିଯାଇ ଆମେ, ମାଙ୍ଗଳିକ କାର୍ଯ୍ୟ କରୁଛୁ ବୋଲି ନଜାଣି ମାଙ୍ଗଳିକୁଳ ନାମକ କୁଳର ଉପାଧିକୁ ଭୁଲି ନାୟିବ୍ରାହ୍ମଣ ଉପାଧିକୁ ଉନ୍ନତ ମନେକରୁଛନ୍ତି ସିନା ନାୟିବ୍ରାହ୍ମଣ କହିଲେ କୁକୁରବ୍ରାହ୍ମଣ ବୋଲି ସେମାନଙ୍କୁ ଜଣା ନାହିଁ ।

*****

# ତିନି ବିଭୁତି ରେଖା

ପୂର୍ବେ ପରମାତ୍ମା ଜ୍ଞାନକୁ ଜଣାଉଥିବା କାର୍ଯ୍ୟଗୁଡିକୁ ଇନ୍ଦୁରୀତି ଭାବରେ ଚୟନ କରି ଆଚରଣରେ ଆଣିବା ଦ୍ୱାରା ନୂଆ ଜନ୍ମହୋଇ ବଢୁଥିବା ଲୋକମାନଙ୍କ ପାଇଁ ପରମ୍ପରା ଭାବରେ ରଖିଲେ ସେମାନେ ସେଥିରୁ ଜ୍ଞାନଲାଭ କରିପାରିବେ ବୋଲି ସେଦିନର ଜ୍ଞାନୀମାନେ ନାନା ଉପାୟରେ ସମାଜରେ ନାନା ରୀତି ରଖିଥିଲେ । ତନ୍ମଧ୍ୟରୁ କପାଳରେ ତିନି ବିଭୂତିରେଖା ଧାରଣ କରିବା ଏକ ଇନ୍ଦୁରୀତି ଥିଲା । ତିନିଗୋଟି ଶ୍ୱେତ ରେଖାକୁ କପାଳରେ ଧାରଣ କରିବା ସହିତ ସେହି ତିନି ବିଭୂତିରେଖାରେ ମଝିରେ ଥିବା ରେଖାରେ ସିନ୍ଦୁରଟିକା ଲଗାଇବା ପଦ୍ଧତି ରଖିଥିଲେ । ମଝି ରେଖାରେ ସିନ୍ଦୁରଟିକା ଲଗାଇବା ଦ୍ୱାରା ମଝି ରେଖାରେ ଏକ ବିଶେଷତା ସୃଷ୍ଟି ହୋଇଥାଏ । ଏହି ପଦ୍ଧତିରେ ନିଶ୍ଚୟ କିଛି ରହସ୍ୟ ଅଛି ! ତେଣୁ ସେଦିନ ଜ୍ଞାନୀମାନଙ୍କର କେଉଁ ଉଦ୍ଦେଶ୍ୟ ଥିଲା ତାହା ଟିକିଏ ଜାଣିବା ।

ମଣିଷ ଦେହର ଅତିମୁଖ୍ୟ ଭାଗ ହେଉଛି ମୁଖ (ମୁହଁ) । ଆମେ କାହାକୁ ଚିହ୍ନିବାକୁ ହେଲେ ପ୍ରଥମେ ତାର ମୁଖାକୃତି ଦେଖି ଚିହ୍ନୁଛୋ କାହାର ମନୋଭାବକୁ ମଧ୍ୟ ତାର ମୁଖ ଦ୍ୱାରା କିଛି ଜାଣିପାରୁଛେ । ତେଣୁ ମୁଖ ସମସ୍ତଙ୍କର ଏକ ଆଧାରକାର୍ଡ ଭଳି । କାହାକୁ ଚିହ୍ନିବାକୁ ହେଲେ ପ୍ରଥମେ ତାର ମୁଖ ଦେଖିବାକୁ ପଡିଥାଏ । ବାହାରେ ଜଣେ ବ୍ୟକ୍ତିକୁ ଚିହ୍ନଟ କରିବା ପାଇଁ, ତାର ଭିତର ମନୋଭାବକୁ ଜାଣିବା ପାଇଁ ମୁଖ ହିଁ ମୁଖ୍ୟ ପ୍ରତିବିମ୍ବ ହୋଇଥାଏ । ସେଥିଲାଗି ପୂର୍ବଜ ଜ୍ଞାନୀମାନେ ଦୈବଜ୍ଞାନକୁ ଜଣାଇବା ପାଇଁ ମଣିଷର ମୁଖକୁ ହିଁ ଚୟନ କରିଥିଲେ । ମୁଖ ଉପରେ ଏକ ସଙ୍କେତକୁ ଚିତ୍ରିତ କରିଥିଲେ । ତାହା ହିଁ ତିନି **ବିଭୂତିରେଖା।** ମୁଣ୍ଡରେ ଥିବା କପାଳରେ ସମସ୍ତଙ୍କର କିଛି ଖାଲିସ୍ଥାନ ରହିଥାଏ, ତାହା କପାଳ । ନାକ ଉପରେ ବା ଦୁଇ ଭ୍ରୂଲତାର ଉପରେ ଏହି କପାଳସ୍ଥଳ ରହିଥାଏ । ମୁଣ୍ଡ ହିଁ ଦୈବନିଳୟ ଏବଂ ମାୟା ନିଳୟ । ଆମ ମୁଣ୍ଡରେ ଈଶ୍ୱର ବା ଦୈବ ରହିଥାନ୍ତି, ମାୟା ମଧ୍ୟ ରହିଥାଏ । ମାୟାର ପ୍ରତିରୂପ

ଗୁଣରାଜି । ମାୟା ଗୁଣରାଜି ରୂପରେ ରହିଥାଏ । ତେଣୁ ମାୟାର ଅନନ୍ତ ଆଲୋଚନା ବିକାରକୁ ମୁଣ୍ଡରେ ଥିବା ଅସଂଖ୍ୟ କେଶ ସହିତ ତୁଳନା କରାଯାଇଛି । ସେଗୁଡିକୁ ମୁଣ୍ଡରେ ନଥିବା ଭଳି କରି ଦେଖାଇବା ଦ୍ୱାରା ମାୟାକୁ ଜିତିବା ଭଳି ହୋଇଥାଏ ବୋଲି ଜାଣିଥିଲେ । ମଣିଷ ମାୟାରୁ ବହିର୍ଭୁତ ନହେଲେ ଈଶ୍ୱରଙ୍କୁ ପାଇପାରିବ ନାହିଁ । ତେଣୁ ପ୍ରଥମେ ମାୟାର ପ୍ରତିରୂପ ଅସଂଖ୍ୟ କେଶକୁ ରହିବା ଭଳି କରି ତଳେ କପାଳର ଅସ୍ତିତ୍ୱ ରଖିଛନ୍ତି । ମୁଣ୍ଡରେ ନାନା ରୂପରେ ଥିବା ମାୟାକୁ ଜିତିଗଲେ, ତାପରେ ଈଶ୍ୱର ଏହିଭଳି ଥାଆନ୍ତି ବୋଲି ଜାଣିହୁଏ, ଏହି ବିଷୟକୁ ଜଣାଇବା ନିମନ୍ତେ, ଦୈବବିଧିକୁ ଜଣାଉଥିବା ତିନି ବିଭୂତି ରେଖାକୁ ଜ୍ଞାନର ସଙ୍କେତ ଭାବରେ ଦୈବସ୍ଥାନ ହୋଇଥିବା କପାଳରେ ଚିତ୍ରିତ କରୁଥିଲେ ।

ଈଶ୍ୱର କଳ୍ମଷହୀନ ଏବଂ ସ୍ୱଚ୍ଛ ବୋଲି ଜଣାଇବା ନିମନ୍ତେ, ସେ ସମ୍ପୂର୍ଣ୍ଣ ଜ୍ଞାନସ୍ୱରୂପ ବୋଲି ଜଣାଇବା ନିମନ୍ତେ ସ୍ୱଚ୍ଛ ହୋଇଥିବା ଶ୍ୱେତ ରଙ୍ଗକୁ ବାଛି ଇନ୍ଦୁମାନେ କପାଳରେ ଲଗାଇ ଦେଖାଇଥିଲେ । ଉପରେ ମାୟା ତଳେ ଈଶ୍ୱର ଥିବା ଭଳି ମନ୍ଦିରର ପ୍ରତିମା ଚତୁପାର୍ଶ୍ୱରେ ମାୟାର ପ୍ରତିରୂପ ସିଂହତୋରଣ କିମ୍ବା ବିକୃତାକାର କେଉଁଠି କେଉଁଠି ଦେଖିବାକୁ ମିଳେ । ସେହିଭଳି ଆମ ଶରୀରରେ ମଧ୍ୟ ଈଶ୍ୱର ତଳେ, ମାୟା ଉପରେ ରହିବା ଭଳି ଉପରେ ଅସଂଖ୍ୟ କେଶ ରହି ତଳେ କପାଳ ରହିଛି । ଏବେ ସେହି କପାଳରେ ତିନି ବିଭୂତିରେଖାକୁ କାହିଁକି ଲଗାଇଥିଲେ ବୋଲି ପ୍ରଶ୍ନ ଆସିଲେ ! ଈଶ୍ୱର ବା ପରମାତ୍ମା ପ୍ରତ୍ୟେକ ଶରୀରରେ ତିନି ଭାଗ ହୋଇ ରହିଛନ୍ତି ବୋଲି କହିପାରିବା, **ସେଗୁଡିକ ଭିତରୁ ଗୋଟିଏ ଜୀବାତ୍ମା, ଅନ୍ୟଟି ଆତ୍ମା ଏବଂ ତୃତୀୟଟି ପରମାତ୍ମା** । ତିନି ପ୍ରକାରରେ ଥିବା ଈଶ୍ୱରଙ୍କୁ ତିନି ପ୍ରକାରରେ ଚିହ୍ନିବା ପାଇଁ ଶ୍ୱେତ ରଙ୍ଗର ତିନି ବିଭୂତିରେଖାକୁ କପାଳରେ ଲଗାଇଥିଲେ । ସଭା ଉପରେ ଥିବା ରେଖାକୁ ପରମାତ୍ମା ରେଖା, ମଝିରେ ଥିବା ରେଖାକୁ ଆତ୍ମା ରେଖା, ତଳେ ଥିବା ରେଖାକୁ ଜୀବାତ୍ମା

ରେଖା ବୋଲି ସେଦିନର ଜ୍ଞାନୀମାନେ ଭାବନା କରୁଥିଲେ । ତିନି ରେଖା ଭିତରୁ ତଳେ ଚିହ୍ନିତ ହେଉଥିବା ରେଖା ଜୀବାତ୍ମା । ଜୀବାତ୍ମା ପରମାତ୍ମାଙ୍କ ଅଂଶ ହୋଇଥିଲେ ମଧ୍ୟ କର୍ମବନ୍ଧ ହୋଇ ରହିଥାଏ । ତଳରେଖା ଭାବରେ ଥିବା କର୍ମବନ୍ଧ ଜୀବାତ୍ମା କର୍ମ ଥିବା ପର୍ଯ୍ୟନ୍ତ କେବେହେଲେ ଉପର ରେଖା ଭାବରେ ଥିବା ପରମାତ୍ମାଙ୍କୁ ଜାଣିପାରିବ ନାହିଁ । ସଜୀବ ଥିବା କୌଣସି ଜୀବାତ୍ମା ପରମାତ୍ମାଙ୍କୁ ଜାଣିପାରିବ ନାହିଁ । ପରମାତ୍ମାଙ୍କୁ ଜାଣିବା ପାଇଁ ହେଲେ ଜୀବର ସମସ୍ତ କର୍ମ ନିଖୋଜ ହୋଇଥିବା ଦରକାର । କର୍ମ ନିଖୋଜ କରିବା ପାଇଁ ପ୍ରଥମେ ଆତ୍ମାକୁ ଜାଣିବାକୁ ହେବ ଏବଂ ଆରାଧନା କରିବାକୁ ହେବ । ଆତ୍ମାଜ୍ଞାନକୁ ଜାଣିବା ଦ୍ୱାରା ଜୀବର ଶରୀରରେ ଜ୍ଞାନାଗ୍ନି ତିଆରି ହୋଇ ତାଠାରେ ଥିବା କର୍ମକୁ ଜାଳିଦେବ । କର୍ମ ଆଉ କିଛି ବଳକା ନଥିବା ବେଳେ ହିଁ ପରମାତ୍ମାଙ୍କୁ ଜାଣିହେବ । ତେଣୁ ଆମେ ପ୍ରଥମେ ମଝିରେ ଥିବା ଦ୍ୱିତୀୟ ଆତ୍ମାଙ୍କୁ ଜାଣିବା ଉଚିତ୍ ବୋଲି କପାଳର ଦ୍ୱିତୀୟ ରେଖା ହୋଇଥିବା ଆତ୍ମା ରେଖାରେ ସିନ୍ଦୁର, କୁଙ୍କୁମ କିମ୍ୱା ଚନ୍ଦନ ଟିକା ଲଗାଇ ଚିହ୍ନାଇଥିଲେ । କପାଳରେ ତିନି ବିଭୂତିରେଖା ଧାରଣ କରି ଦେଖାଇଥିବା ପୂର୍ବଜମାନେ ମଝି ରେଖାରେ ସିନ୍ଦୁରଟିକା ଲଗାଇ ଆମକୁ ଚିହ୍ନାଇ ଦେଇଥିଲେ ଯେ ଏଇ ହେଉଛି ଆତ୍ମା, ଆତ୍ମା ହିଁ ଆମ ଶରୀରର ଅଧିପତି, ତାକୁ ଜାଣିବା ପରେ ପରମାତ୍ମାରେ ମିଳିତ ହୋଇପାରିବା, ସେ ହିଁ ଆମର ଆରାଧ୍ୟ ।

ଇନ୍ଦୁରୀତି ହୋଇଥିବା ତିନି ବିଭୂତିରେଖା ଧାରଣ କରିବା ଆଜି ମଧ୍ୟ ସମାଜରେ ଦେଖାଯାଏ । ବିଭୂତିରେଖା ଧାରଣ କରୁଥିବା ଲୋକମାନେ ମଧ୍ୟ ସ୍ପଷ୍ଟ ଭାବରେ ଧାରଣ ନକରି କପାଳସାରା ବିଭୂତି ଲଗାଉଛନ୍ତି । ଯଦି କେଉଁଠି ତିନି ବିଭୂତିରେଖାକୁ ସ୍ପଷ୍ଟ ଭାବରେ ଲଗାଉଛନ୍ତି ତେବେ ସିନ୍ଦୁର କେଉଁ ରେଖାରେ ଲଗାଇବା ଉଚିତ୍ ନଜାଣି ତାହା ଜୀବାତ୍ମା ରେଖା ହୋଇଥିବା ତଳ ରେଖାରେ ଲଗାଉଛନ୍ତି, ଏଭଳି ଲଗାଇବା ରୀତିବିରୁଦ୍ଧ

ହୋଇଥାଏ । ସକ୍ରମ ଆଚରଣ ଆଜି ନାହିଁ ବୋଲି କହିପାରିବା ପାଇଁ ତିନି ବିଭୂତି ରେଖାର ଅର୍ଥ ଆଜି କାହାକୁ ଜଣାନାହିଁ । ତିନି ବିଭୂତିରେଖା ଲଗାଇବା ଆମପାଇଁ ଏକ ଅଙ୍ଗରାଗ ରୀତି, ତାର ଅର୍ଥ ଏହିଭଳି ଥାଏ ବୋଲି ନଜାଣିବା ଦ୍ୱାରା ବିଭୂତିରେଖା ଧାରଣ କରିବା ଅନ୍ୟମାନଙ୍କ ପାଇଁ ବ୍ୟର୍ଥ ହୋଇଯାଉଛି । ବିଭୂତିରେଖା ଧାରଣ କରିବା କାର୍ଯ୍ୟ କେବଳ ସ୍ୱାମୀଜୀ ମାନଙ୍କଠାରେ ଆଜି ପରିମିତ ହୋଇଯାଇଛି । ସେମାନେ ମଧ୍ୟ ରୀତି ମୁତାବକ ଧାରଣ କରୁନାହାନ୍ତି । କେତେକ ଧାରଣ କରୁଥିଲେ ହେଁ ତାହା ରେଖା ଭଳି ନଥାଏ, କେତେକ ରେଖା ଆଙ୍କୁଥିଲେ ମଧ୍ୟ ଯଥା ସ୍ଥାନରେ ସିନ୍ଦୁରଟିକା ନଥାଏ । ଏହିଭଳି ଭବିଷ୍ୟତରେ ଏହି ବିଭୂତିରେଖା ଧାରଣ କରିବା ରୀତି ହୁଏତ ସମାଜରେ ଆଉ ରହିବ ନାହିଁ ବୋଲି ଜଣାଯାଉଛି ।

*****

# ନାକଫୁଲ

ମୁଣ୍ଡରେ ଜଟା, କପାଳରେ ବିଭୂତିରେଖା, ନାକରେ ନାକଫୁଲ ଅଳଂକୃତ କରିବା ମୁଖ୍ୟ ଭାବରେ ତିନିଗୋଟି ଅଙ୍ଗରାଗକୁ ଇନ୍ଦୁମାନେ ସେମାନଙ୍କର ରୀତି ଭାବନା କରୁଥିଲେ । ଇନ୍ଦୁମାନେ ମୁଖରେ ଅଳଂକୃତ କରୁଥିବା ତିନି ଅଳଂକାର ଭିତରୁ ଦୁଇଗୋଟିକୁ ପୁରୁଷମାନେ, ଦୁଇଗୋଟିକୁ ସ୍ତ୍ରୀମାନେ ଆଚରଣରେ ଆଣୁଥିଲେ । ମୁଣ୍ଡରେ ଜଟା ବା ମଞ୍ଜରୀ କରିବା ଏବଂ ବିଭୂତିରେଖା ଧାରଣ କରିବା ରୀତିକୁ ପୁରୁଷମାନେ ଆଚରଣରେ ଆଣୁଥିବା ସ୍ଥଳେ, ସ୍ତ୍ରୀମାନେ ମୁଣ୍ଡରେ ଜଟା ଏବଂ ନାକରେ ନାକଫୁଲ ପିନ୍ଧିବା ରୀତିକୁ ଆଚରଣରେ ଆଣୁଥିଲେ । ଦୁଇ ଭୂଲତାର ମଧ୍ୟରେ ଥିବା ଭ୍ରୂକୁଟି (ଦୁଇ ଭୂଲତାର ମଝି) ସ୍ଥଳରେ ଆତ୍ମା ନିବାସ କରିଥାଏ, ସେହି ଆତ୍ମାର ଆରାଧନା ମୁଁ କରୁଛି ବୋଲି ଭାବ ନେଇ କପାଳର ଭ୍ରୂକୁଟିରେ

ସିନ୍ଦୁର କିମ୍ବା କୁଙ୍କୁମ ଟିକା ଅଳଂକୃତ କରୁଥିଲେ । ପୁରୁଷମାନେ ମଧ୍ୟ ବିଭୂତି ରେଖାରେ ଥିବା ମଧ୍ୟ ରେଖାରେ ସିନ୍ଦୁର ଲଗାଉଥିଲେ । ଏହିଭଳି ସ୍ତ୍ରୀ ପୁରୁଷମାନେ କପାଳରେ ଥିବା ଆତ୍ମା ସ୍ଥାନକୁ ପୂଜ୍ୟ ଭାବରେ ଚିହ୍ନାଉଥିଲେ । ସ୍ତ୍ରୀଲୋକମାନେ ବିଭୂତିରେଖା ଧାରଣ କରୁନଥିଲେ କି ପୁରୁଷମାନେ ନାକଫୁଲ ଧାରଣ କରୁନଥିଲେ ।

ସ୍ତ୍ରୀମାନେ ନାକଫୁଲ ଧାରଣ କରିବା ରୀତି ଆଜି ମଧ୍ୟ ସମାଜରେ ରହିଛି; ତଥାପି ନାକଫୁଲ ପିନ୍ଧିବା ରୀତିରେ କି ଅର୍ଥ ଥିଲା କାହାକୁ ଜଣା ନାହିଁ । ଏବେ ସ୍ତ୍ରୀମାନେ ପୂର୍ବେ କାହିଁକି ନାକରେ ନାକଫୁଲ ପିନ୍ଧୁଥିଲେ ସେ ବାବଦରେ ଜାଣିବା । ଆମ ଶରୀରରେ ପ୍ରାୟ ସାଢେ ତିନିଲକ୍ଷ ଛୋଟବଡ ନାଡୀ ରହିଛି, ସେଗୁଡିକରେ ଆତ୍ମାର ଚୈତନ୍ୟଶକ୍ତି ପ୍ରବାହ ହେବାଦ୍ୱାରା ଶରୀର କାର୍ଯ୍ୟକ୍ଷମ ହୋଇପାରୁଛି । ଲକ୍ଷ ଲକ୍ଷ ନାଡୀ ଭିତରେ ପ୍ରବାହିତ ହେଉଥିବା ଚୈତନ୍ୟଶକ୍ତି ଗୋଟିଏ କେନ୍ଦ୍ରରୁ ଆସିଥାଏ । ସେହି କେନ୍ଦ୍ର ବ୍ରହ୍ମନାଡୀରେ ରହିଥାଏ, ତଦ୍ୱାରା ଆତ୍ମା ବ୍ରହ୍ମନାଡୀରେ ରହିଥାଏ ବୋଲି ଜାଣିହୁଏ । ବ୍ରହ୍ମନାଡୀରୁ ଆତ୍ମା ପ୍ରଥମେ ଦୁଇଗୋଟି ମୁଖ୍ୟ ନାଡୀ ଦ୍ୱାରା ସାରା ଶରୀରରେ ବ୍ୟାପି ରହିଥାଏ । ପ୍ରଥମେ ଆତ୍ମାର ପ୍ରବେଶଦ୍ୱାର ହୋଇଥିବା ଦୁଇ ନାଡୀ ବାବଦରେ ଜ୍ଞାତ କରାଇବା ଏହି **"ନାକଫୁଲ ଧାରଣ"** କରିବା ରୀତିରେ ରହିଛି । ଶରୀରରେ ଜନ୍ମ ଆରମ୍ଭ ହେବାବେଳେ ବ୍ରହ୍ମନାଡୀରୁ ପ୍ରଥମେ ଆତ୍ମା ବାମ,ଦକ୍ଷିଣ ହୋଇ ରହିଥିବା ଦୁଇ ନାଡୀରେ ଏକ କାଳୀନ ପ୍ରବେଶ କରିଥାଏ । ଦକ୍ଷିଣ ପାର୍ଶ୍ୱରେ ଥିବା ନାଡୀକୁ ସୂର୍ଯ୍ୟନାଡୀ, ବାମ ପାର୍ଶ୍ୱରେ ଥିବା ନାଡୀକୁ ଚନ୍ଦ୍ରନାଡୀ କୁହାଯାଏ । ମଝିରେ ଥିବା ବ୍ରହ୍ମନାଡୀକୁ ସୁଷୁମ୍ନା ନାଡୀ କୁହାଯାଏ । ଦକ୍ଷିଣ ବାମ ହୋଇ ରହିଥିବା ଦୁଇ ନାଡୀ ଯଥା ସୂର୍ଯ୍ୟ ଏବଂ ଚନ୍ଦ୍ରନାଡୀକୁ ଇଡା, ପିଙ୍ଗଳା ନାଡୀ ମଧ୍ୟ କୁହାଯାଏ ।

ଏହିଭଳି ଆମ ଶରୀରରେ ଆତ୍ମା ବ୍ୟାପିରହିଛି ବୋଲି ଜଣାଇବା ରୀତି ହେଉଛି ନାକଫୁଲ ଧାରଣ କରିବା ରୀତି । ଏହି ରୀତି ଅନୁସାରେ

ସ୍ତ୍ରୀଲୋକ ମାନଙ୍କର ଦକ୍ଷିଣ ନାସାରନ୍ଧ୍ରର ଉପରେ ସୂର୍ଯ୍ୟବିମ୍ବ ତୁଳିତ ଏକ ଗୋଲାକାର ବିଶିଷ୍ଟ ଅଳଂକାର (ନାକଫୁଲ) ପିନ୍ଧିବା ଆଚରଣ ରହିଥିଲା । ସେହିଭଳି ବାମ ନାସାରନ୍ଧ୍ରର ଉପରେ ଚନ୍ଦ୍ରବିମ୍ବ ତୁଳିତ ଅର୍ଦ୍ଧଚନ୍ଦ୍ରାକାର ଅଳଂକାର ପିନ୍ଧିବା ଆଚରଣ ରହିଥିଲା । ପୂର୍ବେ ନାକରେ ସେମାନେ ଯେଉଁ ନାକଫୁଲ ପିନ୍ଧୁଥିଲେ ତାହା ସୂର୍ଯ୍ୟ, ଚନ୍ଦ୍ରାକାର ଥିଲା । ଆଜିର କାଳରେ ସେହି ଆକାର ନରହି ବିଭିନ୍ନ ପ୍ରକାରର ହୋଇଯାଇଛି । ତାଛଡା ମଝିରେ ଥିବା ବ୍ରହ୍ମନାଡୀର ସଙ୍କେତ ଭାବରେ ଦୁଇ ନାଶାରନ୍ଧ୍ରର ମଝିରେ ଥିବା ସ୍ଥଳରେ ସୁନା ଧାତୁରେ ତିଆରି ହୋଇ ମଝିରେ ମୋତି ଖଚିତ "ନୋଥ ବା ନୋଥଣୀ" ନାମକ ଏକ ଅଳଂକାର ଧାରଣ କରୁଥିଲେ । ଏହି ନୋଥ ପିନ୍ଧିବା ସ୍ଥାନକୁ ସେମାନେ ବ୍ରହ୍ମନାଡୀ ଭାବରେ ଜାଣୁଥିଲେ । ବ୍ରହ୍ମନାଡୀରେ ସ୍ୱଚ୍ଛ ଆତ୍ମା ନିବାସ କରିଥାଏ ବୋଲି ଜାଣି ଆତ୍ମାକୁ ସ୍ୱଚ୍ଛ ହୋଇଥିବା ମୋତି ସହିତ ତୁଳନା କରି ସୁନାର ଗୋଲାକାର ଅଳଂକାରର ମଝିରେ ଝୁଲିବା ଭଳି ପିନ୍ଧୁଥିଲେ । ଏହି ଅଳଂକାର ଦ୍ୱାରା ଆମ ଶରୀରରେ ଥିବା ସୂର୍ଯ୍ୟନାଡୀ, ଚନ୍ଦ୍ରନାଡୀ ଏବଂ ବ୍ରହ୍ମନାଡୀର ଅସ୍ତିତ୍ୱକୁ ଜାଣିହୋଇଥାଏ । ଏହି ବିଷୟକୁ ଜଣାଇବା ପାଇଁ ଜ୍ଞାନୀମାନେ ଏହି ଅଳଂକୃତହେବା ବା ଅଙ୍ଗରାଗ ରୀତିକୁ ସମାଜରେ ରଖାଇଥିଲେ । ଆଜି ମଧ୍ୟ ଭାରତନାଟ୍ୟରେ, ଓଡିଶୀନୃତ୍ୟରେ ବିଭିନ୍ନ ରାଜ୍ୟର ନାଟ୍ୟରେ ଅଭିନୟ କରୁଥିବା ସ୍ତ୍ରୀମାନେ ଏହି ଅଳଂକାରକୁ ଧାରଣ କରିଥାନ୍ତି । ଏହି ନାକଫୁଲ ନାମକ ତିନି ଅଳଂକାର ତିନିଗୋଟି ଭିନ୍ନ ଆକାରର ହୋଇଥାଏ । ଏହିଭଳି ଅର୍ଥ ଥିବା ଅଳଂକାର ରୀତି ଇନ୍ଦୁମାନଙ୍କର ମୁଖ୍ୟ ଅଳଂକାର ଭାବରେ ସମାଜରେ ଥିଲା । ଆଜି ଆମେ ଏହି ବିଷୟ ଜାଣିବା ପରେ ଆମ ଘରେ ମଧ୍ୟ ଇନ୍ଦୁରୀତିକୁ ଆପଣାର କରିବାକୁ ଚେଷ୍ଟା କରିବା ।

*****

# ଧୋତି, ଶାଢୀ ପରିଧାନ

ପୁରୁଷମାନେ ପିନ୍ଧୁଥିବା ଧୋତି, ସ୍ତ୍ରୀମାନେ ପିନ୍ଧୁଥିବା ଶାଢୀ ମଧ୍ୟ ପିନ୍ଧିବା ଶୈଳୀ ଅନୁସାରେ ସମାଜକୁ ମହାନ ଜ୍ଞାନଦାନ କରୁଥିଲା । ଆଜି ଟ୍ରାଉଜର ଆସିବା ଦ୍ୱାରା ଧୋତି ପିନ୍ଧିବା ଲୋକେ ଦେଖିବାକୁ ମିଳୁନାହାନ୍ତି । ସେହିଭଳି ପଞ୍ଜାବୀ ଡ୍ରେସ୍ ଆସି ସ୍ତ୍ରୀମାନେ ଶାଢୀ ପିନ୍ଧିବା କମ୍ କରିଦେଲେଣି । ଆଉ କିଛିକାଳ ପରେ ଧୋତି ପିନ୍ଧା ପୁରୁଷ, ଶାଢୀ ପିନ୍ଧା ସ୍ତ୍ରୀ ଦେଖିବାକୁ ମିଳିବେ ନାହିଁ । ଆଜି ମଧ୍ୟ ଧୋତି, ଶାଢୀ ପିନ୍ଧୁଥିବା ପୁରୁଷ, ସ୍ତ୍ରୀମାନେ ସମାଜରେ କିଛି ଅଛନ୍ତି । ଆଜି ଏଭଳି ପରିଧାନରେ କିଛିଲୋକ ଥିଲେ ମଧ୍ୟ ତାହା ସେତେବେଳେ କାହିଁକି ପିନ୍ଧୁଥିଲେ ତା ବାବଦରେ ବୋଧହୁଏ କାହାକୁ ଜଣା ନାହିଁ । ପୂର୍ବରୁ ଥାଇ ଏବେ ନଥିବା ଭଳି ହେବାକୁ ଯାଉଥିବା ଧୋତି, ଶାଢୀପିନ୍ଧା ରୀତିରେ କି ରହସ୍ୟ ରହିଛି ସେ ବାବଦରେ ଟିକିଏ ଜାଣିବା ।

ପୁରୁଷମାନେ ଧୋତି ପିନ୍ଧିବା ବେଳେ ପେଟ ତଳେ କୁଞ୍ଚ କରି ପିନ୍ଧୁଥିଲେ । କୁଞ୍ଚ କହିଲେ ଧୋତିକୁ ଭାଙ୍ଗ ଭାଙ୍ଗ କରି ସଜାଡି ପିନ୍ଧିବା । ଧୋତି ପିନ୍ଧିବା ବେଳେ ଅଣ୍ଟା ଚାରିକଡେ ଗୁଡାଇ ବଳକା ଧୋତିକୁ ସାତ ଭାଙ୍ଗ କରି ପିନ୍ଧୁଥିଲେ । ସେହିଭଳି ସ୍ତ୍ରୀଲୋକମାନେ ମଧ୍ୟ ଶାଢୀକୁ ଦେହରେ ଘୋଡାଇବା ସହିତ ସାତଭାଙ୍ଗ କରି କୁଞ୍ଚ କରୁଥିଲେ, ତାହା ପଛରେ ରହୁଥିଲା ଅର୍ଥାତ୍ ପିଠିର ତଳେ ଥିବା ଅଣ୍ଟା ତଳେ ରହୁଥିଲା । ଏବେ ମଧ୍ୟ ଏହି ପଦ୍ଧତି କର୍ଣ୍ଣାଟକରେ ଦେଖିବାକୁ ମିଳେ । ଏହି ରୀତି କିଛି ବ୍ରାହ୍ମଣ ପରିବାରରେ ମଧ୍ୟ ଦେଖିବାକୁ ମିଳେ । ଏହିଭଳି କିଛି ପିନ୍ଧିବା ରୀତି ଆଜି ବଞ୍ଚି ରହିଥିଲେ ମଧ୍ୟ ସାତ ଭାଙ୍ଗକରି କାହିଁକି ପିନ୍ଧୁଥିଲେ ଆଜି କେହି ଜାଣନ୍ତି ନାହିଁ । କିଛି ଲୋକ କୁଞ୍ଚରେ ଭାଙ୍ଗ କରୁଥିଲେ ମଧ୍ୟ ତାହା କମ୍ କିମ୍ବା ଅଧିକ ଭାଙ୍ଗ କରି ପିନ୍ଧୁଛନ୍ତି ।

ଆମ ଶରୀରକୁ ଚଳପ୍ରଚଳ କରାଉଥିବା ଆତ୍ମା ଶରୀରର ସାତଗୋଟି କେନ୍ଦ୍ରରେ ବ୍ୟାପିରହିଛି । ସେହି ସପ୍ତକେନ୍ଦ୍ରରୁ ଆସୁଥିବା ଶକ୍ତି ଦ୍ୱାରା ଆମର ନିଶ୍ୱାସ, ପ୍ରଶ୍ୱାସ ଚାଲିଥାଏ ବୋଲି ଜଣାଇବା ପାଇଁ ଶରୀରକୁ ଗୁଡାଇଥିବା ବସ୍ତ୍ରରେ ସାତଭାଙ୍ଗ କରି ଦେଖାଇଥିଲେ । ଗୋଟିଏ ଗୋଟିଏ ନାଡୀକେନ୍ଦ୍ର ଦ୍ୱାରା ଶରୀରର ଶ୍ୱାସକୁ ଆତ୍ମା  ଚଲାଇଥାଏ । ଗୋଟିଏ ଗୋଟିଏ କେନ୍ଦ୍ରରୁ ଆସୁଥିବା କିଛି ସମୟର ଶ୍ୱାସକୁ ଗୋଟିଏ ଗୋଟିଏ ଭାଙ୍ଗ ସହିତ ତୁଳନା କରି, ଗୋଟିଏ  ଦିନରେ  ସାତଗୋଟି କେନ୍ଦ୍ର ଦ୍ୱାରା ଆସୁଥିବା ଶ୍ୱାସ ଦ୍ୱାରା ଶରୀର ବଞ୍ଚି ରହିଥାଏ, ତେଣୁ ଶରୀରକୁ ଘୋଡାଉଥିବା ବସ୍ତ୍ରରେ ସାତଗୋଟି ଭାଙ୍ଗ କରି ସେହି ନାଡୀକେନ୍ଦ୍ର ଗୁଡିକୁ ସମସ୍ତେ ଜାଣିବା ଭଳି କରୁଥିଲେ । ପୂର୍ବେ  ପୁରୁଷମାନେ  ଧୋତି ଏବଂ ସ୍ତ୍ରୀମାନେ ଶାଢୀ ପିନ୍ଧି ଶାଢୀର ଏହି ପିନ୍ଧିବା ଶୈଳୀରେ  ସମାଜକୁ  ଜ୍ଞାନ ଜଣାଉଥିଲେ । ଏଭଳି କରିବା ଦ୍ୱାରା ଶରୀରର ସାତଗୋଟି ନାଡୀକେନ୍ଦ୍ର ଦ୍ୱାରା ମଣିଷ ବଞ୍ଚି ରହିଥାଏ ବୋଲି ମଣିଷ ସର୍ବଦା ମନେ ରଖୁ ଏହା ଥିଲା  ସେମାନଙ୍କର  ଉଦ୍ଦେଶ୍ୟ । ଏହି ଆଚରଣ ଆଜି କିଛି ବଞ୍ଚି ରହିଥିଲେ ମଧ୍ୟ ତାର ଅର୍ଥ କାହାକୁ ଜଣାନାହିଁ । ଅର୍ଥ ନଥିବା ଆଚରଣ ଶ୍ୱାସ ନଥିବା ଶରୀର ଭଳି । ଏହିଭଳି ଅର୍ଥ ଥିବା କିଛି ଅଳଂକାର ରୀତିକୁ ଆମ ଆଚରଣରେ ଆଣି, ସେଥିରେ ପ୍ରାଣଢାଳି ଅନ୍ୟମାନଙ୍କୁ ମଧ୍ୟ ବଞ୍ଚାଇବା ।

ଇନ୍ଦୁରୀତିରେ ମଣିଷ ତାର ଶରୀର ଦ୍ୱାରା କେତେକ ଆଚରଣ କରି ସମାଜକୁ ଜ୍ଞାନ ଜଣାଉଥିଲା । ସେଗୁଡିକ ଭିତରୁ କିଛି ଆଚରଣ ବାବଦରେ ଆମେ ନିଶ୍ଚୟ ଜାଣିବା ଉଚିତ୍ । ଏହିଭଳି କିଛି ଆଚରଣର ଅର୍ଥକୁ ଆମ ରଚନାର **ଦେବାଳୟ ରହସ୍ୟ** ନାମକ ଗ୍ରନ୍ଥରେ ଜଣାଇଛୁ । ଜ୍ଞାନୀମାନେ ଦେବାଳୟ ରହସ୍ୟ ପାଠକରି ସେଗୁଡିକ ବାବଦରେ ଜାଣନ୍ତୁ ବୋଲି ଆଶା କରୁଛୁ ।

*****

# ଶିବଯାତ୍ରା (ଶବଯାତ୍ରା)

ପ୍ରତ୍ୟେକ ଜୀବ ନିର୍ଣ୍ଣୀତ ବାୟୁ (ଆୟୁ) ଅନୁସାରେ ଜୀବନଯାତ୍ରା କରିବା ସାଧାରଣ କଥା । ଏହି ଜୀବନଯାତ୍ରା ନିର୍ଣ୍ଣୀତ ଆୟୁ ଅନୁସାରେ ଏକ ଶରୀରରେ ହୋଇଥାଏ । ଶରୀର ନାମକ ଗାଡିରେ ନିର୍ଣ୍ଣୀତ ହୋଇ ରହିଥିବା ବାୟୁର ମାପ କିଛିଦୂର ଯାତ୍ରାକରି, ଯେଉଁଠି ଶେଷ ହୋଇଯାଏ ସେହିଠାରେ ଶରୀରରୁ ଜୀବକୁ ଓହ୍ଲାଇଯିବାକୁ ହୁଏ । ତାହାକୁ ଆମେ ମରଣ କହୁଛେ, ମରଣ ପ୍ରତ୍ୟେକ ଜୀବର ଥାଏ ।

ଆମେ ଗୋଟିଏ ଗାଆଁକୁ ଯିବାବେଳେ ସେହି ଗାଆଁ କେତେ ଦୂରରେ ଅଛି, ଆମକୁ କେଉଁଠାରେ ଓହ୍ଲାଇବାକୁ ହେବ ଇତ୍ୟାଦି ସମସ୍ତ ବିଷୟକୁ ଜାଣି ଯାତ୍ରା କରୁଛେ । ଯାତ୍ରାର ଲକ୍ଷ୍ୟ ଦୂର ହୋଇଥିଲେ ସେଥିପାଇଁ ରାସ୍ତାରେ ଯେତିକି ଖର୍ଚ୍ଚ ଦରକାର ସେତିକି ଟଙ୍କା ମଧ୍ୟ ସାଥିରେ ନେଉଛେ । ଆମେ ଯାତ୍ରା କରୁଥିବା ବେଳେ ରାସ୍ତାରେ ସହଯାତ୍ରୀମାନେ ମଧ୍ୟ ଭେଟ ହୋଇ କିଛି ସମୟ ବନ୍ଧୁତ୍ୱ ସ୍ଥାପନ କରନ୍ତି । ଆମେମାନେ ମଧ୍ୟ ସେମାନଙ୍କ ସହିତ ଯେତିକି ସ୍ନେହସମ୍ପର୍କ ରଖିବା ଦରକାର ସେତିକି ରଖୁଛେ,କାହିଁକିନା ! ଆମେ ଗାଡିରୁ ଓହ୍ଲାଇଯିବା ପର୍ଯ୍ୟନ୍ତ ସେ ଆମର ସହଯାତ୍ରୀ ହୋଇଥାଏ, ତେଣୁ ତା ପ୍ରତି ଆମର ସ୍ନେହ ସେତେ ନିବିଡ ହୋଇନଥାଏ, ସେ ଆମର ଶାଶ୍ୱତ ବନ୍ଧୁ ନୁହେଁ ବୋଲି ଜାଣିପାରି କେବଳ କଥାବାର୍ତ୍ତାରେ ସ୍ୱଳ୍ପ ବନ୍ଧୁତ୍ୱ ରଖୁଛେ । ଏହା ଲକ୍ଷ୍ୟ ଜଣାଥିବା ଯାତ୍ରା ହୋଇଥିବାରୁ ଏଥିରେ ଆମେ ଆମ ସହଯାତ୍ରୀ ସହିତ ବନ୍ଧାନୁବନ୍ଧ ନରଖି ଅଳ୍ପ ସ୍ନେହରେ ଯାତ୍ରା ସମାପ୍ତ କରୁଛେ ।

ଜୀବନଯାତ୍ରାରେ "ମରଣ" ନାମକ ଲକ୍ଷ୍ୟ ସମସ୍ତଙ୍କର ଥାଏ ବୋଲି ସମସ୍ତେ ଜାଣନ୍ତି, କିନ୍ତୁ ସେହି ଲକ୍ଷ୍ୟ ଆମଠାରୁ କେତେ ଦୂରରେ ଅଛି ଆମକୁ ଜଣା ନଥାଏ, ସେ ଲକ୍ଷ୍ୟ କେବେ ଆସିବ ମଧ୍ୟ କାହାକୁ ଜଣା ନଥାଏ । ୫୦କି.ମି ବେଗର ବାହାନରେ ଦିଲ୍ଲୀ ଯାତ୍ରାକଲେ ଆଠଦିନ ଲାଗିବ, ଆମେରିକା ଯାତ୍ରାକଲେ ମାସେ ଲାଗିବ ବୋଲି ଆମକୁ ଜଣାଥିଲେ

ମଧ୍ୟ ଆମ ସହିତ ଯାତ୍ରା କରୁଥିବା ସହଯାତ୍ରୀ ସହିତ ଥାଇ ନଥିବା ଭଳି ସ୍ନେହସମ୍ପର୍କ ସ୍ଥାପନ କରୁଛେ, କିନ୍ତୁ ଶରୀରବାହାନରେ ଯାତ୍ରା କରିବା ବେଳେ ଆମେ **"ଏତିକି ସମୟ"** ଯାତ୍ରା କରିବା ବୋଲି ଜାଣି ନଥିଲେ ମଧ୍ୟ ସହଯାତ୍ରୀମାନଙ୍କ ସହିତ ଗାଢ ସ୍ନେହାନୁବନ୍ଧ ସ୍ଥାପନ କରିବସୁଛେ । ତେଣୁ ଆମ ଯାତ୍ରା ଦିନେ କି ଅଧଦିନ ଆମେ ନଜାଣିଲେ ମଧ୍ୟ ଏଭଳି ସ୍ନେହ ସମ୍ପର୍କ ରଖିବାରେ କିଛି ଅର୍ଥ ନଥାଏ ବୋଲି କହିପାରିବା । ଦିଲ୍ଲୀ ଯାତ୍ରା ନିଶ୍ଚୟ ସପ୍ତାହଟିଏ ଲାଗିବ ବୋଲି ଜାଣିଥିଲେ ମଧ୍ୟ ସହଯାତ୍ରୀମାନଙ୍କ ସହିତ ସମ୍ପର୍କ ରଖୁନାହେଁ । ଆମ ଦେହଯାତ୍ରା ସପ୍ତାହଟିଏ ଲାଗିବ କି ନାଇଁ ଆମକୁ ଜଣା ନାହିଁ, କାଲି କଣ ହେବ ନିଶ୍ଚୟ କରି କହିପାରିବା ନାହିଁ; ତଥାପି ସହଯାତ୍ରୀ ହୋଇଥିବା ଆମ ପରିବାର, ବନ୍ଧୁବାନ୍ଧବମାନଙ୍କ ସହିତ ଗଭୀର ସ୍ନେହ ବନ୍ଧନରେ ବାନ୍ଧି ହୋଇଯାଉଛେ । ଏହାକୁ ଅଜ୍ଞାନ କହିବାନି ତ ଆଉ କଣ କହିବା ! ଜ୍ଞାନର ସହିତ ବିଚାରକଲେ, ଆମ ସହଯାତ୍ରୀମାନଙ୍କ ସହିତ ଆମେ ଯାତ୍ରା କଲେ ମଧ୍ୟ ଯାହାର ଯାତ୍ରା ତାର । **ଯାହାର ଯାତ୍ରା ଯେଉଁ ଲକ୍ଷ୍ୟରେ ତାର ଯାତ୍ରା ସେହିଠାରେ ଅଟକିଯିବ । ତୋ ସହିତ ତୋର ଲକ୍ଷ୍ୟ ପର୍ଯ୍ୟନ୍ତ କେହି ଆସିବେ ନାହିଁ । ଏକଥାକୁ କେହି ଅସ୍ୱୀକାର କରିପାରିବେ ନାହିଁ,** ତଥାପି ଏହା କିଛି ମାତ୍ର ବାସ୍ତବ । ହେଲେ ଆମକୁ ଜଣା ନଥିବା ସତକଥା ହେଉଛି ! ସାଧାରଣ ଭାବରେ ଦେଖାଯାଉଥିବା ତୋର ସହଯାତ୍ରୀ ତୋ ଲକ୍ଷ୍ୟ ପର୍ଯ୍ୟନ୍ତ ତୋ ସହିତ ନଆସିଲେ ମଧ୍ୟ ତୁ ଦେଖିପାରୁ ନଥିବା ଦୁଇଜଣ ତୋ ସହିତ ସବୁବେଳେ ରହିଥାନ୍ତି, ସେ ଦୁଇଜଣଙ୍କ ଭିତରୁ ଜଣକର ନାଆଁ ଅଛି, ଆଉ ଜଣକର ନାଆଁ ନାହିଁ । ଜଣକର ନାଆଁ **ଆତ୍ମା,** ଆଉଜଣେ ଆତ୍ମାଠାରୁ ଭିନ୍ନ ପରମାତ୍ମା । ପରମାତ୍ମା କହିଲେ ମଧ୍ୟ ବାସ୍ତବରେ ତାହା ତାର ନାମ ନୁହେଁ, ତାକୁ **ପରମାତ୍ମା,** ସୃଷ୍ଟିକର୍ତ୍ତା, ଈଶ୍ୱର (ଅଧିପତି), ଦୈବ, ଶିବ, ପରମେଶ୍ୱର ଇତ୍ୟାଦି ଅନେକ ଉପାଧିରେ କୁହାଯାଇଥାଏ ।

ତୁ ଜୀବାତ୍ମା ବୋଲି ମଧ୍ୟ ଜାଣିଛୁ, କିନ୍ତୁ ତୁ ଶରୀରରେ ଯାତ୍ରା କରୁଛୁ ବୋଲି ଭୁଲିଯାଇଛୁ । ତାଛଡା ତୋ ସହିତ ଆଉ ଦୁଇଜଣ ଅଛନ୍ତି ବୋଲି ମଧ୍ୟ ଜାଣିନାହୁଁ । ଏକ ଶରୀରରେ ମୋଟ ତିନିଜଣ ଯାତ୍ରା କରନ୍ତି ବୋଲି କାହାକୁ ଜଣା ନାହିଁ ।

ସମସ୍ତ ଜୀବରାଶିର ଶରୀରରେ ତିନିଜଣ ଯାତ୍ରା କରିଥାନ୍ତି । ଶରୀରରେ "ଆତ୍ମା", "ପରମାତ୍ମାଙ୍କ" ସହିତ ତୋର ସମ୍ପର୍କ କଅଣ ? ତୁ ସେମାନଙ୍କ ସହିତ କେତେ ସ୍ନେହ ସ୍ଥାପନ କରିଛୁ ବୋଲି ବିଚାରକଲେ ! ସତରେ ତୁ (ଜୀବାତ୍ମା) ସେମାନଙ୍କ ସହିତ କୌଣସି ସ୍ନେହ ରଖିନାହୁଁ । ଏବେ ଏହି ଗ୍ରନ୍ଥ ପଢୁଥିବା ତୋର ସେମାନଙ୍କ ସହିତ ସମ୍ପର୍କ ଅଛି ? ପଚାରିଲେ ନାହିଁ ବୋଲି ତୁ ହିଁ କହିପାରିବୁ । ବାସ୍ତବରେ ଆମେ ଯେଉଁ ସ୍ନେହ ରଖିଛେ ତାହା ଆମ ଆଗରେ ଚାଲିଯାଉଥିବା ଲୋକମାନଙ୍କ ସହିତ, ଆମ ପରେ ଚାଲିଯିବାକୁ ଥିବା ଲୋକମାନଙ୍କ ସହିତ ରଖିଛେ, ସେମାନଙ୍କ ସହିତ ନିବିଡ ସ୍ନେହରେ ବାନ୍ଧିହୋଇ, ସେମାନଙ୍କ ସହିତ ଆମର କାଳ ବିତିଯାଉଥିବା ବେଳେ, ଭିତରେ ଥିବା ଆତ୍ମା, ପରମାତ୍ମାଙ୍କ ସହିତ ସମ୍ପର୍କ ରଖିବାକୁ କାହାର ସମୟ ନାହିଁ । ତୁ ହୁଅ ବା କେହି ହୁଅନ୍ତୁ ସମସ୍ତେ ସେମାନଙ୍କୁ ଅଣଦେଖା କରି ରହିଥିଲେ ମଧ୍ୟ ସେ ଦୁହେଁ ସବୁବେଳେ ଆମକୁ ଦେଖୁଛନ୍ତି, ସେମାନଙ୍କ ସ୍ନେହ ସବୁବେଳେ ଆମ ପ୍ରତି ରହିଛି । ସେମାନଙ୍କ ସ୍ନେହ ଆମ ଉପରେ ନଥିଲେ ଆମେ ଶରୀରରେ ଗୋଟିଏ କ୍ଷଣ ମଧ୍ୟ ରହିପାରିବା ନାହିଁ । ଶରୀର ବାହାନରେ ପରମାତ୍ମା, ଆତ୍ମା, ଜୀବାତ୍ମା ଯାତ୍ରାକରୁଥିବା ବେଳେ ଲକ୍ଷ୍ୟରେ ପହଞ୍ଚିବା ଆଗରୁ ଜୀବାତ୍ମା ଶରୀର ବାହାନରୁ ଓହ୍ଲାଇଯାଏ । ସେ ଏକା କାହିଁକି ତା ସହିତ ଆତ୍ମା ମଧ୍ୟ ଓହ୍ଲାଇଯାଏ । **ତୋ ସହିତ ଯାତ୍ରା ଆରମ୍ଭ କରି ତୋ ସହିତ ଲକ୍ଷ୍ୟ ସ୍ଥଳରେ ଓହ୍ଲାଇଯାଇଥାଏ କେବଳ ଆତ୍ମା** । ଏହି ବିଷୟ ଭଗବଦ୍ଗୀତାର ପୁରୁଷୋତ୍ତମ ପ୍ରାପ୍ତି ଯୋଗରେ ଥିବା ଅଷ୍ଟମ ଶ୍ଳୋକରେ କୁହାଯାଇଛି ।

**ତୋର ଲକ୍ଷ୍ୟ ପର୍ଯ୍ୟନ୍ତ ତୋ ସହିତ ତୋ ଶରୀରରେ ଯାତ୍ରା କରୁଥିବା ଆତ୍ମା, ପରମାତ୍ମାଙ୍କ ଭିତରୁ କେବଳ ଆତ୍ମା ତୋ ସହିତ ଓହ୍ଲାଇଯାଏ, ପରମାତ୍ମା ଆତ୍ମାଠାରୁ ଭିନ୍ନ ହୋଇଥିବାରୁ ସେ (ପରମାତ୍ମା) ସେହିଭଳି ଶରୀରରେ ରହିଯାଇଥାଏ ।**

ସଜୀବଯାତ୍ରାରେ ଜୀବ ସୁଖଦୁଃଖକୁ ଅନୁଭବ କରୁଥାଏ । ସେହି ସୁଖଦୁଃଖର ଉପଯୁକ୍ତ କାର୍ଯ୍ୟାଚରଣ ପାଇଁ ଶରୀରକୁ ଚୈତନ୍ୟ ଦେଇଥାଏ ଆତ୍ମା । ତୃତୀୟ ଜଣକ ସବୁକିଛିକୁ ସାକ୍ଷୀ ଭାବରେ ଦେଖୁଥାଇ କିଛି ନକରି ସର୍ବଦା ମୌନ ରହିଥାଏ । ଜୀବ ଶରୀରରେ ଥିବାବେଳେ, ନଥିବା ବେଳେ ଯିଏ ସ୍ତବ୍ଧତାର ସହିତ ରହିଥାଏ **ସେ ହିଁ ତୃତୀୟ ପାତ୍ର ହୋଇଥିବା ଶିବ, ଈଶ୍ୱର ବା ପରମାତ୍ମା** । କିଛି ହୋଇନଥିବା ଏହି ତୃତୀୟ ପାତ୍ରକୁ ପରମାତ୍ମା କହିବାରେ ସେ ଆତ୍ମାଠାରୁ ଅଲଗା ଏବଂ ଶ୍ରେଷ୍ଠ ହୋଇଥାଏ ବୋଲି ଆଗରୁ ଜାଣିଥିଲେ । ଏବେ ତାକୁ ଈଶ୍ୱର କାହିଁକି କହନ୍ତି ତାହା ମଧ୍ୟ ଜାଣିବା ।

ଅଧିପତି କହିଲେ ଯିଏ କୌଣସି ଜିନିଷର ମାଲିକ । ସେହିଭଳି ଲକ୍ଷାଧିପତି କହିଲେ ଯିଏ ଲକ୍ଷ ଲକ୍ଷ ଟଙ୍କାର ଅଧିପତି, ଅର୍ଥାତ୍ ଲକ୍ଷେ ଟଙ୍କାକୁ ଟପିଯାଇଥିବା ପାତ୍ର ବା ଯାହା ପାଖରେ ଲକ୍ଷ ଲକ୍ଷ ଟଙ୍କା ଅଛି । ସେହିଭଳି ଲକ୍ଷାଧିଶ୍ୱର, କୋଟିଶ୍ୱର କହିବାରେ ଲକ୍ଷ ଲକ୍ଷ, କୋଟି କୋଟି ଟଙ୍କାର ଅଧିପତିମାନଙ୍କୁ ବୁଝାଇଥାଏ । ସାରା ଦୁନିଆରେ ଏଭଳି ବିଭିନ୍ନ ପ୍ରକାରର ଅଧିପତିମାନେ ଥାଆନ୍ତି । ସମସ୍ତଙ୍କୁ ଟପି ଯିଏ ସବୁକିଛିର ମାଲିକ ସେ ସମସ୍ତଙ୍କର ଅଧିପତି ବୋଲି ଜଣାଯାଉଛି । ସେହି ସର୍ବାଧିପତି ହେଉଛନ୍ତି ପରମାତ୍ମା ବା ପରମେଶ୍ୱର । ତେଣୁ ତାଙ୍କୁ ଅମୁକ ବସ୍ତୁ, ବାହାନର ଈଶ୍ୱର (ମାଲିକ ବା ଅଧିପତି) ବୋଲି ନକହି କେବଳ ଈଶ୍ୱର ନାମକ ଶବ୍ଦରେ କୁହାଯାଏ । ଈଶ୍ୱରଙ୍କୁ କେଉଁଠାରୁ ଚିହ୍ନି ହୁଏ ନାହିଁ, ସେ ସର୍ବତ୍ର ବ୍ୟାପିରହିଥାନ୍ତି, ତାଙ୍କୁ କାହା ଦ୍ୱାରା ମଧ୍ୟ ଜଣାଯାଇପାରେ ନାହିଁ, ବଞ୍ଚିଥିବା ଲୋକେ ହୁଅନ୍ତୁ, ଜ୍ଞାନୀ ହୁଅନ୍ତୁ କି ଯୋଗୀ ହୁଅନ୍ତୁ ସେ

ସମସ୍ତଙ୍କ ପାଇଁ ଅଗମ୍ୟ ଅଗୋଚର ହୋଇଥିବାରୁ ତାଙ୍କୁ "ଶିବ" ନାମକ ଉପାଧିରେ କୁହାଯାଏ । "ଶିବ" କହିଲେ ଯାହାଙ୍କୁ ଜଣାଯାଇପାରେ ନାହିଁ । ଜ୍ଞାନୀମାନଙ୍କୁ, ଯୋଗୀମାନଙ୍କୁ ସେହି ଶିବ କେହି ଜଣେ ଅଛନ୍ତି ବୋଲି ଜଣାଥାଏ, କିନ୍ତୁ ସେମାନେ ସେ କଣ, ସେ କିପରି ଥାଆନ୍ତି, କେଉଁଠି ଥାଆନ୍ତି ଜଣା ନଥାଏ । ଜୀବ ଜ୍ଞାନଯୋଗ ଦ୍ୱାରା ଶରୀରରେ ଥିବା ଆତ୍ମାଙ୍କୁ ଜାଣିପାରେ ସିନା, **ଶିବ**ଙ୍କୁ କେବେ ଜାଣିପାରେ ନାହିଁ । ସମସ୍ତ କର୍ମ ଶେଷ ହୋଇଯିବା ପରେ ଆଉ ଜନ୍ମ ନଥିବା ସ୍ଥିତିରେ ବା ମୋକ୍ଷରେ ପହଞ୍ଚୁଥିବା ଯୋଗୀମାନେ ସେହି ଶିବଙ୍କଠାରେ ଐକ୍ୟ ହୋଇଯାଇଥାନ୍ତି, ସେତେବେଳେ ସେହି "ଶିବ" କିଏ ସେମାନେ ଜାଣିପାରନ୍ତି ସିନା ତା ଆଗରୁ ଜାଣିପାରନ୍ତି ନାହିଁ ।

ଶରୀରରେ ହେଉଥିବା ଜୀବନଯାତ୍ରାରେ ମରଣ ନାମକ ଲକ୍ଷ୍ୟରେ ଆତ୍ମା, ଜୀବାତ୍ମା ଶରୀରରୁ ଓହ୍ଲାଇଯିବା ପରେ ଶେଷରେ ଶରୀରରେ ବଳକା ରହିଯାଇଥାନ୍ତି ଶିବ । ବଞ୍ଚି ରହିଥିବା ବେଳେ ନୀଚ ଗୁଣରାଜି ସହିତ ସମ୍ବନ୍ଧୀତ ହୋଇ ରହିଥିବା ଜୀବ ଶରୀରରେ ନଥାଏ । ଜୀବ, ଆତ୍ମା ନଥିବା ଶରୀରରେ କୌଣସି ନୀଚ ଭାବ ଆଉ ନଥାଏ । ସେତେବେଳେ ଶରୀର ହୋଇଯାଏ ଶୁଦ୍ଧ ଶିବଙ୍କ ନିଳୟ । ଅର୍ଥାତ୍ ଶରୀରରେ ପରମାତ୍ମାଙ୍କ ଛଡା ଆଉ କିଛି ନଥାଏ । ତେଣୁ ଏହି ବିଷୟକୁ ଜାଣିଥିବା ଜ୍ଞାନୀମାନେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିବା ପରେ ତାର ଶରୀର ସଂସ୍କାର କରିବା ଆଗରୁ ଭକ୍ତି ସହକାରେ ପୂଜା କରୁଥିଲେ । ସେହି ମୃତଦେହକୁ ଦୈବ ସମ୍ବନ୍ଧୀୟ ତିନି ବିଭୂତିରେଖାରେ ଅଳଂକୃତ କରି, ଗୋବିନ୍ଦ (ରାମ ନାମ ସତ୍ୟ ହେ ମଧ୍ୟ ଏହାର ଏକାର୍ଥ ବୋଧ ଶବ୍ଦ) ନାମ ସ୍ମରଣରେ ପୂଜା ସମାପନ କରି ପ୍ରଣାମ ଜଣାଉଥିଲେ । ଏହି ରୀତି ସମାଜରେ ଆଜି ଥିଲେ ମଧ୍ୟ ଅର୍ଥ ଜଣାନଥିବା ଆଚରଣ ହୋଇ ରହିଯାଇଛି । ମୃତ ଶରୀରକୁ ଭକ୍ତିରେ ପ୍ରଣାମ ନକରି ଭୟରେ ପ୍ରଣାମ କରିବା ଭଳି କରୁଛନ୍ତି । ପ୍ରଣାମ ନକଲେ ସେ

ପ୍ରେତ ହୋଇ ଡରାଇ ପାରେ, ପ୍ରଣାମ କରିଦେଲେ ତାର ପ୍ରେତପୀଡାରୁ ସୁରକ୍ଷିତ ହୋଇପାରିବା ଭାବ ନେଇ କରୁଛନ୍ତି କିମ୍ବା କରିବା ଉଚିତ୍ ବୋଲି କରୁଛନ୍ତି ସିନା ଭକ୍ତିଭରା ହୃଦୟରେ ପରମାତ୍ମା ଭାବ ବା ଶିବଭାବ ନେଇ ପ୍ରଣାମ କରୁନାହାନ୍ତି ।

ପୂର୍ବରେ ଭାବ ଏହିଭଳି ନଥିଲା, ପୂର୍ବଜମାନେ ପ୍ରତ୍ୟେକ କାର୍ଯ୍ୟକୁ ଅର୍ଥ ଜାଣି କରୁଥିଲେ । ଶରୀରରୁ ଜୀବ ଚାଲିଯିବା ପରେ ସେଥିରେ କେବଳ ଶିବ ବଳକା ରହିଯାଇଥାନ୍ତି ବୋଲି ଜାଣିଥିବା ସେଦିନର ଇନ୍ଦୁମାନେ ମୃତଦେହକୁ ଶିବ ନାମରେ କହୁଥିଲେ । କାଳକ୍ରମେ ଭାବର ପରିବର୍ତ୍ତନ ହୋଇଯାଇଛି, "ଶିବ" ଶବ୍ଦ ଆଜି "ଶବ" ଶବ୍ଦରେ ପରିଣତ ହୋଇଯାଇଛି । "ଶିବ" ଶବ୍ଦ "ଶବ" ହୋଇଯାଇଥିଲେ ମଧ୍ୟ ପୂର୍ବରୁ ମୃତ ଦେହକୁ କରାଯାଉଥିବା ପୂଜା ସେହିଭଳି କେତେକାଞ୍ଚଳରେ ବଞ୍ଚି ରହିଛି । କେତେକାଞ୍ଚଳରେ ପୂଜା କରିବା ଦୂରେଥାଉ ମଡା (ଶବ) ଦୁର୍ଗନ୍ଧ ଛାଡିବ ତୁରନ୍ତ ଉଠାଇନେବା ଉଚିତ୍ ଭାବ ନେଇ ଶ୍ମଶାନକୁ ଯଥାଶୀଘ୍ର ନେଇଥାନ୍ତି । ମୋଟାମୋଟି ଭାବରେ କହିଲେ ଏହି ଶିବପୂଜାର ଆଚରଣ ଆଜି ମଧ୍ୟ ସମାଜରେ କିଛି ବଞ୍ଚି ରହିଥିବା ବେଳେ ତାର ଅର୍ଥ କଣ ? ବାସ୍ତବରେ ଶିବପୂଜା କଣ କାହାକୁ ଜଣା ନାହିଁ ବୋଲି କହିପାରିବା ।

ସମସ୍ତ କର୍ମ ସମାପ୍ତ ହୋଇଯାଇଥିବା ଯୋଗୀମାନେ ଅନ୍ୟ ଏକ ଜନ୍ମକୁ (ପରଜନ୍ମକୁ) ନଯାଇ ତୃତୀୟ ପୁରୁଷ ପରମାତ୍ମାଙ୍କ ଠାରେ ଲୀନ ହୋଇଯାଇଥାନ୍ତି । ତେଣୁ ସେମାନେ ମୃତ୍ୟୁବରଣ କରିବା ସମୟରେ ନିଜର ଶରୀରକୁ ପରିତ୍ୟାଗ କରିନଥାନ୍ତି । ଶରୀରରେ ଥିବା ଶିବଙ୍କ ଠାରେ ହିଁ ଐକ୍ୟ ହୋଇଯାଇଥାନ୍ତି, ସେହିମାନଙ୍କ ମୃତଦେହକୁ ଶେଷ ଦିନରେ ପୂଜା କରିବା ଛଡା ସମାଧିରେ ରଖି ଚିରକାଳ ପୂଜା କରିବା ପାଇଁ ମଧ୍ୟ ଜ୍ଞାନୀମାନେ ନିର୍ଣ୍ଣୟ ନେଇଥିଲେ । ଏଭଳି ପୂଜା କରିବା ଦ୍ୱାରା ସାକ୍ଷାତ୍ ପରମାତ୍ମାଙ୍କୁ ପୂଜା କରିବା ଭଳି ଫଳ ମିଳିଥାଏ ବୋଲି ସେମାନେ ଜାଣିଥିଲେ ।

ଶବ ବିଷୟରେ ଆମେ କିଛି ଜାଣିଲେ । ମୃତଦେହ ଶବ ନୁହେଁ ଶିବ (ଅବ୍ୟକ୍ତ ଈଶ୍ୱର) ବୋଲି ଆମକୁ ନିଃସନ୍ଦେହରେ ବୁଝାପଡିଗଲା । ତେଣୁ ଶବକୁ ଶୁଭସୂଚକ ଭାବନା କରି ଶିବ କହିବା ଉଚିତ୍ । ସମସ୍ତଙ୍କ ଭଳି ମୃତଦେହକୁ ଦେଖି ଭୂତ, ପ୍ରେତାଦି ଭୟ ଆଣିବା ଉଚିତ୍ ନୁହେଁ । କୌଣସି ପୂଜା ନକଲେ ନାଇଁ କିନ୍ତୁ ମୃତଦେହକୁ ଶବ ନକହି ଶିବ କହି ତାହାକୁ ହିଁ ପରମାତ୍ମା ଭାବନା  କରନ୍ତୁ । ଅନ୍ତଃକ୍ରିୟା  କରିବାରେ ଅକ୍ଷମ ଥିବା  ଲୋକମାନଙ୍କୁ  ସହାୟ ହୁଅନ୍ତୁ । ମୁସ୍ଲିମ୍  ମତରେ  କିପରି ଏହି ଅନ୍ତିମ ଯାତ୍ରାର ଆଚରଣ ରହିଥାଏ ଦେଖନ୍ତୁ । କୌଣସି ପରିଚୟ ନଥିବା ମୁସଲ୍ମାନ୍ ମଧ୍ୟ  ଶବପେଟିକା ପଛରେ ନଯାଇ ରହିପାରେ ନାହିଁ, ସେହିଭଳି  ଖ୍ରୀଷ୍ଟମତରେ ମଧ୍ୟ ସେମାନଙ୍କ ଧର୍ମଗୁରୁମାନେ ବାଇବେଲ ପାଠକରି ସମସ୍ତଙ୍କ ସମକ୍ଷରେ ଅନ୍ତଃକ୍ରିୟା କରିଥାନ୍ତି, ଏସବୁ ଆମେ ଦେଖୁଛେ । ସମସ୍ତଙ୍କ ଆଗରୁ ରହି ଆସିଥିବା ଆମ ହିନ୍ଦୁମତରେ କେବଳ ନାମମାତ୍ର  ଆଚରଣରେ  ଇଚ୍ଛା  ନଥିବା ଭଳି ଆଜି ମୃତଦେହକୁ ସ୍ନାନ କରାଇ, ନୂଆଲୁଗା ପିନ୍ଧାଇ ବିଦାୟ କରିଦେଉଛେ । ଅର୍ଥ ଜଣାନଥିବା ଆଚରଣରେ ପୂଜାକରି ଶିବଙ୍କୁ ଶବ କହୁଥିବା ଲୋକମାନେ ପ୍ରକୃତ ସତ୍ୟକୁ ଜାଣି ପ୍ରକୃତ ଭକ୍ତିରେ ମୃତଦେହକୁ ଶିବ କହି, ପରମାତ୍ମା ଭାବନା କରି ଅନ୍ତଃକ୍ରିୟାରେ ଯୋଗଦେବା ଉଚିତ୍ । ଯଦି ମୃତଦେହ କୌଣସି ଯୋଗୀର ହୋଇଥାଏ ତେବେ ସେଭଳି ଶରୀରକୁ ପୂଜା କରିବା ଭାଗ୍ୟ ସମସ୍ତଙ୍କର ନଥାଏ । ତେଣୁ ସେହି ଯୋଗୀମାନଙ୍କ ଶରୀରକୁ ଶିବ ବା ଈଶ୍ୱର ଭାବନା କରି ସମାଧିରେ ରଖି ନିତ୍ୟ ପୂଜା କରିବା ଉଚିତ୍ । ଏହି ଶରୀର ସମାଧିରେ ସର୍ବଦା ଦୈବଶକ୍ତି ରହିଥାଏ, ସମାଧିକୁ ପୂଜା କରୁଥିବା ଲୋକମାନଙ୍କର କର୍ମ ମଧ୍ୟ ଜଳିଯାଇଥାଏ ।

*****

# ଦୋବାଟି ସ୍ଥଳରେ ଶବ ରଖିବା ରୀତି

ଶବକୁ ଶିବ ଭାବନା କରି, ପୂଜାକରି ଗୋବିନ୍ଦା କିମ୍ବା (ରାମ ନାମ ସତ୍ୟ ହେ) କହୁଥାଇ ଶ୍ମଶାନକୁ ନେଇଯିବା ରୀତି ବାବଦରେ ଜାଣିଲେ । ସବୁଦିନ ଆମ ପାଖରେ ଥିବା ବ୍ୟକ୍ତି ହଠାତ୍ ଚାଲିଯିବା ଦ୍ୱାରା, ତାହାକୁ ଶବ ଭାବିବା ଦ୍ୱାରା, ସେହି ବ୍ୟକ୍ତିକୁ ଦେଖି ସମସ୍ତେ ସେ ଅମୁକ ବ୍ୟକ୍ତି ବୋଲି ଭାବିଥାନ୍ତି ସିନା ଶିବ କହି ପରମାତ୍ମାଙ୍କ ସହିତ ତୁଳନା କରିବା ଜାଣନ୍ତି ନାହିଁ । ମୃତଦେହକୁ ଦେଖି ମୋହ ଗୁଣରେ ମୋ ପୁଅ, ମୋ ଭାଇ, ମୋ ବାପା, ମୋ ବନ୍ଧୁ ବୋଲି କିଛିଲୋକ ଦୁଃଖ କରିଥାନ୍ତି । ମମକାରକୁ ଛାଡି ପାରୁ ନଥିବା ଲୋକମାନେ ନିଜର ଗୁଣ ଦ୍ୱାରା ଗତ କଥାକୁ ମନେ ପକାଇ କାନ୍ଦିଥାନ୍ତି । ମୃତଦେହକୁ ରୀତି ଅନୁସାରେ ଶିବ ଭାବନା କରି, ଅଳଂକୃତ କରି, ପୂଜା କରି, ପ୍ରଣାମ କରି ଶିବଯାତ୍ରା କରୁଥିଲେ ମଧ୍ୟ କିଛିଲୋକ ମମକାରକୁ ଛାଡିନପାରି ମୃତଦେହକୁ ମହାନ ଭାବନା କରିପାରନ୍ତି ନାହିଁ । ଶ୍ମଶାନ ପର୍ଯ୍ୟନ୍ତ ନେଇଯାଉଥିବା ରାସ୍ତାର ଏକ ସ୍ଥାନରେ ମୃତଦେହକୁ ରଖି, ସେଠାରୁ ପୁଣି ଥରେ ନେଇଯିବା ରୀତି ପୂର୍ବକାଳରେ ଥିଲା । ଘରଠାରୁ ଶ୍ମଶାନ ମଝିରେ ଥିବା ସେହି ଶବକୋକେଇ ରଖିବା ସ୍ଥାନକୁ ଦୋବାଟି (ଅର୍ଥାତ୍ ଯେଉଁଠି ରାସ୍ତାଟି ଦୁଇଭାଗ ହୋଇ ଦୁଇଟିଦିଗକୁ ଯାଇଥାଏ) ସ୍ଥାନ କୁହାଯାଏ । ଘରଠାରୁ ଦୋବାଟି ପର୍ଯ୍ୟନ୍ତ ହେଉଥିବା ଶିବଯାତ୍ରା ଗୋଟିଏ ଭାଗର ଥିବା ସ୍ଥଳେ, ତାପରେ ସେଠାରୁ ଶ୍ମଶାନ ପର୍ଯ୍ୟନ୍ତ ଶବ(ଶିବ)ଯାତ୍ରା ଆଉଗୋଟିଏ ଭାଗର ହୋଇ ରହିଥିଲା । ଦୋବାଟିରେ ଶବକୁ ରଖି ଶବ ଉପରେ ଘୋଡାଯାଇଥିବା ଲୁଗା(ବସ୍ତ୍ର)କୁ କାଢି ସମସ୍ତଙ୍କୁ ମୃତଦେହର ମୁହଁ ଦେଖାଉଥିଲେ । ସେଠାରେ ଦେଖିବା ଲୋକେ ପାଞ୍ଚ ମିନିଟ୍ ଦେଖିବା ପରେ ପୁଣି ବସ୍ତ୍ର ଘୋଡାଇ ଶ୍ମଶାନକୁ ନେଇଯାଉଥିଲେ । କାନ୍ଦୁଥିବା ଲୋକମାନେ ଏହି ସ୍ଥାନରୁ ହିଁ ଘରକୁ ଫେରିଯାଉଥିଲେ ।

ଶବକୁ ସମ୍ପୂର୍ଣ୍ଣ ଶିବ ଭାବନା କରି, ମମକାରକୁ ତ୍ୟାଗ କରିଥିବା ଲୋକମାନେ କେବଳ ଶ୍ମଶାନ ପର୍ଯ୍ୟନ୍ତ ଶବକୋକେଇ ସହିତ ଯାଉଥିଲେ । ହେଲେ ଦୋବାଟିରେ ପୂର୍ବେ ଗୋଟିଏ ରୋଳ (ଢିଙ୍କି ଭଳି ଏକ ଧାନକୁଟିବା ଉପକରଣ) ରଖୁଥିଲେ । କାଳକ୍ରମେ ତାହା କେହି ଆଉ ରଖୁ ନଥିଲେ ମଧ୍ୟ ସେଠାରେ ରୋଳ ରଖିବା ଉଦ୍ଦେଶ୍ୟ ଶବ ସହିତ ଯାଇଥିବା ଲୋକମାନଙ୍କୁ କୁହାଯାଉଥିଲା । ଏପରି ପୁଣି କିଛିକାଳ ବିତିଯାଆନ୍ତେ ସେ ବାବଦରେ କହିବା ମଧ୍ୟ କାଳଗର୍ଭରେ ଲୁଚିଗଲା । ହେଲେ ଦୋବାଟିରେ ଶବ (ଶିବ) ରଖିବା ଏବଂ ପୁଣି ସେଠାରୁ ଦ୍ୱିତୀୟ ଯାତ୍ରା ଆରମ୍ଭ କରି ଶ୍ମଶାନ ପର୍ଯ୍ୟନ୍ତ ନେଇଯିବା ଆଚରଣ ରହିଥିଲା । ଏବେ ଦୋବାଟିରେ ଶବକୋକେଇକୁ ରଖିବା ଆଚରଣ କେଉଁଠି କେଉଁଠି ଥିଲେ ମଧ୍ୟ ତାହା ବି କାଳଗର୍ଭରେ ଲୁଚିଯିବାକୁ ବସିଛି । ଏହି ରୀତିଟି ସମାଜରେ ରଖିବାରେ ପୂର୍ବଜମାନଙ୍କର ଉଦ୍ଦେଶ୍ୟ କଣ ଥିଲା ତାହା ଆମେ ଜାଣିବା । କ୍ଷେତରେ ଆମମାନଙ୍କର ଫଳିଥିବା ଶସ୍ୟ ମୁଖ୍ୟତଃ ଧାନ ହୋଇଥାଏ । ଧାନ ଭାବରେ ଥିବା ଶସ୍ୟରୁ ଚାଉଳ ବାହାର କରିଥାଏ ରୋଳ । ରୋଳ ଆଜି ଦେଖିବାକୁ ମିଳୁନଥିଲେ ମଧ୍ୟ କେଉଁଠି କେଉଁଠି ପୁରୁଣା ଘରମାନଙ୍କରେ ଅଛି । ଏଇ କିଛିବର୍ଷ ହେଲା ରୋଳ ଆଉ ନାହିଁ ସିନା, ଖୁବ୍ କମ୍ ବର୍ଷତଳେ ସମସ୍ତଙ୍କ ଘରେ ରହିଥିଲା । ସମସ୍ତେ ସେଥିରେ ଧାନକୁ କୁଟି ସେଥିରୁ ଚାଉଳ ବାହାର କରି ଭାତ ରାନ୍ଧୁଥିଲେ । ଧାନ କୁଟି ଚାଉଳ କରିବା ଦୃଶ୍ୟ ଆଜିର ପିଲାମାନେ ଦେଖିନଥିଲେ ମଧ୍ୟ ବଡମାନଙ୍କଠାରୁ ନିଶ୍ଚୟ ଶୁଣିଥିବେ । ଚାଉଳ ଧାନ ଦେହରେ ଲାଗି ରହିଥିବା ପର୍ଯ୍ୟନ୍ତ ଧାନର ଅଧିନରେ ରହିଥାଏ । ଚାଉଳର ପରଦା (ଚୋପା)କୁ ଚାଉଳଠାରୁ ଅଲଗା କରିଦିଏ ରୋଳ । ଥରେ ବାହାରି ଆସିଥିବା ଚାଉଳ ଆଉ ଥରେ ଧାନ ଭିତରକୁ ଯାଏ ନାହିଁ ଅର୍ଥାତ୍ ଧାନ ଭିତରେ ବାନ୍ଧିହୋଇ ରହେ ନାହିଁ । ଏହିଭଳି ଗୋଟିଏ ଚାଉଳ ସହିତ ଅନେକ ଚାଉଳ ଧାନଗୁଡିକ ଭିତରେ ବାନ୍ଧିହୋଇ ରହିବା ଭଳି ଥାଏ । ରୋଳ ଖାଲରେ ଧାନ କୁଟିହୋଇ ସେଥିରୁ ଚାଉଳ ବାହାରକୁ ଆସେ ।

ଏହିଭଳି ବାହାରକୁ ଆସିଥିବା ଚଉଳ ବିଷୟରେ ସମସ୍ତଙ୍କୁ ଜଣାଥାଏ । ଧାନ ନାମକ କର୍ମ ଖୋଳପାରେ ଜୀବାତ୍ମା ଛନ୍ଦିହୋଇ ରହିଥାଏ ବୋଲି ଜଣାଇବା ନିମନ୍ତେ ପୂର୍ବେ ବଡମାନେ ଏହି ରୀତିରେ ସେଠାରେ ଚଉଳର ଖୋଳା ହୋଇଥିବା ଧାନଚୋପା ବା କୁଣ୍ଡାକୁ ଦେଖାଇ ଜ୍ଞାନ କହୁଥିଲେ । କର୍ମବନ୍ଧନରୁ ମୁକୁଳି ଆସିଥିବା ଜୀବାତ୍ମା ପୁଣିଥରେ କର୍ମବନ୍ଧନରେ ନପଡି ସ୍ୱତନ୍ତ୍ର ହୋଇ ମୋକ୍ଷକୁ ଚାଲିଯାଇଥାଏ ବୋଲି କହିବାପାଇଁ ଏହି ରୀତିକୁ ଉଦାହରଣ ଭାବରେ ଦେଖାଇଥିଲେ ।

ପୂର୍ବେ ଜ୍ଞାନ ଜାଣିବା ପରେ ସମସ୍ତ କର୍ମକୁ ବିନାଶ କରିଥିବା ଲୋକ ଯଦି ମୃତ୍ୟୁବରଣ କରେ ସେତେବେଳେ, ସେ ମୋକ୍ଷ ପାଇଯାଇଛି, ତାର ଆଉ ଜନ୍ମ ନାହିଁ ବୋଲି ଜାଣିଥିବା ବଡମାନେ ଶବଯାତ୍ରାରେ ଦୋବାଟି ନାମକ ସ୍ଥାନରେ ବା ଗାଆଁମୁଣ୍ଡର ସ୍ଥାନରେ ଶବକୋକେଇକୁ ରଖୁଥିଲେ, ସେମାନେ ଏଭଳି ମଝିରେ ଶବ କୋକେଇକୁ ରଖି ପୁଣିଥରେ ଦ୍ୱିତୀୟଯାତ୍ରା ଆରମ୍ଭ କରିବା ଦ୍ୱାରା ମୃତକ ଆଉ ଜନ୍ମ ହେବ ନାହିଁ, ସେ **କର୍ମ ନାମକ ଖୋଳପା ଭିତରୁ ଯୋଗ ନାମକ ରୋଳ ଦ୍ୱାରା ମୁକୁଳି ଆସିଛି** ବୋଲି ସମସ୍ତଙ୍କୁ ଜଣାଇ ଦେଉଥିଲେ । ସେ ପର୍ଯ୍ୟନ୍ତ ତା ପାଇଁ କାନ୍ଦୁଥିବା ଲୋକମାନେ ଏହି ଆଚରଣ ଦ୍ୱାରା ସେ ବ୍ୟକ୍ତି ପରମାତ୍ମାରେ ମିଳିତ ହୋଇ ମୋକ୍ଷ ପାଇଯାଇଛି, ତା ସହିତ ଆଉ ଭୌତିକ ସମ୍ପର୍କ ରଖିବା ଉଚିତ୍ ନୁହେଁ ବୋଲି ଜାଣିବାକୁ ପାଉଥିଲେ । ଦୋବାଟି ସ୍ଥାନ ପର୍ଯ୍ୟନ୍ତ କେହି ଆସି କାନ୍ଦୁଥିଲେ ମଧ୍ୟ, ସେ ସ୍ଥାନରେ ଏହି ଆଚରଣ ହେବାପରେ ଆଉ ନକାନ୍ଦି ଘରକୁ ଫେରିଯାଉଥିଲେ, କାରଣ ! ସେ ପର୍ଯ୍ୟନ୍ତ ମୃତକ ଉପରେ କୌଣସି ଭାବ ଥିଲେ ମଧ୍ୟ, ଜ୍ଞାନ ଜାଣିବା ପରେ ସେହି ସ୍ଥାନରୁ ଭାବରେ ପରିବର୍ତ୍ତନ ଆଣି ଶବକୁ ଶିବ ଭାବନା କରିବାକୁ ହୋଇଥାଏ । ସେଥିଲାଗି କାନ୍ଦୁଥିବା ଲୋକମାନେ ସେହିଠାରୁ ଫେରିଯାଇ, ଶବକୁ ଶିବ ଭାବନା କରୁଥିବା ଲୋକମାନେ କେବଳ ଶ୍ମଶାନ ପର୍ଯ୍ୟନ୍ତ ଯାଉଥିଲେ । ଶ୍ମଶାନରେ ମୁକ୍ତି ପାଇଥିବା ବ୍ୟକ୍ତିର ଶରୀରକୁ ଭୂସମାଧି ଦେଉଥିଲେ ।

ଦୋବାଟି ନାମକ ସ୍ଥାନର ଏକ ବିଶେଷତା ରହିଥାଏ । ଗାଆଁ ଆଉ ଶ୍ମଶାନ ମଝିରେ ଥିବା ଦୋବାଟିରେ ଶବ କୋକେଇ ରଖି, ସେଠାରେ କିଛି ଜ୍ଞାନ କହି ପୁଣି ସେହି ସ୍ଥାନରୁ ଶ୍ମଶାନକୁ ନେଇଯାଉଥିଲେ । ଏହି ରୀତି କେବଳ ମୋକ୍ଷ ପାଇଥିବା ଯୋଗୀ ପାଇଁ ହେଉଥିଲା । ଏହି ରୀତି କେବଳ ଯୋଗୀମାନଙ୍କ ପାଇଁ କରାଯାଉଥିଲା । ଅନ୍ୟମାନେ କର୍ମବନ୍ଧନରେ ରହିଥିବାରୁ ସେମାନେ ରୋଳକୁ ଆସୁନଥିବା ଧାନ ସହିତ ସମାନ । ଏହି ରୀତିର ଆଚରଣ କରିବା ଦ୍ୱାରା ଯୋଗୀର ମୂଲ୍ୟ, ମୋକ୍ଷର ପଦ୍ଧତି ବାବଦରେ ଅନ୍ୟମାନେ ଜାଣିପାରୁଥିଲେ । ଆଜିର କାଳରେ ଏହି ରୀତି ମାତ୍ର କେଉଁ ଅଜଣା ପଲ୍ଲୀରେ ବଞ୍ଚି ରହିଛି । ଆଜି ସେମାନେ ମଧ୍ୟ ଯୋଗୀ ହୋଇନଥିବା ଲୋକମାନଙ୍କର ମୃତଦେହ ନିମନ୍ତେ ଏହି କ୍ରିୟା କରୁଛନ୍ତି । ଏହା ଦ୍ୱାରା କହିପାରିବା ଯେ, ଏହି ଆଚରଣର ଅର୍ଥ ହିଁ ଆଜି ସମସ୍ତଙ୍କୁ ଅଜଣା ରହିଯାଇଛି । କେତେକ ଅଞ୍ଚଳରେ ଯୋଗୀମାନଙ୍କ ପାଇଁ ମଧ୍ୟ ଏହି ରୀତିର ଆଚରଣ କରନ୍ତି ନାହିଁ । ଅଧିକାଂଶ ଲୋକେ ଏହା ଏକ ରୀତି ବୋଲି ଜାଣନ୍ତି ନାହିଁ । ଏବେ ଆମେ ଜାଣି ପାରିଥିବାରୁ ଆମ ରୀତିକୁ ଆମେ ବଞ୍ଚାଇରଖିବା ସୁଯୋଗ ଅଛି । ଯୋଗୀମାନଙ୍କ ମୃତ୍ୟୁରେ ଆମେ ଏହି ଆଚରଣ କରି ପୂର୍ବଜମାନଙ୍କ ଉଦ୍ଦେଶ୍ୟକୁ ସାର୍ଥକ କରିପାରିବା । ମୃତକ ଯୋଗୀ ହୋଇଥିଲେ ଏହି ଆଚରଣ କରିବା, ଯୋଗୀ ହୋଇନଥିଲେ ସମସ୍ତେ ଯେପରି କରୁଛନ୍ତି ସେପରି କରିପାରିବା ।

*****

# ପିଣ୍ଡଦାନ (କର୍ମକାଣ୍ଡ)

ପିଣ୍ଡଦାନ କଥାଟି ପ୍ରାୟ ସମସ୍ତେ ଶୁଣିଥିବେ । ପିଣ୍ଡଦାନ ବାବଦରେ ଆମକୁ ଜଣାଥିବା କଥା ହେଉଛି ! ମଣିଷ ମୃତ୍ୟୁବରଣ କରିବା ପରେ କର୍ମକାଣ୍ଡ ନାମରେ ପ୍ରେତାତ୍ମାର (ମୃତକ ବ୍ୟକ୍ତିର) କ୍ଷୁଧା ମେଣ୍ଟାଇବା ପାଇଁ

ଦିଆଯାଉଥିବା ଆହାର । ଏହି ଆଚରଣ ବିଭିନ୍ନ ଅଞ୍ଚଳରେ ବିଭିନ୍ନ ରୀତିରେ ବ୍ରାହ୍ମଣମାନଙ୍କ ଦ୍ୱାରା କରିଥାନ୍ତି । କେତେକ ମୃତ୍ୟୁବରଣ କରିବାର ତିନି ଦିନରେ କରନ୍ତି, କିଛିଲୋକ ନଅ, ଦଶ, କିମ୍ବା ଏଗାର ଦିନରେ କରନ୍ତି, ଏକବର୍ଷ ପରେ ମଧ୍ୟ କରିଥାନ୍ତି । କେତେକ ଅଞ୍ଚଳରେ ଏକମାସରେ ମଧ୍ୟ କରିଥାନ୍ତି । ଏକ ବର୍ଷ ପରେ କରାଯାଉଥିବା କାର୍ଯ୍ୟକୁ ବାର୍ଷିକ ଶ୍ରାଦ୍ଧ ନାମରେ କୁହାଯାଏ । କେତେକାଞ୍ଚଳରେ ପ୍ରତ୍ୟେକ ବର୍ଷ ଶ୍ରାଦ୍ଧ ଦେଇଥାନ୍ତି । ଆଉ କିଛିଲୋକ ଏହି ପିଣ୍ଡଦାନ କାର୍ଯ୍ୟ ବା ଶ୍ରାଦ୍ଧକାର୍ଯ୍ୟ ନିର୍ବାହ ଉଦ୍ଦେଶ୍ୟରେ ପୁଣ୍ୟକ୍ଷେତ୍ରକୁ ଯାଇ ସେଠାରେ ତର୍ପଣ ନାମରେ ଏହି କାର୍ଯ୍ୟ ସମାପନ କରିଥାନ୍ତି । ଜଣେ ବ୍ୟକ୍ତି ମୃତ୍ୟୁବରଣ କରିବା ପରେ ତାପାଇଁ ପିଣ୍ଡଦାନ ନାମରେ ଯେଉଁ କାର୍ଯ୍ୟ କରାଯାଏ ତାହା କାହିଁକି କରାଯାଏ ବୋଲି ପଚାରିଲେ, ସେମାନେ କହନ୍ତି ଯେ, ମୃତ୍ୟୁବରଣ କରିଥିବା ଲୋକକୁ ଯମଭଟମାନେ ଆସି ସାଙ୍ଗରେ ଯମପୁରକୁ ନେଇଥାନ୍ତି, ସେମାନଙ୍କୁ ଯମପୁରରେ ପହଞ୍ଚିବା ପାଇଁ ଏକବର୍ଷ କାଳ ଲାଗିଥାଏ, ସେମାନେ ଚାଲି ଚାଲି ଯାଉଥିବା ବେଳେ ଜୀବାତ୍ମାକୁ ଭୋକ ଲାଗିଥାଏ, ଦଶାହ କାର୍ଯ୍ୟରେ, କିମ୍ବା ମାସକୁ ଥରେ ଆମେ ଯେଉଁ ଆହାର ଦେଇଥିବା ତାହା ଖାଇ ସେ ବଞ୍ଚିଥାଏ । ତାକୁ ଯମପୁରରେ ପହଞ୍ଚିବାକୁ ଏକବର୍ଷ ଲାଗିଥାଏ, ଶେଷରେ ବାର୍ଷିକ ଶ୍ରାଦ୍ଧରେ ତାକୁ ଦିଆଯାଇଥିବା ଆହାର ଖାଇ ଯମପୁରରେ ପ୍ରବେଶ କରିଥାଏ ବୋଲି କହୁଛନ୍ତି (ଆତ୍ମାର ମହାକ୍ଷୁଧା ନିବାରଣ ନାମରେ ଏହି କାର୍ଯ୍ୟକୁ କହିଥାନ୍ତି) । ଯମଦୂତମାନଙ୍କ ସହିତ ଯାଉଥିବା ଜୀବାତ୍ମା ଆମେ ଦେଉଥିବା ଆହାରକୁ କଣ ସତରେ ଖାଇଥାଏ ବୋଲି ପ୍ରଶ୍ନକଲେ, ନାଇଁ ସେ କାଉ ରୂପରେ ଆସି ଆମେ ଦେଉଥିବା ଆହାର ଖାଇ ଚାଲିଯାଏ ବୋଲି କହି, କଣ ତୁ ଏତିକି ଜାଣି ନାହୁଁ! ତୁ ତୋ ବାପା କି ତୋ ଜେଜେବାପା ମଲାବେଳେ ହୋଇଥିବା କାର୍ଯ୍ୟ କଣ ଦେଖିନାହୁଁ ? ସେମାନେ କାଉ ହୋଇ ଆସି ଖାଇ ଚାଲିଯାଆନ୍ତି ! ବୋଲି କହୁଛନ୍ତି ।

ସମାଜରେ ଏହିଭଳି କଥାକୁ ଶୁଣି ବିଶ୍ୱାସ କରୁଥିବା ଲୋକମାନେ କିଛି ରହିଥିବା ବେଳେ, ଏସବୁ ସତ ହୋଇପାରେ ବୋଲି କିଛି ଲୋକ ଭାବୁଛନ୍ତି । କିଛିଲୋକ ଏସବୁ ମିଛକଥା କହୁଥିବା ବେଳେ କିଛିଲୋକ ଶୁଣି ହସିଥାନ୍ତି, କିନ୍ତୁ କିଛିଲୋକ ଥାଆନ୍ତି ଯେଉଁମାନେ ଏଭଳି କଥା କହୁଥିବା ଲୋକକୁ ଏହା କେତେଦୂର ସମ୍ଭବ ବୋଲି ନାନା ପ୍ରଶ୍ନ କରି ଜାଣିବାକୁ ଚେଷ୍ଟା କରିଥାନ୍ତି । ସେମାନଙ୍କ ପ୍ରଶ୍ନ ପରମ୍ପରା କିପରି ଥାଏ ଦେଖିଲେ, **୧) ପିଣ୍ଡ କହିଲେ କଅଣ ? ୨) ପିଣ୍ଡ ଦାନରେ ଚାଉଳ କିମ୍ବା ଅନ୍ନ ଦିଆଯାଏ, ଅନ୍ନଦାନ କିମ୍ବା ଚାଉଳ ଦାନ ନକହି ପିଣ୍ଡଦାନ କାହିଁକି କୁହାଯାଏ ? ୩) ଯିଏ ମୃତ୍ୟୁବରଣ କରିଥାଏ କଣ ସେ ସତରେ ଆସି ଖାଇଥାଏ ? ୪) ସାଥିରେ ଯାଉଥିବା ଯମ କିଙ୍କରମାନେ ପିଣ୍ଡ ଖାଇ ଆମ ପୋଲିସମାନଙ୍କ ଭଳି କଣ କିଛି ଲାଞ୍ଚ ନେବା ଭଳି ଛାଡିଦେବେ ? ୫) ମୃତକ ପିଣ୍ଡ ଖାଇବା ପାଇଁ କାଉ ହୋଇ କାହିଁକି ଆସିଥାଏ ? ୬) ଏଭଳି କାଉ ଅବତାର ନେଇ ଯଦି ଆସିଥାଏ ତେବେ, ସବୁଦିନ ଆସୁଥିବା ଆମଗାଆଁ ଛୋଟି କାଉ ମଧ୍ୟ ତାହା ଖାଉଛି ! ତାହେଲେ ସେ କାଉକୁ କିଏ ବୋଲି ଭାବିବା ? ୭) ପ୍ରତ୍ୟେକ ଦିନ ଅନେକ ଲୋକ, ଅନେକ ଜୀବରାଶି ମୃତ୍ୟୁବରଣ କରୁଛନ୍ତି ସେମାନଙ୍କୁ ନେବା ପାଇଁ ଯଦି ଯମଦୂତମାନେ ଦୁଇଜଣ ହିସାବରେ ଆସନ୍ତି ତେବେ ଯମଦୂତମାନେ କେତେକୋଟି ସଂଖ୍ୟାରେ ଅଛନ୍ତି ? ୮) ସେଠାରେ ଥିବା ଯମଦୂତମାନେ ଏବଂ ଏଠାରୁ ଯାଉଥିବା ଲୋକମାନେ ମିଶି କେତେ ସଂଖ୍ୟାରେ ଥିବେ ? ୯) ଯମଲୋକ କେତେ ବିଶାଳ ? ୧୦) କେବଳ ଯମଦୂତମାନଙ୍କ ସହିତ ଯାଉଥିବା ଜୀବାତ୍ମାକୁ କାହିଁକି ଭୋକ ଲାଗେ ? ୧୧) ଯମଦୂତମାନଙ୍କୁ କାହିଁକି ଭୋକ ଲାଗେ ନାହିଁ ? ୧୨) କଣ ସେମାନେ କିଛି ଖାଇବାକୁ ଆଣି ଆସିଥାନ୍ତି ? ୧୩) କଣ ସେମାନେ ମଧ୍ୟ ଭୂପୃଷ୍ଠକୁ ଆସି ଜୀବ ସହିତ କିଛି ଖାଇଥାନ୍ତି ? ୧୪) ପିତୃପୁରୁଷମାନଙ୍କୁ ଦିଆଯାଉଥିବା ଖାଦ୍ୟସାମଗ୍ରୀକୁ ଯଦି କାଉ,**

**କୁକୁର ରୂପରେ ଆସି ଖାଇଥାନ୍ତି ତେବେ ସେମାନେ ଖାଲି ଅନ୍ନ ଖାଇ ତା ସହିତ ଦିଆଯାଉଥିବା ଅନ୍ୟ ଜିନିଷ କାହିଁକି ଖାଆନ୍ତି ନାହିଁ ? ୧୫) ଆମେ ଦେଉଥିବା ଖାଦ୍ୟକୁ ଯଦି କାଉ କୁକୁର ହୋଇ ସେମାନେ ଆସି ଖାଆନ୍ତି ତେବେ ଆମେ ସେମାନଙ୍କୁ ଧରି ଆମରି ପିତୃପୁରୁଷ କହି, ଭଲ ଭଲ ରାନ୍ଧଣା କରି ଖାଇବାକୁ ଦେଇ, ଆଣି ଘରେ ରଖିଲେ ସେମାନଙ୍କୁ ଯାଇ ଯମପୁର କଷ୍ଟ ଭୋଗିବାକୁ ପଡନ୍ତା ନାହିଁନା ! ଏଭଳି କାହିଁକି କରୁନାହେଁ ? ୧୬) ବଞ୍ଚିଥିବା ବେଳେ ମାଆ ବାପାଙ୍କୁ ଖାଇବାକୁ ଦେଉନଥିବା ପୁଅ ମଲା ପରେ ପିଣ୍ଡ ନଦେଲେ କଣ ହେବ ? ୧୭) ବଞ୍ଚିଥିବା ବେଳେ ନଥିବା ସ୍ନେହ ମଲା ପରେ କାହିଁକି ଆସୁଛି ? ୧୮) କଣ ଜ୍ଞାନ ଜାଣିଥିବା ବଡମାନେ ସମାଜରେ ଏହି ରୀତି ରଖିଥିଲେ ? ୧୯) ପିଣ୍ଡଦାନ କାହିଁକି କରିବା ଉଚିତ୍ ? ୨୦) କିଏ ଦଶ ଦିନରେ, କିଏ ମାସକରେ କିଏ ବର୍ଷକରେ ତ ଆଉ କିଏ ସବୁବର୍ଷ ଦିଅନ୍ତି ଏମିତି ସତରେ କେତେ ଦିନରେ ଦେବା ଉଚିତ୍ ? ୨୧) ଏହି କ୍ରିୟା କରିବାରେ କଣ ଆଉ କିଛି ଅର୍ଥ ଅଛି ? ୨୨) ଏହା କଣ ଆମ ଇନ୍ଦୁରୀତି ? ୨୩) ଦଶାହରେ ବାଲିଆଟିକା ଘୋଡାଇ ସେ ଅମୁକ ଜନ୍ମ ପାଇଲା ବୋଲି କହନ୍ତି । ତେବେ ସେ ଯମପୁରକୁ କେତେବେଳେ ଯାଏ ?, ଯଦି ଯମପୁରକୁ ଗଲା ଏ ବାଲିଆଟିକା କଥା ସତ କି ମିଛ ?** ଏହିଭଳି ଚତୁର ଲୋକମାନେ ଅନେକ ପ୍ରଶ୍ନ ପଚାରନ୍ତି । ଏସବୁ ପ୍ରଶ୍ନର କଣ ଜବାବ ଅଛି ? ବୋଲି ଆମେ ଟିକିଏ ବିଚାର କରିବାକୁ ଦେଖିବାକୁ ହେବ ।

ପିଣ୍ଡ କହିଲେ ଶରୀର ବୋଲି କହିପାରିବା । କାରଣ ମାତୃଗର୍ଭରେ ଶିଶୁ ଶରୀରକୁ ପିଣ୍ଡ କୁହାଯାଏ । ମାତୃଗର୍ଭରେ ଥିବା ପିଣ୍ଡ ଆତ୍ମଚୈତନ୍ୟ ଦ୍ୱାରା ବଡ ହୋଇ ପ୍ରସବ ହୋଇଥାଏ । ପ୍ରସବିତ ଶିଶୁ ଶରୀରରେ ଜୀବାତ୍ମା ପ୍ରବେଶ କରି ଅନେକ କର୍ମକୁ ଅନୁଭବ କରିଥାଏ, ଅନେକ କର୍ମକୁ

ସଞ୍ଚୟ ମଧ୍ୟ କରିଥାଏ । ହେଉଥିବା କାର୍ଯ୍ୟଗୁଡିକରୁ କର୍ମ କେତେ ସଞ୍ଚୟ ହୋଇଥାଏ ଆମକୁ ଜଣା ନପଡିଲେ ମଧ୍ୟ କେତେ ଅନୁଭବ ହୋଇଥାଏ ତାହା ଜଣାପଡେ । ଅନୁଭବ କରିବା ବେଳେ କେତେକ ସେମାନଙ୍କ ଅଜାଣତରେ ମଧ୍ୟ ଏହା ମୋ କର୍ମ ବୋଲି କହିଥାନ୍ତି । ଗତଜନ୍ମର କର୍ମକୁ ଅନୁଭବ କରିବାପାଇଁ ଆମେ ଶରୀରରେ ଜନ୍ମ ହୋଇଛେ । ଆମେ ପ୍ରତ୍ୟେକ କ୍ଷଣରେ ଯାହା ଅନୁଭବ କରୁଛେ ତାହା ହିଁ କର୍ମ । ଥିବା କର୍ମକୁ ଅନୁଭବ ନକରିବାକୁ କର୍ମ ବିନାଶ କରିବା ବୋଲି କୁହାଯାଏ । ଆହାର ପଦାର୍ଥକୁ ଖାଇ ବିନାଶ ବା ହଜମ କରିବା ଭଳି, କର୍ମକୁ ମଧ୍ୟ ଅନୁଭବ କରି ନଥିବା ଭଳି କରୁଛେ । ଖାଦ୍ୟପଦାର୍ଥକୁ ଆମେ ଅନ୍ନ କହୁଛେ । ଶରୀରରେ ଅନୁଭବ ହେଉଥିବା କର୍ମକୁ ପିଣ୍ଡାନ୍ନ କୁହାଯାଏ । ଅର୍ଥାତ୍ ମଣିଷର କର୍ମକୁ ହିଁ ପିଣ୍ଡାନ୍ନ କୁହାଯାଏ, ସେହି ଅନୁସାରେ ପିତୃପୁରୁଷ ମାନଙ୍କୁ ଦିଆଯାଉଥିବା ଆହାର ପଦାର୍ଥକୁ ପିଣ୍ଡାନ୍ନ କୁହାଯାଉଥିବାରୁ ଅନ୍ୟ ଏକ ନାମରେ କର୍ମକାଣ୍ଡ କୁହାଯାଏ ।

ଜଣେ ବ୍ୟକ୍ତି ମୃତ୍ୟୁବରଣ କରିବା ପରେ ତାକୁ ପିଣ୍ଡାନ୍ନ ଦେବା ବା ପିଣ୍ଡଦେବା କାର୍ଯ୍ୟ ଆମେ ଅନେକ କାଳରୁ କରିଆସୁଛେ, କିନ୍ତୁ ବହୁପୂର୍ବେ ଏହି ରୀତି ସମାଜରେ ସବୁ ମୃତକମାନଙ୍କୁ ଦିଆଯାଉ ନଥିଲା । ମୃତକ ଯଦି ତା ଜୀବନରେ ଜଣେ ଯୋଗୀ ହୋଇ, ଯୋଗ ଆଚରଣ କରୁଥାଇ, ମୋକ୍ଷାଶକ୍ତ ହୋଇଥିବ ତେବେ ଗୀତାବାଣୀ ଅନୁସାରେ ସେ ଉତ୍ତରାୟଣ କାଳରେ, ଶୁକ୍ଳପକ୍ଷର ଦିନବେଳେ ସୂର୍ଯ୍ୟରଶ୍ମୀ ପଡିଥିବା ସମୟରେ ମୃତ୍ୟୁବରଣ କରିଥିଲେ ସେ ଆଉ ଜନ୍ମ ହୋଇନଥାଏ, ସେ ପରମାତ୍ମାରେ ମିଳିତ ହୋଇ ମୋକ୍ଷ ପାଇଯାଇଥାଏ ବୋଲି ଭାବନା କରୁଥିଲେ । ଏଭଳି ବ୍ୟକ୍ତିର ଆଉ କର୍ମ ନଥାଏ, ତେଣୁ ସେ ଆଉ ଜନ୍ମ ହୁଏ ନାହିଁ ବୋଲି ଜଣାଇବା ନିମନ୍ତେ କର୍ମକାଣ୍ଡ ବା କର୍ମତନ୍ତ୍ର ନାମରେ ପିଣ୍ଡଦାନ କରୁଥିଲେ । ସଜୀବ ଥିବା ପ୍ରତ୍ୟେକ ଜୀବପାଇଁ ନବଗ୍ରହମାନଙ୍କ ଦ୍ୱାରା

କର୍ମ ଆଚରଣରେ ଆସିଥାଏ । ଯାହାର ମୋକ୍ଷ ହୋଇଥାଏ ତାପାଇଁ ଆଉ ନବଗ୍ରହମାନଙ୍କ ପୀଡା ନଥାଏ । ବଞ୍ଚି ରହିଥିବା ବେଳେ କର୍ମକୁ ଆମଠାରୁ ଅମଲ କରୁଥିବା ନବଗ୍ରହମାନେ ମୋକ୍ଷ ପରେ ଆଉ କର୍ମ ନଥିବାରୁ କୌଣସି ପୀଡା ଦେଇପାରନ୍ତି ନାହିଁ କି ଅନ୍ୟ ଜନ୍ମକୁ ନେଇ ପାରନ୍ତି ନାହିଁ । ତେଣୁ ସେହି ବ୍ୟକ୍ତି କର୍ମରୁ ମୁକୁଳିଯାଇଛି ବୋଲି ତାର ମରଣର ନଅଦିନରେ ଏହି କର୍ମତନ୍ତ୍ର କାର୍ଯ୍ୟ କରୁଥିଲେ ।

ଯାହାର ମୋକ୍ଷ ହୋଇଯାଇଛି ତାର ଆଉ କର୍ମ ନଥାଏ ବୋଲି ଅନ୍ୟମାନଙ୍କୁ ଜଣାଇବା ପାଇଁ ମୃତ୍ୟୁବରଣ କରିବା ଦିନଠାରୁ ଠିକ୍ ନଅ ଦିନରେ ଏହି କାର୍ଯ୍ୟକୁ କରୁଥିଲେ । ତେଣୁ କର୍ମ ସହିତ ସମାନ ହୋଇଥିବା ଅନ୍ନକୁ (ପିଣ୍ଡାନ୍ନକୁ) ବାହାରେ ଦେଇ କାଉ କୁକୁର ଖାଇଦେବା ଭଳି ରଖୁଥିଲେ । ଏଭଳି କରିବା ଦ୍ୱାରା ପିଣ୍ଡାନ୍ନ କୁହାଯାଉଥିବା କର୍ମ ଆଉ ନାହିଁ ବୋଲି ବାହ୍ୟାର୍ଥରୁ ବୁଝାପଡୁଥିଲା । ମୋକ୍ଷ ହୋଇଯାଇଥିବା କୌଣସି ବ୍ୟକ୍ତି ପାଇଁ ଦିଆଯାଉଥିବା ପିଣ୍ଡାନ୍ନ ବା ଚାଉଳକୁ କୌଣସି ଜନ୍ତୁ ଖାଇପାରନ୍ତି । କେବଳ କାଉ ଖାଆନ୍ତି ବୋଲି କହିପାରିବା ନାହିଁ । ପୂର୍ବେ ବଡମାନେ ରଖିଥିବା ଆଚରଣ ଗୁଡିକର ଅର୍ଥ ଅନର୍ଥ ହୋଇ ଧର୍ମ ଅଧର୍ମ ହୋଇଯିବା ଭଳି ଏହି କ୍ରିୟାର ଭାବ ମଧ୍ୟ ଆମକୁ ଭିନ୍ନ ଅର୍ଥରେ ବୁଝା ପଡିଛି । ମୃତ ବ୍ୟକ୍ତିମାନେ ଆସି ପିଣ୍ଡାନ୍ନ ଖାଇଥାନ୍ତି କହିବା ଶୁଦ୍ଧ ମିଛ । ଏଥିରେ କୌଣସି ସତ୍ୟ ନାହିଁ । ମୃତବ୍ୟକ୍ତି କାଉ ରୂପରେ ଆସିବା ଅସମ୍ଭବ, ଅସତ୍ୟ, ଏହି ବିଷୟକୁ ଯୋଗୀ ବେମନ ମଧ୍ୟ ତାଙ୍କ ପଦ୍ୟାବଳୀରେ ଲେଖିବାକୁ ଯାଇ-

**ପିତୃପୁରୁଷଙ୍କୁ ଦେଉ ପିଣ୍ଡଦାନ**
**କାଉ ଖାଆନ୍ତିରେ ଗର୍ଦ୍ଦଭମନା ।**
**ମଳଭକ୍ଷୀ କାଉ ପୂର୍ବଜ ନୁହନ୍ତି**
**ବିଶ୍ୱଧାଭିରାମା ଶୁଣରେ ବେମା ।**

ଆଜିର ସମୟରେ ମୃତ୍ୟୁବରଣ କରୁଥିବା ବଡମାନଙ୍କୁ କାଉ ଭାବରେ ତୁଳନା କରିବା, ସେମାନଙ୍କୁ ପିଣ୍ଡାନ୍ନ ଖାଇବାକୁ ଦେବା ଦୃଶ୍ୟକୁ ଦେଖି ଏହି କାର୍ଯ୍ୟ କରୁଥିବା ଲୋକମାନଙ୍କୁ ଗାଳିଦେବା ଭଳି ବେମନ ମଳ ଖାଉଥିବା କାଉ କିପରି ଆମ ପିତୃପୁରୁଷ ହେବ ? ବୋଲି ତାଙ୍କ ପଦ୍ୟ ଦ୍ୱାରା ପ୍ରଶ୍ନ କରିଥିଲେ, ଏହି ପଦ୍ଧତି ଠିକ୍ ନୁହେଁ ବୋଲି କହିଥିଲେ । କର୍ମକୁ ସୂଚିତ କରୁଥିବା ଅନ୍ନକୁ ହଜମ (କର୍ମ ବିନାଶ) କରିବା ଉଚିତ୍ ସିନା, ଏଇ କାଉମାନଙ୍କୁ ଦେଇ କିଛି ଲାଭ ନାହିଁ । ବାହାରେ ଦିଆଯାଇଥିବା ଆହାରକୁ କାଉ କୁକୁର ଇତ୍ୟାଦି କୌଣସି ପକ୍ଷୀ କିମ୍ବା ଜନ୍ତୁ ଖାଇପାରନ୍ତି । ଏହି ରୀତିର ଆଚରଣ କେବଳ ନଦୀ ପୋଖରୀ ଇତ୍ୟାଦି ଜଳାଶୟ ନିକଟରେ କରୁଥିଲେ । ଦେଉଥିବା ପିଣ୍ଡ ବା ପିଣ୍ଡାନ୍ନକୁ ଜଳରେ ଭସାଇ ଦେଉଥିଲେ । ଆଜି ମଧ୍ୟ ଶ୍ରାଦ୍ଧ ନାମରେ ଦିଆଯାଉଥିବା ପିଣ୍ଡକୁ ନେଇ ପୋଖରୀରେ ପକାଇ ଆସନ୍ତି, ତାହାକୁ ପୋଖରୀରେ ଥିବା ଜଳଚରମାନେ ହିଁ ଖାଇଥାନ୍ତି । ପିଣ୍ଡ କହିଲେ ଶରୀର, ମୃତ୍ୟୁବରଣ କରିଥିବା ବ୍ୟକ୍ତି ମୋକ୍ଷ ପାଇଥାଏ, ସେଭଳି ବ୍ୟକ୍ତିର ଆଉ ଶରୀର ଦରକାର ହୋଇନଥାଏ ବୋଲି ଭାବ ନେଇ ପିଣ୍ଡଦାନ କରିବା ଭଲ ପଦ୍ଧତି, କିନ୍ତୁ ଯିଏ ମୃତ୍ୟୁବରଣ କରିଛି ସେ ମୋକ୍ଷ ପାଇଲା କି ନାହିଁ ନଜାଣି, ସେ ଜ୍ଞାନୀ କି ଅଜ୍ଞାନୀ ନଜାଣି ଏଭଳି କାର୍ଯ୍ୟ କରିବା ଉଚିତ୍ ନୁହେଁ । ଆଜି ସମସ୍ତଙ୍କ ପାଇଁ ଏହି କାର୍ଯ୍ୟ କରୁଛନ୍ତି, ତାହା ଠିକ୍ ନୁହେଁ । ଶରୀର ଅନୁଭବ କରୁଥିବା କର୍ମକୁ ପିଣ୍ଡାନ୍ନ ନାମରେ ବାହ୍ୟାର୍ଥରେ ଏହି କାର୍ଯ୍ୟ କରି ସମାଜକୁ ଜ୍ଞାନଦାନ କରିଥିଲେ ବଡମାନେ । ଆଜି କେତେକ ଅଞ୍ଚଳରେ ମୃତକର ଅଭ୍ୟାସ ଥିବା ଅନେକ ଖାଇବା ପଦାର୍ଥ ସହିତ ବିଡି, ସିଗାରେଟ୍, ଖଇନି, ବ୍ରାଣ୍ଡି ମଧ୍ୟ ଦେଉଛନ୍ତି ଏସବୁ ମୁର୍ଖାମି ନୁହେଁ ତ ଆଉ କଣ ! ବାହାରେ ଜଳରେ ଫିଙ୍ଗିବା ଦ୍ୱାରା ତାହାକୁ ବାହାର ଜନ୍ତୁ କିମ୍ବା ଜଳଚରମାନେ ଖାଇଦେଇଥାନ୍ତି, ଏଥିରୁ ତାର କର୍ମ ଆଉ ନାହିଁ ଅନ୍ୟମାନଙ୍କର ଅଛି ବୋଲି ନଜାଣି ମୃତ୍ୟୁବରଣ କରିଥିବା ଲୋକ ଆସି ଖାଇବ ଭାବିବା ଅଜ୍ଞାନତା, ଅସତ୍ୟ କଥା ।

ଶରୀରକୁ ପିଣ୍ଡ, ଶରୀର ଅନୁଭବ କରୁଥିବା କର୍ମକୁ ପିଣ୍ଡାନ୍ନ, କର୍ମ ବିନାଶ ହୋଇଯାଇଛି ବୋଲି ପିଣ୍ଡାନ୍ନ ବା ଚଉଳକୁ ଅନ୍ୟମାନଙ୍କୁ ଖାଇବାକୁ ଦେଇ ତାହା ତାପାଇଁ ଶେଷ ହୋଇଯାଇଛି, ତା ଉପରେ ନବଗ୍ରହ ମାନଙ୍କର ଆଧିପତ୍ୟ ଆଉ ନାହିଁ ବୋଲି ନଅ ଦିନରେ ଏହି କାର୍ଯ୍ୟକୁ ବାହ୍ୟାର୍ଥରେ କରି ଦେଖାଉଥିଲେ । **ଯାହା କରାଯାଉଛି ତାହା କେବଳ ମୋକ୍ଷ ପାଇଥିବା ବ୍ୟକ୍ତି ପାଇଁ, ହେଉଥିବା କାର୍ଯ୍ୟ ଜ୍ଞାନ ଜାଣିନଥିବା ଲୋକମାନଙ୍କ ପାଇଁ ବୋଲି ବଡମାନେ ଜଣାଇଥିବା ସ୍ଥଳେ, ସେହି ମୃତକର ପୁଅମାନେ ହିଁ ଏହି କାର୍ଯ୍ୟ କରିବା ଉଚିତ୍, ପୁଅମାନଙ୍କ ଦ୍ୱାରା, ଉତ୍ତରାଧିକାରୀ ମାନଙ୍କ ଦ୍ୱାରା ଏହି କାର୍ଯ୍ୟ କରାଇବା ଅଜ୍ଞାନ ହୋଇଥାଏ ।** ଯିଏ ମୃତ୍ୟୁବରଣ କରିଛି ତାର ମୋକ୍ଷ ହୋଇଯାଇଛି ବୋଲି ଜଣାଇବା ପାଇଁ କିଛି ଜ୍ଞାନ ଜାଣିଥିବା ଲୋକମାନେ ଏହି ରୀତିକୁ ସମାଜରେ କିଛିଲୋକ ପ୍ରକୃତ କର୍ମ ରହସ୍ୟକୁ ଜାଣିପାରିବେ ବୋଲି ରଖାଇଥିଲେ । ଆଜି ଏହି କାର୍ଯ୍ୟ ସମସ୍ତେ କରୁଥିଲେ ମଧ୍ୟ କାହିଁକି କରୁଛନ୍ତି ଜାଣନ୍ତି ନାହିଁ କିମ୍ବା କିପରି କରିବା ଉଚିତ୍ ଜାଣନ୍ତି ନାହିଁ । ଜୀବନରେ କିଛି ଜ୍ଞାନ ଜାଣି, ତଦ୍ୱାରା ଯୋଗମାର୍ଗ ଜାଣି ମଣିଷ ମୋକ୍ଷ ପାଉ ବୋଲି ଉଦ୍ଦେଶ୍ୟରେ ଜ୍ଞାନ ଜାଣିଥିବା ଲୋକମାନଙ୍କ ଦ୍ୱାରା, ଯୋଗୀମାନଙ୍କ ଦ୍ୱାରା କିମ୍ବା ବ୍ରାହ୍ମଣମାନଙ୍କ ଦ୍ୱାରା ଏହି କାର୍ଯ୍ୟ କରିବା ଉଚିତ୍, ସେ କିଭଳି ମୋକ୍ଷ ପାଇଛି ବୋଲି ମଧ୍ୟ ଜଣାଇବା ଉଚିତ୍ । ସାଧାରଣ ବ୍ୟକ୍ତି ମୃତ୍ୟୁବରଣ କଲେ ଏହି କାର୍ଯ୍ୟ କରିବା ଅନୁଚିତ୍ । ପୂର୍ବଜମାନେ ଏହି କାର୍ଯ୍ୟକୁ ଅତି ପବିତ୍ରତାର ସହିତ ଆଚରଣ କରୁଥିଲେ । ଆଜି ପ୍ରେତ, ପିଶାଚ ପାଇଁ ହେଉଥିବା କାର୍ଯ୍ୟ ବୋଲି ଭାବୁଛନ୍ତି । ଉପରୋକ୍ତ ପଦ୍ଧତି ବାବଦରେ ଆମେ ଜାଣି ନାହୁଁ, ଆମକୁ କେହି ସ୍ୱାମୀଜୀମାନେ, ପୁରୋହିତମାନେ କହି ନାହାନ୍ତି, ଯାହା ଅଛି ତାହା କରିବା ଉଚିତ୍, ଅମୁକ ଏଭଳି କଲା, ଅମୁକ ଏଭଳି କହିଥିଲା, ଯାହା ଅଛି ତାହା କିପରି ନକରିବା କହିଲେ, ଆପଣ ଯାହା ଇଚ୍ଛା ତାହା କରିପାରନ୍ତି ।

ଇନ୍ଦୁରୀତିରେ ମଣିଷ ତାର ଶରୀର ଦ୍ୱାରା କରୁଥିବା କେତେକ ଆଚରଣ ଭିତରୁ ଆମକୁ ମାତ୍ର କିଛି ଆଚରଣ ବାବଦରେ ଜଣା ଅଛି । ଅନେକ ପ୍ରାନ୍ତରେ ଅନେକ ପ୍ରକାରର ଆଚରଣ ମଧ୍ୟ ହେଉଛି । ଆମକୁ ଜଣାଥାଇ ସମାଜରେ ଲୋକମାନେ କିଛି ଜାଣିପାରିବା ଭଳି ଏହିଭଳି କିଛି ଆଚରଣର ଅର୍ଥକୁ ଆମ ରଚନାର **"ଦେବାଳୟ ରହସ୍ୟ"** ନାମକ ଗ୍ରନ୍ଥରେ ଜଣାଇଛୁ । ଜ୍ଞାନୀମାନେ ଦେବାଳୟ ରହସ୍ୟ ପାଠକରି ସେଗୁଡ଼ିକ ବାବଦରେ ଜାଣନ୍ତୁ ବୋଲି ଆଶା କରୁଛୁ ।

*****

# ଦକ୍ଷିଣ ଦିଗକୁ ମୁଣ୍ଡ ରଖିବା

ଭଗବଦ୍ଗୀତାରେ ଯୋଗୀମାନେ କେତେବେଳେ ମୃତ୍ୟୁବରଣ କଲେ ମୋକ୍ଷ ପାଆନ୍ତି, କେତେବେଳେ ମୃତ୍ୟୁବରଣ କଲେ ଅନ୍ୟ ଜନ୍ମ ପାଆନ୍ତି ତାହା ବର୍ଣ୍ଣନା କରାଯାଇଛି । ଯେଉଁମାନେ ଯୋଗୀ ନୁହନ୍ତି ସେମାନେ ସାଧାରଣ ଭାବରେ କୌଣସି ସମୟରେ ମୃତ୍ୟୁବରଣ କରିପାରନ୍ତି, ସେମାନଙ୍କର ଅନ୍ୟ ଜନ୍ମ ଥାଏ । କେବଳ ଯୋଗୀମାନଙ୍କୁ ମୋକ୍ଷ ମିଳିବା ସୁଯୋଗ ଥାଏ, ତେଣୁ ମୃତ୍ୟୁବରଣ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ କିଏ ମୋକ୍ଷପାଇଲା ଜାଣିବାପାଇଁ "କାଳ" ଗତି ବାବଦରେ ଗୀତାରେ କୁହାଯାଇଛି । ଏହି ହିସାବରେ ମୋକ୍ଷ ପାଇଥିବା ବ୍ୟକ୍ତିକୁ ସହଜରେ ଜାଣିହୁଏ । ଏଭଳି ମୋକ୍ଷ ପାଉଥିବା ବ୍ୟକ୍ତିକୁ ପୂର୍ବେ ତାର "କାଳ ହୋଇଗଲା" ବା "କାଳ ପାଇଗଲା", ତାର ଆଉ ଜନ୍ମ ନାହିଁ ବୋଲି କହୁଥିଲେ । ଗୀତାରେ "କାଳୋସ୍ମି" ଅର୍ଥାତ୍ ମୁଁ ହିଁ କାଳ ବୋଲି ପରମାତ୍ମା କହିଛନ୍ତି । ସେଥିଲାଗି ଯେଉଁମାନେ ମୁକ୍ତି ପାଇବା ପାଇଁ ଯୋଗ୍ୟ ସେମାନଙ୍କର ମୃତ୍ୟୁରେ ତାଙ୍କର କାଳ ହୋଇଗଲା ବା କାଳ ପାଇଗଲା

କହିବା ଠିକ୍ । ମୋକ୍ଷ ପାଇଥିବା ଯୋଗୀଙ୍କୁ ମରିଗଲା, ମରଣ ହେଲା ବୋଲି କହିବା ଠିକ୍ ନୁହେଁ । ସର୍ବସାଧାରଣ ବ୍ୟକ୍ତିମାନଙ୍କ ପାଇଁ, ମୋକ୍ଷ ପାଉନଥିବା ଯୋଗୀମାନଙ୍କ ପାଇଁ ମରଣ ଶବ୍ଦ ଠିକ୍ ହୋଇପାରେ, କିନ୍ତୁ ମୋକ୍ଷ ପାଉଥିବା ଏବଂ ନପାଉଥିବା ଲୋକମାନଙ୍କର ଭିନ୍ନତାକୁ ସମସ୍ତଙ୍କୁ ଜଣାଇବା ପାଇଁ ଶ୍ମଶାନରେ, ଦଶାହରେ କର୍ମକାଣ୍ଡାଦି କରିବା ବେଳେ, ଦେହସଂସ୍କାର କରିବା ବେଳେ କାର୍ଯ୍ୟରେ ମଧ୍ୟ ଭିନ୍ନତା ଦେଖାଯାଏ ।

**ମୋକ୍ଷ ପାଇନଥିବା ବ୍ୟକ୍ତିକୁ ମୃତ୍ୟୁବରଣ କରିଛି କହିବା ବେଳେ, କାଳ ହୋଇଯାଇଛି ବୋଲି କେବଳ ମୋକ୍ଷ ପାଇଥିବା ବ୍ୟକ୍ତିର ମୃତ୍ୟୁରେ କହୁଥିଲେ । ସେହିଭଳି ମୋକ୍ଷ ପାଇନଥିବା ବ୍ୟକ୍ତି ନିମନ୍ତେ ପିଣ୍ଡଦେବା କାର୍ଯ୍ୟ କରୁନଥିଲେ, କେବଳ ମୋକ୍ଷ ହୋଇଯାଇଥିବା ବ୍ୟକ୍ତି ଉଦ୍ଦେଶ୍ୟରେ ପିଣ୍ଡଦେବା କାର୍ଯ୍ୟ କରୁଥିଲେ ।** କର୍ମବନ୍ଧନରୁ ମୁକ୍ତ ହୋଇ ଯାହାର ମୋକ୍ଷ ହୋଇଯାଉଥିଲା କେବଳ ତା ପାଇଁ ଶବଯାତ୍ରାରେ ଦୋବାଟି କାର୍ଯ୍ୟ କରୁଥିଲେ । ସାଧାରଣ ବ୍ୟକ୍ତିର ମରଣରେ ଏହି ଦୋବାଟି କାର୍ଯ୍ୟ ହେଉନଥିଲା । ସାଧାରଣ ଭାବରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିକୁ ଦକ୍ଷିଣଦିଗକୁ ମୁଣ୍ଡ କରାଇ ଶୁଆଇ ଦାହ କରୁଥିବା ସ୍ଥଳେ,କେବଳ ମୋକ୍ଷ ହୋଇଥିବା ଯୋଗୀର ଶରୀରକୁ ଦାହ ନକରି ଭୂସମାଧି ଦେଉଥିଲେ (ପୋତି ଦେଉଥିଲେ) ଏବଂ ସମାଧି ଦେବା ବେଳେ ଉତ୍ତରଦିଗକୁ ମୁଣ୍ଡ କରାଉଥିଲେ । ଏହିଭଳି ମୃତ୍ୟୁ ପରେ ସାଧାରଣ ବ୍ୟକ୍ତିର ଏବଂ ମୋକ୍ଷ ପାଇଥିବା ବ୍ୟକ୍ତିର ନାନା ଭିନ୍ନତା ଦର୍ଶାଇ ମୋକ୍ଷ ଜ୍ଞାନର ସୂଚନା ଦେଉଥିଲେ । ପୂର୍ବେ ବଡମାନେ କେତେ ଅର୍ଥ ରଖି ଧର୍ମଯୁକ୍ତ ଭାବରେ ରଖିଥିବା କାର୍ଯ୍ୟଗୁଡିକ ସମ୍ପୂର୍ଣ୍ଣ ଅର୍ଥହୀନ ହୋଇଯାଇ ଅଧର୍ମ ଆଚରଣ ଆସିଯାଇଛି । ପୂର୍ବେ ରୀତିବଦ୍ଧ ଭାବରେ ରଖିଥିବା ଆଚରଣଗୁଡିକ ଭିତରୁ ଆଜି କିଛି ଆଚରଣ ଆଚରିତ ହେଉଥିଲେ ହେଁ କାହିଁକି ଏପରି ଆଚରଣ କରିବା ଉଚିତ୍? କାହା ପାଇଁ କରିବା ଉଚିତ୍

ତାହା ଅଜଣା ରହିଯାଇଛି । ଏପର୍ଯ୍ୟନ୍ତ ମଣିଷର ମୃତ୍ୟୁ ପରେ ଶବଯାତ୍ରା, ଦୋବାଟି କାର୍ଯ୍ୟ ଇତ୍ୟାଦିକୁ ଇନ୍ଦୁରୀତିବଦ୍ଧ ଭାବରେ କହିଲୁ, ଏବେ ମୃତଦେହକୁ କିପରି ସମାଧି ଦେବା, ତାହା ଜାଣିବା ।

ଭୂପୃଷ୍ଠରେ ପୂର୍ବ ଦିଗରେ ହିଁ ସୂର୍ଯୋଦୟ ହୋଇଥାଏ । ପୂର୍ବ ଦିଗରୁ ଆରମ୍ଭ କରି ତାର ବିପରୀତ ପଶ୍ଚିମ ଦିଗ ରହିଥାଏ । ଏହି ପୂର୍ବ ଦିଗକୁ ମୁଖ କରି ଛିଡାହେଲେ ଆମର ଡାହାଣହାତ ଥିବା ଦିଗ ଦକ୍ଷିଣ ଦିଗ ବୋଲି, ବାମ ହାତ ଥିବା ଦିଗ ଉତ୍ତର ଦିଗ ବୋଲି ଜଣାପଡେ । ପୂର୍ବ ଏବଂ ଦକ୍ଷିଣ ଦିଗ ମଧ୍ୟରେ ଆଗ୍ନେୟ ଦିଗ, ଦକ୍ଷିଣ ପଶ୍ଚିମ ଦିଗର ମଧ୍ୟ ଭାଗକୁ ନୈରୁତ ଦିଗ, ପଶ୍ଚିମ ଉତ୍ତର ଦିଗର ମଧ୍ୟ ଭାଗକୁ ବାୟୁ ଦିଗ, ଉତ୍ତର ପୂର୍ବ ଦିଗର ମଧ୍ୟ ଭାଗକୁ ଐଶାନ୍ୟ ଦିଗ କୁହାଯାଏ । ସମ୍ପୂର୍ଣ୍ଣ ଏହି ଅଷ୍ଟଦିଗ ଭିତରେ ଅର୍ଦ୍ଧ ଏବଂ ଉର୍ଦ୍ଧ୍ୱ ନାମକ ଦୁଇ ଦିଗ ରହି ମୋଟ ଦଶଗୋଟି ଦିଗ ଥାଏ । ମଣିଷ ମୃତ୍ୟୁବରଣ କରିବା ପରେ ମୁଖ୍ୟତଃ ଉତ୍ତର ଏବଂ ଦକ୍ଷିଣ ଦିଗକୁ ଲକ୍ଷ୍ୟ କରାଯାଏ । ମଣିଷ ମୃତ୍ୟୁବରଣ କରିବା ପୂର୍ବରୁ ମୁଖ୍ୟତଃ ଜାଣିଥିବା ଦିଗ ପୂର୍ବ ପଶ୍ଚିମ, ପ୍ରତ୍ୟହ ସକାଳୁ ସୂର୍ଯ୍ୟର ଉଦୟ ଏବଂ ଅସ୍ତ ଦେଖି ଜନ୍ମକୁ ଉଦୟ ଏବଂ ମରଣକୁ ଅସ୍ତ ସହିତ ତୁଳନା କରାଯାଏ । ପ୍ରତିଦିନ ହେଉଥିବା ସୂର୍ଯ୍ୟୋଦୟ, ସୂର୍ଯ୍ୟାସ୍ତ ଜନନ ମରଣକୁ ସୂଚିତ କରୁଥିବା ବେଳେ, ଉତ୍ତର ଦିଗ ମୋକ୍ଷକୁ, ଦକ୍ଷିଣ ଦିଗ ପୁନର୍ଜନ୍ମକୁ ସୂଚନା ଦେଇଥାଏ ।

ଦକ୍ଷିଣ ଦିଗରେ ଯମପୁରୀ ଅଛି, ଦକ୍ଷିଣ ଦିଗରେ ହିଁ ଯମଧର୍ମରାଜ ଅଛନ୍ତି ବୋଲି  କେତେକ ପୁରାଣରେ ମଧ୍ୟ କୁହାଯାଇଛି । ବାସ୍ତବରେ ଦକ୍ଷିଣ ଦିଗରେ ଏହା ନାହିଁ, କିନ୍ତୁ ଏଭଳି କହିବା ଦ୍ୱାରା କିଛି ଅର୍ଥ ଲୁଚି ରହିଛି ବୋଲି କହିପାରିବା । **"ଦଣ୍ଡାଧିକାରୀମାନଙ୍କ ମଧ୍ୟରେ ମୁଁ ଯମ"** ବୋଲି ଗୀତାରେ ଭଗବାନ କହିଛନ୍ତି । ପରମାତ୍ମା ଆତ୍ମା ରୂପରେ ଶରୀରରେ ନିବାସ କରିଥାନ୍ତି ବୋଲି ଆମେ ଆଗରୁ ଜାଣିସାରିଛେ । ଆତ୍ମା ଶରୀର ଭିତରେ ଯମ ଭଳି, ଅନ୍ୟମାନଙ୍କ ଶରୀରରୁ ଯମଦୂତ

ବା ଯମକିଂକର ଭାବରେ ପରିଗଣିତ ହୋଇଥାନ୍ତି । ଏହି ବିଷୟ ଆମ ରଚନାର **"ପ୍ରବୋଧ"** ନାମକ ଗ୍ରନ୍ଥରେ ଜଣାଇଛୁ । ଏହି ହିସାବରେ **ଶରୀରରେ ବାସ କରୁଥିବା ଆତ୍ମାମାନଙ୍କ ଭିତରୁ ଦ୍ୱିତୀୟ ଆତ୍ମା ହିଁ ଯମ ବୋଲି ଜାଣିବା ଉଚିତ୍ ।** ସାରା ଶରୀରରେ ବ୍ୟାପି ରହିଥିବା ଆତ୍ମା ବ୍ରହ୍ମନାଡୀର ସପ୍ତମକେନ୍ଦ୍ର ହୋଇଥିବା ସହସ୍ରାର କେନ୍ଦ୍ରରେ କେନ୍ଦ୍ରିକୃତ ହୋଇ ରହିଥାନ୍ତି । ଆତ୍ମା ମୁଣ୍ଡରେ କେନ୍ଦ୍ରିକୃତ ହୋଇ ନିଜର ଶକ୍ତିକୁ ସାରା ଶରୀରରେ ଖେଳାଇ ରଖିଥାନ୍ତି । ମୁଣ୍ଡର ମଧ୍ୟଭାଗରେ ଥିବା ଆତ୍ମା ସମ୍ପୂର୍ଣ୍ଣ ମଧ୍ୟ ଭାଗରେ ନରହି କିଛି ଦକ୍ଷିଣ ଭାଗକୁ ରହିବା ଦ୍ୱାରା ଶରୀରରେ ମଧ୍ୟ ଦକ୍ଷିଣ ପାର୍ଶ୍ୱ (ଡାହାଣ ଦିଗ) ଟିକିଏ ଅଲଗା ଦେଖାଯାଏ । ବାମ ଏବଂ ଦକ୍ଷିଣ ପାର୍ଶ୍ୱର ବଳରେ ଯେଉଁ ଭିନ୍ନତା ରହିଥାଏ ତାହା ସମସ୍ତେ ଜାଣନ୍ତି । ଆତ୍ମା ଟିକିଏ ଦକ୍ଷିଣ ପାର୍ଶ୍ୱକୁ ଢଳି ରହିଥିବାରୁ ଶରୀରର ବଳଶାଳୀ ପାର୍ଶ୍ୱ ଭାବରେ ଦକ୍ଷିଣ ପାର୍ଶ୍ୱ ସମସ୍ତଙ୍କର ପରିଚିତ । ତେଣୁ ଆତ୍ମାଙ୍କୁ ଦକ୍ଷିଣୀ ବା ଯମ ନାମରେ କୁହାଯାଏ । ଦକ୍ଷିଣ ପାର୍ଶ୍ୱରେ ଆତ୍ମାର ନିବାସ ହୋଇଥିବାରୁ ଯମପୁରୀ ଦକ୍ଷିଣ ଦିଗରେ ଅଛି ବୋଲି ବୁଝିବା ଉଚିତ୍

କର୍ମ ବଳକା ରହି ଅନ୍ୟଜନ୍ମ ସୃଷ୍ଟ ହେଉଥିବା ଜୀବର ଆତ୍ମା ସହିତ ସମ୍ପର୍କ ରହିଥାଏ । ଜୀବ ଶରୀରଧାରୀ ବୋଲାଉଥିବା ପର୍ଯ୍ୟନ୍ତ ଆତ୍ମା ତା ସହିତ ରହି କରୁଥିବା କର୍ମଗୁଡିକ କର୍ମଖାତାକୁ ଉଠାଇବା (ଟିପିବା), ପୁନଃ ତାହାକୁ ସମୟ ଅନୁସାରେ ଅନୁଭବ କରାଇବା କାର୍ଯ୍ୟ କରିଥାନ୍ତି । ଶରୀରରେ ଯମ ଭାବରେ କର୍ମକୁ ଅନୁଭବ କରାଇବା, କର୍ମକୁ ଲେଖିରଖିବା, ଚିତ୍ରଗୁପ୍ତ ଭଳି କାର୍ଯ୍ୟ କରିବା କାର୍ଯ୍ୟ କରିଥାନ୍ତି । ଏହିସବୁ ଘଟଣା କେବଳ ଶରୀରଧାରୀ ଠାରେ ଘଟେ । ତେଣୁ ମରଣ ଘଟିବା ବେଳେ ପୁନର୍ବାର ଜନ୍ମହେବା ଜାଣି ପାରି, ମୁଁ ମୋକ୍ଷ ପାଇ ନାହିଁ, ମୁଁ ଆତ୍ମାଙ୍କ ସହିତ ମିଶି ଜନ୍ମନେଉଛି ବୋଲି ଯମପୁରୀ ଭାବେ ଭାବନା କରାଯାଇଥିବା ଦକ୍ଷିଣ ଦିଗକୁ ମୁଣ୍ଡକରାଇ ସମାଧି ଦିଆଯାଏ କିମ୍ବା ଦାହ କରାଯାଇଥାଏ । ଆତ୍ମା

ଦିଗରେ ଯେଉଁମାନେ ଗତିକରନ୍ତି ସେମାନଙ୍କୁ ଦକ୍ଷିଣ ଦିଗକୁ, ପରମାତ୍ମା ଦିଗକୁ ଯେଉଁମାନେ ଗତି କରନ୍ତି ସେମାନଙ୍କୁ ଉତ୍ତର ଦିଗକୁ ମୁଣ୍ଡକରି ସମାଧି ଦିଆଯାଇଥାଏ । ଗୀତାରେ କୁହାଯାଇଥିବା କାଳ ଅନୁସାରେ ଯୋଗୀ ମୁକ୍ତିଲାଭ କରିବା କାଳରେ, ସେମାନେ ମୋକ୍ଷପାଇଁ ଯୋଗ୍ୟ ହୋଇଥିଲେ ସେଭଳି ଯୋଗୀକୁ ମଧ୍ୟ ଦକ୍ଷିଣ ଦିଗକୁ ମୁଣ୍ଡ କରାଇ ସମାଧି ଦିଆଯାଏ, କିନ୍ତୁ ମୋକ୍ଷ ପାଇଯାଇଥିବା ଯୋଗୀମାନଙ୍କର ଶରୀରକୁ ଉତ୍ତର ଦିଗକୁ ମୁଣ୍ଡ କରାଇ ସମାଧି ଦିଆଯାଇଥାଏ । ଆଜିର ସମୟରେ ଇନ୍ଦୁତ୍ୱ କଅଣ କାହାକୁ ଜଣା ନାହିଁ, ସେତେବେଳେ ମୃତ୍ୟୁବରଣ କରିବା ପରେ ଶରୀରକୁ ଶବ କହି ପୋତିବା କିମ୍ବା ପୋଡିବାରେ କିଛି ଭିନ୍ନତା ନାହିଁ । ଗୋଟିଏ ଯୋଗୀକୁ ଚିହ୍ନିବା ପାଇଁ କିଛି ଜ୍ଞାନ ଦରକାର । ଯଦି ତାହା ନାହିଁ ସେଠାରେ ଯୋଗୀର ମୁଣ୍ଡ କେଉଁ ଦିଗକୁ କରାଯିବ, ଶ୍ମଶାନକୁ କିପରି ନିଆଯିବ ନଜାଣି କରିବା ଦ୍ୱାରା କରୁଥିବା କାର୍ଯ୍ୟ ମୂଲ୍ୟହୀନ ହୋଇଯାଇଥାଏ । ଏବେ ମଧ୍ୟ ଆମପାଖରେ ସମୟ ଅଛି ଇନ୍ଦୁତ୍ୱକୁ ରକ୍ଷା କରିପାରିବା । ଏହି ଜ୍ଞାନ ଜାଣି ଅନ୍ୟମାନଙ୍କୁ ଜଣାଇ ଜ୍ଞାନସେବା କରିପାରିବା ।

**ଏକ ବିଷୟକୁ ସମର୍ଥନ କରିବା ପାଇଁ ଶାସ୍ତ୍ର ଯେତିକି ଆବଶ୍ୟକ**
**ସେହିଭଳି ଏକ ବିଷୟକୁ ଖଣ୍ଡନ କରିବା ପାଇଁ ମଧ୍ୟ ଶାସ୍ତ୍ର ସେତିକି ଆବଶ୍ୟକ ।**

*****

**ଅସତ୍ୟକୁ ହଜାରେ ଜଣ ସତ୍ୟ କହିଲେ ମଧ୍ୟ ତାହା ସତ୍ୟ ନୁହେଁ, ସତ୍ୟକୁ**
**ହଜାରେ ଜଣ ଅସତ୍ୟ କହିଲେ ମଧ୍ୟ ତାହା ଅସତ୍ୟ ନୁହେଁ**

*****

**ତୋର ମାତା କିଏ ତୋତେ ଜଣାପଡିଗଲେ ତୋର ପିତାଙ୍କୁ ଜାଣି ପାରିବୁ,**
**ତୋର ପିତା କିଏ ତୋତେ ଜଣାପଡିଗଲେ ତୋର ଲକ୍ଷ୍ୟ କଣ ଜାଣି ପାରିବୁ ।**

# ହିନ୍ଦୁ ରକ୍ଷଣ ! ହିନ୍ଦୁ ଭକ୍ଷଣ !!

## ଯିଏ ଭଗବଦ୍ଗୀତା ପଢି ନାହିଁ ସେ ହିନ୍ଦୁ ରକ୍ଷକ ?

## ଯେଉଁମାନେ ହିନ୍ଦୁ ଧର୍ମକୁ ଜାଣିନାହାନ୍ତି ସେମାନେ ହିନ୍ଦୁ ରକ୍ଷକ ?

ହିନ୍ଦୁମାନେ ଆଜି ନାନା ଜାତିରେ ବିଭାଜିତ ହୋଇ ଛୋଟ, ବଡ ଜାତିରେ ବା କୁଳରେ ବର୍ଣ୍ଣିତ ହୋଇଛନ୍ତି, ଏହା ଆଜି ସମସ୍ତେ ଜାଣିଥିବା ସତ୍ୟକଥା । ଈଶ୍ୱର ସମସ୍ତଙ୍କୁ ସମାନ ଭାବରେ ଜନ୍ମ କରାଇଥିବା ବେଳେ କିଛିଲୋକ ସେମାନଙ୍କର ସ୍ୱାର୍ଥବୁଦ୍ଧିରେ ହିନ୍ଦୁ (ଇନ୍ଦୁ) ସମାଜକୁ ଖଣ୍ଡ ଖଣ୍ଡକରି, ବଳହୀନ କରି ସେଇମାନେ ହିଁ ବଡ, ସେମାନେ ଯାହା କହୁଛନ୍ତି ତାହା ସମସ୍ତେ ଶୁଣି, ସେହି ଅନୁସାରେ କାର୍ଯ୍ୟ କରିବା ଉଚିତ୍ ବୋଲି କହୁଛନ୍ତି । ନାନା କୁଳ (ଜାତି) ଭାବରେ ଥିବା ହିନ୍ଦୁ ସମାଜରେ ସେମାନଙ୍କ କୁଳ ହିଁ ଉଚ୍ଚକୁଳ ବା ଅଗ୍ରକୁଳ (ବଡଜାତି) ବୋଲି କହିବା ବ୍ୟତୀତ, ଅନ୍ୟ କୁଳଗୁଡିକର ସେଇମାନେ ହିଁ ମାର୍ଗଦର୍ଶକ, ଗୁରୁ ବୋଲି କହୁଛନ୍ତି । ଭବିଷ୍ୟତରେ ଯେମିତି କେହି ସେମାନଙ୍କର ଅବରୋଧ ନହେବେ ସେଥିଲାଗି ଅନ୍ୟକୁଳଗୁଡିକୁ ଅଛୁତଜାତି କରିଦେଇ, ହିନ୍ଦୁଧର୍ମପାଇଁ ଘୋର ଅନ୍ୟାୟ କରିଛନ୍ତି । ସେତିକିରେ ରହିନଯାଇ ଆଜି ମଧ୍ୟ ଆମେ ହିନ୍ଦୁ ସମାଜର ରକ୍ଷକ ହୋଇ ରହିଛୁ ବୋଲି କହୁଥାଇ, ହିନ୍ଦୁ ସମାଜର ସର୍ବନାଶ କରି, ହିନ୍ଦୁ ସମାଜର ଲୋକମାନେ ଅନ୍ୟ ମତରେ ପ୍ରବେଶ କରିବାର ପ୍ରଥମ କାରକ ହେଉଛନ୍ତି । ସେଇଭଳି ଥିବା ଲୋକମାନେ ହିନ୍ଦୁସମାଜର କ୍ଷତିକାରକ ହୋଇ ରହିଥିଲେ ମଧ୍ୟ ଅନ୍ୟ ଜାତିର ଲୋକମାନେ ସେମାନଙ୍କ ପ୍ରକୃତ ସ୍ୱରୂପକୁ ନ ଜାଣି ସେମାନେ କହିବା ଅନୁସାରେ ଶୁଣୁଥିବାରୁ, ହିନ୍ଦୁ ସମାଜ ସମ୍ପୂର୍ଣ୍ଣ ଅଜ୍ଞାନ ଦିଗରେ, ଅଧର୍ମ ବାଟରେ ଚାଲୁଛି । ପ୍ରଜାମାନେ ଦୈବଜ୍ଞାନ ଜାଣିବାରୁ ବଞ୍ଚିତ ରହିଯାଇ ସେମାନେ କହୁଥିବା କଥାକୁ ହିଁ ବାସ୍ତବ ଦୈବଜ୍ଞାନ ଭାବୁଛନ୍ତି ।

ଏହିଭଳି ସ୍ଥିତିରେ ଆଜି ତ୍ରୈତ ସିଦ୍ଧାନ୍ତର କର୍ତ୍ତା ଭାବରେ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର ମହାଶୟ ଅଜ୍ଞାନ ଦିଗରେ ରହିଯାଇଥିବା ହିନ୍ଦୁ ସମାଜକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରାଇବା ପାଇଁ, **ଭଗବଦ୍ଗୀତାର ପୁରୁଷୋତ୍ତମପ୍ରାପ୍ତି ଯୋଗ ନାମକ ଅଧ୍ୟାୟରେ ବୋଧ କରାଯାଇଥିବା କ୍ଷର, ଅକ୍ଷର, ପୁରୁଷୋତ୍ତମ ନାମକ ତିନି ପୁରୁଷଙ୍କ ବିଷୟକୁ 'ତ୍ରୈତ ସିଦ୍ଧାନ୍ତ' ନାଆଁରେ ପ୍ରତିପାଦନ କରି ଦୈବଜ୍ଞାନକୁ ସମସ୍ତେ ବୁଝିପାରିବା ଭଳି ଗ୍ରନ୍ଥରୂପରେ ଲେଖୁଛନ୍ତି, ବୋଧ ମଧ୍ୟ କରୁଛନ୍ତି, ତଦ୍ଦ୍ୱାରା ଆଜିଅନେକଲୋକ ଆମକୁ ବାସ୍ତବ ଜ୍ଞାନ ମିଳିଯାଇଛି ବୋଲି ଖୁସି ହେଉଛନ୍ତି** । ଅଗ୍ରକୁଳ କୁହାଯାଉଥିବା କୁଳର ଲୋକମାନେ ମଧ୍ୟ ସେମାନଙ୍କ ଅଜ୍ଞାନ ଅନ୍ଧକାରକୁ ଦୂରକରି, ଆଜିଯାଏଁ ଆମକୁ ଜଣାପଡି ନଥିବା ଜ୍ଞାନ ଯୋଗୀଶ୍ୱରଙ୍କ ଦ୍ୱାରା ଜାଣିପାରିଛୁ କହି ଶିଷ୍ୟ ଭାବରେ ରହିଛନ୍ତି । ହେଲେ ଅଗ୍ରକୁଳର ମାତ୍ର କିଛିଲୋକ ଯୋଗୀଶ୍ୱର ଜଣାଉଥିବା ଜ୍ଞାନ ବିଷୟକୁ ଦେଖି, ଏହି ଜ୍ଞାନ ଦ୍ୱାରା ପ୍ରଜାମାନେ ଜ୍ଞାନଚୈତନ୍ୟ ପାଇ, ଜ୍ଞାନ ଜାଣି ନଥିବା ସେମାନଙ୍କୁ ସମ୍ମାନ ଦେବେ ନାହିଁ ବୋଲି ଭାବୁଛନ୍ତି ଆଉ ଏଭଳି ହେବା ଦ୍ୱାରା ସମାଜ ଉପରେ ସେମାନଙ୍କର ଆଧିପତ୍ୟ ରହିବ ନାହିଁ ବୋଲି ଯୋଗୀଶ୍ୱର ଜଣାଉଥିବା ତ୍ରୈତ ସିଦ୍ଧାନ୍ତ ହିନ୍ଦୁ ମାନଙ୍କର ନୁହେଁ, ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା ମଧ୍ୟ କଦାପି ହିନ୍ଦୁମାନଙ୍କର ନୁହେଁ, ତାହା ଖ୍ରୀଷ୍ଟିଆନ ମାନଙ୍କର, ତାହା କେହି ପଢିବା ଉଚିତ୍ ନୁହେଁ ବୋଲି ପ୍ରଚାର କରିବା ଆରମ୍ଭ କଲେଣି । ତାଛଡା ସେମାନେ ନିଜକୁ ହିନ୍ଦୁଧର୍ମର ରକ୍ଷକ କହି କିଛି ରାଜକୀୟ ରଙ୍ଗ ବୋଳିହୋଇ, ଆମ ଜ୍ଞାନ ପ୍ରଚାର ହେବାରେ ଅନେକ ସ୍ଥାନରେ ଅବରୋଧ ହେଉଛନ୍ତି । ସେମାନଙ୍କ କଥା ଶୁଣୁଥିବା ଇତର କୁଳର ଲୋକମାନଙ୍କୁ ମଧ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର କହୁଥିବା ଜ୍ଞାନ ହିନ୍ଦୁଜ୍ଞାନ ନୁହେଁ, ତାହା ଖ୍ରୀଷ୍ଟଧର୍ମର ଜ୍ଞାନ, ସେମାନେ ହିନ୍ଦୁମାନଙ୍କ ବେଶରେ ପ୍ରଚାର କରୁଛନ୍ତି

ବୋଲି କହୁଛନ୍ତି । ତାଛଡା ସେହି ନିମ୍ନକୁଳର ଲୋକମାନଙ୍କୁ ପ୍ରେରଣା ଦେଇ ଆମ ଜ୍ଞାନ ପ୍ରଚାରରେ ଅବରୋଧ ହେଉଛନ୍ତି ।

ଯୋଗୀଶ୍ୱର ସ୍ଥାପନ କରିଥିବା ହିନ୍ଦୁ **(ଇନ୍ଦୁ) ଜ୍ଞାନ ବେଦିକା** ଏଭଳି ଲୋକମାନଙ୍କର ନାଟକୁ ଅନେକ ଦିନଧରି ଧୈର୍ଯ୍ୟର ସହିତ ସହି ଆସିଛି । ଆମଠାରେ ଧୈର୍ଯ୍ୟର ସୀମା ଡେଇଁଯିବା ପରେ, ଆମକୁ ପରମତ ପ୍ରଚାରକ ବର୍ଣ୍ଣନା କରି କହୁଥିବା ଅଗ୍ରକୁଳ (ବଡଜାତି)ର ଲୋକମାନଙ୍କୁ, ସେମାନଙ୍କ ଅନୁଚରମାନଙ୍କୁ ସମ୍ମୁଖୀନ କରି ପ୍ରଶ୍ନ କରିବାକୁ ପଡିଛି । ଆମେ ପଚାରିଥିବା କୌଣସି ଗୋଟିଏ ପ୍ରଶ୍ନର ମଧ୍ୟ ସଠିକ ସମାଧାନ ସେମାନେ କହିପାରି ନାହାନ୍ତି । ସେମାନଙ୍କ ଉତ୍ତର କେଉଁଭଳି ଥିଲା ତାହା ନିମ୍ନମତେ ଦେଉଛୁ ଆପଣମାନେ ଟିକିଏ ଦେଖନ୍ତୁ ।

**ଆମପ୍ରଶ୍ନ - ଏପର୍ଯ୍ୟନ୍ତ ହିନ୍ଦୁମାନେ କରୁନଥିବା କାର୍ଯ୍ୟ କରିବା ପୂର୍ବକ ଆମେ ଗାଆଁ ଗାଆଁ, ଘର ଘର ବୁଲି ହିନ୍ଦୁ ଧର୍ମର ପ୍ରଚାର କରୁଛୁ, ଆପଣ ଆମକୁ ପରମତ ପ୍ରଚାରକ ବୋଲି କାହିଁକି କହୁଛନ୍ତି ?**

**ସେମାନଙ୍କ ସମାଧାନ -** ହିନ୍ଦୁ ମତରେ (ହିନ୍ଦୁ ଧର୍ମରେ) ଅନେକ ସ୍ୱାମୀଜୀ ଅଛନ୍ତି । ସେମାନେ କେହି ଘର ଘର ବୁଲି ପ୍ରଚାର କରନ୍ତି ନାହିଁ, ହିନ୍ଦୁମାନେ ଏମିତି କେବେ ବି ପ୍ରଚାର କରନ୍ତି ନାହିଁ, ସେଥିଲାଗି କହୁଛୁ ଆପଣ ହିନ୍ଦୁବେଶରେ ଘର ଘର ବୁଲି ଖ୍ରୀଷ୍ଟଧର୍ମ ପ୍ରଚାର କରୁଛନ୍ତି ।

**ଆମ ପ୍ରଶ୍ନ - ଯଦି ଆମେ ଖ୍ରୀଷ୍ଟିଆନ ତେବେ ଭଗବଦ୍ଗୀତା କାହିଁକି ପ୍ରଚାର କରୁଛୁ ?**

**ସେମାନଙ୍କ ସମାଧାନ -** ଆପଣମାନେ ତ୍ରୈତ ସିଦ୍ଧାନ୍ତ ନାମକ ଭଗବଦ୍ଗୀତା ପ୍ରଚାର କରୁଛନ୍ତି, ତାହା ଖ୍ରୀଷ୍ଟିଆନ ମାନଙ୍କର । ଆପଣମାନେ ବାଇବେଲ୍‌ର ଏଭଳି ନାଆଁ ଦେଇଛନ୍ତି ।

**ଆମ ପ୍ରଶ୍ନ - ଖ୍ରୀଷ୍ଟିଆନମାନେ ନିଜକୁ ଖ୍ରୀଷ୍ଟିଆନ କହନ୍ତି, ସେମିତି**

**ବାଇବେଲକୁ ବାଇବେଲ କହନ୍ତି । ସେମାନଙ୍କ ପ୍ରଚ୍ଚର ଖ୍ରୀଷ୍ଟଧର୍ମ ଏବଂ ବାଇବେଲ ହୋଇଥିବା ବେଳେ ସେହି ନାଆଁରେ ପ୍ରଚ୍ଚର କରିବେ ସିନା, ହିନ୍ଦୁ ବେଶରେ ଭଗବଦ୍ଗୀତା ନାଆଁରେ କାହିଁକି ପ୍ରଚ୍ଚର କରିବେ ? ଏମିତି ଆଯିଯାଏଁ କେଉଁଠି ହୋଇନାହିଁ । ଯେଉଁ ଧର୍ମର ଲୋକେ ସେଇ ଧର୍ମର ପ୍ରଚ୍ଚର କରିବେ ସିନା, ଅନ୍ୟ ଧର୍ମର ପ୍ରଚ୍ଚର କାହିଁକି କରିବେ ? ଏତେକଥା କାହିଁକି ଆପଣ ଆମ ଭଗବଦ୍ଗୀତା ଖୋଲି ଦେଖିଛନ୍ତି ? ସେଥିରେ ଭଗବଦ୍ଗୀତା ଶ୍ଲୋକ ଅଛି କି ବାଇବେଲ୍ ବାକ୍ୟ ଅଛି ?**

**ସେମାନଙ୍କ ସମାଧାନ** – ବାଇବେଲ ବାକ୍ୟ ନ ଥିଲେ କଣହେଲା ତ୍ରୈତ ସିଦ୍ଧାନ୍ତ ବୋଲି ତ ଅଛି ! ତ୍ରୈତ କହିଲେ ତ୍ରିତ୍ୱ ବା ଟ୍ରିନିଟି ବୋଲି ଆମକୁ ଭଲରେ ଜଣାଅଛି ।

**ଆମ ପ୍ରଶ୍ନ – ହିନ୍ଦୁ ଧର୍ମରେ ଥିବା ଅଦ୍ୱୈତ ସିଦ୍ଧାନ୍ତକୁ ଆଦି-ଶଙ୍କରାଚ୍ଚର୍ଯ୍ୟ ପ୍ରତିପାଦନ କରିଥିଲେ । ବିଶିଷ୍ଟାଦ୍ୱୈତ ସିଦ୍ଧାନ୍ତକୁ ରାମାନୁଜାଚ୍ଚର୍ଯ୍ୟ ପ୍ରତିପାଦନ କରିଥିଲେ, ଦ୍ୱୈତ ସିଦ୍ଧାନ୍ତକୁ ମଧ୍ୱାଚ୍ଚର୍ଯ୍ୟ ପ୍ରକଟିତ କରିଥିଲେ । ଏବେ ଆଚ୍ଚର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର ତ୍ରୈତ ସିଦ୍ଧାନ୍ତ ପ୍ରତିପାଦନ କରିଛନ୍ତି । ସିଦ୍ଧାନ୍ତକର୍ତ୍ତାମାନେ ଏବଂ ସେମାନଙ୍କ ସିଦ୍ଧାନ୍ତଗୁଡିକ ଅଲଗା ଅଲଗା ହେଲେ ମଧ୍ୟ ସେମାନେ ସମସ୍ତେ ହିନ୍ଦୁ ବୋଲି ଆପଣ କାହିଁକି ଭାବୁନାହାନ୍ତି ?**

**ସେମାନଙ୍କ ସମାଧାନ** – ଆପଣଙ୍କ ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତାରେ ଯଜ୍ଞ କରିବା ଉଚିତ ନୁହେଁ ବୋଲି ଲେଖିଛନ୍ତି ! ବାସ୍ତବ ଭଗବଦ୍ଗୀତାରେ କଣ ତାହା ଅଛି !

**ଆମ ପ୍ରଶ୍ନ – ଆପଣ ହିନ୍ଦୁମାନଙ୍କ ଭିତରେ ମୁଖ୍ୟଲୋକ ଭାବରେ ରହି ଏମିତି ମୁର୍ଖଙ୍କ ଭଳି କିପରି କଥା କହୁଛନ୍ତି ? ସାରା ଦୁନିଆଁରେ**

**ଭଗବଦ୍ଗୀତା ଗୋଟିଏ ! ତମ ଭଗବଦ୍ଗୀତା, ଆମ ଭଗବଦ୍ଗୀତା ହୋଇ ଭଗବଦ୍ଗୀତା ନାହିଁ । ଭଗବଦ୍ଗୀତାର ଭାଷ୍ୟ ଲେଖିବା ବେଳେ ଯିଏ ଯାହାର ଭାବର ଅନୁଗୁଣ ବିବରଣ ଲେଖିଥାଇ ପାରନ୍ତି, ହେଲେ ଭଗବଦ୍ଗୀତା ସମସ୍ତଙ୍କର ମୂଳଗ୍ରନ୍ଥ ବୋଲି ଗ୍ରହଣ କରନ୍ତୁ । ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା ଅନ୍ୟମାନେ ଲେଖିଥିବା ଭଗବଦ୍ଗୀତାର ଭାବଠାରୁ ଉନ୍ନତ ଭାବର ସହିତ ଲେଖାଯାଇଛି ବୋଲି ଜ୍ଞାନୀମାନେ ତାର ଗୁଣଗାନ କରିବା ସହିତ ଆପଣଙ୍କ କୁଳର ଅନେକ ଲୋକମାନେ ମଧ୍ୟ ପ୍ରଶଂସା କରୁଛନ୍ତି । ଆପଣଙ୍କ ଭଳି ମାତ୍ର କିଛିଲୋକ ଏହାର ବିରୁଦ୍ଧ ହୋଇ ରହିଛନ୍ତି ବୋଲି ଲାଗୁଛି । ଯଜ୍ଞ କରନାହିଁ ବୋଲି ଆମେ କେଉଁଠି କହିନାହୁଁ । ଯଜ୍ଞ ଦ୍ୱାରା ପୁଣ୍ୟ ହୁଏ, ସ୍ୱର୍ଗ ମିଳିଥାଏ କହିଛୁ । ଯଜ୍ଞ ଦ୍ୱାରା ମୋକ୍ଷ ମିଳେ ନାହିଁ, ଈଶ୍ୱର ଜଣାପଡନ୍ତି ନାହିଁ କହିଛୁ । ଏତେକଥା କାହିଁକି ଆପଣ ନିଜକୁ ସ୍ୱଚ୍ଛ ହିନ୍ଦୁ କହୁଛନ୍ତି ପରା ! ଭଗବଦ୍ଗୀତାରେ କୁହାଯାଇଥିବା ଗୋଟିଏ ହିନ୍ଦୁଧର୍ମକୁ କହନ୍ତୁ ।**

**ସେମାନଙ୍କ ସମାଧାନ-** ଏତେକଥା ଆମର ଦରକାର ନାହିଁ... ଆପଣ ହିନ୍ଦୁ ନୁହନ୍ତି ।

**ଆମ ପ୍ରଶ୍ନ - ମୂର୍ଖଙ୍କଭଳି କଥା କୁହନ୍ତୁ ନାହିଁ । ଆପଣ ଅଗ୍ରକୁଳର ବୋଲି ମନଇଚ୍ଛା ଯାହା ପାଇବେ ତାହା କହନ୍ତୁ ନାହିଁ । ଆମେ ହିନ୍ଦୁ ନୋହୁଁ ବୋଲି ଆପଣ ଗୋଟିଏ ପ୍ରମାଣ ଦେଇପାରିବେ ? ଆମ କଥା ଛାଡନ୍ତୁ ! ଆପଣ ଯଦି ସ୍ୱଚ୍ଛ ହିନ୍ଦୁ ତେବେ ଭଗବଦ୍ଗୀତାର ବିଶ୍ୱରୂପ ସନ୍ଦର୍ଶନ ଯୋଗରେ ଥିବା ୪୮ ଏବଂ ୫୩ ତମ ଶ୍ଳୋକରେ ଭଗବାନ କଣ କହିଛନ୍ତି ଆପଣ ହିଁ କହନ୍ତୁ ।**

**ସେମାନଙ୍କ ସମାଧାନ** – ଆମେ ଏପର୍ଯ୍ୟନ୍ତ ଭଗବଦ୍ଗୀତା କେବେ ପଢିନାହୁଁ, ଯଦି ଆପଣଙ୍କର ଏ ସମାଧାନ ଦରକାର ତେବେ ସମ୍ପୂର୍ଣ୍ଣାନନ୍ଦସ୍ୱାମୀଙ୍କ ଦ୍ୱାରା କୁହାଇଦେଇ ପାରିବୁ ।

**ଆମପ୍ରଶ୍ନ - ଅତି କମରେ ଭଗବଦ୍ଗୀତା ପଢିନଥିବା ଆପଣମାନେ ଯୋଗୀଶ୍ୱର ହୋଇଥିବା ପ୍ରବୋଧାନନ୍ଦ ସ୍ୱାମୀଙ୍କୁ ନିନ୍ଦା କରିବା କଣ ଭଲ ? ଗୋଟିଏ ହିନ୍ଦୁଧର୍ମକୁ ମଧ୍ୟ ଜାଣି ନଥିବା ଆପଣମାନେ ଆମେ ହିନ୍ଦୁଧର୍ମର ରକ୍ଷକ ବୋଲି କିପରି କହୁଛନ୍ତି ? ଯୋଗୀଶ୍ୱର ଲେଖିଥିବା କୌଣସି ଗୋଟିଏ ଗ୍ରନ୍ଥ ମଧ୍ୟ ନପଢି ଆମଛଡା ପୂଜ୍ୟହୋଇ, ଗୁରୁହୋଇ ଆଉ କେହି ନରହନ୍ତୁ ବୋଲି ଘୃଣାର ସହିତ ଏମିତି କଥାବାର୍ତ୍ତା କଲେ ଈଶ୍ୱର ସହିବେ ନାହିଁ ।**

**ସେମାନଙ୍କ ସମାଧାନ** - ଆମ ହିନ୍ଦୁଧର୍ମରେ ଅନେକ ଦେବତା ଅଛନ୍ତି । ଶିବ ଜଣେ ଦେବତା, ତାଙ୍କ ପୁଅ ଗଣେଶ ଜଣେ ଦେବତା, ରାମ ଜଣେ ଦେବତା ତାଙ୍କ ଭକ୍ତ ହନୁମାନ ମଧ୍ୟ ଜଣେ ଦେବତା ଏମିତି ଅନେକ ଦେବତା ଥିବା ବେଳେ, ହିନ୍ଦୁ ମତରେ କେବଳ ଜଣେ ଦୈବ ବା ଈଶ୍ୱର ଅଛନ୍ତି ବୋଲି ଆପଣଙ୍କର କହିବା କଣ ଭୁଲ ନୁହେଁ ?

**ଆମ କଥା - ଆମେ ଧର୍ମ (ମତ) ବାବଦରେ କହୁନାହୁଁ । ହିନ୍ଦୁମତରେ ନାନା ଦେବତା ଅଛନ୍ତି ସତକଥା, ହେଲେ ହିନ୍ଦୁ ଜ୍ଞାନରେ, ହିନ୍ଦୁଧର୍ମ ଅନୁସାରେ ସାରାବିଶ୍ୱର ଦୈବ ବା ଈଶ୍ୱର ଜଣେ ଅଛନ୍ତି ବୋଲି କହୁଛୁ । ଭଗବଦ୍ଗୀତାରେ ଈଶ୍ୱର ଯାହା କହିଛନ୍ତି ସେଇକଥା କହୁଛୁ ସିନା ଦେବତାମାନେ ନାହାନ୍ତି ବୋଲି ତ କହୁନାହୁଁ ! ଦେବତା ମାନଙ୍କର ଜଣେ ଅଧିପତି ଅଛି ସେ ହିଁ ଦେବାଧିଦୈବ, ଈଶ୍ୱର ବା ପରମାତ୍ମା ତାଙ୍କରି ଉପାସନା କରନ୍ତୁ ବୋଲି କହିଛୁ ।**

**ସେମାନଙ୍କ କଥା -** ଆପଣ ରାମଙ୍କ ନାଆଁ କହୁ ନାହାନ୍ତି, ଶିବଙ୍କ ନାଆଁ କହୁ ନାହାନ୍ତି ଗଣେଶଙ୍କ କଥା ମଧ୍ୟ କହୁ ନାହାନ୍ତି, କୌଣସି ହିନ୍ଦୁ ଦେବତାଙ୍କ ନାଆଁ ନକହି ଈଶ୍ୱର, ସୃଷ୍ଟିକର୍ତ୍ତା ବୋଲି ଅନେକ ଥର କହିଛନ୍ତି । ଈଶ୍ୱର, ସୃଷ୍ଟିକର୍ତ୍ତା ଭଳି ଶବ୍ଦଗୁଡିକ ଖ୍ରୀଷ୍ଟିଆନମାନେ ବ୍ୟବହାର କରନ୍ତି

ସିନା, ହିନ୍ଦୁମାନେ ବ୍ୟବହାର କରନ୍ତି ନାହିଁ, ସେଥିଲାଗି ଆପଣମାନଙ୍କୁ ଏମାନେ ହିନ୍ଦୁ ନୁହନ୍ତି ଖ୍ରୀଷ୍ଟିଆନ ବୋଲି କହୁଛୁ ।

**ଆମପ୍ରଶ୍ନ - ଖ୍ରୀଷ୍ଟଧର୍ମ ଜନ୍ମ ହୋଇ ଦୁଇହଜାର ବର୍ଷ ବିତିଲାଣି । ସୃଷ୍ଟି କେବେଠାରୁ ହୋଇଛି ସେ ବାବଦରେ କେହି ମଧ୍ୟ କହିପାରିବେ ନାହିଁ । ସୃଷ୍ଟି ଆରମ୍ଭରୁ ଈଶ୍ୱର, ସୃଷ୍ଟିକର୍ତ୍ତା ଇତ୍ୟାଦି ଶବ୍ଦକୁ ହିନ୍ଦୁମାନେ ହିଁ ବ୍ୟବହାର କରି ଆସୁଛନ୍ତି । ଆଜି ଈଶ୍ୱର, ସୃଷ୍ଟିକର୍ତ୍ତା ନାମକ ଶବ୍ଦ କଣ ହିନ୍ଦୁମାନେ ଖ୍ରୀଷ୍ଟିଆନମାନଙ୍କୁ ଲିଜ୍ ଦେଇଛନ୍ତି ? କି ପୁରା ବିକି ଦେଇଛନ୍ତି ? ସୃଷ୍ଟିକର୍ତ୍ତା, ଈଶ୍ୱର ନାମକ ଶବ୍ଦ ହିନ୍ଦୁମାନେ ବ୍ୟବହାର କରିବା ଉଚିତ୍ ନୁହେଁ ବୋଲି କେଉଁଠି ଲେଖାହୋଇଛି ?**

**ସେମାନଙ୍କ ସମାଧାନ -** ଆପଣ ହିନ୍ଦୁଧର୍ମ ନୁହେଁ ଖ୍ରୀଷ୍ଟଧର୍ମ ପ୍ରଚାର କରୁଛନ୍ତି ବୋଲି କହିବାପାଇଁ ନିଜେ ନିଜକୁ ହିନ୍ଦୁ କହୁଛନ୍ତି । ନିଜକୁ ହିନ୍ଦୁ ମଧ୍ୟ ନ କହି ଇନ୍ଦୁ କହୁଛନ୍ତି । ହିନ୍ଦୁଧର୍ମକୁ ଇନ୍ଦୁଧର୍ମ କହିବା ଦ୍ୱାରା ଆପଣ ହିନ୍ଦୁଧର୍ମକୁ ଖଣ୍ଡ ଖଣ୍ଡ କରିଦେବା ଭଳି ହେଉଛି । ସ୍ୱତନ୍ତ୍ର ଇନ୍ଦୁଧର୍ମ ପ୍ରଚାର ହେବାଭଳି ହେଉଛି । ଆପଣ ଯଦି ହିନ୍ଦୁ ତେବେ ଆପଣଙ୍କ ଗ୍ରନ୍ଥଗୁଡିକରେ, ଆପଣଙ୍କ ପ୍ରବଚନରେ ସ୍ୱତନ୍ତ୍ର ଭାବେ ଇନ୍ଦୁ ବୋଲି କାହିଁକି କହୁଛନ୍ତି ?

**ଆମ କଥା -** ଆମେ ଗୋଟିଏ ସିଧା ପ୍ରଶ୍ନ ପଚାରୁଛୁ ତାର ସମାଧାନ କରନ୍ତୁ ତ ! ହିନ୍ଦୁ ଆଉ ଇନ୍ଦୁ ନାମକ ଶବ୍ଦରେ ମାତ୍ର ଟିକିଏ ଭିନ୍ନତା ଛଡା ଆଉ କଣ ଅଛି ଆପଣ କହନ୍ତୁ । ତେଲୁଗୁ ଭାଷାରେ ଲେଖିଥିବା ଲୋକମାନେ ହିରଣ୍ୟ କଶ୍ୟପକୁ ‘ନରଶିଂହ ସ୍ୱାମୀ’ ମାରିଥିଲେ ବୋଲି ଲେଖିଛନ୍ତି । ଆଜି ଏଇ ନାଆଁ ଥିବା ଲୋକମାନେ ମଧ୍ୟ ‘ନରଶିଂହ’ ଲେଖୁଛନ୍ତି । ହେଲେ ତାହା ଏଭଳି ଲେଖାଯିବା ଅନୁଚିତ୍ ‘ନରସିଂହ’ ଲେଖାଯିବା ଉଚିତ୍ ବୋଲି ଆମେ କହୁଛୁ । ଜଙ୍ଗଲର ରାଜା ‘ସିଂହ’ କୁହାଯାଏ ସିନା ‘ଶିଂହ’ କୁହାଯାଏ ନାହିଁ । ‘ସିଂହ’ର ଅର୍ଥ ଅଛି, ହେଲେ ‘ଶିଂହ’ର କିଛି ମଧ୍ୟ ଅର୍ଥ ନାହିଁ । ଏମିତି ଯାହା ଠିକ୍ ତାହା ଲେଖାଯିବା ଉଚିତ୍ । ସେହିଭଳି ‘**ଇନ୍ଦୁ**’ର

ଅର୍ଥ ଅଛି ସିନା '**ହିନ୍ଦୁ**'ର ଅର୍ଥ ନାହିଁ ବୋଲି କହିଛୁ । ସୃଷ୍ଟ୍ୟାଦିରେ ଜନ୍ମ ହୋଇଥିଲା ଇନ୍ଦୁସମାଜ, ତାହା ମଝିରେ ବଦଳି 'ସଂକ୍ରାନ୍ତିକୁ' 'ସଙ୍କରାନ୍ତି' କହିବା ଭଳି ଇନ୍ଦୁ ଶବ୍ଦ ହିନ୍ଦୁ ହୋଇଯାଇଛି ବୋଲି କହିଛୁ । ଇନ୍ଦୁ ଶବ୍ଦର ଅର୍ଥ କଅଣ, କାହିଁକି ହିନ୍ଦୁ ନକହି ଇନ୍ଦୁ କହିବା ଉଚିତ୍ ତାହା ମଧ୍ୟ ଆମ ଗ୍ରନ୍ଥଗୁଡିକରେ ବିବରଣାତ୍ମକ ଲେଖିଛୁ । ଥିବା ସତକଥାକୁ କହିଲେ ତାହା ଘୃଣା କାହିଁକି ଲାଗୁଛି । ଆମଠାରୁ ଆଉ କେହି ବଡ ନରହନ୍ତୁ ଭାବର ସହିତ କଥା କହୁଛନ୍ତି ଆପଣ ।

ଅଗ୍ରକୁଳର ଅନେକଲୋକ ଆମ ଜ୍ଞାନକୁ ଜାଣି ସନ୍ତୋଷତା ବ୍ୟକ୍ତ କରୁଛନ୍ତି, କିନ୍ତୁ ମାତ୍ର କେଇଜଣ ସଠିକ ଭାବରେ ବୁଝି ନପାରି ମାରିଦବୁ, ପୋଡିଦବୁ ଏସବୁ ପ୍ରଚାର କରନାହିଁ ବୋଲି କହୁଛନ୍ତି । ଏହା ଠିକ୍ କଥା ନୁହେଁ । ଆମର କୌଣସି ଗ୍ରନ୍ଥ ମଧ୍ୟ ନପଢି, ଆମକଥା ନଶୁଣି ଏସବୁ ଡ୍ରାମା, ନାଟକ କହିବା ଠିକ୍ ନୁହେଁ । ଆପଣଙ୍କ ଭିତରୁ କେହି ଜଣେ ଆସି ଆମେ କାହାକୁ ଅମୁକ ଧର୍ମରେ ରହ ବୋଲି କହୁଛୁ କି ଆମେ ଅନ୍ୟମତ ପ୍ରଚାର କରୁଛୁ ବୋଲି ପ୍ରମାଣିତ କରନ୍ତୁ । **ଏମିତି ଯିଏ ପ୍ରମାଣ କରି ଦେଖାଇଦେବ ତାକୁ ଇନ୍ଦୁ ଜ୍ଞାନବେଦୀକା ତରଫରୁ ୧୦ଲକ୍ଷ ଟଙ୍କା ଦେବୁ, ଯଦି ପ୍ରମାଣିତ କରି ନ ପାରିବେ ତେବେ, ଆପଣ କୌଣସି ଗାଆଁରେ ଥିବା ଶ୍ରୀକୃଷ୍ଣ ମନ୍ଦିରକୁ ମାତ୍ର ଲକ୍ଷେ ଟଙ୍କା ଦେବାକୁ ହେବ ।** ଏହି ସର୍ତ୍ତରେ କେହି ଆଗକୁ ଆସିପାରିବେ ? ବୋଲି ପଚାରୁଛୁ ।

ଇତି

**ଇନ୍ଦୁ ଜ୍ଞାନ ବେଦିକା, ପ୍ରବୋଧ ସେବା ସମିତି**

